

ମେସିଙ୍କ ଡବଲ ଗୋଲ୍

▶ ଖେଳ ପୃଷ୍ଠା ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-44 ♦FRIDAY ♦7 AUGUST 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୪୪ ♦ଶୁକ୍ରବାର ♦୭ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ତେହେଲକା ସଂସ୍ଥାପକ ତରୁଣ ତେଜପାଲଙ୍କୁ ୧୦ ବର୍ଷ ଜେଲ୍

ଦୁଷ୍କର୍ମ ମାମଲା

■ ପାଣାଜୀ, ୬।୮(ଏଜେନ୍ସି): ୨୦୧୩ ମସିହାର ବହୁଚର୍ଚ୍ଚିତ ଯୌନ ନିର୍ଯାତନା ମାମଲାରେ 'ତେହେଲକା'ର ପ୍ରତିଷ୍ଠାତା ତରୁଣ ତେଜପାଲଙ୍କୁ ବମ୍ବେ ହାଇକୋର୍ଟ ଆଜି ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ୨୦୨୧ ମସିହାରେ ନିମ୍ନ ଅଦାଲତ ଦେଇଥିବା 'ନିର୍ଦ୍ଦୋଷରେ ଖଲାସ' ରାୟକୁ ରଦ୍ଦ କରି ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇବା ସହ ତେଜପାଲଙ୍କୁ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଗୋଆ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ଡକ୍ଟର ନୀଳା ଗୋଖଲେ ଏବଂ ଅମିତ ଜାମସନ୍ଦେକରଙ୍କୁ ନେଇ ଗଠିତ ଖଣ୍ଡପୀଠ ତେଜପାଲଙ୍କୁ ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରାରେ ଦୋଷୀ ସାବ୍ୟସ୍ତ




କରିଛନ୍ତି । କ୍ଷମତା ଓ ବିଶ୍ୱାସର ଅପବ୍ୟବହାର କରି ଦୁଷ୍କର୍ମ କରିବା (ଧାରା ୩୭୬(୨)(ଫ)) ଏବଂ ଅନ୍ୟାନ୍ୟ ଯୌନ ନିର୍ଯାତନା ଧାରାରେ ତାଙ୍କୁ ୧୦ ବର୍ଷର କାରାଦଣ୍ଡ ସହ ୧୦ ଲକ୍ଷ ଟଙ୍କାର ଜରିମାନା ଆଦାୟ ପାଇଁ ଆଦେଶ ଦିଆଯାଇଛି । ସମସ୍ତ ସଜା ଏକ ସମୟରେ ଚାଲିବାକୁ ଥିବାରୁ ତେଜପାଲଙ୍କୁ ମୋଟ ୧୦ ବର୍ଷ ଜେଲରେ ବିତାଇବାକୁ ପଡ଼ିବ ।

ଏହି ମାମଲା ୨୦୧୩ ମସିହା ନଭେମ୍ବର ମାସର । ଗୋଆର ଏକ ପଞ୍ଚତାରକା ହୋଟେଲରେ 'ତେହେଲକା' ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମ ସମୟରେ ତେଜପାଲ ଲିଫ୍ଟ ଭିତରେ ନିଜର ଜଣେ ସହକର୍ମୀ ଯୁବତୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା । ▶ପୃଷ୍ଠା-୭

## ଆଶାରାମ ବାପୁଙ୍କ ଜାମିନ୍ ଆବେଦନ ସୁପ୍ରିମକୋର୍ଟରେ ଖାରଜ

■ ନୂଆଦିଲ୍ଲୀ, ୬।୮(ଏଜେନ୍ସି): ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଆଶାରାମଙ୍କ ମଧ୍ୟବର୍ତ୍ତୀକାଳୀନ ଜାମିନ ଆବେଦନକୁ ସୁପ୍ରିମକୋର୍ଟ ଆଜି ଖାରଜ କରିଦେଇଛନ୍ତି । ତେବେ ଡାକ୍ତରୀ ରିପୋର୍ଟ ଆଧାରରେ ଜେଲ୍ ଭିତରେ ତାଙ୍କର ଯତ୍ନ ନେବାପାଇଁ ୨୪ ଘଣ୍ଟିଆ ପ୍ରଶିକ୍ଷିତ କେୟାରଟେକର ରଖିବାକୁ ଅଦାଲତ ଅନୁମତି ଦେଇଛନ୍ତି । ବିଚାରପତି ଏମଏମ ସୁନ୍ଦରେଶ ଏବଂ ବିଚାରପତି ପିବି ଭରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ର ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟକୁ ଆଧାର କରି ଏହି ଆଦେଶ ଦେଇଛନ୍ତି । ଏମ୍ସ ରିପୋର୍ଟରେ ଦର୍ଶାଯାଇଥିଲା ଯେ ଆଶାରାମଙ୍କୁ



ଡାକ୍ତରଖାନାରେ ଭର୍ତ୍ତି ହେବାର ଆବଶ୍ୟକତା ନାହିଁ, ମାତ୍ର ଚିକିତ୍ସା ସହାୟତାର ଆବଶ୍ୟକତା ରହିଛି । ୨୦୧୩ ମସିହାରେ ଯୋଧପୁର ଆଶ୍ରମରେ ଜଣେ ନାବାଳିକାକୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଆଶାରାମଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା । ରାଜସ୍ଥାନ ହାଇକୋର୍ଟ ଏହି ଦଣ୍ଡାଦେଶକୁ କାୟମ ରଖିବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଜାମିନ ମାଗିଥିଲେ । ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦି ଭବିଷ୍ୟତରେ ଆଶାରାମଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯାଏ, ତେବେ ସେ ପୁଣି ଥରେ ଜାମିନ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ ।

## ବିକ୍ରି ହେଲା ଏଲ୍ଆଇସି ଅଂଶଧନ

### ୩୧,୫୫୨ କୋଟି ଟଙ୍କା ରାଜସ୍ୱ ସଂଗ୍ରହ

■ ନୂଆଦିଲ୍ଲୀ,୬।୮(ଏଜେନ୍ସି): ବିକ୍ରି ହୋଇଛି ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ଅଂଶଧନ । ଅଫର ଫର୍ ସେଲ୍ (ଓଏଫ୍ଏସ୍) ଜରିଆରେ ବୀମା କମ୍ପାନୀର ୬.୫% ଅଂଶଧନ ବିକ୍ରି କରିଛନ୍ତି କେନ୍ଦ୍ର ସରକାର । ସୂଚନାଯୋଗ୍ୟ ଯେ, ଏ ପର୍ଯ୍ୟନ୍ତ ଏଲ୍ଆଇସିରେ ସରକାରଙ୍କର




୯୬.୫% ଅଂଶଧନ ରହିଥିଲା, ଯେତେବେଳେ କି ସର୍ବସାଧାରଣଙ୍କର କେବଳ ୩.୫% ଅଂଶଧନ ଥିଲା । ଓଏଫ୍ଏସ୍‌ରେ ୩୧,୫୫୨ କୋଟି ଟଙ୍କା ମୂଲ୍ୟର ମୋଟ ୮୨ କୋଟିରୁ ଅଧିକ ସେୟାର ଆବଣ୍ଟିତ କରାଯାଇଥିଲା । ତେବେ ଏଲ୍ଆଇସିରେ ଥିବା ସରକାରଙ୍କ ଅଂଶଧନକୁ ବଡ଼ ରିଆତି ମୂଲ୍ୟରେ ବିକ୍ରି କରାଯାଇଥିବା ଜଣାପଡିଛି । ବିକ୍ରି ପାଇଁ ସରକାର ଆଣିଥିବା ଏହି ଅଫର ଫର୍ ସେଲ୍‌କୁ ବମ୍ପର ସବସ୍କ୍ରିପସନ ମିଳିଛି । ହେଲେ ଅଂଶଧନ ବିକ୍ରି ପରେ ଏଲ୍ଆଇସିର ସେୟାର ମୂଲ୍ୟରେ ୯% ହ୍ରାସ ଘଟିଛି ।

ଅଫର ଫର୍ ସେଲ୍‌ରେ ଏଲ୍ଆଇସିର ସେୟାର ପିଛା ମୂଲ୍ୟ ୩୮୨ ଟଙ୍କା ଧାର୍ଯ୍ୟ କରାଯାଇଥିଲା, ଯେତେବେଳେ କି ଓଏଫ୍ଏସ୍ ଘୋଷଣା ପୂର୍ବରୁ ଏହାର ସେୟାର ପିଛା ମୂଲ୍ୟ ୪୨୮.୫୦ ଟଙ୍କା ରହିଥିଲା । ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ, ସରକାର ଏଲ୍ଆଇସିର ଅଂଶଧନକୁ ୧୦.୯% କମ୍ ମୂଲ୍ୟରେ ବିକ୍ରି କରିଛନ୍ତି । ଏହି ସେଲ୍ ଜରିଆରେ ସରକାରଙ୍କୁ ୩୧,୫୫୨ କୋଟିରୁ ଅଧିକ ଟଙ୍କାର ରାଜସ୍ୱ ମିଳିଛି । ଏଲ୍ଆଇସି ଅଂଶଧନ ବିକ୍ରି ପାଇଁ ପ୍ରସ୍ତାବିତ ଓଏଫ୍ଏସ୍ ଦୁଇ ଦିନ ମଧ୍ୟରେ ସମାପ୍ତ ହୋଇଛି । ପ୍ରାରମ୍ଭରେ କମ୍ପାନୀର ୨.୫% ଅଂଶଧନ ବ୍ରିକି ଯୋଜନା ରଖାଯାଇଥିବାବେଳେ ପରେ ଏହାକୁ ୬.୫% ଯାଏ ବୃଦ୍ଧି କରାଯାଇଛି । ସୂଚନାଯୋଗ୍ୟ ଯେ, ଶେଷ ପର୍ଯ୍ୟନ୍ତ ସରକାର ଏଲ୍ଆଇସିରୁ କେତେକ ପ୍ରତିଶତ ଅଂଶଧନ ବିକ୍ରି କରିବେ ତାହାକୁ ସାର୍ବଜନୀନ କରି ▶ପୃଷ୍ଠା-୭

## ଏଫ୍‌ସିଆର୍‌ଏକୁ ନେଇ ମେଣ୍ଟରେ ଅସହମତି

# ଅକଳରେ କେନ୍ଦ୍ର ସରକାର

■ ନୂଆଦିଲ୍ଲୀ, ୬।୮(ଏଜେନ୍ସି): କକ୍ରୋଚ୍ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ବର୍ବରତା ଏବଂ ରାମ ମନ୍ଦିର ଚାନ୍ଦା ।।ଚୋରି ପ୍ରସଙ୍ଗକୁ ନେଇ ସଂସଦରେ ବିରୋଧୀ ଦଳ ହଟ୍ଟଗୋଳ ଅବ୍ୟାହତ ରଖିଥିବା ବେଳେ ସରକାର ।।ପ୍ରଶ୍ନପତ୍ର ଲିକ୍, ବନ୍ଦେ ମାତରମ ଏବଂ ସୁପ୍ରିମ କୋର୍ଟରେ ବିଚାରପତି ସଂଖ୍ୟା ବୃଦ୍ଧି ସଂକ୍ରାନ୍ତ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ କରାଇ ।।ନେଇଛନ୍ତି । ଏହାସହିତ ସରକାର ଆଉ ଦୁଇଟି ବିଲ୍ ପାସ୍ କରାଇବାକୁ ମଧ୍ୟ ଉଦ୍ୟମ ଚଳାଇଛନ୍ତି । ଏହି ଦୁଇଟି ବିଲ ହେଲା ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ବିଲ-ମହିଳା ଆରକ୍ଷଣ ବିଲ୍ ଏବଂ ବୈଦେଶିକ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ବିଲ୍ (ଏଫ୍‌ସିଆରଏ) ୨୦୨୬ । ଯେଉଁ ଦଳ ସୀମା ନିର୍ଦ୍ଧାରଣ-ମହିଳା ଆରକ୍ଷଣ ବିଲ୍ ସପକ୍ଷରେ ଅଛନ୍ତି ସେମାନେ ଏଫ୍‌ସିଆରଏ ବିଲକୁ ଦୃଢ଼ ବିରୋଧ କରୁଛନ୍ତି । ଏପରିକି ବିଜେପିର ଅନେକ ସହଯୋଗୀ ଦଳ ମଧ୍ୟ ଏହାର ଦୃଢ଼ ବିରୋଧ କରୁଛନ୍ତି । ଏହାକୁ ନେଇ କେନ୍ଦ୍ର ସରକାର ଅକଳରେ ପଡ଼ିଯାଇଛନ୍ତି । ଏଥିରୁ ଉଦ୍ଧାର ପାଇବା ଲାଗି ସରକାର ବିରୋଧୀ ଦଳର ନେତାମାନଙ୍କୁ ଭେଟି ବିଚାର ଆଲୋଚନା ଚଳାଇଛନ୍ତି ।

ସୀମା ନିର୍ଦ୍ଧାରଣ-ମହିଳା ଆରକ୍ଷଣ ସମ୍ବିଧାନ ସଂଶୋଧନ ବିଲ୍ ହୋଇଥିବାରୁ ଏହାକୁ ଅନୁମୋଦନ କରିବାକୁ ହେ ।।ଲେ ଦୁଇ ତୃତୀୟାଂଶ



ସାଂସଦଙ୍କ ସମର୍ଥନ ଦରକାର । ସରକାର ପାଖରେ ଏହି ସଂଖ୍ୟା ନଥିବାରୁ ଡିଏମକେ ନେତା ଷ୍ଟାଲିନ ଏବଂ ଏନସିପି-ଶରଦ ମୁଖ୍ୟ ଶରଦ ପାୱାରଙ୍କ ସହ କଥାବାର୍ତ୍ତା ଚଳାଇଛନ୍ତି । କେବଳ ଏତିକି ନୁହେଁ, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏସଂପର୍କରେ ଗତ ଦୁଇ ଦିନରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଦୁଇ ଥର ଭେଟି ଆଲୋଚନା କଲେଣି । କିନ୍ତୁ ସେ ସମର୍ଥନ ଦେବାକୁ ରୋକଠୋକ ଭାବେ ମନା ନରିଦେଇଛନ୍ତି । ତେବେ ପରିବର୍ତ୍ତିତ ରାଜନୈତିକ ସମୀକରଣ ପରିପ୍ରେକ୍ଷୀରେ ଡିଏମକେ ଏବଂ ଏନସିପି-ଶରଦର ସାଂସଦଙ୍କ ସମର୍ଥନ ମିଳିଲେ ସରକାର ଏହାର ଅନୁମୋଦନ କରାଇନେବେ । ତେ ।।ବେ ଏଥିରେ ଯେଉଁ ପ୍ରସଙ୍ଗଟି କଣ୍ଟା ସାଜିଛି ତାହାହେଲା ବୈଦେଶିକ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ବିଲ୍ । ବିଦେଶୀ ଅନୁଦାନରେ ପରିଚାଳିତ ଖ୍ରୀଷ୍ଟୀୟାନ ଏବଂ ଅନ୍ୟ ସଂଖ୍ୟାଲଘୁ ସଂପ୍ରଦାୟର ଅନୁଷ୍ଠାନ ଉପରେ ଅଙ୍କୁଶ ଲଗାଇବା ଲାଗି ଉଦ୍ଦିଷ୍ଟ ଏହି ବିଲରେ ସରକାର ଏଭଳି ବ୍ୟବସ୍ଥା ରଖିଛନ୍ତି, ଯାହାଦ୍ୱାରା ଏହିସବୁ ଅନୁଷ୍ଠାନ ବନ୍ଦ ହୋଇଯିବ । ଏମିତି ହେଲେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଲାଭ ପାଉଥିବା ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେବେ । ଏହି ବିଲକୁ ନେଇ ବିଭିନ୍ନ ସଂଖ୍ୟାଲଘୁ ଅନୁଷ୍ଠାନ କ୍ଷୁବ୍ଧ ହୋଇଥିବା ବେଳେ ଅନେକ ରାଜନୈତିକ ଦଳ ସେମାନଙ୍କୁ

■ ରାହୁଲଙ୍କୁ ପୁଣି ଭେଟିଲେ ରିଜିଜୁ
■ ଷ୍ଟାଲିନ, ଶରଦଙ୍କୁ ମନାଇବାକୁ ପ୍ରୟାସ
■ ଅସନ୍ତୋଷ ଜଣାଇଲା ଚନ୍ଦ୍ରବାବୁଙ୍କ ଟିଡ଼ିପି

ଅସନ୍ତୁଷ୍ଟ କରିବାକୁ ଚାହାନ୍ତି ନାହିଁ । ତେଣୁ ଏହି ବିଲ୍ ପାଇଁ ସରକାର ଜିଦ୍ ଧରିଲେ ସେମାନେ ସୀମା ନିର୍ଦ୍ଧାରଣ ବିଲକୁ ସମର୍ଥନ କରିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି । କେବଳ ଡିଏମକେ ନୁହେଁ, ଟିଡ଼ିପି ଭଳି ବିଜେପିର ଅନେକ ସହଯୋଗୀ ଦଳ ମଧ୍ୟ ଏହାକୁ ବିରୋଧ କରୁଛନ୍ତି ।

ବୈଦେଶିକ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ବିଲ୍ ଅନୁମୋଦନ ପାଇଁ ସଂଖ୍ୟା ▶ପୃଷ୍ଠା-୭

## ସାରାରାଜ୍ୟରେ ପ୍ରବଳ ବର୍ଷା

■ ଭୁବନେଶ୍ୱର,୬।୮(ସମିସ): ଉତ୍ତର ବଙ୍ଗୋପସାଗର ଉପରେ ରହିଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ବୁଧବାର ରାତିଠାରୁ ବର୍ଷାର ପ୍ରଭାବ ଆରମ୍ଭ ହୋଇଥିବା ବେଳେ ଭୁବନେଶ୍ୱରରେ ରାତିସାରା ବର୍ଷା ହୋଇଛି । ଏହା ପ୍ରଭାବରେ ଗୁରୁବାର ଭୁବନେଶ୍ୱରର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି । ପାଣିପାଗ କେନ୍ଦ୍ରର ତଥ୍ୟ ଅନୁଯାୟୀ ଗତ ୩୬ ଘଣ୍ଟାରେ ଭୁବନେଶ୍ୱରରେ ସର୍ବାଧିକ ୧୧୭ ମିମି ବର୍ଷା ରେକର୍ଡ ହୋଇଛି । ବାଲେଶ୍ୱର ୫୦, କଟକ ୫୪, ଚାନ୍ଦବାଲି ୪୧, ପୁରୀ ୩୦, ଅନୁଗୁଳ ୩୫, ସମ୍ବଲପୁର ୪୬, ସୁନ୍ଦରଗଡ଼ ୨୪, ନୟାଗଡ଼ ୩୬, ଯାଜପୁର ୫୨ କେନ୍ଦ୍ରାପଡ଼ାରେ ୪୨ ଓ ଖୋରଧାରେ ୪୦ ମିମି ବର୍ଷା ରେକର୍ଡ ହୋଇଛି । ଏହି ସ୍ଥିତି ଶୁକ୍ରବାର ମଧ୍ୟ ଜାରି ରହିବ । ମୟୂରଭଞ୍ଜରେ ସବୁଠୁ ଅଧିକ ବର୍ଷା ହେବା ଆଶଙ୍କା ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଚେତାବନୀ ଜାରି କରିଛି ।

## ରେଭେନ୍ସା ବିବାଦ ଘନୀଭୂତ; ବଢ଼ିଲା ପ୍ରକାଶଙ୍କ ଅଡୁଆ

### ବିଧାୟକ ଚିଠି ପ୍ରତ୍ୟାହାର ଦାବିକଲା ରୁଟା

■ କଟକ, ୬।୮(ସମିସ): ଐତିହାସିକ ଶତାୟୁ ଉଚ୍ଚ ଶିକ୍ଷାନୁଷ୍ଠାନ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନାବଶ୍ୟକ ରାଜନୈତିକ ହସ୍ତକ୍ଷେପ ବିଶ୍ୱବିଦ୍ୟାଳୟର ସୁନାମରେ ଆଞ୍ଚ ଆଣିଛି । ଫଳସ୍ୱରୂପ ପ୍ରଥମ କରି ଅଧ୍ୟାପକ ସମୂହଙ୍କ ସମେତ ଛାତ୍ରଛାତ୍ରୀ ବିରୋଧ ପ୍ରଦର୍ଶନ କରିଛନ୍ତି । ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି । ରେଭେନ୍ସାର ହଷ୍ଟେଲ ସମସ୍ୟା ନେଇ କ୍ୟାମ୍ପସରେ ଅନ୍ତେବାସୀଙ୍କ ଆନ୍ଦୋଳନସ୍ଥଳରେ କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ଉପସ୍ଥିତିକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି । ଏଥିରେ ୱାର୍ଡେନ ଓ ବିଧାୟକ ପରସ୍ପର ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣି ରେଭେନ୍ସାର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି । ଯାହାକୁ ନେଇ ଉପୁଜିଥିବା ବିବାଦର ପୂର୍ଣ୍ଣଚ୍ଛେଦ ପଡ଼ିପାରିନାହିଁ । ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ (ରୁଟା)ର ସଭାପତି ଉର୍ମିଶ୍ରୀ ଦେବମାତା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବିଧାୟକଙ୍କ ନିସର୍ତ୍ତ କ୍ଷମା ପ୍ରାର୍ଥନା ଦାବିରୁ ସଂଘ ଓହରିଛି । ହେଲେ ଚିଫ୍ ୱାର୍ଡେନ ପ୍ରଫେସର ସୁଦର୍ଶନ ମିଶ୍ରଙ୍କ ବିରୋଧରେ ସଦର ବିଧାୟକ ଶ୍ରୀ ସେଠୀ ଯେଉଁ କାର୍ଯ୍ୟାନୁଷ୍ଠାନ ଦାବି କରି ଚିଠି ଲେଖିଛନ୍ତି ତାହାକୁ ସେ ପ୍ରତ୍ୟାହାର କରିଲା ପରେ ବିବାଦର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ଏହାଉପରେ ସଦର ବିଧାୟକଙ୍କ ଆଭିମୁଖ୍ୟ ସ୍ପଷ୍ଟ ହୋଇପାରି ନାହିଁ ।

କଟକ ସଦର ବିଧାୟକଙ୍କୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ବିବାଦରେ ବିଶ୍ୱବିଦ୍ୟାଳୟର ଗାରିମା ଓ ଶୈକ୍ଷିକ ପରିବେଶ ଅକ୍ଷୁଣ୍ଣ ରଖିବାକୁ କୁଳପତି ପ୍ରଫେସର ଡ. ଅର୍କକୁମାର ଦାସ ମହାପାତ୍ର ଛାତ୍ରଛାତ୍ରୀ, ଶିକ୍ଷକ ଓ ଜନପ୍ରତିନିଧିଙ୍କୁ ଆହ୍ୱାନ କରିଛନ୍ତି । କୁଳପତିଙ୍କ ▶ପୃଷ୍ଠା-୭

### ପ୍ରଶ୍ନ ଘେରରେ ସିନେଟ ସଦସ୍ୟତା

■ କଟକ,୬।୮(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୱାର୍ଡେନ-ବିଧାୟକ ବିବାଦ ବଢ଼ିବାରେ ଲାଗିଛି । ରେଭେନ୍ସା ଶିକ୍ଷକ ସଂଘ (ରୁଟା) ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସିନେଟ୍ ଗଠନ ପ୍ରକ୍ରିୟା ଏଯାବତ୍ ଶେଷ ହୋଇନାହିଁ ଏବଂ ସିନେଟ୍ ଗଠନର ଚୂଡ଼ାନ୍ତ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇନାହିଁ । ତେଣୁ ସିନେଟ୍ ସଦସ୍ୟ ବୋଲି ସଦର ବିଧାୟକ କହି ବିଶ୍ୱବିଦ୍ୟାଳୟର କାର୍ଯ୍ୟରେ ହସ୍ତକ୍ଷେପ କରିବାର କୌଣସି ଆଧାର ନାହିଁ । ବିଶ୍ୱବିଦ୍ୟାଳୟ ଅଧିନିୟମ ଅନୁଯାୟୀ ସିନେଟ୍‌ର କାମ ହେଉଛି ବିଶ୍ୱବିଦ୍ୟାଳୟର ନୀତି, ନିୟମ, କାର୍ଯ୍ୟକ୍ରମ, ବାର୍ଷିକ ରିପୋର୍ଟ, ହିସାବ, ଶିକ୍ଷା, ଗବେଷଣା ଓ ପ୍ରଶାସନିକ କାର୍ଯ୍ୟର ସମୀକ୍ଷା କରିବା । ଦୈନନ୍ଦିନ ହଷ୍ଟେଲ ସମସ୍ୟା କିମ୍ବା ଆଭ୍ୟନ୍ତରୀଣ ବୈଠକରେ ହସ୍ତକ୍ଷେପ କରିବା ସିନେଟ୍‌ର କାମ ନୁହେଁ ବୋଲି ରୁଟା କହିଛି । କୁଳପତିଙ୍କ ଆହ୍ୱାନରେ ହୋଇଥିବା ବୈଠକଟି କେବଳ ଛାତ୍ରାବାସ ପରିଚାଳନା ଓ ଛାତ୍ର କଲ୍ୟାଣ ସମ୍ବନ୍ଧୀୟ ଏକ ଆଭ୍ୟନ୍ତରୀଣ ପ୍ରଶାସନିକ ବୈଠକ ଥିଲା ଓ ଏହା ସିନେଟ୍ କିମ୍ବା ସିଣ୍ଡିକେଟ୍ ଭଳି କୌଣସି ବୈଧାନିକ ବୈଠକ ନଥିଲା ଓ ସାଂସଦ, ବିଧାୟକ ଏବଂ ଅନ୍ୟ ସମସ୍ତ ଜନପ୍ରତିନିଧି ବିଶ୍ୱବିଦ୍ୟାଳୟର ଉନ୍ନତି ଓ କଲ୍ୟାଣ ▶ପୃଷ୍ଠା-୭

## ଅଗ୍ନି-୪ର ସଫଳ ପରୀକ୍ଷା

■ ବାଲେଶ୍ୱର,୬।୮(ସମିସ): ଭାରତ ନିଜର ସାମରିକ କ୍ଷମତାକୁ ଆହୁରି ସୁଦୃଢ଼ କରି ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ଅଗ୍ନି-୪'ର ସଫଳ ପରୀକ୍ଷା କରିଛି । ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜରୁ ଷ୍ଟ୍ରାଟେଜିକ୍ ଫୋର୍ସେସ୍ କମାଣ୍ଡ ତତ୍ତ୍ୱାବଧାନରେ ଏହି ପରୀକ୍ଷା କରାଯାଇଛି ।



### ଲକ୍ଷ୍ୟଭେଦ କ୍ଷମତା ୩,୦୦୦ କିମିରୁ ଅଧିକ

କ୍ଷେପଣାସ୍ତ୍ରଟି ସମସ୍ତ ପ୍ରମୁଖ ପ୍ରଯୁକ୍ତିଗତ ଓ କାର୍ଯ୍ୟକ୍ଷମତା ମାନଦଣ୍ଡରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିରକ୍ଷା ମନ୍ତ୍ରାଳୟ ସୂଚନା ଜାରି କରିଛି । 'ଅଗ୍ନି-୪' ହେଉଛି ଭାରତର ଏକ ଆଧୁନିକ ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ଏହାର ଲକ୍ଷ୍ୟଭେଦ କ୍ଷମତା ୩୦୦୦ କିଲୋମିଟରରୁ ଅଧିକ । ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ର ଅନୁସାରେ 'ଅଗ୍ନି-୪'ରେ ପଞ୍ଚମ ପିଢ଼ିର ଅନ୍‌ବୋର୍ଡ କମ୍ପ୍ୟୁଟର, ଅତ୍ୟାଧୁନିକ ଏଭିଓନିକ୍ସ ସିଷ୍ଟମ୍ ଏବଂ ସ୍ୱୟଂଚାଳିତ ଉଡ଼ାଣ ନିୟନ୍ତ୍ରଣ ବ୍ୟବସ୍ଥା ସଂଯୋଜନ କରାଯାଇଛି । ଉଡ଼ାଣ ସମୟରେ କୌଣସି ବାଧା କିମ୍ବା ବିଚ୍ୟୁତି ଦେଖାଦେଲେ କ୍ଷେପଣାସ୍ତ୍ରଟି ନିଜେ ତାହାକୁ ଚିହ୍ନଟ କରି ମାର୍ଗ ସଂଶୋଧନ କରିପାରିବ । ଏହି ବୈଶିଷ୍ଟ୍ୟ ଏହାକୁ ଭାରତର ସବୁଠାରୁ ▶ପୃଷ୍ଠା-୭

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ତୀବ୍ର

### ବହି ତ୍ରୁଟିକୁ ନେଇ ତେଜୁଛି ରାଜନୀତି: ଆଜି ଗାନ୍ଧୀମାର୍ଗରେ 'ଶିକ୍ଷା ବଞ୍ଚାଓ' ଆନ୍ଦୋଳନ

■ ଭୁବନେଶ୍ୱର, ୫।୮ (ସମିସ): ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ନେଇ ବିବାଦ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି । ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ପରିଚାଳନାରେ ଅବ୍ୟବସ୍ଥା, ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଏବଂ ସଂଶୋଧିତ ପୁସ୍ତକରେ ମଧ୍ୟ ଭୁଲ ରହିଥିବା ଅଭିଯୋଗକୁ କେନ୍ଦ୍ର କରି ରାଜ୍ୟରେ ଅସନ୍ତୋଷ ବଢ଼ିଛି । ଏହାର ପ୍ରତିବାଦରେ ଶୁକ୍ରବାର ଭୁବନେଶ୍ୱରର ଗାନ୍ଧୀମାର୍ଗରେ ବିଶାଳ ଶିକ୍ଷା ବଞ୍ଚାଓ ଆନ୍ଦୋଳନ ଡ଼ାକରା ଦିଆଯାଇଛି ଏବଂ ଏଥିରେ ଶିକ୍ଷକ ସଂଗଠନ, ଅଭିଭାବକ ସଂଘ, ଛାତ୍ର ସଂଗଠନ ଓ ବିଭିନ୍ନ ସାମାଜିକ ସଂଗଠନ ଯୋଗଦେବେ । ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରତ୍ୟାହାର, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ବଦଳରେ ପୁରୁଣା ପୁସ୍ତକ ପୁନଃ ପ୍ରଚଳନ, ଖାଲି ପଡ଼ିଥିବା ଶିକ୍ଷକ ପଦ ପୂରଣ, ପୁରୁଣା ପେନସନ ବ୍ୟବସ୍ଥା ଫେରାଇବା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ନେଇ ଆନ୍ଦୋଳନ ହେବ ବୋଲି ସୂଚନା ମିଳିଛି ।

ରାଜ୍ୟରେ ସ୍କୁଲ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ବାହାରିବା ପରେ ସରକାର ସଂଶୋଧିତ ପୁସ୍ତକ ପ୍ରଦାନ ପାଇଁ ଘୋଷଣା କରିଥିଲେ । କିନ୍ତୁ ସଂଶୋଧିତ ସଂସ୍କରଣରେ ମଧ୍ୟ ଅନେକ ଭୁଲ ରହିଥିବାରୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରି ପୂର୍ବରୁ ପ୍ରଚଳିତ ପୁସ୍ତକକୁ ଫେରାଇ ଆଣିବା ପାଇଁ ଶିକ୍ଷାବିତ୍ ଓ ଅଭିଭାବକମାନେ ଦାବି କରିଛନ୍ତି । ଜାତୀୟ ଫେଡେରେସନ୍ ଅଫ୍ ମୁଭମେଣ୍ଟ ଫର୍ ଏଡୁକେସନ୍‌ର ଜାତୀୟ ଆବାହକ ଅମିୟ ମହାନ୍ତି କହିଛନ୍ତି ଏହା କେବଳ ଓଡ଼ିଶାର ପ୍ରସଙ୍ଗ ନୁହେଁ, ବରଂ ସାରା ଦେଶରେ ଶିକ୍ଷା ବ୍ୟବସ୍ଥାକୁ ସୁରକ୍ଷା ଦେବା ପାଇଁ ଏହି ଆନ୍ଦୋଳନ ହେଉଛି । ଭାରତୀୟ ଅଭିଭାବକ ସଂଘର ଓଡ଼ିଶା ସଭାପତି ପ୍ରଦୀପ ନାୟକ କହିଛନ୍ତି ଯେ ପିଲାମାନଙ୍କ ଭବିଷ୍ୟତ ସହ ଖେଳ କରାଯାଉଛି ଏବଂ ସରକାର ଏହାର ଜବାବ ଦେବାକୁ ବାଧ୍ୟ ।

ଏହି ଆନ୍ଦୋଳନରେ ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଂଗଠନଙ୍କୁ ମଧ୍ୟ ସାମିଲ ହେବାକୁ ଆହ୍ୱାନ କରାଯାଇଛି । ଏଆଇଏସଏଫ୍‌ର ରାଜ୍ୟ ସଭାପତି ସଂଘମିତ୍ରା ଜେନା କହିଛନ୍ତି ଯେ ପାଠ୍ୟପୁସ୍ତକରେ ଏତେ ପରିମାଣର ତ୍ରୁଟି ଥିବା ସତ୍ତ୍ୱେ ସରକାରଙ୍କ ନୀରବତା ଅତ୍ୟନ୍ତ ଦୁଃଖଦ । ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ସରକାର ସ୍ପଷ୍ଟ ନୀତି ଓ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ସେ ଦାବି କରିଛନ୍ତି । ଏହି ପ୍ରସଙ୍ଗରେ କଂଗ୍ରେସ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛି । ଡବଲ୍ ଇଞ୍ଜିନ୍ ସରକାର ଓଡ଼ିଶାର ଭବିଷ୍ୟତ ପିଢ଼ିକୁ ଅନ୍ଧକାର ଆଡ଼କୁ ଠେଲି ଦେଉଛି । ଦଳର ଅଭିଯୋଗ ଅନୁସାରେ ଏପର୍ଯ୍ୟନ୍ତ ଅନେକ ଛାତ୍ରଛାତ୍ରୀଙ୍କ ହାତରେ ପାଠ୍ୟପୁସ୍ତକ ପହଞ୍ଚିନାହିଁ । ଏଭଳି ସ୍ଥିତିରେ ଶିକ୍ଷାବର୍ଷର ବଡ଼ ଅଂଶ ନଷ୍ଟ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ତୁରନ୍ତ ପିଲାମାନଙ୍କୁ ପାଠ୍ୟପୁସ୍ତକ ବଣ୍ଟନର ନିର୍ଦ୍ଦିଷ୍ଟ ସମୟସୀମା ଘୋଷଣା କରନ୍ତୁ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପଦରୁ ହଟାନ୍ତୁ । ନଚେତ୍ ଦଳ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି କଂଗ୍ରେସ ଚେତାବନୀ ଦେଇଛି । ଭୁବନେଶ୍ୱରର ଆନ୍ଦୋଳନ ପରେ ପରବର୍ତ୍ତୀ ପର୍ଯ୍ୟାୟରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ମଧ୍ୟ ବିକ୍ଷୋଭ କରିବାକୁ ମଧ୍ୟ ଯୋଜନା ରହିଛି ବୋଲି ସେମାନେ କହିଛନ୍ତି ।

### ୨୦୨୪-୨୫ରେ ଆଞ୍ଚଳିକ ରାଜନୈତିକ ଦଳଙ୍କୁ ୧୦୫୧ କୋଟି ଚାନ୍ଦା

# ଡିଏମକେକୁ ସର୍ବାଧିକ ୩୬୫.୭୮ କୋଟି ଟଙ୍କା

■ ଭୁବନେଶ୍ୱର,୬।୮(ସମିସ): ୨୦୨୪-୨୫ରେ ଦେଶର ବିଭିନ୍ନ ଆଞ୍ଚଳିକ ରାଜନୈତିକ ଦଳମାନଙ୍କୁ ମିଳିଛି ୧,୦୫୧.୫୫ କୋଟି ଚାନ୍ଦା । ନିର୍ବାଚନ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ୨୦୨୩-୨୦୨୪ରୁ ୨୦୨୪-୨୦୨୫ ଆର୍ଥିକ ବର୍ଷ ପାଇଁ ପ୍ରକାଶିତ ରିପୋର୍ଟରେ ଏନେଇ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଛି ।

ତୃଣମୂଳକୁ ୧୮୪ କୋଟି

ରିପୋର୍ଟ ଅନୁଯାୟୀ ୪୦ଟି ଆଞ୍ଚଳିକ ଦଳ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ୨୦ ହଜାର ଟଙ୍କାରୁ ଅଧିକ ମୂଲ୍ୟର ଯେଉଁ ଦାନ ଘୋଷଣା କରିଛନ୍ତି, ସେଥିରୁ ୮୭୨.୫୩୮ କୋଟି ଟଙ୍କା ଅର୍ଥାତ୍ ୬୨.୩୬ ପ୍ରତିଶତ ଅର୍ଥ କର୍ପୋରେଟ୍ ସଂସ୍ଥାମାନଙ୍କଠାରୁ ଆସିଛି । ସେହିପରି ବ୍ୟକ୍ତିଗତ ଦାତାମାନେ ମାତ୍ର ୧୯୩.୯୪୬ କୋଟି ଟଙ୍କା (୧୩.୮୬ ପ୍ରତିଶତ) ପ୍ରଦାନ କରିଛନ୍ତି ।

ନିର୍ବାଚନ ଆୟୋଗ ନିକଟରେ ଦାଖଲ କରାଯାଇଥିବା ୬୭ଟି ଆଞ୍ଚଳିକ ଦଳ ମଧ୍ୟରୁ ୪୦ଟି ଦଳର ତଥ୍ୟକୁ ବିଶ୍ଳେଷଣ କରାଯାଇଛି । ଏଥିରେ ୨୦ ହଜାର ଟଙ୍କାରୁ ଅଧିକ ଦାନ, ଦାତାଙ୍କ ପ୍ରୋଫାଇଲ୍, କେଉଁ କ୍ଷେତ୍ରରୁ ଅର୍ଥ ଆସିଛି, ଦାନର ପଦ୍ଧତି, ରାଜ୍ୟଭିତ୍ତିକ ବଣ୍ଟନ ଏବଂ ପ୍ୟାନ୍ ନମ୍ବର ଉପଲବ୍ଧତା ଭଳି ବିଭିନ୍ନ ଦିଗକୁ ଖତିଆନ କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍.କେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସର୍ବାଧିକ ଦାନ ପାଇଥିବା ଆଞ୍ଚଳିକ ଦଳ ହୋଇଛି । ଡିଏମକେ ୪୬୭ଟି ଦାନ ମାଧ୍ୟମରେ ୩୬୫.୭୮୪ କୋଟି ଟଙ୍କା ସଂଗ୍ରହ କରିଛି । ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଏଆଇଟିସି) ୧୮୪.୯୬ କୋଟି ଟଙ୍କା ଦାନ ପାଇଛି । ତୃତୀୟ ସ୍ଥାନରେ ୱାଇଏସ୍ଆର୍ କଂଗ୍ରେସ ୧୪୦ କୋଟି ଟଙ୍କା ପାଇଥିବା ବେଳେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ୮୩ କୋଟି ଟଙ୍କା ସହ ଚତୁର୍ଥ ସ୍ଥାନରେ ରହିଛି । ସେହିପରି ଶୀର୍ଷ ୧୦ଟି ଆଞ୍ଚଳିକ ଦଳ ମଧ୍ୟରେ ଏଆଇଏଡିଏମ୍‌କେକୁ ୬୬ କୋଟି, ବିଜୁ ଜନତା ଦଳ (ବିଜେଡି)କୁ ୬୦ କୋଟି, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ)କୁ ୩୩ କୋଟି, ଜନସେନାକୁ ୨୫ କୋଟି, ଜେଡି(ୟୁ)କୁ ୧୮ କୋଟି ଏବଂ ଇଣ୍ଡିଆନ୍ ୟୁନିୟନ୍ ମୁସଲିମ୍ ଲିଗ୍‌କୁ ୧୫ କୋଟି ଟଙ୍କା ଦାନ ସୂତ୍ରରେ ମିଳିଛି । ଡିଏମ୍‌କେ, ତୃଣମୂଳ କଂଗ୍ରେସ, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା, ଏଆଇଏଡିଏମ୍‌କେ, ଲୋକ ଜନଶକ୍ତି ପାର୍ଟି (ରାମ ବିଲାସ), ଜେଡି(ୟୁ) ଓ ବିଜେଡି ଭଳି ଦଳଗୁଡ଼ିକର ଦାନର ପରିମାଣ ୨୦୨୩-୨୪ ତୁଳନାରେ ୨୦୨୪-୨୫ରେ ବୃଦ୍ଧି ପାଇଛି । ଅନ୍ୟପଟେ ବିଆର୍‌ଏସ୍, ଟିଡିପି, ଜନସେନା, ଜେଡି(ଏସ୍) ଓ ଏମ୍‌ଏନ୍‌ଏସ୍ ଭଳି ଦଳଗୁଡ଼ିକର ଦାନ ପରିମାଣ କମିଛି । ଇଲେକ୍ଟୋରାଲ ବଣ୍ଡରେ ତୃଣମୂଳ କଂଗ୍ରେସ ସର୍ବାଧିକ ୬୧୨ କୋଟି ଟଙ୍କା ପାଇଥିବା ବେଳେ ବିଆରଏସକୁ ୪୯୫.୫୨ କୋଟି ମିଳିଛି ।

## ଏବର୍ଷ ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ ପାଇଁ ୭୪.୫ କୋଟି ଖର୍ଚ୍ଚ

ନୂଆଦିଲ୍ଲୀ, ୬।୮(ଏଜେନ୍ସି): ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୈଦେଶିକ ଗସ୍ତ ପାଇଁ ସରକାର ପ୍ରାୟ ୭୪.୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ରାଜ୍ୟସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ଏହି ସୂଚନା ଦିଆଯାଇଛି।



ସାଂସଦ ସଞ୍ଜୟ ସିଂହ ଏବଂ ଡକ୍ଟର ଭି ଶିବଦାସନଙ୍କ ପ୍ରଶ୍ନର ଉତ୍ତରରେ ବୈଦେଶିକ ବ୍ୟାପାର କେନ୍ଦ୍ର ପ୍ରତିମନ୍ତ୍ରୀ ପବିତ୍ର ମାର୍ଗେରିଟା ଏହି ତଥ୍ୟ ଉପସ୍ଥାପନ କରିଛନ୍ତି। ଏହାସହ ଏପ୍ରିଲ ୨୦୨୧ ରୁ ଡିସେମ୍ବର ୨୦୨୫ ମଧ୍ୟରେ ଭାରତକୁ ୩୮୧.୮ ବିଲିୟନ୍ ଆମେରିକୀୟ ଡଲାରର ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ଆସିଥିବା ସରକାର ସଂସଦକୁ ଜଣାଇଛନ୍ତି। ତୁଳନାତ୍ମକ ସୂଚନା ଦେଇ ମନ୍ତ୍ରଣାଳୟ ଦର୍ଶାଇଛି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ଶାସନ କାଳରେ ୨୦୧୧ ଆମେରିକା ଗସ୍ତ ପାଇଁ ୧୦.୭୪ କୋଟି ଟଙ୍କା ଏବଂ ୨୦୧୩ ଋଷ ଗସ୍ତ ପାଇଁ ୯.୯୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଦେଶିକ ଗସ୍ତ ଦ୍ୱାରା ଅନ୍ତର୍ଜାତୀୟ ସମ୍ପର୍କ ସୁଦୃଢ଼ ହେବା ସହ ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ, ପ୍ରତିରକ୍ଷା ଓ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଛି। ବୈଦେଶିକ ଗସ୍ତଗୁଡ଼ିକ ମାଧ୍ୟମରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିପତ୍ରଗୁଡ଼ିକ ଦେଶରେ ନିବେଶ ଓ ସାମଗ୍ରିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସରକାର ପ୍ରକାଶ କରିଛନ୍ତି।

## ରୁଷିଆ ତୈଳ ପ୍ରତିଷ୍ଠାନରେ ୟୁକ୍ରେନ୍‌ର ଜୋରଦାର୍ ଆକ୍ରମଣ

କିଭ୍, ୬।୮(ଏଜେନ୍ସି): ୟୁକ୍ରେନ ସେନା ଋଷ ଭିତରେ ପଶି ଦୁଇଟି ଗୁରୁତ୍ୱପୂର୍ଣ୍ଣ ତୈଳ ବିଶୋଧନାଗାର ଉପରେ ଡ୍ରୋନ୍ ଆକ୍ରମଣ କରିଛି। ଋଷର ସାମରିକ ଅର୍ଥନୀତିକୁ ଦୁର୍ବଳ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ନେଇ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୂଚନା ଦେଇଛନ୍ତି।



ସୀମାରୁ ପ୍ରାୟ ୧,୩୦୦ କିଲୋମିଟର ଦୂର ବାଶକୋର୍ଟୋସ୍ତାନ ଏବଂ ୭୦୦ କିଲୋମିଟର ଦୂର ୟାରୋସ୍ଲାଭଲ୍ ଅଞ୍ଚଳରେ ଥିବା ବିଶୋଧନାଗାରଗୁଡ଼ିକୁ ୟୁକ୍ରେନ ସେନା ସଫଳତାର ସହ ନିଶାଣ କରିଛି। ଏହାସହ କୃଷ୍ଣସାଗରରେ ଋଷର ଦୁଇଟି ନୌସେନା ପାଟ୍ରୋଲ୍ ବୋଟ୍ ଏବଂ ତୈଳ ରପ୍ତାନି ପାଇଁ ବ୍ୟବହୃତ ବୋଟ୍ ଉପରେ ମଧ୍ୟ ଆକ୍ରମଣ କରାଯାଇଛି। ଅନ୍ୟପଟେ ଋଷିଆ ଦାବି କରିଛି ଯେ ସେମାନଙ୍କ ଆକାଶ ସୁରକ୍ଷା ବାହିନୀ ୬୦୫ଟି ୟୁକ୍ରେନ ଡ୍ରୋନ ଖସାଇ ଦେଇଛି। ସେହିପରି ଋଷ ପକ୍ଷରୁ କରାଯାଇଥିବା କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ୟୁକ୍ରେନର ୩ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ୟୁକ୍ରେନର ବାୟୁସେନା ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ହେଉଥିବାରୁ ଜେଲେନ୍‌ସ୍କି ନାଟୋ ଏବଂ ସହଯୋଗୀ ଦେଶଗୁଡ଼ିକୁ ତୁରନ୍ତ ନୂତନ କ୍ଷେପଣାସ୍ତ୍ର ଯୋଗାଇଦେବାକୁ ନିବେଦନ କରିଛନ୍ତି। ୟୁକ୍ରେନର ଏହି ନିରନ୍ତର ଗଭୀର ଆକ୍ରମଣ ଫଳରେ ଋଷରେ ଇନ୍ଧନ ସଙ୍କଟ ଦେଖାଦେଇଛି। ଉଭୟ ଦେଶ ମଧ୍ୟରେ ଯୁଦ୍ଧ ଅଧିକ ଭୟାନକ ରୂପ ନେଉଥିବାରୁ ଆନ୍ତର୍ଜାତୀୟ ସ୍ତରରେ ଚିନ୍ତା ବୃଦ୍ଧି ପାଇଛି।

## ଜେନ୍ ଜି ଆନ୍ଦୋଳନକାରୀ ରାଷ୍ଟ୍ର-ବିରୋଧୀ ନୁହନ୍ତି

ମୁମ୍ବାଇ, ୬।୮(ଏଜେନ୍ସି): ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତ କହିଛନ୍ତି ଯେ ଜେନ୍ ଜି ହେଉଛନ୍ତି ସବୁଠାରୁ ସଚ୍ଚୋଟ ପିଢ଼ି। ସେମାନଙ୍କ ଆନ୍ଦୋଳନକୁ ସନ୍ଦେହ ଚକ୍ଷୁରେ ଦେଖାଯିବା ଉଚିତ ନୁହେଁ। କୌଣସି ପ୍ରସଙ୍ଗକୁ ନେଇ ସେମାନେ ପ୍ରତିବାଦ କରୁଛନ୍ତି ବୋଲି ସେମାନଙ୍କୁ ରାଷ୍ଟ୍ର ବିରୋଧୀ ବୋଲି କୁହାଯାଇପାରିବ ନାହିଁ।



ସେମାନେ ହେଉଛନ୍ତି ଆମର ନିଜ ଲୋକ ଏବଂ ଆମେ ସେମାନଙ୍କର କଥାକୁ ଶୁଣିବା ଉଚିତ। ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଭାଗବତ କହିଲେ ଯେ ଜେନ୍ ଜି ହେଉଛି ପୂର୍ବ ପିଢ଼ି ଠାରୁ ସଂପୂର୍ଣ୍ଣ ଭିନ୍ନ। ସେମାନେ ଉତ୍ତର ପାଇବା ଲାଗି ପ୍ରଶ୍ନ କରୁଛନ୍ତି। ସେମାନେ କେବଳ ସଚ୍ଚୋଟ ନୁହନ୍ତି, ସେମାନଙ୍କ ଭିତରେ ଦେଶଭକ୍ତି ଏବଂ ସେବାଭାବ ମଧ୍ୟ ଭର୍ତ୍ତି ହୋଇରହିଛି। ଜୁଲାଇ ୨୦ ତାରିଖରେ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ସଂପର୍କରେ ସେ କହିଲେ ଯେ ପୁଲିସ କାହିଁକି ଲାଠିମାଡ଼ କଲା ଏବଂ ପେଲେଟ ଗନ୍ ବ୍ୟବହାର କଲା, ତାହା ସେ ବୁଝି ପାରୁ ନାହାନ୍ତି। ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନକାରୀଙ୍କୁ ଶାସକ ଦଳର ଅନେକ ନେତା ଆତଙ୍କବାଦୀ ଓ ଦେଶବିରୋଧୀ ବୋଲି କହିଥିବା ବେଳେ ମୋହନ ଭାଗବତ ଏହାକୁ ନାପସନ୍ଦ କରି ଏଭଳି ମନ୍ତବ୍ୟ ଦେଇଥିବା କୁହାଯାଉଛି।

## ଅଗଷ୍ଟ ୨୦ରେ ବାଂଲା ରାଷ୍ଟ୍ରପତି ନିର୍ବାଚନ

ଢାକା, ୬।୮(ଏଜେନ୍ସି): ବାଂଲାଦେଶରେ ଆସନ୍ତାଅଗଷ୍ଟ ୨୦ ତାରିଖରେ ନୂଆ ରାଷ୍ଟ୍ରପତି ଚୟନ ପାଇଁ ଭୋଟ ହେବ। ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପଦତ୍ୟାଗ କରିବା ପରେ ନିର୍ବାଚନ ଆୟୋଗ ଏହି ସୂଚୀ ଘୋଷଣା କରିଛି। ନାମାଙ୍କନପତ୍ର ଦାଖଲ ଅଗଷ୍ଟ ୧୩, ଯାଞ୍ଚ ଅଗଷ୍ଟ ୧୬ ଏବଂ ପ୍ରାର୍ଥିତ୍ୱ ପ୍ରତ୍ୟାହାରର ଶେଷ ତାରିଖଅଗଷ୍ଟ ୧୮ ରହିଛି। ସଂସଦ ଭବନରେ ଦିନ୨ଟାରୁ ୫ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ। ଶାହାବୁଦ୍ଦିନ ୨୦୨୩ ଏପ୍ରିଲରେ ପାଞ୍ଚ ବର୍ଷ ପାଇଁ ରାଷ୍ଟ୍ରପତି ହୋଇଥିଲେ। ବର୍ତ୍ତମାନ ସଂସଦ ବାଚସ୍ପତି ହାଫିଜ ଉଦ୍ଦିନ ଆହମେଦ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ସମ୍ଭାଳୁଛନ୍ତି।

## ବ୍ରିଟେନ୍ ସୈନ୍ୟ ତାଲିମ କେନ୍ଦ୍ରରେ ଯୌନ ନିର୍ଯାତନା




ଲଣ୍ଡନ, ୬।୮(ଏଜେନ୍ସି): ବ୍ରିଟେନ୍‌ର ପ୍ରମୁଖ ସୈନ୍ୟ ପ୍ରଶିକ୍ଷଣ କେନ୍ଦ୍ର 'ଆର୍ମି ଫାଉଣ୍ଡେସନ୍ କଲେଜ' (ଏଏଫ୍‌ସି)ରେ ମହିଳା କ୍ୟାଡେଟ୍‌ମାନଙ୍କ ପ୍ରତି ଯୌନ ନିର୍ଯାତନା, ସାମୂହିକ ଦୁଷ୍କର୍ମ ଏବଂ ନିର୍ଯାତନାର ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ୧୭ ବର୍ଷ ବୟସରେ ନାମ ଲେଖାଇଥିବା ଏକାଧିକ ପୂର୍ବତନ ମହିଳା କ୍ୟାଡେଟ୍ ଏହି ସଂସ୍ଥାରେ ମହିଳା ବିରୋଧୀ ମାନସିକତା ଏବଂ ଗୁରୁତର ସୁରକ୍ଷା ତ୍ରୁଟି ନେଇ ଜଣାଶୁଣା ବ୍ରିଟିଶ୍ ଗଣମାଧ୍ୟମ ବିବିସି ଆଗରେ ପ୍ରକାଶ କରିଛନ୍ତି। ନର୍ଥ ୟର୍କସାୟାରସ୍ଥିତ ଏହି ଏକାଡେମୀରେ ପଢୁଥିବା ଅନ୍ତତଃ ୪ ଜଣ ମହିଳା କହିଛନ୍ତି ଯେ, ସେଠାରେ ଥିବା ପୁରୁଷ ସହକର୍ମୀ ଓ କର୍ମଚାରୀମାନେ ତାଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ। ଜଣେ ପୀଡ଼ିତାଙ୍କ ଅଭିଯୋଗ ଅନୁସାରେ, ତାଙ୍କୁ କେତେକ ପୁରୁଷ ସୈନିକ ବହୁ ଘଣ୍ଟା ଧରି ସାମୂହିକ ଦୁଷ୍କର୍ମ କରିଥିଲେ। ଅନ୍ୟ କ୍ୟାଡେଟ୍‌ମାନେ ଅଶ୍ଳୀଳ ମନ୍ତବ୍ୟ, ରୁମ୍‌ରେ ବନ୍ଦ କରି ଯୌନ ନିର୍ଯାତନା ଏବଂ ପ୍ରଶିକ୍ଷକମାନଙ୍କ ଅସଦାଚରଣର ଶିକାର ହୋଇଥିବା ପ୍ରକାଶ କରିଛନ୍ତି। ତଥ୍ୟ ଅନୁସାରେ, ୨୦୧୮ ରୁ ୨୦୨୫ ମଧ୍ୟରେ ଏହି କଲେଜରେ ୧୭୬ଟି ଯୌନ ଅସଦାଚରଣ ଅଭିଯୋଗ ଦାଖଲ ହୋଇଛି, ଯାହା ମଧ୍ୟରୁ ୩୨ଟି ଅଭିଯୋଗ ସ୍ଥାୟୀ କର୍ମଚାରୀଙ୍କ ବିରୋଧରେ ରହିଛି। ଗତ କିଛି ବର୍ଷ ମଧ୍ୟରେ କେତେକ ପ୍ରଶିକ୍ଷକ ଶାରୀରିକ ଓ ଯୌନ ହିଂସା ମାମଲାରେ ସାମରିକ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ମଧ୍ୟ ହୋଇଛନ୍ତି। ବ୍ରିଟିଶ୍ ସେନା ପକ୍ଷରୁ ଏହି ଘଟଣାକୁ ଅତ୍ୟନ୍ତ ଚିନ୍ତାଜନକ ଓ ଗମ୍ଭୀର ବୋଲି କୁହାଯାଇଛି। ସେନାରେ ଏପରି ଅପରାଧିକ କାର୍ଯ୍ୟକଳାପକୁ ଆଦୌ ଗ୍ରହଣ କରାଯିବ ନାହିଁ ଏବଂ ପୀଡ଼ିତାମାନଙ୍କୁ ନ୍ୟାୟ ଦେବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ଓ ତଦନ୍ତ ସଂସ୍ଥା ଜରିଆରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଥିବା ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି।

## କାନାଡ଼ାରେ କାୟା ମେଲାଉଛି ବିଷ୍ଣୋଇ ଗ୍ୟାଙ୍ଗ୍

ନୂଆଦିଲ୍ଲୀ, ୬।୮(ଏଜେନ୍ସି): ଲରେନ୍ସ ବିଷ୍ଣଇ ଗ୍ୟାଙ୍ଗ୍ କାନାଡ଼ାରେ ନିଜର ଅପରାଧିକ ନେଟୱାର୍କ ବିସ୍ତାର କରିବା ପାଇଁ ଭାରତୀୟ ଛାତ୍ର ଭିସା ଏବଂ ୱାର୍କ ପରମିଟ୍‌ର ଅପବ୍ୟବହାର କରୁଥିବା ନେଇ ଏକ ସଂବେଦନଶୀଳ ତଥ୍ୟ ସାମ୍ନାକୁ ଆସିଛି। କାନାଡ଼ା ବୋର୍ଡର ସର୍ଭିସେସ୍ ଏଜେନ୍ସି (ସିବିଏସ୍ଏ) ର ଏକ ଗୁପ୍ତ ସୂଚନା ରିପୋର୍ଟକୁ ଆଧାର କରି ଏହି ବାସ୍ତବତା ପ୍ରକାଶ ପାଇଛି। 'ଦି ବିଷ୍ଣୋଇ ଗ୍ୟାଙ୍ଗ୍: ଆନ୍ ଏମର୍ଜିଂ ଥ୍ରେଟ ଇନ୍ କାନାଡ଼ା' ଶୀର୍ଷକ ଏହି ରିପୋର୍ଟ ଅନୁସାରେ, ଭାରତରୁ ପଢ଼ିବା ପାଇଁ କାନାଡ଼ା ଯାଉଥିବା ଯୁବକମାନଙ୍କୁ ଆର୍ଥିକ ପ୍ରଲୋଭନ ଦେଇ ଗ୍ୟାଙ୍ଗ୍‌ରେ ସାମିଲ କରାଯାଉଛି। ଏହି ଯୁବକମାନଙ୍କୁ ଚାନ୍ଦା ଆଦାୟ, ଗୁଳିକାଣ୍ଡ, ହତ୍ୟା ଏବଂ ସଂଗଠିତ ଅପରାଧ ପରି ବେଆଇନ କାର୍ଯ୍ୟରେ ବ୍ୟବହାର କରାଯାଉଛି। ରିପୋର୍ଟ ଅନୁସାରେ, ୨୦୧୯ ରୁ ୨୦୨୩ ମଧ୍ୟରେ ପ୍ରାୟ ୪, ୦୦୦ ଭାରତୀୟ ଛାତ୍ରଙ୍କ ବିରୋଧରେ ବିଭିନ୍ନ ଅପରାଧିକ ମାମଲା ରୁଜୁ ହୋଇଛି, ଯାହା ମଧ୍ୟରୁ ହିଂସାତ୍ମକ ଅପରାଧର ସଂଖ୍ୟା ଅଧିକ। ଏହି ଗ୍ୟାଙ୍ଗ୍‌ର ମୁଖ୍ୟ ସଦସ୍ୟ ଗୋଲ୍ଡି ବ୍ରାର୍ ୨୦୧୭ରେ ଛାତ୍ର ଭିସାରେ କାନାଡ଼ା ଯାଇ ଏହି ନେଟୱାର୍କ ପ୍ରସ୍ତୁତ କରିଥିଲା। ପ୍ରଥମେ କେବଳ ଖାଲିସ୍ତାନ ସମର୍ଥକ କିମ୍ବା ପଞ୍ଜାବୀ ବ୍ୟବସାୟୀଙ୍କୁ ଲକ୍ଷ୍ୟ କରାଯାଉଥିବା ବେଳେ, ଏବେ ଅନ୍ୟ ଭାରତୀୟବଂଶୋଦ୍ଭବ ବ୍ୟବସାୟୀଙ୍କଠାରୁ ମଧ୍ୟ ହ୍ୱାଟ୍ସଆପ୍ ମାଧ୍ୟମରେ ଧମକ ଦେଇ ମୋଟା ଅଙ୍କର ଟଙ୍କା ଅସୁଲ କରାଯାଉଛି। ଅର୍ଥାଭାବ ଓ ଅନ୍ୟାନ୍ୟ ପ୍ରଲୋଭନରେ ପଡ଼ି କାନାଡ଼ାରେ ପଢୁଥିବା ଭାରତୀୟ ଛାତ୍ରମାନେ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଶିକାର ହେଉଛନ୍ତି। ଏହି ରିପୋର୍ଟ ପରେ କାନାଡ଼ା ସୁରକ୍ଷା ଏଜେନ୍ସି ଏବଂ ସୀମା ଶୁଳ୍କ ଅଧିକାରୀମାନେ ନିଜର ସତର୍କତା ଓ ତଦନ୍ତ ପ୍ରକ୍ରିୟାକୁ ଅଧିକ କଡ଼ାକଡ଼ି କରିଛନ୍ତି।

**ଭାରତୀୟ ଛାତ୍ରଙ୍କୁ ବ୍ୟବହାର କରି ଚାଲିଛି ଅପରାଧ**



## ତୀବ୍ର ହେଉଛି ରାଷ୍ଟ୍ରପତି-ମୁଜତବା ମତଭେଦ

ତେହେରାନ, ୬।୮(ଏଜେନ୍ସି): ଇରାନର ଶୀର୍ଷ ନେତୃତ୍ୱ ମଧ୍ୟରେ ମତଭେଦ ଚାଲିଥିବା ଖବର ମଧ୍ୟରେ, ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଦେଶର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ସହ ଯୋଗାଯୋଗ କରିବା 'ଅତ୍ୟନ୍ତ କଠିନ' ହୋଇପଡ଼ିଛି। ଆମେରିକା-ଇସ୍ରାଏଲ ଆକ୍ରମଣରେ ଆହତ ହୋଇଥିବା ୫୬ ବର୍ଷୀୟ ଏହି ଧର୍ମଗୁରୁ, ନିଜ ପିତା ଆୟାତୋଲ୍ଲା ଆଲି ଖାମେନେଇଙ୍କ ମୃତ୍ୟୁ ପରେ ସର୍ବୋଚ୍ଚ ନେତା ପଦ ଗ୍ରହଣ କରିବା ପରଠାରୁ ସାର୍ବଜନୀନ ଭାବେ ସାମ୍ନାକୁ ଆସିନାହାନ୍ତି। ପେଜେସ୍କିଆନ କହିଛନ୍ତି ଯେ, ସର୍ବୋଚ୍ଚ ନେତା ପ୍ରତ୍ୟକ୍ଷ ଭାବେ ସାମ୍ନାକୁ ଆସୁନଥିଲେ ମଧ୍ୟ ଇରାନର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ବର୍ତ୍ତମାନ ତାଙ୍କ ସହ ଯୋଗାଯୋଗ କରିବା



କଷ୍ଟକର, କିନ୍ତୁ ତାଙ୍କର ଉପସ୍ଥିତି ଆମ ପାଇଁ ଏକ ବଡ଼ ଶକ୍ତି' ବୋଲି ସେ ପ୍ରକାଶ କରିଛନ୍ତି। ଏହାସହ, ସେ ନିଜ ନେତାଙ୍କ ସମର୍ଥନ କରି କହିଛନ୍ତି ଯେ ସେମାନଙ୍କ ମଧ୍ୟରେ ହୋଇଥିବା ବୈଠକଗୁଡ଼ିକ ଅତ୍ୟନ୍ତ ସଫଳ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା। କେତେକ ଦୁଷ୍ଟ ଶକ୍ତି ତାଙ୍କର ଭୁଲ ଚିତ୍ର ପରିପ୍ରକାଶ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଖବର ଅନୁସାରେ, ଖାମେନେଇ ଏବଂ ରାଷ୍ଟ୍ରପତି ପେଜେସ୍କିଆନଙ୍କ ମଧ୍ୟରେ ଗମ୍ଭୀର ମତଭେଦ ଦେଖାଦେଇଛି। ସର୍ବୋଚ୍ଚ ନେତା ଇସଲାମିକ ରିଭୋଲ୍ୟୁସନରୀ ଗାର୍ଡ କୋର୍ (ଆଇଆରଜିସି) କମାଣ୍ଡର ଅହମଦ ବାହିଦୀଙ୍କୁ ସାମରିକ ଓ କୂଟନୈତିକ ନିଷ୍ପତ୍ତିରେ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଅନ୍ୟପଟେ, ଜାତୀୟ ସୁରକ୍ଷା ଓ ବିଦେଶ ନୀତି ନିଷ୍ପତ୍ତିରୁ ନିଜ ସରକାରଙ୍କୁ ଦୂରେଇ ରଖାଯାଉଥିବା ଅଭିଯୋଗ କରି ରାଷ୍ଟ୍ରପତି ପେଜେସ୍କିଆନ ଗତ ମେ ମାସରେ ଇସ୍ତଫା ଦେବାକୁ ଚେଷ୍ଟା କରିଥିବା ନେଇ ଚର୍ଚ୍ଚା ହେଉଛି। ଆମେରିକା ଓ ଇସ୍ରାଏଲ ସହ ସଂଘର୍ଷ ଚାଲିଥିବା ସମୟରେ ଇରାନର ସର୍ବୋଚ୍ଚ ନେତା ସାର୍ବଜନୀନ ଭାବେ ଅନୁପସ୍ଥିତ ରହିବା ଏବଂ ସେନା ବାହିନୀ ସହ ରାଷ୍ଟ୍ରପତିଙ୍କ ମତଭେଦ ଖବର ସାମ୍ନାକୁ ଆସିବା ଇରାନର ଆଭ୍ୟନ୍ତରୀଣ ଓ ବୈଦେଶିକ ନୀତି ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ନ୍ୟୁୟର୍କରେ ୪ ସନ୍ତାନଙ୍କୁ ହତ୍ୟା ପରେ ମା', ଜେଜେ ମା'ଙ୍କ ଆତ୍ମହତ୍ୟା

ନ୍ୟୁୟର୍କ, ୬।୮(ଏଜେନ୍ସି): ଆମେରିକାର ନ୍ୟୁୟର୍କ ସହରରେ ଏକ ଅତ୍ୟନ୍ତ ଦୁଃଖଦ ଓ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା ନିଜର ମା'ଙ୍କ ସହ ମିଶି ୪ ଜଣ ନିରୀହ ସନ୍ତାନଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଘଟଣା ଘଟାଇବା ପୂର୍ବରୁ ମହିଳା ଜଣକ ନିଜ ପୂର୍ବତନ ସ୍ୱାମୀଙ୍କୁ ପିଲାମାନଙ୍କ ଦେହ ଅସୁସ୍ଥ ଥିବା ନେଇ ମିଥ୍ୟା ସନ୍ଦେଶ ପଠାଇଥିଲେ।



ଆରକ୍ଷୀଙ୍କ ସୂଚନା ଅନୁସାରେ, ସାରା ମାୟର୍ସ ଓ ତାଙ୍କ ମା' ଏମି ଷ୍ଟେଡମ୍ୟାନ କିଛି ଦିନ ପୂର୍ବରୁ ଏହି ହତ୍ୟାକାଣ୍ଡ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ସେମାନେ ଔଷଧ ସଂଗ୍ରହ କରି ତିନି ଜଣ ପିଲାଙ୍କୁ ବିଷ ଦେଇ ଏବଂ ଜଣଙ୍କୁ ଛୁରୀରେ ଆଘାତ କରି ହତ୍ୟା କରିଥିଲେ। ପୂର୍ବରୁ କୌଣସି ସନ୍ଦେହ ନହେବା ପାଇଁ ପିଲାମାନଙ୍କ ବାପା ବ୍ରାଡି ହାରମୋନଙ୍କୁ ପିଲାଙ୍କର ବାନ୍ତି ହେଉଥିବା ବାହାନା କରି ସନ୍ଦେଶ ପଠାଯାଇଥିଲା। ଏହି ଘଟଣାରେ ୧୩, ୧୧ ଓ ୧୦ ବର୍ଷୀୟ ଜାଆଁଳା ପିଲାଙ୍କ ସମେତ ମୋଟ ୬ ଜଣଙ୍କର ମୃତ୍ୟୁ ଘଟିଛି। ପୂର୍ବପ୍ରସ୍ତୁତ ଯୋଜନା ଅନୁସାରେ ଏହି ହତ୍ୟାକାଣ୍ଡ ଘଟାଯାଇଥିବା ଆରକ୍ଷୀ ତଦନ୍ତରୁ ସ୍ପଷ୍ଟ କରିଛନ୍ତି।

## ହର୍ମୁଜ ପ୍ରଣାଳୀ ପାଇଁ ଇରାନ- ଓମାନ ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ

ଦୁବାଇ, ୬।୮(ଏଜେନ୍ସି): ଆଞ୍ଚଳିକ ଯୁଦ୍ଧ ଓ ଉତ୍ତେଜନା ମଧ୍ୟରେ ଇରାନ, ଓମାନ ସହିତ ହର୍ମୁଜ ପ୍ରଣାଳୀ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ଦାବି କରିଛି। ଏହି ପ୍ରଣାଳୀ ବିଶ୍ୱର ବାଣିଜ୍ୟ ଏବଂ ଶକ୍ତି ଯୋଗାଣ (ତୈଳ ଓ ଗ୍ୟାସ୍) ପାଇଁ ଅତ୍ୟନ୍ତ ସଂବେଦନଶୀଳ ଓ ପ୍ରମୁଖ ଜଳପଥ ଅଟେ। ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଏସମାଇଲ୍ ବାଘାଇ କହିଛନ୍ତି ଯେ ଓମାନ ସହ ଏହି ଚୁକ୍ତିନାମାର ଚିଠା ପ୍ରସ୍ତୁତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଆମେରିକା ପକ୍ଷରୁ କୌଣସି ପ୍ରତିବନ୍ଧକ ନ ଆସିଲେ ଏକ ମିଳିତ ବିବୃତି ଜାରି କରାଯିବ। ଅନ୍ୟପଟେ, ଲେବାନନ୍‌ରେ ଜାରି ରହିଥିବା ସଂଘର୍ଷରେ ଇସ୍ରାଏଲ୍‌ର ଦୁଇଜଣ ସୈନିକ ନିହତ ହୋଇଥିବା ବେଳେ ଯୁଦ୍ଧ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ଏହା ବ୍ୟତୀତ ସୁଦାନରେ ଚାଲିଥିବା ଗୃହଯୁଦ୍ଧ ଯୋଗୁଁ ଖାର୍ତ୍ତୁମଠାରୁ ୨୦୦ କିଲୋମିଟର ଦୂରରେ ଥିବା ୟୁନେସ୍କୋ ବିଶ୍ୱ ହେରିଟେଜ୍ ସାଇଟ୍ 'ମେରୋ ପିରାମିଡ୍' ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି। ପ୍ରାଚୀନ କୁଶ୍ ସାମ୍ରାଜ୍ୟର ଏହି ୨୦୦ରୁ ଅଧିକ ପିରାମିଡ୍‌ର ସଂରକ୍ଷଣ କାର୍ଯ୍ୟ ବର୍ତ୍ତମାନ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଏହା କ୍ଷତିଗ୍ରସ୍ତ ହେବାର ଭୟ ଦେଖାଦେଇଛି। ହର୍ମୁଜ ପ୍ରଣାଳୀ ଚୁକ୍ତିନାମା ଆମେରିକାର ବାଣିଜ୍ୟିକ କଟକଣା କୋହଳ କରିବା ଉପରେ ନିର୍ଭର କରୁଥିବା ବେଳେ, ମଧ୍ୟପ୍ରାଚ୍ୟ ଓ ଆଫ୍ରିକାରେ ଚାଲିଥିବା ଯୁଦ୍ଧ ବିଶ୍ୱ ଶକ୍ତି ଯୋଗାଣ ଏବଂ ଐତିହାସିକ ସମ୍ପଦ ପ୍ରତି ବଡ଼ ଆହ୍ୱାନ ସୃଷ୍ଟି କରିଛି।

## ପାକିସ୍ତାନର ଦୁଇଟି ରାଜ୍ୟରେ ବ୍ୟାପୁଛି ବିଦ୍ରୋହ

ଇସଲାମାବାଦ, ୬।୮(ଏଜେନ୍ସି): ପାକିସ୍ତାନ ନିଜର ୪ଟି ପ୍ରଦେଶ ମଧ୍ୟରୁ ୨ଟି ବଡ଼ ରାଜ୍ୟ ବେଲୁଚିସ୍ତାନ ଏବଂ ଖୈବର ପାଖତୁନଖ୍ୱା (କେପିକେ)ରେ ଗମ୍ଭୀର ଆଭ୍ୟନ୍ତରୀଣ ସୁରକ୍ଷା ସଙ୍କଟର ସାମ୍ନା କରୁଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଅଞ୍ଚଳଗୁଡ଼ିକରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଏବଂ ଇସଲାମୀୟ ଆତଙ୍କବାଦୀ ସଂଗଠନଗୁଡ଼ିକର ସକ୍ରିୟତା ବୃଦ୍ଧି ପାଇଛି, ଯାହା ଦେଶର ଶାସନ ବ୍ୟବସ୍ଥା ପ୍ରତି ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ପାକିସ୍ତାନର ସବୁଠାରୁ ବଡ଼ ଭୂଖଣ୍ଡ (ପ୍ରାୟ ୪୫ ପ୍ରତିଶତ) ଧାରଣ କରିଥିବା ବେଲୁଚିସ୍ତାନରେ



ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍ଏ) ଏବଂ ଅନ୍ୟାନ୍ୟ ସଶସ୍ତ୍ର ଗୋଷ୍ଠୀ ନିଜର ପ୍ରଭାବ ବୃଦ୍ଧି କରିଛନ୍ତି। କ୍ୱେଟା, ଖୁଜଦାର, ଏବଂ ମସ୍ତୁଙ୍ଗ ଭଳି ସହରଗୁଡ଼ିକରେ ପୋଲିସ ଷ୍ଟେସନ ଓ ସରକାରୀ କାର୍ଯ୍ୟାଳୟ ଉପରେ ଆକ୍ରମଣ ହେଉଛି। ଆଞ୍ଚଳିକ ଲୋକଙ୍କ ଅଭିଯୋଗ ଅନୁସାରେ, ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡୋର (ସିପିଇସି) ଏବଂ ଗ୍ୱାଦର ବନ୍ଦର ନିର୍ମାଣ ଯୋଗୁଁ ପ୍ରାକୃତିକ ସମ୍ପଦର ଶୋଷଣ ହେଉଛି। ଆଫଗାନିସ୍ତାନ ସୀମାନ୍ତରେ ଥିବା ଖୈବର ପାଖତୁନଖ୍ୱା ପ୍ରଦେଶରେ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ଅଧିକ ଶକ୍ତିଶାଳୀ ହୋଇଛି। ଆଫଗାନିସ୍ତାନରେ ତାଲିବାନ ସରକାର ଆସିବା ପରଠାରୁ ଏହି ଅଞ୍ଚଳରେ ଟିଟିପିର ସକ୍ରିୟତା ବଢ଼ିଛି ଓ ସୁରକ୍ଷା ସଙ୍କଟ ସୃଷ୍ଟି ହୋଇଛି। ଚଳିତ ବର୍ଷ ଟିଟିପି ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ୧୪୫ରୁ ଅଧିକ ଆକ୍ରମଣ କରିସାରିଛି, ଯେଉଁଥିରେ ୪୮ ଜଣ ସୈନିକ ପ୍ରାଣ ହରାଇଛନ୍ତି। ଡୁରାଣ୍ଡ ଲାଇନ (ସୀମାରେଖା) ନିକଟରେ ଥିବା ପ୍ରାୟ ୫୦ଟି ସୈନ୍ୟ ଚୌକିକୁ କ୍ରମାଗତ ଆକ୍ରମଣ ଭୟରେ ଖାଲି କରିବାକୁ ପଡ଼ିଛି। ଆଇଏସକେପି (ଇସଲାମିକ ଷ୍ଟେଟ୍ ଖୋରାସାନ ପ୍ରଦେଶ) ଏବଂ ଟିଟିପି ମଧ୍ୟରେ ବଢୁଥିବା ସହଯୋଗ ପାକିସ୍ତାନ ସେନା ପାଇଁ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଅନ୍ୟପଟେ, ପିଓକେରେ ଗଣତାନ୍ତ୍ରିକ ଅଧିକାର ଓ ସୁଶାସନ ଦାବିରେ ପ୍ରାୟ ୪୫ ଲକ୍ଷ ନାଗରିକଙ୍କ ଆନ୍ଦୋଳନ ଜାରି ରହିଛି। ପାକିସ୍ତାନ ସରକାର ପ୍ରାୟ ୧ ଲକ୍ଷ ସୈନ୍ୟ ମୁତୟନ କରିଛ। ବେଲୁଚିସ୍ତାନ ଓ କେପିକେରେ ସଶସ୍ତ୍ର ବିଦ୍ରୋହ ଏବଂ ପିଓକେରେ ଜନଆନ୍ଦୋଳନ ଯୋଗୁଁ ପାକିସ୍ତାନ ସରକାର ଓ ସେନା ଏକ ସମୟରେ ଅନେକ ଆଭ୍ୟନ୍ତରୀଣ ସଙ୍କଟର ସାମ୍ନା କରୁଛନ୍ତି, ଯାହା ଦେଶର ସ୍ଥିରତା ପ୍ରତି ଏକ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସେପ୍ଟେମ୍ବରରୁ ସିଜେପିର 'କ୍ୟା ବୋଲ୍‌ତି ପବ୍ଲିକ୍' ଅଭିଯାନ

ନୂଆଦିଲ୍ଲୀ, ୬।୮(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ଆସନ୍ତା ସେପ୍‌ଟେମ୍ବରରୁ ସାରାଦେଶରେ 'କ୍ୟା ବୋଲ୍‌ତି ପବ୍ଲିକ୍' ନାମରେ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଦେଶର ଯୁବବର୍ଗଙ୍କୁ ଏହି ଅଭିଯାନରେ ସାମିଲ ହେବା ପାଇଁ ପାର୍ଟିର ସଂସ୍ଥାପକ ଅଭିଜିତ୍ ଦିପ୍‌କେ ଆହ୍ୱାନ ଦେଇଛନ୍ତି।। ଛତ୍ରପତି ସମ୍ଭାଜୀନଗରରେ ଆୟୋଜିତ ଦୁଇଦିନିଆ କୋର କମିଟି ବୈଠକ ପରେ ଦିପ୍‌କେ ଗଣମାଧ୍ୟମକୁ କହିଛନ୍ତି ଯେ ଦିଲ୍ଲୀର ଜନ୍ତର ମନ୍ତରଠାରେ ହୋଇଥିବା ବିକ୍ଷୋଭରେ କେବଳ ଛାତ୍ରଛାତ୍ରୀ ନୁହନ୍ତି, ବରଂ ବହୁ ସଂଖ୍ୟାରେ ବେକାର ଯୁବକଯୁବତୀ ମଧ୍ୟ ଭାଗ ନେଇଥିଲେ। ଦେଶରେ ବେକାରୀ ସମସ୍ୟା ଆହ୍ୱାନ ପାଲଟିଥିବାରୁ ଏହାକୁ ନେଇ ସାରା ଦେଶରେ ସିଜେପି ସଚେତନତା ଓ ବିକ୍ଷୋଭ ସୃଷ୍ଟି କରିବ। ଦିପ୍‌କେ ସ୍ପଷ୍ଟ କରିଥିଲେ ଯେ ସିଜେପି ପ୍ରତ୍ୟକ୍ଷ ରାଜନୀତି କିମ୍ବା ନିର୍ବାଚନରେ ଭାଗ ନେବ ନାହିଁ। ଭାରତକୁ ଏବେ କୌଣସି ନୂଆ ରାଜନୈତିକ ଦଳ ନୁହେଁ, ବରଂ ଏକ ଶକ୍ତିଶାଳୀ ଚାପ ସୃଷ୍ଟିକାରୀ ଗୋଷ୍ଠୀର ଆବଶ୍ୟକତା ରହିଛି। ସୁପ୍ରିମକୋର୍ଟଙ୍କ ଶୁଣାଣି ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଯୁବବର୍ଗଙ୍କୁ 'କାକ୍ରୋଚ୍' (ଅସରପା) ବୋଲି ସମ୍ବୋଧନ କରିବା ପରେ ଆମେରିକାରେ ପଢୁଥିବା ଭାରତୀୟ ଛାତ୍ର ଅଭିଜିତ୍ ଏକ ବ୍ୟଙ୍ଗାତ୍ମକ ଅନଲାଇନ୍ ପ୍ରଚାର ଭାବେ 'କାକ୍ରୋଚ୍ ଜନତା ପାର୍ଟି' ଆରମ୍ଭ କରିଥିଲେ।




## କାର ଦୁର୍ଘଟଣାରେ ଗ୍ୟାଙ୍ଗଷ୍ଟର-ନେତା ଅତୀକଙ୍କ ପୁଅର ମୃତ୍ୟୁ



ଝାନ୍ସୀ, ୬।୮(ଏଜେନ୍ସି): ଉତ୍ତର ପ୍ରଦେଶର ଝାନ୍ସୀ ଜିଲ୍ଲାରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପୂର୍ବତନ ରାଜନେତା ତଥା ଗ୍ୟାଙ୍ଗଷ୍ଟର ଅତୀକ ଅହମ୍ମଦଙ୍କ ସାନ ପୁଅ ଆବାନଙ୍କ ମୃତ୍ୟୁ ଘଟିଛି। ଗାଡ଼ିଟି ୧୨୦ କିଲୋମିଟର ଗତିରେ ଯାଉଥିବା ସମୟରେ ନିୟନ୍ତ୍ରଣ ହରାଇ ସଡ଼କ ଡିଭାଇଡରା।ପିଟି ହୋଇଯିବାରୁ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଆବାନଙ୍କ ସହ ତାଙ୍କ ବନ୍ଧୁ ସୋନୁଙ୍କର ମଧ୍ୟ ପ୍ରାଣହାନି ଘଟିଛି। ଗାଡ଼ିରେ ମୋଟ ୫ ଜଣ ଯାତ୍ରୀ ପ୍ରୟାଗରାଜରୁ ଝାନ୍ସୀ ଆଡ଼କୁ ଯାଉଥିଲେ। ଦୁର୍ଘଟଣାରେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି, ଯାହାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଝାନ୍ସୀ ଆରକ୍ଷୀ ଅଧୀକ୍ଷକ କିହଛନ୍ତି ଯେ, ଗାଡ଼ିଟି ଅତ୍ୟନ୍ତ ତୀବ୍ର ଗତିରେ ଥିବାରୁ ଏହା ଅନିୟନ୍ତ୍ରିତ ହୋଇ ଡିଭାଇଡରରେ ପିଟି ହୋଇଯାଇଥିଲା। ମୃତ ଆବାନ ହେଉଛନ୍ତି ଅତୀକ ଅହମ୍ମଦଙ୍କ ୫ ଜଣ ପୁଅଙ୍କ ମଧ୍ୟରୁ ସବୁଠାରୁ ସାନ। ପୂର୍ବରୁ ଅତୀକ ଅହମ୍ମଦଙ୍କ ଅନ୍ୟ ଜଣେ ପୁଅ ଅସଦ ଏନକାଉଣ୍ଟରରେ ମୃତ୍ୟୁବରଣ କରିଥିବା ବେଳେ, ଅତୀକ ଓ ତାଙ୍କ ଭାଇଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା।

## ଟ୍ରମ୍ପଙ୍କ ହେଲିକପ୍ଟର ନିକଟତର ହେଲା ଯାତ୍ରୀ ବିମାନ

ନୂଆଦିଲ୍ଲୀ, ୬।୮(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାରୀ ହେଲିକପ୍ଟର 'ମେରିନ୍ ୱାନ୍' ନିକଟ ଦେଇ ଏକ ଯାତ୍ରୀବାହୀ ବିମାନ ଉଡ଼ାଣ ଭରିବା ପରେ ଏକ ବଡ଼ ସୁରକ୍ଷା ତ୍ରୁଟି ସାମ୍ନାକୁ ଆସିଛି। ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଆମେରିକାର ସଂଘୀୟ ବିମାନ ଚଳାଚଳ ପ୍ରାଧିକରଣ (ଏଫ୍ଏଏ) ଏକ ତଦନ୍ତ ନିର୍ଦ୍ଦେଶ ଦେଇଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୨:୩୦ ସମୟରେ ରାଷ୍ଟ୍ରପତି ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରୁ 'ମେରିନ୍ ୱାନ୍' ଯୋଗେ ଯାଉଥିବା ବେଳେ, ନିକଟସ୍ଥ ରୋନାଲ୍ଡ ରେଗାନ୍ ୱାଶିଂଟନ୍ ଜାତୀୟ ବିମାନବନ୍ଦରରୁ ଏକ ଯାତ୍ରୀବାହୀ ବିମାନ ଉଡ଼ାଣ ଭରିଥିଲା। ଉଭୟ ଆକାଶମାର୍ଗରେ ମାତ୍ର ୧.୩ କିଲୋମିଟର ପରସ୍ପରର ନିକଟତର ହୋଇଯାଇଥିଲେ। ପ୍ରାଥମିକ ତଦନ୍ତ ଅନୁସାରେ, ରାଷ୍ଟ୍ରପତି କୌଣସି ପ୍ରତ୍ୟକ୍ଷ ବିପଦରେ ନଥିଲେ ମଧ୍ୟ ସୁରକ୍ଷା ନିୟମାବଳୀର ଉଲ୍ଲଂଘନ ହୋଇଛି। ସାଧାରଣତଃ 'ମେରିନ୍ ୱାନ୍' ଉଡ଼ାଣ ଭରିବା ସମୟରେ ସମ୍ପୃକ୍ତ ବିମାନବନ୍ଦରରୁ ଅନ୍ୟ ସାଧାରଣ ବିମାନର ସେବା କିଛି ସମୟ ପାଇଁ ବନ୍ଦ ରଖାଯାଇଥାଏ। ମାତ୍ର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ (ଏସିଟି)ର ତ୍ରୁଟି ହେତୁ ଏହି ନିୟମ ପାଳନ କରାଯାଇନଥିଲା। ହେଲିକପ୍ଟରର ଚାଳକ କଣ୍ଟ୍ରୋଲ ଟାୱାରକୁ ପୂର୍ବରୁ ସୂଚନା ଦେଇଥିଲେ ମଧ୍ୟ ସଠିକ୍ ଯୋଗାଯୋଗ ହୋଇପାରିନଥିଲା। ୨୦୨୫ ଜାନୁଆରୀ ୨୯ରେ ବିମାନ ଏବଂ ହେଲିକପ୍ଟର ମଧ୍ୟରେ ଧକ୍କା ହୋଇ ୬୭ ଜଣଙ୍କ ମୃତ୍ୟୁ ଘଟିବା ପରେ ସୁରକ୍ଷା ନିୟମକୁ ଅଧିକ କଡ଼ାକଡ଼ି କରାଯାଇଥିଲା। ଏହି ନୂତନ ସୁରକ୍ଷା ତ୍ରୁଟି ପରେ କଣ୍ଟ୍ରୋଲ ଟାୱାରର ଅବହେଳାକୁ ନେଇ ପ୍ରାଧିକରଣ ତଦନ୍ତ ପ୍ରକ୍ରିୟା ଜୋରଦାର କରିଛି।



ଜନ୍ମମାଟିରେ ସୁଶାନ୍ତ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି

# ସେବା ଓ ପ୍ରତିବଦ୍ଧତା ପାଇଁ ସୁଶାନ୍ତ ସ୍ମରଣୀୟ ହୋଇରହିବେ: ନବୀନ






- ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବରିଷ୍ଠ ନେତା ଓ ହଜାର ହଜାର କର୍ମୀଙ୍କ ଯୋଗଦାନ
- ସମ୍ବଲପୁରୀ ଭାଷାରେ ଶ୍ରଦ୍ଧାସୁମନ ଅର୍ପଣ କଲେ ଦଳୀୟ ନେତ୍ରୀ ସୁଜାତା ରାଉତ
- ରକ୍ତଦାନ ଶିବିରରେ ୪୧୪ ୟୁନିଟ୍ ରକ୍ତ ସଂଗ୍ରହ, ସ୍ମୃତି ପୁସ୍ତିକା ଉନ୍ମୋଚିତ

ସୋହେଲା, ୬।୮ (ସମିସ): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁଶାନ୍ତ ସିଂଙ୍କ ଦ୍ୱାଦଶାହ ଅବସରରେ ସୋହେଲା ନିକଟସ୍ଥ ହଳଦିପାଲି ପଡ଼ିଆରେ ଗୁରୁବାର ଏକ ରାଜ୍ୟସ୍ତରୀୟ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରରୁ ହଜାର ହଜାର ନେତା, କର୍ମୀ ଓ ସୁଶାନ୍ତ ସିଂଙ୍କ ଅନୁଗାମୀ ଯୋଗଦେଇ ତାଙ୍କ ପ୍ରିୟ ନେତାଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବରଗଡ଼ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ସୁବ୍ରତ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପାଠ କରିଛନ୍ତି।

ନବୀନ ପଟ୍ଟନାୟକ ତାଙ୍କ ବାର୍ତ୍ତାରେ କହିଥିଲେ ଯେ, ସାଧାରଣ ଜୀବନ ସର୍ବଦା ଆହ୍ୱାନପୂର୍ଣ୍ଣ ହୋଇଥାଏ। ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବା ହିଁ ଜଣେ ସଫଳ ଜନପ୍ରତିନିଧିଙ୍କ ପରିଚୟ। ସ୍ୱର୍ଗତ ସୁଶାନ୍ତ ସିଂ ଦୃଢ଼ ନେତୃତ୍ୱ, ସାଙ୍ଗଠନିକ ଦକ୍ଷତା, ସରଳ ଜୀବନ, ସମର୍ପିତ ସେବା ଓ ଲୋକଙ୍କ ପ୍ରତି ଅବିଚଳ ପ୍ରତିବଦ୍ଧତା ପାଇଁ ସବୁବେଳେ ସ୍ମରଣୀୟ ରହିବେ। ତୃଣମୂଳ ସ୍ତରରେ ତାଙ୍କର ଦୃଢ଼ ସମ୍ପର୍କ ବିଜୁ ଜନତା ଦଳକୁ ସୁଦୃଢ଼ କରିଥିଲା। ବିଧାୟକ ଓ ମନ୍ତ୍ରୀ ଭାବେ ତାଙ୍କର କାର୍ଯ୍ୟଦକ୍ଷତା ଉଚ୍ଚକୋଟୀର ଥିଲା। ତାଙ୍କର ଅମାୟିକ ବ୍ୟବହାର ଯୋଗୁଁ ସେ ସର୍ବସ୍ତରରେ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ତାଙ୍କର ଅକାଳ ବିୟୋଗ ବିଜୁ ଜନତା ଦଳ ତଥା ସମଗ୍ର ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ଉଲ୍ଲେଖ କରି ସୁଶାନ୍ତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ନବୀନ।

ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ବିଜେଡି ନେତ୍ରୀ ସୁଜାତା ରାଉତ ସମ୍ବଲପୁରୀ ଭାଷାରେ ସୁଶାନ୍ତଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କହିଥିଲେ ଯେ ସୁଶାନ୍ତ ସିଂ କେବଳ ଜଣେ ରାଜନେତା ନ ଥିଲେ; ସେ ଏହି ମାଟିର ଗର୍ବ ଏବଂ ସାଧାରଣ ଲୋକଙ୍କର ପ୍ରକୃତ ବନ୍ଧୁ ଥିଲେ। ତାଙ୍କ ଘରର ଦ୍ୱାର ସର୍ବଦା ସାଧାରଣ ଲୋକଙ୍କ ପାଇଁ ଖୋଲା ରହୁଥିଲା। ଦିନ ହେଉ କି ରାତି, ଯେ କେହି ତାଙ୍କ ପାଖକୁ ଆସୁଥିଲେ, ସେ କେବେ ନିରାଶ ହୋଇ ଫେରୁନଥିଲେ। ତାଙ୍କର ଦୂରଦର୍ଶିତା, ପରିଶ୍ରମ ଓ ଲୋକସେବା ମନୋଭାବ ତାଙ୍କୁ ସମସ୍ତଙ୍କ ପ୍ରିୟପାତ୍ର କରିଥିଲା। ତାଙ୍କର ବିୟୋଗ କେବଳ ଏହି ଅଞ୍ଚଳ ନୁହେଁ, ସମଗ୍ର ଓଡ଼ିଶା ପାଇଁ ଏକ ବିରାଟ କ୍ଷତି ବୋଲି ସେ କହିଥିଲେ। ତାଙ୍କ ଆଦର୍ଶକୁ ଅନୁସରଣ କରି ଲୋକସେବା କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ସେ କହିଥିଲେ।

ଶ୍ରଦ୍ଧାଞ୍ଜଳି ସଭାରେ ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ପିସିସି ସଭାପତି ଭକ୍ତ ଚରଣ ଦାସ, ସ୍ନେହାଙ୍ଗିନୀ ଛୁରିଆ, ନିରଞ୍ଜନ ପୂଜାରୀ, ଦେବେଶ ଆଚାର୍ଯ୍ୟ, ପ୍ରୀତିରଞ୍ଜନ ଘଡ଼ାଇ, ପ୍ରଦୀପ ଅମାତ, ଦିବ୍ୟଶଙ୍କର ମିଶ୍ର, ପଦ୍ମଶ୍ରୀ ହଳଧର ନାଗ, କଳିକେଶ ସିଂ ଦେଓ, ଟୁକୁନି ସାହୁ, ସୁରେଶ ରାଉତରାୟ, ସୁବ୍ରତ ତରାଇ, ପୁଷ୍ପେନ୍ଦ୍ର ସିଂହଦେଓ, ରାଜଶ୍ରୀ ମଲ୍ଲିକ, ଅଧିରାଜ ପାଣିଗ୍ରାହୀ, ଦେବେନ୍ଦ୍ର ସାହୁ, ଆକାଶ ପଣ୍ଡା, ଗୋପାଳ ଚନ୍ଦ୍ର ଅଗ୍ରୱାଲ, କୀର୍ତ୍ତିଚନ୍ଦ୍ର ଦୂଆନ୍, ରାଜେନ୍ଦ୍ର ପ୍ରସାଦ ହୋତା, ସୁରେନ୍ଦ୍ର ନାଏକଙ୍କ ସମେତ ବହୁ ବିଧାୟକ, ପୂର୍ବତନ ବିଧାୟକ, ଜନପ୍ରତିନିଧି ଓ ବିଭିନ୍ନ ଦଳର ନେତାମାନେ ଉପସ୍ଥିତ ରହି ସ୍ୱର୍ଗତ ସୁଶାନ୍ତ ସିଂଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୪୧୪ ଜଣ ରକ୍ତଦାନ କରିଥିଲେ। ସେହିପରି ସ୍ୱର୍ଗତ ସୁଶାନ୍ତ ସିଂଙ୍କ ସ୍ମୃତିରେ 'ସ୍ମୃତିରେ ସୁଶାନ୍ତ' ଶୀର୍ଷକ ଏକ ସ୍ମାରକ ପୁସ୍ତିକା ଉନ୍‌ମୋଚନ କରାଯାଇଥିଲା।

## ମା' ସମଲେଇଙ୍କୁ ଦର୍ଶନ କଲେ ସୁଜାତା



ସମ୍ବଲପୁର, ୬।୮ (ସମିସ): ସମ୍ବଲପୁର ସ୍ଥିତ ମା' ସମଲେଶ୍ୱରୀଙ୍କୁ ଆଜି ସକାଳୁ ଦର୍ଶନ କରିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ। ଏ ସମ୍ପର୍କରେ ସେ ନିଜେ ସାମାଜିକ ଗଣମାଧ୍ୟମରେ ମଧ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଶତାବ୍ଦୀ ଧରି ମା' ସମଲେଶ୍ୱରୀ ପଶ୍ଚିମ ଓଡ଼ିଶାର ଆସ୍ଥା, ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ ହୋଇ ରହିଆସିଛନ୍ତି। ଆଜି ମା'ଙ୍କ ପବିତ୍ର ଦର୍ଶନ କରି ଆଶୀର୍ବାଦ ଲାଭ କରିବା ଏକ ଅତ୍ୟନ୍ତ ଭାବପ୍ରବଣ ଓ ନମ୍ରତାର ଅନୁଭୂତି ଥିଲା। ସୁନ୍ଦର ଭାବେ ବିକଶିତ ମନ୍ଦିର ପରିସର ଓ ପବିତ୍ର ପରିବେଶ ଆମ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟର ସଂରକ୍ଷଣ ପ୍ରତି ଆମର ସାମୂହିକ ସଙ୍କଳ୍ପକୁ ପ୍ରତିଫଳିତ କରେ ବୋଲି ସେ କହିଛନ୍ତି। ଆଜି ସୋହେଲାଠାରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଦ୍ୱାଦଶାହରେ ଯୋଗଦେବା ନିମନ୍ତେ ଗତକାଲି ରାତିରେ ସୁଜାତା ସମ୍ବଲପୁରରେ ପହଞ୍ଚିଥିଲେ। ସମ୍ବଲପୁର ବିଜେଡି ପକ୍ଷରୁ ଶତାଧିକ କର୍ମୀ ଓ ନେତା ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଦଳକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା ସହ ଆଗାମୀ ନିର୍ବାଚନଗୁଡ଼ିକରେ ଭଲ ପ୍ରଦର୍ଶନ ନିମନ୍ତେ ଆମେମାନେ ମିଳିମିଶି ଏକାଠି କାମ କରିବା ଓ ପୁଣିଥରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ବୋଲି ସେ କହିଥିଲେ। ଏହି ଅବସରରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ସତ୍ୟେନ୍ଦ୍ର ଦାଶ, ବିକାଶ କ୍ଷେତି ପ୍ରମୁଖ ଉପସ୍ଥିତ ଥିଲେ।

ସାନଟେମରା ସରକାରୀ ବିଦ୍ୟାଳୟରେ ଅବ୍ୟବସ୍ଥା

# ହଷ୍ଟେଲ ଛାଡ଼ି ପଳାଇଲେ ଶତାଧିକ ଛାତ୍ର

- ୩ ଶ୍ରେଣୀ ଗୃହରେ ରହୁଛନ୍ତି ୧୪୦ ଅନ୍ତେବାସୀ
- ଶୌଚ ପାଇଁ ୧କିମି ଦୂର ନାଳ ଉପରେ ଭରସା
- ମିଳୁଛି ନିମ୍ନମାନର ଖାଦ୍ୟ



ନବରଙ୍ଗପୁର/ଝରିଗାଁ, ୬।୮ (ସମିସ): ସରକାର କେଜିରୁ ପିଜି ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ଶିକ୍ଷା ପ୍ରଦାନ ପାଇଁ ଗୁରୁତ୍ୱ ଦେଉଥିବା ବେଳେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସାନଟେମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି। ଭିତ୍ତିଭୂମି ଅଭାବ ସହ ଛାତ୍ରଙ୍କୁ ନିମ୍ନମାନର ଖାଦ୍ୟ ଦିଆ ଯାଉଥିବା ଯୋଗୁଁ ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ପ୍ରାୟ୧୪୦ ଛାତ୍ର ଅସନ୍ତୁଷ୍ଟ ହୋଇ ହଷ୍ଟେଲ ଛାଡ଼ି ପଳାଇଥିଲେ। ବିଦ୍ୟାଳୟକୁ ଶିକ୍ଷକ ଆସିବା ପୂର୍ବରୁ ସକାଳ ପ୍ରାୟ ୯ ଟାରୁ ହାତରେ ବ୍ୟାଗ୍ ଧରି ଘର ମୁହାଁ ହୋଇଥିଲେ। ଖବର ପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣା, ଏବିଇଓ ଦଶରଥ ଗଣ୍ଡ, ସିଆର୍‌ସିସି ପଦାରବିନ୍ଦ ମହଲିକ, ଡବ୍ଲୁଇଓ ଅମିତ୍ କୁମାର ନାୟକ ପ୍ରମୁଖ ଛାତ୍ରାବାସରୁ ବାହାରିଥିବା ଛାତ୍ରମାନଙ୍କୁ ଅଧରାସ୍ତାରେ ବୁଝାସୁଝା କରିଥିଲେ। ବିଦ୍ୟାଳୟ ଠାରୁ ପ୍ରାୟ ୧୦ କିମି ଦୂର ଦୁକାଲୁପଡା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ସେମାନଙ୍କୁ ସମସ୍ତ ଶିକ୍ଷକଙ୍କ ସହଯୋଗରେ ଅଟକ ରଖାଯାଇ ଭାତ ଡାଲମା ଖାଇବାକୁ ଦିଆଯାଇଥିଲା।

ସୂଚନାଯୋଗ୍ୟ, ସାନଟେମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଥମରୁ ଦଶମ ଶ୍ରେଣୀରେ ୩ ଶହ ୬୧ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ୨୦୧୭ ମସିହାରେ ଶ୍ରେଣୀ ଗୃହରେ ଏକ ଛାତ୍ରାବାସ ଖୋଲାଯାଇଥିଲା। ୨ଶହ ବିଶିଷ୍ଟ ଏହି ଛାତ୍ରାବାସରେ ଜିଲ୍ଲାର ଝରିଗାଁ, ଉମରକୋଟ, ରାଇଘର, ପାପଡାହାଣ୍ଡି ଆଦି ବ୍ଲକରୁ ପ୍ରାୟ ୧୪୦ ଛାତ୍ର ବହୁ ଅସୁବିଧାରେ ରହୁଛନ୍ତି। ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଅନ୍ତେବାସୀ ଅଭିଯୋଗ କରିଛନ୍ତି। ଭଙ୍ଗା ପାଇଖାନା ଗୃହ ସହ ଶୌଚାଳୟର ଅଭାବ ରହିଥିବାରୁ ସେମାନେ ଶୌଚ ପାଇଁ ବିଦ୍ୟାଳୟ ଠାରୁ ପ୍ରାୟ ୧ କିମି ଦୂରରେ ରହିଥିବା ଏକ ନାଳ ଉପରେ ଭରସା କରୁଛନ୍ତି। ପିଲାଙ୍କ ପାଇଁ ଯେଉଁ ସବୁ ଖେଳଣା ଯଥା ଫୁଟବଲ ଓ ଅନ୍ୟ ଜିନିଷପତ୍ର ରହିଛି ତାକୁ ପ୍ରଧାନ ଶିକ୍ଷୟିତ୍ରୀ ଛୁଇଁବାକୁ ଦେଉ ନଥିବା ଅଭିଯୋଗ ହେଉଛି। ତେବେ ପ୍ରଧାନ ଶିକ୍ଷୟିତ୍ରୀ ଏହାକୁ ଅସ୍ୱୀକାର କରିବା ସହ ଏ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି। ବ୍ଲକ୍ ପ୍ରଶାସନ ତଥା ଜିଲ୍ଲା ପ୍ରଶାସନ ସାନଟେମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମିର ସମସ୍ୟା ନେଇ ଜାଣିଥିଲେ ମଧ୍ୟ ଆନ୍ତରିକତା ଅଭାବ ଯୋଗୁଁ ଏଭଳି ଘଟଣା ଘଟିଥିବା କୁହାଯାଉଛି।

## ବଡ଼ସିମୁଳିଆ ଏସ୍‌ଏସ୍‌ଡି ବାଳିକା ବିଦ୍ୟାଳୟ ହଷ୍ଟେଲରେ ଝାଡ଼ାବାନ୍ତି

କପ୍ତିପଦା, ୬।୮ (ସମିସ): କପ୍ତିପଦା ବ୍ଲକ ବଡ଼ସିମୁଳିଆ ଏସ୍‌ଏସ୍‌ଡି ବାଳିକା ଉଚ୍ଚବିଦ୍ୟାଳୟ ହଷ୍ଟେଲରେ ଝାଡ଼ବାନ୍ତି ବ୍ୟାପିଛି। ଉକ୍ତ ହଷ୍ଟେଲର ୧୯ ଜଣ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗତକାଲି ରାତିରେ ୨୭୫ ଶଯ୍ୟା ବିଶିଷ୍ଟ

### ୧୯ ଜଣ ଛାତ୍ରୀ ମେଡିକାଲରେ ଭର୍ତ୍ତି



ଏସଏସଡି ହଷ୍ଟେଲରେ ଛାତ୍ରୀଙ୍କୁ ମାଛ ଓ ଭାତ ଖାଇବାକୁ ଦିଆଯାଇଥିଲା। ତେବେ ପିଲାଙ୍କ ପେଟରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଆଜି ସେମାନଙ୍କର ବାନ୍ତି ହେବା ସହିତ ଝାଡ଼ା ହୋଇଥିଲା। ଯଦ୍ୱାରା ଛାତ୍ରୀମାନେ ଗୁରୁତର ହୋଇପଡ଼ିଥିଲେ। ଗୁରୁତର ଛାତ୍ରୀଙ୍କୁ ଚିକିତ୍ସା ନିମନ୍ତେ କପ୍ତିପଦା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଏବେ ୧୯ରୁ ଅଧିକ ଅନ୍ତେବାସୀ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। କପ୍ତିପଦାରୁ ଏକ ମେଡିକାଲ ଟିମ୍ ବିଦ୍ୟାଳୟରେ ପହଞ୍ଚି ସମସ୍ତ ଅନ୍ତେବାସିନୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରୁଛନ୍ତି। ତେବେ କେଉଁ କାରଣରୁ ଝାଡ଼ାବାନ୍ତି ବ୍ୟାପିଲା, ତାହାର କାରଣ ଖୋଜାଯାଉଛି। ଖାଦ୍ୟରେ ଅନିୟମିତତା ନା ଅନ୍ୟ କ'ଣ କାରଣ ରହିଛି, ତାହାର ଯାଞ୍ଚ କରାଯାଉଛି।


## ରାଜ୍ୟରେ ୨୦୨୧ରୁ ୨୦୨୩ ମଧ୍ୟରେ ଜଙ୍ଗଲ ବଢ଼ିଛି ୧୫୨ ବର୍ଗ କିଲୋମିଟର

ଗତ ୫ ବର୍ଷରେ କେନ୍ଦ୍ର ଦେଇଛି ମାତ୍ର ୧୧୩ କୋଟି ଆର୍ଥିକ ସହାୟତା

ନୂଆଦିଲ୍ଲୀ/ଭୁବନେଶ୍ୱର, ୬।୮ (ସମିସ): ଗତ ୨୦୨୧ରୁ ୨୦୨୩ ମସିହା ମଧ୍ୟରେ ଓଡ଼ିଶାରେ ପ୍ରାୟ ୧୫୨ ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧି ପାଇଛି। ରାଜ୍ୟସଭାରେ ବିଜେଡି ସାଂସଦ ମାନସ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଏହି ସୂଚନା ଦେଇଛନ୍ତି। ତେବେ ବିଡ଼ମ୍ବନା ହେଉଛି ଗତ ୫ ବର୍ଷ ମଧ୍ୟରେ ଓଡ଼ିଶାକୁ ଜଙ୍ଗଲ ବୃଦ୍ଧି ନିମନ୍ତେ ମାତ୍ର ୧୧୩ କୋଟି ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରିଥିବା ମନ୍ତ୍ରୀ ମଧ୍ୟ ଏହି ଅବସରରେ ସ୍ୱୀକାର କରିଛନ୍ତି। ଅର୍ଥାତ୍ ଜଙ୍ଗଲ ବୃଦ୍ଧି ନିମନ୍ତେ ଗତ ୫ ବର୍ଷରେ ଓଡ଼ିଶା ବାର୍ଷିକ ହାରାହାରି ୨୨.୬ କୋଟି ଟଙ୍କା ଆର୍ଥିକ ସହାୟତା ପାଇଛି।

ମନ୍ତ୍ରୀ କହିଛନ୍ତି ଯେ ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ୨୦୨୩ ଅନୁସାରେ ଓଡ଼ିଶାରେ ମୋଟ ଜଙ୍ଗଲ ଆବରଣ ୫୨,୪୩୩.୫୬ ବର୍ଗ କିଲୋମିଟରରେ ପହଞ୍ଚିଛି। ୨୦୨୧ ରିପୋର୍ଟ ତୁଳନାରେ ରାଜ୍ୟର ଜଙ୍ଗଲ ପରିମାଣ ୧୫୧.୮୯ ବର୍ଗ କିଲୋମିଟର ବୃଦ୍ଧି ପାଇଛି। ଡ଼େରାଡୁନସ୍ଥିତ ବନ ସର୍ବେକ୍ଷଣ ସଂସ୍ଥା (ଏଫ୍‌ଏସ୍‌ଆଇ) ପ୍ରତି ଦୁଇ ବର୍ଷରେ ଉପଗ୍ରହ ଚିତ୍ର, ଜାତୀୟ ବନ ତାଲିକା ଆଧାରରେ ଦେଶର ଜଙ୍ଗଲ ଆବରଣର ଆକଳନ କରିଥାଏ। ସେହି ଆକଳନ ଅନୁଯାୟୀ ଓଡ଼ିଶା ଦେଶର ଅନ୍ୟତମ ବୃହତ୍ ବନାଞ୍ଚଳ ରାଜ୍ୟ ଭାବେ ନିଜ ସ୍ଥାନ ବଜାୟ ରଖିଛି। ଗତ ପାଞ୍ଚ ଆର୍ଥିକ ବର୍ଷ ମଧ୍ୟରେ ଓଡ଼ିଶାରେ ବନୀକରଣ ଓ ବନ ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ଅଧୀନରେ ୧୧୩.୨୬ କୋଟି ଟଙ୍କାରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିରେ ଗ୍ରୀନ୍ ଇଣ୍ଡିଆ ମିଶନ ଅଧୀନରେ ୩୮.୮୧ କୋଟି ଟଙ୍କା, ବନ୍ୟପ୍ରାଣୀ ବାସସ୍ଥଳୀ ବିକାଶ ଯୋଜନା ପାଇଁ ୩୮.୬୬ କୋଟି ଟଙ୍କା, ଫରେଷ୍ଟ ଫାୟାର ପ୍ରିଭେନ୍ସନ୍ ଆଣ୍ଡ ମ୍ୟାନେଜମେଣ୍ଟ ଯୋଜନାରେ ୧୬.୩୮ କୋଟି ଟଙ୍କା, ମିଷ୍ଟି ଯୋଜନାରେ ୭୦ ଲକ୍ଷ ଟଙ୍କା ଏବଂ ନଗର ବନ ଯୋଜନା ପାଇଁ ୧୮.୭୧ କୋଟି ଟଙ୍କା ସାମିଲ ରହିଛି। ଏହି ଯୋଜନାଗୁଡ଼ିକ ଅଧୀନରେ ବ୍ୟାପକ ବୃକ୍ଷରୋପଣ, ବନ୍ୟପ୍ରାଣୀ ବାସସ୍ଥଳୀର ଉନ୍ନତି, ଜଙ୍ଗଲରେ ଅଗ୍ନିକାଣ୍ଡ ରୋକିବା ଓ ପରିଚାଳନା, ଉପକୂଳ ଅଞ୍ଚଳରେ ମ୍ୟାଙ୍ଗ୍ରୋଭ୍ ବୃକ୍ଷରୋପଣ, ସହରାଞ୍ଚଳରେ ନଗର ବନର ବିକାଶ, ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ ସହ ଇକୋ-ଡେଭେଲପମେଣ୍ଟ ଭଳି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## କାଠ ଫାଳିଆରେ ପିଟି ପୁଅକୁ ହତ୍ୟାକଲା ବାପା



କଳମପୁର, ୬।୮ (ସମିସ): କଳାହାଣ୍ଡି ଜିଲ୍ଲା କଳମପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହରୁ ବାପାର କାଠ ପାଳିଆରେ ପୁଅର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, କଳମପୁର ଥାନା ଅଧୀନ ନୁଆଗୁଡ଼ା ଗ୍ରାମର ମାନସିଂ ଗହିର ଓ ପୁଅ ଆଲୋକ ରଞ୍ଜନ ଗହିରଙ୍କ ମଧ୍ୟରେ ବୁଧବାର ରାତିରେ କୌଣସି କାରଣବଶତଃ ବଚସା ହୋଇଥିଲା। ଏଥିରେ ରାଗିଯାଇ ବାପା ମାନସିଂ ଏକ କାଠ ଫାଳିଆରେ ପୁଅ ଆଲୋକକୁ ଆକ୍ରମଣ କରିଥିଲା। ଫଳରେ ଆଲୋକ ସେହିଠାରେ ଟଳିପଡ଼ିଥିଲା। ଗୁରୁତର ଅବସ୍ଥାରେ ଆଲୋକଙ୍କୁ ବଡ଼ଭାଇ ଦୀପକ ଗହିର ପଡ଼ୋଶୀ ମିଶି କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଆଶୁତୋଷ ପରିଡ଼ା ଆଲୋକକୁ ମୃତ ଘୋଷଣା କରିଥିଲେ। ସୂଚନାପାଇ କଳମପୁର ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ଅଭିଯୁକ୍ତ ମାନସିଂଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା। ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ସହିତ ଆଲୋକ ରଞ୍ଜନ ପଡିଯାଇଥିବା ସ୍ଥାନର ରକ୍ତଛିଟା ସଂଗ୍ରହ କରିଥିଲା। ମାମଲା ରୁଜୁ ହେବାପରେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ଆଜି ଅପରାହ୍ନରେ ଅଭିଯୁକ୍ତ ମାନସିଂଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। କଳମପୁର ଥାନା ଅଧିକାରୀ ସୁନିଲୋ କଣ୍ଡାଗୋରି ତଦନ୍ତ କରୁଛନ୍ତି।

ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬

## ୫୮.୩୬ ଲକ୍ଷ ଲୋକଙ୍କୁ ନୋଟିସ

- ୩୦.୧୧ ଲକ୍ଷଙ୍କର ସରିଲାଣି ଶୁଣାଣି
- ଆସନ୍ତା ୧୯ ଯାଏଁ କରିହେବ ଆବେଦନ

ଭୁବନେଶ୍ୱର, ୬।୮ (ସମିସ): ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)-୨୦୨୬ ପ୍ରକ୍ରିୟା ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟବ୍ୟାପୀ ଲୋକଙ୍କଠାରୁ ଦାବି, ଆପତ୍ତି ଓ ଶୁଣାଣି ପ୍ରକ୍ରିୟା ଜୋରଦାର ଜାରି ରହିଥିବା ବେଳେ ଆସନ୍ତା ଅଗଷ୍ଟ ୧୯ ତାରିଖ ଯାଏଁ ଜାରି ରହିବ। ଗୁରୁବାର ସୁଦ୍ଧା ମୋଟ ୫୮ ଲକ୍ଷ ୩୬ ହଜାର ୪୩୦ ଜଣ ଭୋଟରଙ୍କ ନାମରେ ନୋଟିସ ଜାରି କରାଯାଇଛି। ସେଥିମଧ୍ୟରୁ ୫୭ ଲକ୍ଷ ୭୭ହଜାର ୫୬୫ଜଣ ଭୋଟରଙ୍କୁ ସଫଳତାର ସହ ନୋଟିସ ପ୍ରଦାନ କରାଯାଇଛି। ଅନ୍ୟପଟେ ନୋଟିସ ପାଇଥିବା ଭୋଟରଙ୍କ ମଧ୍ୟରୁ ୩୦ଲକ୍ଷ ୧୧ ହଜାର ୫୮୭ ଜଣଙ୍କର ଶୁଣାଣି କାର୍ଯ୍ୟ ଶେଷ ହୋଇଛି। ଏବେ ସୁଦ୍ଧା ନୋଟିସ ପ୍ରଦାନ କରାଯାଇଥିବା ଭୋଟରମାନଙ୍କ ଆବଶ୍ୟକୀୟ ତଥ୍ୟ ଅଭାବରୁ ୧୨ ହଜାର ୫୭୨ ଜଣ ଭୋଟରଙ୍କୁ ଚୂଡ଼ାନ୍ତ ତାଲିକାରେ ସାମିଲ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି। ସେହିପରି ନୂତନ ନାମ ପଞ୍ଜିକରଣ ପାଇଁ ଫର୍ମ-୬ ଜରିଆରେ ୧,୮୧,୭୭୦ ଜଣ ଆବେଦନ କରିଛନ୍ତି। ଭୋଟର ତାଲିକାରୁ ଗୋଟିଏ ସ୍ଥାନରେ ନାମ ରଖି ଅନ୍ୟ ସ୍ଥାନରେ ନାମ ହଟାଇବା ପାଇଁ ଫର୍ମ-୭ରେ ୩୭,୨୬୫ଟି ଆବେଦନ ଦାଖଲ ହୋଇଛି। ଭୋଟରଙ୍କ ନାମ, ଠିକଣା କିମ୍ବା ଅନ୍ୟାନ୍ୟ ସଂଶୋଧନ ଓ ପରିବାରର ସଦସ୍ୟଙ୍କ ନାମ ଏକତ୍ର ଗୋଟିଏ ସ୍ଥାନରେ ରଖିବା ପାଇଁ ଫର୍ମ-୮ ରେ ୧,୬୩,୪୨୪ ଜଣ ଭୋଟର ଆବେଦନ କରିଛନ୍ତି। ସେହିପରି ରାଜ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ନିର୍ବାଚନମଣ୍ଡଳୀ ଓ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଶତପ୍ରତିଶତ ନୋଟିସ ପ୍ରଦାନ କରି ତାହାର ଶତପ୍ରତିଶତ ଶୁଣାଣି ଶେଷକରି ସର୍ବାଗ୍ରେ ରହିଛନ୍ତି। ସମସ୍ତ ଯୋଗ୍ୟ ନାଗରିକମାନଙ୍କୁ ଅଗଷ୍ଟ ୧୯ ମଧ୍ୟରେ ନିଜର ଦାବି କିମ୍ବା ଆପତ୍ତି ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ ନିବେଦନ କରିଛନ୍ତି।

# ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମାକୁ କାଟିବେ ସରକାର

ସ୍ୱତନ୍ତ୍ର ବୀମା ବଦଳରେ ଧରାଇବେ ଆୟୁଷ୍ମାନ୍ କାର୍ଡ

- ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବିଜେଡି ଦେଇଥିଲା ୫ ଲକ୍ଷ ବୀମା
- ସରକାରଙ୍କ ଗୁପ୍ତ ନିଷ୍ପତ୍ତି ବିରୋଧରେ ମେଳି ବାନ୍ଧୁଛନ୍ତି ସାମ୍ବାଦିକ

ଭୁବନେଶ୍ୱର, ୬।୮ (ସମିସ): କାର୍ଯ୍ୟରତ ସାମ୍ବାଦିକ ଓ ସେମାନଙ୍କ ପରିବାର ପାଇଁ ପୂର୍ବ ସରକାର ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେଇଥିଲେ। ୨୦୧୮ ମସିହାରେ ଆରମ୍ଭ ହୋଇଥିବା ଏହି ଯୋଜନାରେ କାର୍ଯ୍ୟରତ ସାମ୍ବାଦିକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ମିଳୁଥିଲା। ହେଲେ ରାଜ୍ୟରେ ବିଜେପି ସରକାର ଗଠନ ୨ ବର୍ଷ ପରେ ଏବେ ଏହି ଯୋଜନାକୁ ସମାଧି ଦେବାକୁ ସରକାରୀ ପ୍ରୟାସ ଆରମ୍ଭ ହୋଇଛଇ। ସାମ୍ବାଦିକମାନଙ୍କୁ ମିଳୁଥିବା ସ୍ୱତନ୍ତ୍ର ବୀମା ବଦଳରେ ନୂଆ ସରକାର ଆୟୁଷ୍ମାନ ଭାରତ ଯୋଜନାରେ ବିଲୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ ଏହି ଗୁପ୍ତ ନିଷ୍ପତ୍ତି ସମ୍ପର୍କରେ ଜଣାପଡ଼ିବା ପରେ ଏହାକୁ ନେଇ ରାଜ୍ୟବ୍ୟାପୀ ସାମ୍ବାଦିକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏମିତିକି ପୂର୍ବବତ ଏହି ସ୍ୱତନ୍ତ୍ର ବୀମା ଯୋଗାଇ ନ ଦିଆଗଲେ ସାରା ରାଜ୍ୟରେ ସାମ୍ବାଦିକଙ୍କ ବଡ଼ ଆନ୍ଦୋଳନ ହେବ ବୋଲି ସାମ୍ବାଦିକ ସଂଘ ଚେତାବନୀ ଦେଇଛି।

ରାଜ୍ୟ ସରକାରଙ୍କ ଏହି ଷଡ଼ଯନ୍ତ୍ର ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ମନ୍ତବ୍ୟ ମଧ୍ୟ ଏହି ଚର୍ଚ୍ଚାକୁ ଆହୁରି ଖୋରାକ୍ ଯୋଗାଇଛି। ମନ୍ତ୍ରୀ ଆଜି କହିଛନ୍ତି, ଆୟୁଷ୍ମାନ ଯୋଜନାରେ ସାମ୍ବାଦିକଙ୍କୁ ସାମିଲ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଗତ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ସ୍ୱାସ୍ଥ୍ୟ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହ ବୈଠକ ବସିଥିଲା। ଏଥିରେ ସାମ୍ବାଦିକଙ୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସାମ୍ବାଦିକଙ୍କ ସ୍ୱାସ୍ଥ୍ୟକୁ ନେଇ ସରକାର ଦାୟିତ୍ୱବାନ ଅଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ସୂଚନା ଥାଉ କି ରାଜ୍ୟର ପ୍ରାୟ ୮ ହଜାର ୭୧୭ କାର୍ଯ୍ୟରତ ସାମ୍ବାଦିକ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ ଅଛନ୍ତି। ୨୦୧୮ ମସିହାରୁ ଆରମ୍ଭ ହୋଇଥିବା ଏ ଯୋଜନାରେ ସାମ୍ବାଦିକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ମିଳୁଛି। ଆସନ୍ତା ଅଗଷ୍ଟ ୩୧ ତାରିଖରେ ଯୋଜନାରେ ମିଳିଥିବା ସ୍ୱାସ୍ଥ୍ୟବୀମା ଅବଧି ସରିବାକୁ ଯାଉଥିବା ବେଳେ ଏବେଯାଏ ବୀମା କମ୍ପାନୀ ଚୟନ କରିବାକୁ କୌଣସି ଟେଣ୍ଡର ବା ବିଡ୍ ଆହ୍ୱାନ ହୋଇନାହିଁ। ହେଲେ ଅଫ୍‌ଲାଇନରେ ସାମ୍ବାଦିକଙ୍କଠାରୁ ବୀମା ନବୀକରଣ ପାଇଁ ତଥ୍ୟ ସଂଗ୍ରହ କରାଯାଉଛି। ଏହି ତଥ୍ୟକୁ ନେଇ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନା ସହ ମିଶାଇ ଦିଆଯିବ ବୋଲି ସୂଚନା ମିଳିଛି।

ଏହି ବୀମା ଯୋଗୁଁ ସାମ୍ବାଦିକମାନେ ଦୁର୍ଘଟଣାଠାରୁ ଆରମ୍ଭ କରି ଜଟିଳ ରୋଗର ଶିକାର ହେଲେ ଘରୋଇ ହସ୍ପିଟାଲରେ ଉନ୍ନତ ଚିକିତ୍ସା ପାଉଥିଲେ। ଏଥିପାଇଁ ସ୍ୱାସ୍ଥ୍ୟ ବୀମାର ପରିସର ବଢ଼ାଇ ୧୦ ଲକ୍ଷ କରିବା ସହ ସାମ୍ବାଦିକଙ୍କ ବାପା, ମା'ଙ୍କୁ ମଧ୍ୟ ଯୋଜନାରେ ସାମିଲ କରିବା ଲାଗି ବହୁ ଦିନରୁ ଦାବି ହୋଇ ଆସୁଛି। କିନ୍ତୁ ଏହାକୁ ବନ୍ଦ କରି ଆୟୁଷ୍ମାନ ଯୋଜନାରେ ସାମିଲ କରିବାକୁ ସରକାରଙ୍କ ମୁଣ୍ଡରେ ନୂଆ ବୁଦ୍ଧି ଜୁଟିଛି। ସ୍ୱାସ୍ଥ୍ୟ ବୀମା କାର୍ଡରେ କ୍ୟାସଲେସ୍ ଚିକିତ୍ସା ସୁବିଧା ସାଙ୍ଗକୁ କ୍ୟାବିନ୍, ଗୁରୁତର ରୋଗ ପାଇଁ ଅସୀମିତ ସ୍ଲାବ୍, ପର୍ଯ୍ୟାପ୍ତ ଚିକିତ୍ସା ବିକଳ୍ପ ମିଳୁଥିଲା। କିନ୍ତୁ ଆୟୁଷ୍ମାନ ଯୋଜନାରେ ସୀମିତ ଚିକିତ୍ସା ସୁବିଧା ରହିଥିବାରୁ ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି। ସରକାରଙ୍କ ଏଭଳି ନିଷ୍ପତ୍ତି ପରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ନିର୍ଦ୍ଦେଶକଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇ ପୂର୍ବଭଳି ଗୋବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଜାରି ରଖିବାକୁ ଦାବି କରାଯାଇଛି।

## ଜଙ୍ଗଲ ଭିତରେ ବନ୍ଧୁକ କାରଖାନା

ବୁଗୁଡ଼ା, ୬।୮ (ସମିସ): ବୁଗୁଡ଼ା ପୋଲିସକୁ ମିଳିଛି ବଡ଼ ସଫଳତା। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ବନ୍ଧୁକ ବିକ୍ରି କରିବାକୁ ଆସିଥିବା ବେଳେ ପୋଲିସ ଦୁଇ ଜଣଙ୍କୁ ଧରି ଖୋଳତାଡ଼ କରି ଜଙ୍ଗଲ ଭିତରେ ଚାଲିଥିବା ଦେଶୀ ବନ୍ଧୁକ ତିଆରି କାରଖାନା ଉପରେ ଚଡାଉ କରି ବନ୍ଧୁକ ତିଆରି ସରଞ୍ଜାମ ଜବତ କରିଥିବା ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଦୀପକ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗତକାଲି ରାତିରେ ପାଟ୍ରୋଲିଙ୍ଗ କରୁଥିବା ସମୟରେ ଦୁଇ ଜଣ ବ୍ୟକ୍ତି ଦେଶୀ ବନ୍ଧୁକ ନେଇ ଆସିଥିବା ଏବଂ ବିକ୍ରି କରିବା ପାଇଁ ଉଦ୍ୟମ କରୁଥିବା ଖବର ପାଇ ବାଲିପଦର ଏସଆଇ କେ.ନୀଳାଦ୍ରି ରେଡ୍ଡୀଙ୍କ ନେତୃତ୍ୱରେ ପୋଲିସ ଟିମ ଝୋଲୋରୀ ଓ ବାଲିପଦର ମଧ୍ୟରେ ଦୁଇ ଜଣଙ୍କୁ ଗିରଫ କରି ସେମାନଙ୍କ ଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରିଥିଲେ। ଗିରଫ ବ୍ୟକ୍ତି ଦ୍ୱୟ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ଜଡ଼ାପଲ୍ଲୀ ଗ୍ରାମର ସୁବାସ ଗମାଙ୍ଗ (୩୫) ଓ ବିଦୁ ଦଳବେହେରା (୫୦)। ସେମାନଙ୍କୁ ଜେରା କଲା ପରେ ଜଙ୍ଗଲ ଭିତରେ ସେମାନେ ବନ୍ଧୁକ ତିଆରି କରୁଥିବା ଜଣାପଡିଥିଲା। ଫଳରେ ପୋଲିସ ଟିମ ଗାଙ୍ଗପୁର ଓ ସୋରଡ଼ା ମଧ୍ୟସ୍ଥ ସିଆରିମାଳ ଜଙ୍ଗଲ ଭିତରେ ଥିବା ଦେଶୀ ବନ୍ଧୁକ ତିଆରି କାରଖାନା ଉପରେ



ଚଢ଼ଉ କରି ବିପୁଳ ପରିମାଣର ବନ୍ଧୁକ ତିଆରି ସାମଗ୍ରୀ ଜବତ କରିଥିଲେ। ଏ ନେଇ କେସ ନଂ-୩୮୧/୨୬ରେ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଦୀପକ କୁମାର ମିଶ୍ର, ବୁଗୁଡ଼ା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ଏସଆଇ ଅଜୟ ମଲ୍ଲିକ ଓ ବାଲିପଦର ଫାଣ୍ଡି ଅଧିକାରୀ କେ. ନୀଳାଦ୍ରି ରେଡ୍ଡୀ ଉପସ୍ଥିତ ରହି ସୂଚନା ଦେଇଥିଲେ।

କେଜିରୁ ପିଜି ମାଗଣା ଶିକ୍ଷା

# ଚିନ୍ତାରେ ବ୍ଲକ ଗ୍ରାଣ୍ଟ କଲେଜ କର୍ତ୍ତୃପକ୍ଷ

ତାଳଚେର,୬।୮ (ସମିସ): ରାଜ୍ୟ ସରକାର କେଜିରୁ ପିଜି ପର୍ଯ୍ୟନ୍ତ ଫି' ଛାଡ଼ କରିଛନ୍ତି। ତେବେ ବ୍ଲକଗ୍ରାଣ୍ଟ କଲେଜରେ ଏହାର ପ୍ରଭାବ ଦେଖିବାକୁ ମିଳିଲାଣି। ଦରମା ପାଇବାରେ ଅନିଶ୍ଚିତତା ଯୋଗୁଁ ଅନେକ ଚୁକ୍ତିଭିତ୍ତିକ ଅଧ୍ୟାପକ ଚାକିରି ଛାଡୁଥିବା ଦେଖାଯାଉଛି। ଯାହାକୁ ନେଇ କଲେଜ ପରିଚାଳନା କର୍ତ୍ତୃପକ୍ଷ ଚିନ୍ତାରେ ପଡ଼ିଲେଣି। ବିଭିନ୍ନ କଲେଜ କର୍ତ୍ତୃପକ୍ଷ ନାମ ଲେଖାଇବା ସମୟରେ କେବଳ ଆଡମିଶନ ଫି'କୁ ଛାଡ଼ି ଅନ୍ୟାନ୍ୟ ଫି' ସଂଗ୍ରହ କରି ଛାତ୍ରଛାତ୍ରୀଙ୍କୁ ରସିଦ ଦେଇଥିଲେ। ଏହି ରସିଦ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିବାରୁ ସମ୍ପୂର୍ଣ୍ଣ ଫି' ଛାଡ଼ କରାଯାଇଥିଲା। ପ୍ରାୟ ସମସ୍ତ ଯୁକ୍ତ ୨ ଏବଂ ଯୁକ୍ତ ୩ ଶିକ୍ଷାନୁଷ୍ଠାନରେ ବିନା ଫି'ରେ ଆଡମିଶନ କରାଯାଇଛି। ୬୬୨ ଏବଂ ୪୮୮ ବର୍ଗ ମହାବିଦ୍ୟାଳୟରେ ପ୍ରଭାବ ଦେଖିବାକୁ ମିଳିଛି। ଜିଲ୍ଲାରେ ୬୬୨ ବର୍ଗ ୨୬ଟି ଏବଂ ୪୮୮ ବର୍ଗ ୨୦ଟି ମହାବିଦ୍ୟାଳୟ ରହିଛି। ଏସବୁ ମହାବିଦ୍ୟାଳୟରେ ଚଳିତବର୍ଷ ଆଡମିଶନ, ରି-ଆଡମିଶନ ଏବଂ ଅନ୍ୟାନ୍ୟ ଫି' ସଂଗ୍ରହ କରାଯାଇନାହିଁ। ମହାବିଦ୍ୟାଳୟଗୁଡ଼ିକରେ ବିଜୁଳି ବିଲ, ଇଣ୍ଟରନେଟ୍ ବିଲ, ଅନ୍ୟାନ୍ୟ ପ୍ରଶାସନିକ ଖର୍ଚ୍ଚ, ଚୁକ୍ତିଭିତ୍ତିକ ଅଧ୍ୟାପକଙ୍କ ଦରମା ଦେବାକୁ ନେଇ ସମସ୍ୟା ଉପୁଜିଛି। ସରକାର ଯେଉଁ ୧୦ ପ୍ରତିଶତ ଅନୁଦାନ ଦେବେବୋଲି ଘୋଷଣା କରିଛନ୍ତି ତାହା କେବେ ଦେବେ ସେନେଇ କୌଣସି ସ୍ପଷ୍ଟତା ନାହିଁ। ସରକାରୀ ଅନୁଦାନ ମିଳିବାରେ ଯେଉଁ ବିଳମ୍ବ ହୁଏ ସେ ନେଇ ସମସ୍ତଙ୍କର ଅନୁଭବ ରହିଛି। ଅନେକ ଚୁକ୍ତିଭିତ୍ତିକ ଶିକ୍ଷକ ବା ଅଧ୍ୟାପକ ଚାକିରି ଛାଡ଼ିବା ଆରମ୍ଭ କରିଛନ୍ତି। ଯେଉଁ ଶିକ୍ଷାନୁଷ୍ଠାନରେ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଉଛି ସେଥିରେ ଆଶାର୍ଥୀଙ୍କ ସଂଖ୍ୟା କମ୍ ରହୁଥିବା ଲକ୍ଷ୍ୟ କରାଯାଉଛି। ଏ ସମ୍ପର୍କରେ ୬୬୨ ବର୍ଗ ଅଧ୍ୟାପକ ସଂଘ ନେତା ଗୋଲଖ ବିହାରୀ ନାୟକ କୁହନ୍ତି, ସରକାର କେଜିରୁ ପିଜି ମାଗଣା ଘୋଷଣା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଯେଉଁସବୁ ମହାବିଦ୍ୟାଳୟଗୁଡ଼ିକ ଛାତ୍ରଛାତ୍ରୀଙ୍କ ଆଡମିଶନ ଏବଂ ରି-ଆଡମିଶନ ପଇସାରେ ଚାଲେ, ସେମାନେ ଏହା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଜିଲ୍ଲାରେ ମହାବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଛାଡ଼ିଦେଲେ ଅନ୍ୟ ସବୁ କଲେଜଗୁଡ଼ିକ ପ୍ରଭାବିତ ହେବେ। କଲେଜ ପରିଚାଳନା କର୍ତ୍ତୃପକ୍ଷ ଅନୁଷ୍ଠାନକୁ କିଭଳି ଚଳାଇବେ ସେ ଦିଗରେ ସରକାର ଚିନ୍ତା କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

● ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ ଟ୍ରାନ୍ସଫର୍ମର

## ବର୍ଷା ଜଳରେ ବୁଡ଼ିଲା ମିଟର୍, ବଡ଼ ଦୁର୍ଘଟଣା ଆଶଙ୍କା



କିଶୋରନଗର,୬।୮ (ସମିସ): ଲଗାଣ ବର୍ଷା ପରେ ଆଠମଲ୍ଲିକ ବ୍ଲକ୍ ଠାକୁରଗଡ଼ ଗ୍ରାମରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଟ୍ରାନ୍ସଫର୍ମରର ମିଟର୍ ବକ୍ସ ଓ ଆଖପାଖ ଅଞ୍ଚଳ ସମ୍ପୂର୍ଣ୍ଣ ବର୍ଷା ଜଳରେ ବୁଡ଼ି ରହିଥିବାରୁ ଯେକୌଣସି ସମୟରେ ବଡ଼ ବିଦ୍ୟୁତ୍ ଦୁର୍ଘଟଣା ଘଟିବା ଆଶଙ୍କା ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଟ୍ରାନ୍ସଫର୍ମରଟି ତଳୁଆ ସ୍ଥାନରେ ସ୍ଥାପନ କରାଯାଇଥିବାରୁ ସାମାନ୍ୟ ବର୍ଷା ହେଲେ ମଧ୍ୟ ସେଠାରେ ପାଣି ଜମି ରହୁଛି। ବର୍ତ୍ତମାନ ଲଗାଣ ବର୍ଷା ଯୋଗୁଁ ପାଣି ମିଟର୍ ବକ୍ସ ଓ ବିଦ୍ୟୁତ୍ ସଂଯୋଗ ସ୍ଥାନ ନିକଟକୁ ପହଞ୍ଚିଯାଇଥିବାରୁ ଗ୍ରାମବାସୀ, ବିଶେଷକରି ଛୋଟ ପିଲା ଓ ଗୃହପାଳିତ ପଶୁଙ୍କ ପାଇଁ ଏହା ଗୁରୁତର ବିପଦ ସୃଷ୍ଟି କରିଛି। ବାରମ୍ବାର ଏହି ସମସ୍ୟା ସୃଷ୍ଟି ହେଉଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ପକ୍ଷରୁ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେଣୁ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ଟ୍ରାନ୍ସଫର୍ମରର ଉଚ୍ଚତା ବୃଦ୍ଧି କରିବା ସହ ଏହାକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି। ସ୍ଥାନୀୟ ପ୍ରଶାସନ ଓ ବିଦ୍ୟୁତ ବିଭାଗ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଶୀଘ୍ର ପଦକ୍ଷେପ ଗ୍ରହଣ ନ କଲେ ଯେକୌଣସି ସମୟରେ ଅଘଟଣ ଘଟିପାରେ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି।

● ନବସୃଜନର ନୂଆ ଅଧ୍ୟାୟ

## ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ପାଇଁ ବିଜ୍ଞାନ ଶିକ୍ଷକଙ୍କ ପ୍ରଶିକ୍ଷଣ




ଅନୁଗୋଳ,୬।୮(ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ-୨୦୨୬ ନିମନ୍ତେ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାକୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଲୋପାମୁଦ୍ରା ପଟ୍ଟନାୟକ ଉଦଘାଟନ କରିଥିବା ବେଳେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ ଗଡ଼ନାୟକ ପରିଚାଳନା କରିଥିଲେ। ଜିଲ୍ଲା ସଂଯୋଜକ ସୁସ୍ମିତା ଭଟ୍ଟାଚାର୍ଯ୍ୟ କର୍ମଶାଳାରେ ଉପସ୍ଥିତ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ପ୍ରକଳ୍ପ ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କୁ କିପରି ରେଜିଷ୍ଟ୍ରେସନ କରିବେ ତାହା ଜଣାଇଥିଲେ। କର୍ମଶାଳାରେ ୮୦ ଜଣ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ମଧୁସ୍ମିତା ନନ୍ଦ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ସଫଳ ରୂପାୟନ ପାଇଁ ଏକ କ୍ରିୟାନୁଷ୍ଠାନ ଖସଡ଼ା ପ୍ରସ୍ତୁତି ପାଇଁ ପ୍ରସ୍ତାବ ଦେଇଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶୁଭଶ୍ରୀ ପୃଷ୍ଟି ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ପାଲଲହଡ଼ା,୬।୮ (ସମିସ): ପାଲଲହଡ଼ା ଉପଖଣ୍ଡ ମହତାବ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସେବା, ସହାୟକ ଉପକରଣ, ଦକ୍ଷତା ବିକାଶ ଓ ସାମାଜିକ ସୁରକ୍ଷା ସୁବିଧା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ ମୁଖ୍ୟଅତିଥି, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ତନ୍ମୟ କୁମାର ସାହୁ ଏବଂ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପାଲଲହଡ଼ା ବିଡିଓ ନିଶାନ ମିଶ୍ର, ଡେପୁଟି କଲେକ୍ଟର ସୌମ୍ୟାଶ୍ରୀ ପରିଡ଼ା ଓ ଇଂ ବିଦୁସ୍ମିତା ସାହୁ, ଶୋଭିତ କୁମାର ବିଶି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁପ୍ରିୟା ସାହୁ ଏବଂ ସାମାଜିକ ସୁରକ୍ଷା ବିଭାଗ କାର୍ଯ୍ୟକ୍ରମ ସହାୟକ ସୁଶାନ୍ତ କୁମାର ସାହୁ ଶିବିର ପରିଚାଳନା କରିଥିଲେ। ମହତାବ ଉଚ୍ଚ ବିଦ୍ୟାଳୟର କର୍ମଚାରୀ, ଏନ୍‌ସିସି କ୍ୟାଡେଟ୍ ଏବଂ ପଞ୍ଚାୟତ ସମିତି କର୍ମଚାରୀମାନେ ସହଯୋଗ କରିଥିଲେ। ଶିବିରେ ମୋଟ ୪୯୦ ଜଣ ହିତାଧିକାରୀ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅସ୍ଥିଶଲ୍ୟ ବିଭାଗରେ ୧୦୪, ମେଡିସିନ୍ ବିଭାଗରେ ୯୩ ଏବଂ ଭତ୍ତା ପାଇଁ ୯ ଜଣ ପଞ୍ଜୀକରଣ କରିଥିଲେ। ଏହାବ୍ୟତୀତ ମାନସିକ ସ୍ୱାସ୍ଥ୍ୟ, ନେତ୍ର, କର୍ଣ୍ଣ ନାସା ଗଳା, ଶିଶୁ ବିଭାଗ ସମେତ ଦକ୍ଷତା ବିକାଶ, ସହାୟକ ଉପକରଣ, ବସ ପାସ ଓ ଆୟ ପ୍ରମାଣପତ୍ର ପାଇଁ ମଧ୍ୟ ପଞ୍ଜୀକରଣ କରାଯାଇଥିଲା।

## ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ବଁଅରପାଳ,୬।୮ (ସମିସ): ବଁଅରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ପରିଚାଳନା ସମିତି ସଭାପତି ସତ୍ୟବାନ ବରାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଗଡ଼ସନ୍ତ୍ରି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ଧୀର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସମ୍ପାଦକ ସାମ୍ବାଦିକ ଅଖିଳ କୁମାର ମହାପାତ୍ର, ସଦସ୍ୟା ପଦ୍ମିନୀ ବେହେରା ଓ ସାମ୍ବାଦିକ ସଞ୍ଜୟ କୁମାର ବିଶୋଇ ମଞ୍ଚାସୀନ ଥିଲେ। ଶିଶୁ ଓ ବାଲ୍ ବର୍ଗର ମୋଟ ୪୯ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ବଁଅରପାଳ +୨ ମହାବିଦ୍ୟାଳୟ ଅଧ୍ୟାପିକା ସାଗରିକା ବରାଳ, ପ୍ରକାଶ କୁମାର ଧର, ପରିଚାଳନା ସମିତି ଯୁଗ୍ମ ସମ୍ପାଦକ ସୁମନ୍ତ କୁମାର ସାମଲ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ତନ୍ମୟ କୁମାର ନାଥ ମଞ୍ଚ ପରିଚାଳନା କରିଥଲେ। ବିଜ୍ଞାନ ପ୍ରମୁଖ କାର୍ତ୍ତିକ ସାହୁଙ୍କ ତତ୍ତ୍ୱାବଧାନ ଓ ସମସ୍ତ ଗୁରୁଜୀ, ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା।



## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦୁଃଖ ଜଣାଇଲେ ଅବସରପ୍ରାପ୍ତ ସଫେଇ କର୍ମଚାରୀ

ତାଳଚେର ସହର,୬।୮ (ସମିସ): ତାଳଚେର ମ୍ୟୁନିସିପାଲିଟିରୁ ଅବସର ନେଇଥିବା ସଫେଇ କର୍ମଚାରୀମାନେ ତିନିମାସ ହେଲା ପେନସନ ପାଇନାହାନ୍ତି। ବାରମ୍ବାର ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କଲେ ମଧ୍ୟ ସେ ସରକାରଙ୍କ ଉପରେ ଦୋଷ ଲଦି ଚୁପ ରହୁଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ନିଜ ଦୁଃଖ ଜଣାଇଛନ୍ତି। ଚିଠିରେ ଉଲ୍ଲେଖ କରିଛନ୍ତି ଯେ ସେମାନେ ତାଳଚେର ପୌର ପରିଷଦ ଅଧୀନରେ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ସଫେଇ କର୍ମଚାରୀ ଭାବେ ନାଳନର୍ଦ୍ଦମା ସଫାକରି ତାଳଚେରର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପାଇଁ କାର୍ଯ୍ୟକରି ନିଜେ ବ୍ୟାଧିଗ୍ରସ୍ତ ମଣିଷରେ ପରିଣତ ହୋଇଗଲେ। ଏଥିରେ ସେମାନଙ୍କର ତିଳେମାତ୍ର ଦୁଃଖ ନାହିଁ, କିନ୍ତୁ ଏତିକି ଦୁଃଖ ଯେ ଆଜକୁ ୩ ମାସ ହେଲା ସେମାନେ ପେନସନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥିସହ ଅବସର ନେବାର ୨ ବର୍ଷ ବିତିଥିଲେ ସୁଦ୍ଧା ସେମାନଙ୍କ ଗ୍ରାଚୁଇଟି, ପ୍ରୋଭିଡେଣ୍ଟ ଫଣ୍ଡ ଓ ଅନ୍ୟାନ୍ୟ ବକେୟା ପ୍ରାପ୍ୟ ପୌର ପରିଷଦ ଅଧିକାରୀ ଦେବାକୁ ଅସମର୍ଥ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦିଦେଇ ସେମାନଙ୍କୁ ନିରାଶାର ରାସ୍ତା ଦେଖାଇ ଆସୁଛନ୍ତି। ଅତୀତରେ ଅନୁଗୋଳ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ମିଳିଲା ନାହିଁ। ଫଳରେ ବାଧ ହୋଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ସମସ୍ତେ ବିଭିନ୍ନ ରୋଗରେ ପୀଡ଼ିତ। ପ୍ରତିଦିନ ଔଷଧ ଖାଇ ବଞ୍ଚିଛନ୍ତି। ଏବେ ଔଷଧ ଉଧାରରେ ଦେବାକୁ କୌଣସି ଔଷଧ ବ୍ୟବସାୟୀ ରାଜି ହେଉନାହାନ୍ତି। ଅପରପକ୍ଷରେ ପରିବାର ପାଇଁ ଚାଉଳ କିଣିବାକୁ ମଧ୍ୟ ସେମାନଙ୍କ ପାଖରେ ପଇସା ନାହିଁ। ସେମାନଙ୍କ ମଧ୍ୟରୁ କେହି ବି ଖାଦ୍ୟ ଓ ଔଷଧ ଅଭାବରୁ ଯେକୌଣସି ସମୟରେ ମୃତ୍ୟୁମୁଖରେ ପଡ଼ିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି। ପେନସନ ଟଙ୍କା ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆକୁଳ ନିବେଦନ କରିଛନ୍ତି।

ବେଆଇନ ବାଲି ଡିପୋରେ ଚଢ଼ଉ

## ୫୪ ହଜାର ଟଙ୍କା ଜରିମାନା ଆଦାୟ

ତାଳଚେର ସହର,୬।୮ (ସମିସ): ତାଳଚେର ଫ୍ରେଣ୍ଡସ କ୍ଲବ୍ ପଡ଼ିଆ ପରିସରରେ ଥିବା ବେଆଇନ ବାଲି ଡିପୋରେ ଖଣି ବିଭାଗ ଚଢ଼ଉ କରିଛି। ବେଆଇନ ଭାବେ ଶହ ଶହ ଟ୍ରିପ ବାଲି ଗଦା ହୋଇ ରହିଥିବା ନେଇ ବିଭାଗ ପାଖରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ବିଭାଗୀୟ ଅଧିକାରୀ ଏକ ଟିମ୍ ସହ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲେ। ମାଲିକଙ୍କୁ ୫୩ ହଜାର ୬୦୬ ଟଙ୍କା ଜରିମାନା କରିଥିଲେ। କିନ୍ତୁ ବେଆଇନ ଭାବେ ଗଦା ହୋଇଥିବା ବାଲି ଜବତ କରିଲେ ନାହିଁ। ଅନ୍ୟପଟେ ଶହେରୁ ଅଧିକ

### ବାଲି ଜବତ କଲେନି ଅଧିକାରୀ

ଟ୍ରିପ ଅର୍ଥାତ ପ୍ରାୟ ୧ ହଜାର କ୍ୟୁବିକ ମିଟରରୁ ଅଧିକ ବାଲି ଗଦା ହୋଇଥିବା ବେଳେ କେବଳ ୨୫ ଟ୍ରିପ ଅର୍ଥାତ ୨୫୦ କ୍ୟୁବିକ୍ ମିଟର ବାଲି ପାଇଁ ଜରିମାନା ହୋଇଛି। ବାଲି ମାଫିଆମାନେ ବର୍ଷାଦିନେ ବର୍ଦ୍ଧିତ ଦରରେ ବାଲି ବିକ୍ରି ପାଇଁ ବିଭିନ୍ନ ସ୍ଥାନରେ ବେଆଇନ ବାଲି ଗଦା କରୁଥିବା ବେଳେ ଟେର ପାଉନି ଖଣି ବିଭାଗ। ଅଭିଯୋଗ ପରେ ଚେତୁଛି ବିଭାଗ। ତାଳଚେରରେ ଏପରି ଏକାଧିକ ବେଆଇନ ବାଲି ଡିପୋ ଥିବା ନେଇ ତାଳଚେର ଖଣି ଉପନିର୍ଦ୍ଦେଶକଙ୍କୁ ସୂଚନା ଦିଆଯାଇଛି। କେବେ ସେଗୁଡ଼ିକ ଉପରେ ଚଢ଼ଉ ହେଉଛି ତାହା ଦେଖିବାକୁ ବାକି ରହିଲା।

## ସଂଗ୍ରାମଙ୍କ ଜନ୍ମଦିନରେ ଚାରାରୋପଣ



କଣିହାଁ,୬।୮ (ସମିସ): ଅପ୍ରତିଦ୍ୱନ୍ଦ୍ୱୀ ଯୁବନେତା ତଥା ଯୁବ ଓ ଛାତ୍ର ସମାଜର ପ୍ରେରଣାର ଉତ୍ସ ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ଜନ୍ମଦିନ ଅବସରରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମାଜସେବୀ ସୁଶ୍ରୀ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜୟ ସାହୁ, ବାପୁଜୀ ପ୍ରଧାନ, ରକି ବେହେରା, ଅଭି ବେହେରା, ରାହୁଲ ବେହେରା, ବବୁ ବେହେରା, ସଞ୍ଜୀବ ବେହେରା, ରଞ୍ଜନ ବିଶ୍ୱାଳ, ଓମ୍‌ପ୍ରକାଶ, ସାହିଲ, ରାଜନ ବେହେରାଙ୍କ ସମେତ ବହୁ ସମାଜସେବୀ ଓ ଯୁବକ ଅଂଶଗ୍ରହଣ କରି ଚାରାରୋପଣ କରିଥିଲେ।

କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ଡା. ଅଳକା ସାମଲ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ପରିବେଶ ସୁରକ୍ଷା ପାଇଁ ବୃକ୍ଷର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ପରେ ଏନଟିପିସି ଟାଉନ ଥାନାର ଅଧିକାରୀମାନେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ କରିଥିଲେ। ସମସ୍ତେ ଅଧିକରୁ ଅଧିକ ଗଛ ଲଗାଇ ପରିବେଶ ସୁରକ୍ଷାରେ ସହଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ। ଏପରି ମହତ ପଦକ୍ଷେପ ପାଇଁ ସମାଜସେବୀ ସୁଶ୍ରୀ ବେହେରାଙ୍କୁ ବିଭିନ୍ନ ମହଲରୁ ସାଧୁବାଦ ଜ୍ଞାପନ କରାଯାଇଛି।

## ଡେରଙ୍ଗର ୬ ଫୁଟବଲ୍ ଖେଳାଳି ଜିଲ୍ଲା ଦଳ ଚୟନ ଶିବିରକୁ ମନୋନୀତ




କଣିହାଁ,୬।୮ (ସମିସ): କଣିହାଁ ବ୍ଲକ ଡେରଙ୍ଗ ଗ୍ରାମର ୟଙ୍ଗ ଟାଲେଣ୍ଟ ଫୁଟବଲ୍ କ୍ଲବରୁ ପ୍ରଥମ ଥର ପାଇଁ ଏକାସାଙ୍ଗରେ ୬ ଖେଳାଳି ଅନୁଗୋଳ ଜିଲ୍ଲା ଦଳ ଚୟନ ଶିବିରକୁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଆଦିତ୍ୟ ଦେହୁରୀ, ସୁମନ୍ତ ଦେହୁରୀ, ଅରବିନ୍ଦ ଦେହୁରୀ, ଶ୍ରବଣ ଦେହୁରୀ, ବ୍ରହ୍ମା ଦେହୁରୀ ଓ ଆଣ୍ଡ୍ରିଉ ଦେହୁରୀ। ଅନୁଗୋଳ ଜିଲ୍ଲା ଫୁଟବଲ୍ ଆସୋସିଏସନ୍ ପକ୍ଷରୁ ସେମାନଙ୍କୁ ଚୟନ ଶିବିରରେ ଅଂଶଗ୍ରହଣ ପାଇଁ ଡକାଯାଇଛି। ଶିବିରରେ ସଫଳତାର ସହ ଚୂଡ଼ାନ୍ତ ଚୟନ ହେଲେ ସେମାନେ ଚଳିତ ମାସରେ ଅନୁଗୋଳରେ ଆୟୋଜିତ ହେବାକୁ ଥିବା ଜିନ୍ଦଲ କପ୍ ଫୁଟବଲ୍ ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲା ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

ଏହି ସଫଳତା ଅବସରରେ କ୍ଲବ ସଭାପତି ରୁଦ୍ର ମାଝୀ, ସମ୍ପାଦକ ବିଜୟ କୁମାର ଦେହୁରୀ ଏବଂ ଉପଅଧିନାୟକ ଅମୂଲ୍ୟ ବୋଇତା ମନୋନୀତ ଖେଳାଳିମାନଙ୍କୁ ନୂତନ ଜର୍ସି ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ସେମାନେ ଖେଳାଳିମାନଙ୍କୁ ନିଷ୍ଠାପର ଭାବେ ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଅନୁଗୋଳ ଜିଲ୍ଲା, କଣିହାଁ ବ୍ଲକ ଏବଂ ଡେରଙ୍ଗ ଗ୍ରାମର ଗୌରବ ବୃଦ୍ଧି କରିବାକୁ ଆହ୍ୱାନ ଜଣାଇଥିଲେ। ଡେରଙ୍ଗ ପଞ୍ଚାୟତର ବୁଦ୍ଧିଜୀବୀ, କ୍ରୀଡ଼ାବିତ ଏବଂ ବିଭିନ୍ନ ଯୁବ ସଂଗଠନର ସଦସ୍ୟମାନେ ଏହି ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ବନ ବିଭାଗ ଦ୍ୱାରା ଚୋରାକାଠ ଜବତ

ଅନୁଗୋଳ,୬।୮ (ସମିସ): ଅନୁଗୋଳ ବନଖଣ୍ଡର ମୋବାଇଲ୍ ସ୍କ୍ୱାଡ୍ ଏବଂ ଜରପଡ଼ା ରେଞ୍ଜ କର୍ମଚାରୀ ମିଳିତ ଚଢ଼ଉ କରି ଚୋରାଚାଲାଣ ହେବାକୁ ଥିବା ବିପୁଳ ପରିମାଣର କାଠ ଜବତ କରିଛନ୍ତି। ନିର୍ଭରଯୋଗ୍ୟ ସୂତ୍ରରୁ



ଖବର ପାଇ ଜରପଡ଼ା ଗ୍ରାମରେ ବନ ବିଭାଗ ଚଢ଼ଉ କରିଥିଲା। ସେଠାରେ ଗଚ୍ଛିତ ଥିବା ୩୦ଟି ଶାଗୁଆନ କାଠ ଗଣ୍ଡି ଏବଂ ୨୪ଟି ଶାଗୁଆନ କୁରୁମା ପଟା (ମୋଟ ୩୫.୫୩୧୯ ସିଏଫ୍‌ଟି) କାଠ ଜବତ କରାଯାଇଛି। ଜବତ କାଠକୁ ଜରପଡ଼ା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ତେବେ ଏହି ଚୋର କାଠ କାରବାରରେ ସମ୍ପୃକ୍ତ କାହାରିକୁ ଧରିପାରି ନାହିଁ। ଏ ନେଇ ତଦନ୍ତ ଜାରି ରହିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

## କିଶୋରନଗର କଲେଜରେ ବୃତ୍ତିଗତ କର୍ମଶାଳା

କିଶୋରନଗର,୬।୮ (ସମିସ): ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଅନୁଗୋଳ ତରଫରୁ କିଶୋରନଗର କଲେଜରେ ବୃତ୍ତିଗତ କର୍ମଶାଳା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ଏଥିରେ ସଭାପତିତ୍ୱ କରି ଇଗ୍ନୋ କିପରି ଅନେକ ପାଠ୍ୟ ଖସଡ଼ା ପ୍ରସ୍ତୁତ କରି ଛାତ୍ରଛାତ୍ରୀଙ୍କ ପାଇଁ ରୋଜଗାରର ମାଧ୍ୟମ ହୋଇପାରିଛି ସେ ଉପରେ ଆଲୋକପାତ କରିଥିଲେ। ଆଞ୍ଚଳିକ ନିର୍ଦ୍ଦେଶକ ଡ. ଅଭିଲାଷ ନାୟକ ଇଗ୍ନୋର ବିଭିନ୍ନ କାର୍ଯ୍ୟକ୍ରମ, ଶିକ୍ଷାକେନ୍ଦ୍ର ଓ ପାଠପଢ଼ା ସହ କିପରି ଅନେକ ପାଠ୍ୟକ୍ରମ ଗ୍ରହଣ କରିହେବ ସେ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ବିଶ୍ୱ ଯୁବକେନ୍ଦ୍ର ବଣିନାଳୀର ନିର୍ଦ୍ଦେଶକ ମନୋଜ ମହାପାତ୍ର ନିଶା ନିବାରଣ ଆଜିର ଆବଶ୍ୟକତା ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବତନ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଏହାର ଆବଶ୍ୟକତା ଉପରେ ଦୃଷ୍ଟିପାତ କରିଥିଲେ। ଅଧ୍ୟାପିକା ବୀଣାପାଣି ସାହୁ ମଞ୍ଚାସୀନ ଥିଲେ। ଅଧ୍ୟାପକ ତରଣୀସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ଜିଲ୍ଲା ଯୋଜନା କମିଟି ନିର୍ବାଚନ

# ୧୦ ଆସନରେ ବିଜେଡିର ବିଜୟ



ଅନୁଗୋଳ,୬।୮ (ସମିସ): ଅନୁଗୋଳ ଜିଲ୍ଲା ଯୋଜନା କମିଟି ନିର୍ବାଚନରେ ବିଜୁ ଜନତା ଦଳ (ବିଜେଡି) ୧୦ ଆସନରେ ବିଜୟ ଲାଭ କରିଛି। ଏହି ବିଜୟ ପରେ ବିଜୟୀ ପ୍ରାର୍ଥୀମାନେ ଗୁରୁବାର ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଆଶୀର୍ବାଦ ଗ୍ରହଣ କରିଛନ୍ତି। ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ନବୀନଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ

### ନବୀନଙ୍କୁ ଭେଟିଲେ ବିଜୟୀ ପ୍ରାର୍ଥୀ

ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡ. ଅବିନାଶ ସାମଲ, ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରା, ମୁକେଶ ପାଲ, ବରିଷ୍ଠ ନେତା ବିପ୍ଳବ ଜେନା, ଜିଲ୍ଲାପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଉପାଧ୍ୟକ୍ଷା ରଶ୍ମିତା ସେଠୀ ଓ ସମସ୍ତ ଜିଲ୍ଲାପରିଷଦ ସଦସ୍ୟ/ସଦସ୍ୟା, ଅନୁଗୋଳ ବାର୍ ଆସୋସିଏସନ ସଭାପତି ଦିଲୀପ ସାହୁଙ୍କ ସମେତ ଜିଲ୍ଲା କମିଟିର ଅନେକ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ବିଜୟ ପାଇଁ ସମସ୍ତ କର୍ମୀ, ସମର୍ଥକ ଓ ଅନୁଗୋଳବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଜିଲ୍ଲା ନେତୃବୃନ୍ଦ।

## ଟ୍ରମା କେୟାର ଆଇସିୟୁ କାର୍ଯ୍ୟକ୍ଷମ ଖୁବ୍‌ଶୀଘ୍ର

ଅନୁଗୋଳ,୬।୮ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଟ୍ରମା କେୟାର ଆଇସିୟୁକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳ ଅବ୍ଦାଲ୍ ଏମ ଅଖତାର ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ଅଧିକାରୀମାନଙ୍କ ସହ ଗୁରୁବାର ଜିଲ୍ଲାପାଳ ଡାକ୍ତରଖାନା ପରିଦର୍ଶନରେ ଯାଇଥିଲେ। ହସ୍ପିଟାଲ ଭିତରେ ବର୍ଷାଜଳ ନିଷ୍କାସନ ପାଇଁ ତୁରନ୍ତ ବ୍ୟବସ୍ଥା କରିବାକୁ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ହସ୍ପିଟାଲ ସୀମା ବାହାରେ ୪୦୦ ମିଟର ଏକ ଡ୍ରେନ୍ ନିର୍ମାଣ କରି ବର୍ଷା ଜଳ ଯେଭଳି ଭିତରକୁ ପଶି ନ ପାରିବ ସେ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଜିଇଡିକୁ ଟ୍ରମା କେୟାର ବିଦ୍ୟୁତକରଣ କାମ ତୁରନ୍ତ ସରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ବଜ୍ରପାତରେ ଜଣେ ମୃତ, ଜଣେ ଗୁରୁତର

ଅନୁଗୋଳ,୬।୮ (ସମିସ): ଅନୁଗୋଳ ସଦର ଥାନା ଅନ୍ତର୍ଗତ ଶାବଳଭଙ୍ଗା ଗ୍ରାମର ଚାରିଜଣ ମହିଳା ଧାନ କ୍ଷେତରୁ ଘରକୁ ଫେରୁଥିବା ବେଳେ ବଜ୍ରପାତ ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗ୍ରାମର ନାରଣ ଗୋଛାୟତଙ୍କ ସ୍ତ୍ରୀ ରୀତା ଗୋଛାୟତ (୪୫)। ପ୍ରଦ୍ୟୁମ୍ନ ସାହୁଙ୍କ ସ୍ତ୍ରୀ କୁନି ସାହୁ ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ସୂଚନା ମୁତାବକ ଗୁରୁବାର ଅପରାହ୍ନ ପ୍ରାୟ ଦୁଇଟାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେଇଥିଲା। ଏହି ସମୟରେ ରୀତା ଓ କୁନିଙ୍କ ସମେତ ଗ୍ରାମର ଅନ୍ୟ ଦୁଇ ମହିଳା ଧାନତଳି ରୋଇ ଘରକୁ ଫେରୁଥିବା ବଜ୍ରପାତ ହୋଇଥିଲା। ଏହାର ପ୍ରଭାବରେ ରୀତା ଓ କୁନି ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ। ତୁରନ୍ତ ତଙ୍କୁ ଉଦ୍ଧାର କରାଯାଇ ଅଟୋ ଯୋଗେ ଅନୁଗୋଳ ମୁଖ୍ୟ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ରୀତାଙ୍କୁ ମୃତ ଘୋଷଣା କରିଥିଲେ।

● ମଦନପୁର କଲେଜ ଛାତ୍ରଙ୍କୁ ଅପହରଣ ଓ ଆକ୍ରମଣ

## ଅପହୃତ ଛାତ୍ର ଉଦ୍ଧାର, ଜଣେ ଗିରଫ

ପଟ୍ଟାମୁଣ୍ଡାଇ, ୬।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ସ୍ଥିତ ମହାବୀର କଲେଜର ଜଣେ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇ ଅପହରଣ କରାଯାଇଥିଲା। ଏହି ଘଟଣାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ସହିତ ଏ ନେଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଏତଲା ଦିଆଯାଇଥିଲା। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଅପହୃତ ଛାତ୍ରଙ୍କୁ ଉଦ୍ଧାର କରିବା ପାଇଁ ଗତକାଲି ଜିଲ୍ଲା ଏସଏଫଆଇ ସଂଘ ଏସ୍ପିଙ୍କୁ ଦାବିପତ୍ର ଦେଇଥିଲେ। ଆଜି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଥାନା ପୁଲିସ ୪୦୪/୨୦୨୬ରେ ମାମଲା ରୁଜୁ କରି ରାଜନଗର ଅଞ୍ଚଳର ଦେବେଶ ମଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଏହି ଘଟଣାରେ ସମ୍ପୃକ୍ତ ୨ ଜଣ ନାବାଳକଙ୍କୁ ସଟ ଷ୍ଟେ ହୋମକୁ ପଠାଇବା ସହିତ ଅପହୃତ ଛାତ୍ରଙ୍କୁ ଉଦ୍ଧାର କରାଯାଇଛି ବୋଲି ଗ୍ରାମାଞ୍ଚଳ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ ସୂଚନା ଦେଇଛନ୍ତି।

## ବେଲତଳ ଗ୍ରାମରୁ ଚୋରି

ପଟ୍ଟାମୁଣ୍ଡାଇ, ୬।୮ (ସମିସ): ଆଦର୍ଶ ଥାନା ଅନ୍ତର୍ଗତ ବେଲତଳ ବନ୍ଧପଡ଼ା ଗ୍ରାମରେ ଚୋରି ହୋଇଥିବା ନେଇ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ବେଲତଳ ବନ୍ଧପଡ଼ା ଗ୍ରାମର ସ୍ୱର୍ଗତ ଗୋପୀନାଥ ଦାସଙ୍କ ଘର ଝରକା ତାଡି ଦୁର୍ବୃତ୍ତ ପ୍ରବେଶ କରି ଘର ଲୋକଙ୍କୁ ବାହାର ପଟୁ ବନ୍ଦ କରି ନଗଦ ଟଙ୍କା, ସୁନା ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି କରିନେଇଥିଲେ। ସେହିପରି ଶୁକଦେବ ଦାସଙ୍କ ଘର ଝରକା ମଧ୍ୟ ତାଡି ଦେଇଛନ୍ତି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଏହି ଚୋରି ମାମଲାର ତଦନ୍ତ ଆରମ୍ଭ କରିଛି।

## ମାଛ ଧରୁଥିବାବେଳେ ବୃଦ୍ଧଙ୍କୁ ଟାଣିନେଲା କୁମ୍ଭୀର



ମହାକାଳପଡ଼ା, ୬।୮ (ସମିସ): ବରକନ୍ଧା ପଞ୍ଚାୟତର ବରକନ୍ଧା ଗ୍ରାମରେ ଗୁରୁବାର ମାଛ ଧରୁଥିବା ସମୟରେ ଜଣେ ବୃଦ୍ଧଙ୍କୁ କୁମ୍ଭୀର ଟାଣି ନେଇଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଚକ୍ରଧର ବେହେରା (୭୫) ଗୁପ୍ତଗିରି ପୋଲ ତଳେ ଉଷୁରି ଜାଲରେ ମାଛ ଧରୁଥିବାବେଳେ ଏକ କୁମ୍ଭୀର ତାଙ୍କୁ ଟାଣି ପାଣି ଭିତରକୁ ନେଇଯାଇଥିଲା। ସେଠାରେ ଉପସ୍ଥିତ ଥିବା ଅନ୍ୟ ମତ୍ସ୍ୟଜୀବୀ ଖବର ଦେବାରୁ ଗ୍ରାମବାସୀ ଓ ପରିବାର ସଦସ୍ୟ ତୁରନ୍ତ ଡଙ୍ଗା ସାହାଯ୍ୟରେ ଖୋଜାଖୋଜି ଆରମ୍ଭ କରିଥିଲେ। ତେବେ ସନ୍ଧ୍ୟା ସୁଦ୍ଧା ଚକ୍ରଧର ବେହେରାଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ଚକ୍ରଧର ଗୋଲାବନ୍ଧ ଗାନ୍ଧୀଜୀ ବିଦ୍ୟାପୀଠରେ ରାତ୍ରି ଜଗୁଆଳି ଭାବେ କାର୍ଯ୍ୟ କରି ୭ ବର୍ଷ ପୂର୍ବେ ଅବସର ଗ୍ରହଣ କରିଥିଲେ।

## ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଦିତି ଦ୍ୱିତୀୟ



ପଟ୍ଟାମୁଣ୍ଡାଇ/ଡେରାବିଶ, ୬।୮ (ସମିସ): କୁଜଙ୍ଗା ପଞ୍ଚାୟତସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଅଦିତି ବେହେରା ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ଆୟୋଜିତ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟଠାରୁ ଜିଲ୍ଲା ଓ ସମଗ୍ର ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଅଦିତିଙ୍କ ଏହି ଉଲ୍ଲେଖନୀୟ ସଫଳତା ତାଙ୍କର କଠିନ ପରିଶ୍ରମ, ସୃଜନଶୀଳ ପ୍ରତିଭା ଓ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ଏକ ଉଜ୍ଜ୍ୱଳ ନିଦର୍ଶନ। ଏହି ସଫଳତା ପାଇଁ ବିଦ୍ୟାଳୟ ପରିବାରରେ ଆନନ୍ଦ ଓ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ଅଧ୍ୟକ୍ଷ, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଓ ଅଞ୍ଚଳବାସୀ ଅଦିତି ବେହେରା ଓ କଳା ଶିକ୍ଷୟିତ୍ରୀ ପ୍ରଜ୍ଞା ବେଦବ୍ୟାସଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସରୋଜକାନ୍ତ ସାମଲଙ୍କ ସ୍ମୃତିସଭା

ରାଜକନିକା, ୬।୮ (ସମିସ): ରାଜକନିକା ବ୍ଲକ କାଟଣାବଣିଆଁ ପଞ୍ଚାୟତ ଡାଏଣିଗିରି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସରୋଜକାନ୍ତ ସାମଲଙ୍କ ଏକାଦଶାହରେ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ରାଜକିଶୋର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଡାକ୍ତର ଆଶିଷ କୁମାର ବାରିକ, ରଙ୍ଗବଲ୍ଲଭ ସ୍ୱାଇଁ, ହରେକୃଷ୍ଣ ବାରିକ, ମୁରଲୀଧର ଦାସ, ଧନୁର୍ଜୟ ଦାସ, ରବିନାରାୟଣ ସାମଲ, ଶୁଭଶ୍ରୀ ସାମଲ, ନିରାକାର ମାହୁନ୍ତ, ଗୋବର୍ଦ୍ଧନ ବେହେରା ଓ ଅନ୍ୟ ସ୍ୱର୍ଗତ ସାମଲଙ୍କ ସ୍ମୃତିଚାରଣ କରିଥିଲେ।

## ବ୍ରାହ୍ମଣୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ



ପଟ୍ଟାମୁଣ୍ଡାଇ, ୬।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଲିପାଟଣା ପଞ୍ଚାୟତ ବାଲିପାଟଣା ଗ୍ରାମର ରାମଚନ୍ଦ୍ର ଜେନା (୮୨) ଗାଈ ଆଣିବାକୁ ବ୍ରାହ୍ମଣୀ ନଦୀ ନିକଟସ୍ଥ ଅଞ୍ଚଳକୁ ଯାଇଥିଲେ। ନଦୀ ପାର ହୋଇ ଆସୁଥିବା ସମୟରେ ପ୍ରଖର ସ୍ରୋତରେ ଭାସି ଯାଇ ବୁଡ଼ିଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରି ବ୍ରାହ୍ମଣୀ ନଦୀ ମଧ୍ୟରୁ ରାମଚନ୍ଦ୍ରଙ୍କ ମୃତଶରୀର ଉଦ୍ଧାର କରିଥିଲେ। ମୃତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ପଟ୍ଟାମୁଣ୍ଡାଇ, ୬।୮ (ସମିସ): ବୋଧଗାଁ ପାଗଳା ବାବା ବାଳିକା ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବାବାଜୀ ଚରଣ



ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶିକ୍ଷକ ନେତା ପ୍ରାକ୍ତନ ପ୍ରଧାନଶିକ୍ଷକ ଗୋକୁଳ ରାଉତ ମୁଖ୍ୟଅତିଥି, ଶିକ୍ଷକନେତା ରବୀନ୍ଦ୍ର ପରିଡ଼ା ମୁଖ୍ୟବକ୍ତା, ପଣ୍ଡିତ ପ୍ରମୋଦ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ କିରାଣି ବିଜୟ ବାରିକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସହକାରୀ ଶିକ୍ଷକ ରଘୁନାଥ ବାରିକ ସ୍ୱାଗତଭାଷଣ ଓ ରଶ୍ମିରେଖା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶଶୀକଳା ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ତୁଷାରକାନ୍ତି ପ୍ରଧାନ, ନଳିନୀ ପରିଡ଼ା, ସୌମ୍ୟରଞ୍ଜନ ପଲାଇ ପରିଚାଳନା କରିଥିଲେ।

୧୦ରେ ଜାତୀୟ କୃମିନାଶକ ଦିବସ

# ଜିଲ୍ଲାରେ ୩.୫୫ ଲକ୍ଷରୁ ଅଧିକ ଶିଶୁ ଓ କିଶୋରଙ୍କୁ ଔଷଧ ପ୍ରଦାନ ଲକ୍ଷ୍ୟ

କେନ୍ଦ୍ରାପଡ଼ା, ୬।୮ (ସମିସ)



ଜାତୀୟ କୃମିନାଶକ ଦିବସ ଅବସରରେ ଚଳିତ ମାସ ୧୦ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ବ୍ୟାପକ କୃମିନାଶକ ଅଭିଯାନ ଅନୁଷ୍ଠିତ ହେବ। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଜିଲ୍ଲା କଲ୍ୟାଣ ବିଭାଗ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେବ। ୧୦ରେ ଔଷଧ ସେବନରୁ ବଞ୍ଚିତ ହେଉଥିବା ଶିଶୁ ଓ କିଶୋରକିଶୋରୀଙ୍କ ପାଇଁ ୧୭ ତାରିଖରେ ମପ୍-ଅପ୍ ରାଉଣ୍ଡ ଆୟୋଜନ କରାଯିବ। ଚଳିତ ରାଉଣ୍ଡରେ ଜିଲ୍ଲାର ୧ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର-କିଶୋରୀଙ୍କ ସହ ୨୦ରୁ ୨୪ ବର୍ଷ ବୟସର ଯୁବତୀଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯିବ।

୧ରୁ ୨ ବର୍ଷ ବୟସର ଶିଶୁଙ୍କୁ ୫ ମିଲି, ୨ରୁ ୫ ବର୍ଷ ବୟସର ଶିଶୁଙ୍କୁ ୧୦ ମିଲି କୃମିନାଶକ ସିରପ୍ ଦିଆଯିବ। ସେହିପରି ୬ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋରକିଶୋରୀ ଓ ୨୦ରୁ ୨୪ ବର୍ଷ ବୟସର ଯୁବତୀଙ୍କୁ ଗୋଟିଏ ଲେଖାଏଁ କୃମିନାଶକ ବଟିକା ସେବନ କରାଯିବ। ଜିଲ୍ଲାର ୧୭୫୪ଟି ସରକାରୀ ବିଦ୍ୟାଳୟ, ୨୩୩ଟି ବେସରକାରୀ ବିଦ୍ୟାଳୟ ଓ ୨୧୨୬ଟି ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ୩ ଲକ୍ଷ ୫୫ ହଜାର ୯୧୦ ଜଣ ହିତାଧିକାରୀଙ୍କୁ କୃମିନାଶକ ଔଷଧ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗତ ଫେବୃଆରୀ ରାଉଣ୍ଡରେ ଜିଲ୍ଲା ପ୍ରାୟ ୯୯ ପ୍ରତିଶତ ସଫଳତା ହାସଲ କରିଥିବାବେଳେ ଚଳିତ ଅଭିଯାନରେ ଶତପ୍ରତିଶତ ଲକ୍ଷ୍ୟ ପୂରଣ ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି। ଏ ନେଇ ଆୟୋଜିତ ଆଭାସୀ ସମୀକ୍ଷା ବୈଠକରେ ଜିଲ୍ଲାପାଳ ରଘୁରାମ ଆୟର ସମ୍ପୃକ୍ତ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଅଭିଭାବକ ନିର୍ଦ୍ଧାରିତ ଦିନରେ ନିଜ ଶିଶୁଙ୍କୁ କୃମିନାଶକ ଔଷଧ ସେବନ କରାଇବା ସହ ସ୍ୱାସ୍ଥ୍ୟକର ଅଭିଯାନକୁ ସଫଳ କରିବାରେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ନମିତା ପଟ୍ଟନାୟକ କହିଥିଲେ, କୃମିନାଶକ ଔଷଧର ନିୟମିତ ସେବନ ଦ୍ୱାରା ଶିଶୁ ଓ କିଶୋର-କିଶୋରୀଙ୍କୁ କୃମି ସଂକ୍ରମଣରୁ ସୁରକ୍ଷା ମିଳିବା ସହ ସେମାନଙ୍କ ସୁସ୍ଥ ଶାରୀରିକ ଓ ମାନସିକ ବିକାଶରେ ସହାୟକ ହୋଇଥାଏ। ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବା ସହ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଏକକାଳୀନ ଭାବେ ଅଭିଯାନ ଆରମ୍ଭ ହେବ। ଅଭିଯାନରେ ଶିକ୍ଷକଶିକ୍ଷୟିତ୍ରୀ, ଆଶା ଓ ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ସକ୍ରିୟ ଭାବେ ସାମିଲ ହେବେ।

● ଦୁଇଟି ବୁଥ୍‌ର ୧୯୭ ଜଣଙ୍କ ନାମ କାଟିବାକୁ ୨ ଜଣ ଆବେଦନ କରିବା ଘଟଣା

## ମିଥ୍ୟା ଅଭିଯୋଗ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଅଭିଯୋଗ

ରାଜନଗର, ୬।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତର ୨ଟି ବୁଥ୍‌ରୁ ସ୍ଥାୟୀ ଭୋଟରଙ୍କ ନାମ କାଟିବାକୁ ମିଥ୍ୟା ଆବେଦନ କରିଥିବା ବ୍ୟକ୍ତି ଓ ୨ ଜଣ ବିଏଲଓଙ୍କ ନାମରେ ରାଜନଗର ଥାନାରେ ଅଭିଯୋଗ ହୋଇଛି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇ ଥିବା ଫର୍ମ-୭ରେ ଲିସ୍ମାରାଣୀ ରାଉଳ ନାମକ ଜଣେ ଯୁବତୀ ଓ ରାମଚନ୍ଦ୍ର ରାଉତ ନାମକ ଜଣେ ଯୁବକ ବୁଥ୍ ନମ୍ବର ୧୦୩ ଓ ୧୦୪ ଏହି ୨ଟି ବୁଥ୍‌ରୁ ପାଖାପାଖି ୨୦୦ ସ୍ଥାୟୀ ଭୋଟରଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ ଓ ଅନୁପସ୍ଥିତ ଦର୍ଶାଇ ଏସଆଇଆର୍ ପରିଗଣନା ପରେ ପ୍ରକାଶ ପାଇଥିବା ଭୋଟର ତାଲିକାରୁ ନାମକୁ ବାଦ୍ ଦେବା ପାଇଁ ଆବେଦନ କରିଥିଲେ। ଏହାର ସତ୍ୟାସତ୍ୟ ଜାଣି ସୁଦ୍ଧା ମିଥ୍ୟା ଅଭିଯୋଗ ପତ୍ରକୁ ବୁଥ୍ ଲେଭୁଲ ଅଫିସର କୈଳାସ ସାହୁ ଓ ସ୍ୱର୍ଣ୍ଣଲତା ବରାଳ ଗ୍ରହଣ କରିବା ସହ ସ୍ଥାୟୀ ଭୋଟରଙ୍କ ନାମକୁ ବାଦ ଦେବା ପାଇଁ ପ୍ରକ୍ରିୟା ଚଳାଇଥିଲେ। ଏ ଘଟଣା ଜଣାପଡ଼ିବା ପରେ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଘଟଣାକୁ ନେଇ ଚାନ୍ଦିବାଉଁଶମୂଳ ନାଗରିକ ମଞ୍ଚ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ସୂଚନା ଦିଆଯିବା ସହ ରାଜନଗର ତହସିଲଦାର ଓ ବିଡିଓଙ୍କୁ ବୁଥ୍ ଲେଭୁଲ ଅଫିସରଙ୍କ ବିରୋଧରେ ଅଭିଯୋଗ ଦିଆଯାଇଥିଲା। ତେବେ ମିଥ୍ୟା ଅଭିଯୋଗ ଆଧାରରେ ଲୋକଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଜି ଯଦୁଚନ୍ଦ୍ରପୁର ବୁଥ୍ ଓ ଦକ୍ଷିଣଭେଡା-ଝାଡ଼କଟା ବୁଥ୍‌ର ସ୍ଥାୟୀ ଭୋଟର ରାଜନଗର ଥାନାରେ ଅଭିଯୋଗ କରିଛନ୍ତି।

## ନାଗରିକ ମଞ୍ଚ ପକ୍ଷରୁ କୃତୀ ଛାତ୍ର ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ, ୬।୮ (ସମିସ): ମାଳିବସା-ଅରଡ଼ପଲ୍ଲୀ ଆଞ୍ଚଳିକ ନାଗରିକ ମଞ୍ଚ ପକ୍ଷରୁ କୃତୀ ଛାତ୍ର ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରାକ୍ତନ ସ୍କୁଲ ଏସଆଇ ବିଜୟ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷାବିତ ବିଜୟ ବେହେରା, ପୂର୍ବତନ ଆଳି ଏବିଇଓ ଉଦକର ସାମଲ, ବରିଷ୍ଠ ନେତା ସୁନାକାର ବେହେରା, ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ, ପୂର୍ବତନ ସିଆରସିସି ରମେଶ ମହାନ୍ତି, ସମାଜସେବୀ ଟୁବୁଲି ଚୌଧୁରୀ, ପ୍ରଫୁଲ୍ଲ ସ୍ୱାଇଁ, କଳାକାର ସାହୁ ପ୍ରମୁଖ ଯୋଗ ଦେଇ ନିଟ୍ ପରୀକ୍ଷାରେ ସଫଳ ଅରଡ଼ପଲ୍ଲୀ ଗ୍ରାମର ଛାତ୍ର ଆଶୁତୋଷ ରାୟ, ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ଜରିଆ ବଳଦେବ ହାଇସ୍କୁଲ ଛାତ୍ର ତଥା ଅନ୍ଦୁଳି ଗ୍ରାମର ରୁଦ୍ରପ୍ରସାଦ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅରଡ଼ପଲ୍ଲୀର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀନିବାସ ସାହୁ, ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀ ସରୋଜ ଦାଶ ଓ ଅବସରପ୍ରାପ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରୋଜକାନ୍ତ ରାୟ, ସହଦେବ ଜେନା, ତପନ ପ୍ରଧାନ, ଅଭିମନ୍ୟୁ ଜେନା, ତ୍ରିଲୋଚନ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ଲକ କଂଗ୍ରେସ କମିଟି, ଜୋନ୍ ଓ ପଞ୍ଚାୟତ ସଭାପତି, ସମ୍ପାଦକଙ୍କ ନାମ ଘୋଷଣା

ରାଜନଗର, ୬।୮ (ସମିସ): ରାଜନଗର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ରାଉତଙ୍କ ସୁପାରିଶ କ୍ରମେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ ଓ ଜିଲ୍ଲା କଂଗ୍ରେସ ସଭାପତି ଡ ଦେବସ୍ମିତା ଶର୍ମା ରାଜନଗର ବ୍ଲକ କଂଗ୍ରେସ କମିଟି ସମେତ ଜୋନ୍ ଓ ପଞ୍ଚାୟତ ସଭାପତି ଓ ସାଧାରଣ ସମ୍ପାଦକଙ୍କ ନାମ ଘୋଷଣା କରିଛନ୍ତି। ବ୍ଲକ ଉପସଭାପତି ଭାବେ ବୀରକିଶୋର ସ୍ୱାଇଁ, ଦଶରଥୀ ବାରିକ, ରାଜଶ୍ରୀ ନାୟକ, ବାସୁଦେବ ପାଣି, ବନଜ୍ୟୋତ୍ସ୍ନା ସ୍ୱାଇଁ, ସାଧାରଣ ସମ୍ପାଦକ ଭାବେ ଘନଶ୍ୟାମ ପରିଡ଼ା, ଆଶିଷ ମହାତା, ବିଜୟ ପରିଡ଼ା, ମଲୟ ରାଉତରାୟ, ପ୍ରଗତି ସେଠୀ, ବିନୋଦ ବିଶ୍ୱାଳ, ନିମାଇଁ ଚରଣ ଦାସ, ରବୀନ୍ଦ୍ର ମଲ୍ଲିକ, ସମ୍ପାଦକ ଭାବେ ଖଗେଶ୍ୱର ବାରିକ, ଅରୁଣ ମଣ୍ଡଳ, ପ୍ରବତ ସାମନ୍ତରାୟ, ସୁବାଶ ସାହୁ, ମାନସ ନାୟକ, ସୁଶାନ୍ତ ବିଶ୍ୱାଳ, ନରୋତ୍ତମ ଦାସ, ନିମାଇଁ ବଳ, ବିଭୂତି ଭୂଷଣ ପଣ୍ଡା, ଅକ୍ଷୟ ରାଉତ, କୋଷାଧ୍ୟକ୍ଷ ଭାବେ ରମାକାନ୍ତ ପ୍ରଧାନଙ୍କୁ ଚୟନ କରାଯାଇଛି। ସେହିପରି ୩୦ନଂ ଜୋନ ସଭାପତି ଚିତ୍ତରଞ୍ଜନ କୁଣ୍ଡ, ସାଧାରଣ ସମ୍ପାଦକ ସମରେନ୍ଦ୍ର ପ୍ରଧାନ, ୩୧ନଂ ଜୋନ୍ ସଭାପତି ମହେଶ୍ୱର ରାଉତ, ସାଧାରଣ ସମ୍ପାଦକ ବୃନ୍ଦାବନ ଦାସ, ୩୨ନଂ ଏସ.କେ. ବାବୁଲ ହୁସେନ, ସାଧାରଣ ସମ୍ପାଦକ ଭାବେ ଗୋବିନ୍ଦ ବାରିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲିଙ୍କ ସ୍ମୃତିରେ ଚାରାରୋପଣ



ଡେରାବିଶ, ୬।୮ (ସମିସ): ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲିଙ୍କ ଦ୍ୱାଦଶାହରେ ଡେରାବିଶ ସାଂସ୍କୃତିକ ସଂଗଠନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଉପଦେଷ୍ଟା ସଚ୍ଚିଦାନନ୍ଦ ରଥଙ୍କ ନେତୃତ୍ୱରେ ଦୁମୁକାହାଟସ୍ଥ ଡେରାବିଶ ହାଇସ୍କୁଲ ଓ ଡେରାବିଶ କଲେଜ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଉପଦେଷ୍ଟା ତଥା ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସଂଗଠନ ସମ୍ପାଦକ ସରୋଜ ଦାଶଙ୍କ ସମେତ ସଂଗଠନର ସମସ୍ତ କର୍ମକର୍ତ୍ତା ସାମିଲ ଥିଲେ। ଡେରାବିଶ କଲେଜ ଅଧ୍ୟକ୍ଷ ଡ. ଅଶୋକ ଦାଶ, ଅଧ୍ୟାପକ ବିଶ୍ୱଜିତ ସାହୁ, ଡେରାବିଶ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଟିକିଲି ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

## ଅଗଷ୍ଟ ମାସର ରାଜସ୍ୱ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ

କେନ୍ଦ୍ରାପଡ଼ା, ୬।୮ (ସମିସ): ଜନସାଧାରଣଙ୍କ ରାଜସ୍ୱ ସମ୍ପର୍କିତ ଅଭିଯୋଗର ତ୍ୱରିତ ସମାଧାନ ଓ ଲୋକଙ୍କୁ ସୁଗମ ରାଜସ୍ୱ ସେବା ପ୍ରଦାନ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରତିମାସ ତହସିଲ ସ୍ତରରେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ରାଜସ୍ୱ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରି ରହିଛି। ଏ ପରିପ୍ରେକ୍ଷୀରେ ଅଗଷ୍ଟ ମାସ ପାଇଁ ଶୁଣାଣି କାର୍ଯ୍ୟସୂଚୀ ଚୂଡ଼ାନ୍ତ କରାଯାଇଛି। ୧୧ ତାରିଖରେ ପଟ୍ଟାମୁଣ୍ଡାଇରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର, ୧୪ରେ ମହାକାଳପଡ଼ାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ୧୮ ରେ ରାଜନଗରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ଓ ୨୦ରେ ରାଜକନିକାରେ ଉପଜିଲ୍ଲାପାଳ ଅରୁଣ ନାୟକ ରାଜସ୍ୱ ଅଭିଯୋଗ ଶୁଣାଣି କରିବେ। ସମସ୍ତ ଶୁଣାଣି ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଅନୁଷ୍ଠିତ ହେବ। ଜନସାଧାରଣଙ୍କ ଯେକୌଣସି ରାଜସ୍ୱ ସମ୍ପର୍କିତ ଅଭିଯୋଗ ଥିଲେ, ନିର୍ଦ୍ଧାରିତ ତାରିଖରେ ସମ୍ପୃକ୍ତ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଘାଟିତ

ଡେରାବିଶ, ୬।୮ (ସମିସ): ହୃଦୟାନନ୍ଦ ନାଏକ ସ୍ମାରକୀ ମହାବିଦ୍ୟାଳୟରେ ମହିଳା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଅକ୍ଷୟ ବଳଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ୍‌ଫ ପକ୍ଷରୁ ଆୟୋଜିତ ଏହି ଶିବିରର ଉଦ୍‌ଘାଟନୀ ସଭାରେ ପ୍ରଶାସନିକ ଅଧିକାରୀ ପ୍ରଫେସର ବିନୟ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। +୩ର ଉଭୟ କଳା ଓ ବିଜ୍ଞାନ ଛାତ୍ରୀଙ୍କୁ ନେଇ ଆୟୋଜିତ ଏହି ଶିବିରରେ ତାଲିମଦାତା ଭାବେ ଅଦ୍ୟାଶା ଲେଙ୍କା ଯୋଗଦେଇ ଶିବିରାର୍ଥୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଛାତ୍ରୀ କ୍ରିଷ୍ଣା କୁମାରୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସନାତନ ଧର୍ମ ସମ୍ମିଳନୀ ପ୍ରସ୍ତୁତି ବୈଠକ

ରାଜନଗର, ୬।୮ (ସମିସ): ଜଗଦଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତମିଳନ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ମହୁଲିଆ ଆଞ୍ଚଳିକ ଭକ୍ତଗୋଷ୍ଠୀଙ୍କ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶାନ୍ତି ଆନନ୍ଦ ଆଶ୍ରମର ବାବାଜୀ ହରେକୃଷ୍ଣ ଦାସ ମହାରାଜଙ୍କ ଅନୁମତିକ୍ରମେ ଓ ବାବାଜୀ ଅଦ୍ୱୈତ୍ୟ ଦାସମହାରାଜଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ମହୁଲିଆ କଳ୍ପତରୁ ଆଶ୍ରମରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ଆସନ୍ତାବର୍ଷ ଫେବୃଆରୀ ୨୫, ୨୬, ୨୭ ଓ ୨୮ ତାରିଖରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଉକ୍ତ ବୈଠକରେ ପରିଚାଳନା ପରିଷଦ ସଭାପତି ବିଶ୍ୱନାଥ ରାଉତ, ସମ୍ପାଦକ ବୈକୁଣ୍ଠ ଦାସ, ଯୁଗ୍ମ ସମ୍ପାଦକ ଅଭିନ୍ନ ସ୍ୱାଇଁ, ସମସ୍ତ କର୍ମକର୍ତ୍ତା ଓ ଉକ୍ତ ସମ୍ମିଳନୀ ସହିତ ସମ୍ପୃକ୍ତ ସମସ୍ତ ଭକ୍ତ ଗୋଷ୍ଠୀ ସଦସ୍ୟ ଉପସ୍ଥିତ ଥିଲେ।

## ସମାଜସେବୀ ମାୟାଧର ନାୟକଙ୍କ ପରଲୋକ



ରାଜନଗର, ୬।୮ (ସମିସ): କୁରୁଣ୍ଟି ପଞ୍ଚାୟତ ପଶ୍ଚିମ ବେଡ଼ା ଗ୍ରାମର ଅବସରପ୍ରାପ୍ତ ପୁଲିସ ଅଧିକାରୀ ଓ ସମାଜସେବୀ ମାୟାଧର ନାୟକଙ୍କ ୮୬ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ସ୍ୱର୍ଗତ ନାୟକ ଓଡ଼ିଶା ସରକାରଙ୍କ ପୁଲିସ ବିଭାଗରେ ବିଭିନ୍ନ ସ୍ଥାନରେ ସଫଳତାର ସହ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହୋଇଥିଲେ। ଅବସର ଗ୍ରହଣ ପରେ ସେ ବିଭିନ୍ନ ସ୍କୁଲରେ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ କରୁଥିଲେ। ତାଙ୍କ ମରଶରୀରକୁ ପୈତୃକ ଗ୍ରାମ ପଶ୍ଚିମ ବେଡ଼ାକୁ ଅଣାଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଅମୂଲ୍ୟ ମୁଖାଗ୍ନି ଦେଇଥିଲେ। ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସାଗରବେଳା ମହୋତ୍ସବ ସଭାପତି ଡ. ଅଭୟ ପତ୍ର ଶିକ୍ଷାବିତ ଶରତ ମହାପାତ୍ର, ସାମ୍ବାଦିକ ଭାସ୍କର ଚନ୍ଦ୍ର ରାଉତରାୟ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଚାରିଦିନ ହେବ ବୃଦ୍ଧ ନିଖୋଜ



ରାଜନଗର, ୬।୮ (ସମିସ): ରାଜନଗର ଥାନା ଅନ୍ତର୍ଗତ ବାଲିସାହିପାଟଣା ପଞ୍ଚାୟତ ମଧୁପୁର ଗ୍ରାମର ବୃଦ୍ଧ ବ୍ରଜବନ୍ଧୁ ନାୟକ ଚାରିଦିନ ହେବ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ପୁଅ ବିକାଶ ନାୟକ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ବ୍ରଜବନ୍ଧୁ ୨ ତାରିଖ ସକାଳେ ନିତ୍ୟକ୍ରମ ସାରି ଚା' ପିଇ ଘର ପିଣ୍ଡାରେ ବସିଥିଲେ। ପରେ ବିକାଶ ଓ ପରିବାର ଲୋକ ବୃଦ୍ଧଙ୍କୁ ପିଣ୍ଡାରେ ନ ପାଇ ଗାଁ ଓ ଆଖ ପାଖ ସ୍ଥାନ ଖୋଜିଥିଲେ, ବନ୍ଧୁ ଘରକୁ ଫୋନ କରି ଖବର ନେଇଥିଲେ ମଧ୍ୟ ବ୍ରଜବନ୍ଧୁଙ୍କ ପତ୍ତା ମିଳି ନ ଥିଲା। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳି ନ ଥିବା ତାଙ୍କ ପୁଅ ବିକାଶ ଜଣାଇଛନ୍ତି।

ମାଳିପୁର ଶନି ମନ୍ଦିର ନିକଟରେ ଗୋଷ୍ଠୀ ଶୌଚାଳୟ ନିର୍ମାଣକୁ ନେଇ ବିବାଦ

# ବେଆଇନ ନିର୍ମାଣ ବିରୋଧରେ ଅନଶନ

ପଟ୍ଟାମୁଣ୍ଡାଇ, ୬।୮ (ସମିସ)





ପଟ୍ଟାମୁଣ୍ଡାଇ ବ୍ଲକର ଶାସନ ପଞ୍ଚାୟତ ମାଳିପୁର ଗ୍ରାମରେ ଶନି ମନ୍ଦିର ନିକଟରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଛି ଓ ଏହି ଶୌଚାଳୟ ନିର୍ମାଣକୁ ନେଇ ବିବାଦ ଆରମ୍ଭ ହୋଇଛି। ସରକାରୀ ରାସ୍ତା ଉପରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଥିବା ଅଭିଯୋଗ କରି ଏହା ବିରୋଧରେ ଆଇନଗତ

**ଶନି ମନ୍ଦିର ଓ ଗୋଷ୍ଠୀ ଶୌଚାଳୟ ଭାଙ୍ଗିବା ପ୍ରତିବାଦରେ ବିକ୍ଷୋଭ**

କାର୍ଯ୍ୟାନୁଷ୍ଠାନ ଦାବି କରି ଗତକାଲି ପ୍ରଶାନ୍ତ ମହାନ୍ତି ଓ ରମାକାନ୍ତ ଦାସ ପଟ୍ଟାମୁଣ୍ଡାଇ ତହସିଲ ସମ୍ମୁଖରେ ଅନଶନ ଆରମ୍ଭ କରିଥିଲେ। ଆଜି ଏହି ଅନଶନକୁ ସମର୍ଥନ କରି କିଛି ଲୋକ ଧାରଣା ଦେଇଥିଲେ। ଏଭଳି ସ୍ଥିତିରେ ଶନି ମନ୍ଦିର ନିକଟରେ ପଞ୍ଚାୟତ ପକ୍ଷରୁ ନିର୍ମାଣାଧୀନ ଗୋଷ୍ଠୀ ଶୌଚାଳୟ କାଳେ ଭାଙ୍ଗି ଦିଆଯିବ, ସେହି ଆଶଙ୍କାରେ ଶାସନ ସରପଞ୍ଚ ସଂଗ୍ରାମ କେଶରୀ ବାରିକଙ୍କ ନେତୃତ୍ୱରେ ପଞ୍ଚାୟତର କିଛି ମହିଳା ଓ ପୁରୁଷ ଶୋଭାଯାତ୍ରାରେ ଆସି ପଟ୍ଟାମୁଣ୍ଡାଇ ତହସିଲ ଅଫିସରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଗୋଷ୍ଠୀ ଶୌଚାଳୟ ନ ଭାଙ୍ଗିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଶନି ମନ୍ଦିର ଗୋଷ୍ଠୀ ଶୌଚାଳୟ ନିର୍ମାଣରେ ଦେଖାଦେଇଥିବା ବିବାଦୀୟ ପରିସ୍ଥିତି ସମ୍ପର୍କରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଉଭୟ ପକ୍ଷର ଦାବି ଓ ଅଭିଯୋଗକୁ ଅନୁଧ୍ୟାନ କରିଛି ଓ ବ୍ଲକ ପ୍ରଶାସନ ଦ୍ୱାରା ନିର୍ମାଣାଧୀନ ଏହି ପ୍ରକଳ୍ପ ସମ୍ପର୍କରେ ସ୍ପଷ୍ଟୀକରଣ ମଗାଯିବାରୁ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଶନି ମନ୍ଦିର ଭକ୍ତ ପାଇଁ ନିର୍ମାଣ କରାଯାଉଥିବା ସୂଚନା ମିଳିଛି। ବିଡିଓ ଶୀତଲ ଅଗ୍ରୱାଲଙ୍କୁ ପଚାରିବାରୁ ସେ କହିଛନ୍ତି, ଶନି ମନ୍ଦିରକୁ ଆସୁଥିବା ଭକ୍ତଙ୍କ ପାଇଁ ମନ୍ଦିର ନିକଟରେ କୌଣସି ଶୌଚାଳୟ ନ ଥିବାରୁ ସ୍ଥାନୀୟ ଗ୍ରାମବାସୀ ଓ ପଞ୍ଚାୟତ ପକ୍ଷରୁ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ ପାଇଁ ପ୍ରସ୍ତାବ ଆସିଥିଲା। ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ସରକାରୀ ଅନୁଦାନରେ ସରକାରୀ ଜମିରେ ଏହି ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଛି।

● ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷାଙ୍କ ନିଲମ୍ବନକୁ ନେଇ ଚର୍ଚ୍ଚା

# ବିଇଓଙ୍କ ରିପୋର୍ଟରେ ଆର୍ଥିକ ଅନିୟମିତତାରେ ସମ୍ପୃକ୍ତ

ଗରଦପୁର, ୬।୮ (ସମିସ): ପରକଣାଠାରେ ଥିବା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ସନ୍ତୋଷୀ ଦାସ ସାମଲଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ନିଲମ୍ବିତ କରିଛନ୍ତି। ସୋମବାର ବ୍ଲକରେ ଆୟୋଜିତ ଜନଶୁଣାଣି ଶିବିରରେ ଯୋଗଦେଇ ଫେରିବା ସମୟରେ ଜିଲ୍ଲାପାଳ ରଘୁରାମ ଆର ଆୟାର ଏହି ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ।

ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ବାରିକ ଓ ବ୍ଲକ ଶିକ୍ଷାଧିକାରୀ ଅଜୟ ସେଠୀ ଆସିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଅଧ୍ୟକ୍ଷା ଅନୁପସ୍ଥିତ ରହିଥିଲେ ବି କେଉଁ କାରଣ ଯୋଗୁଁ ଅଧ୍ୟକ୍ଷା ଅନୁପସ୍ଥିତି ଥିଲେ ତା'ର କୌଣସି କାରଣ ନ ଥିବା ଜିଲ୍ଲାପାଳ ଅନୁଧ୍ୟାନ କରି ଫେରି ବ୍ଲକ ଶିକ୍ଷାଧିକାରୀ ଅଜୟ କୁମାର ସେଠୀଙ୍କୁ ତଦନ୍ତ ଦାୟିତ୍ୱ ଦେବା ସହ ୨ ଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ବଳରେ ଶିକ୍ଷା ଅଧିକାରୀ ତଦନ୍ତ କରି ଗତମାସ ୩୧ରୁ ଚଳିତ ମାସ ୩ ତାରିଖ ପର୍ଯ୍ୟନ୍ତ ଅଧ୍ୟକ୍ଷା କୌଣସି ଛୁଟି ଦରଖାସ୍ତ ନ ଦେଇ ଅନୁପସ୍ଥିତ ରହିଛନ୍ତି। ମଧ୍ୟାହ୍ନଭୋଜନ ପରିଚାଳନା ଓ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଉପରେ ଅନୁଧ୍ୟାନ କରିଥିଲେ। ଏହି ବିଦ୍ୟାଳୟରେ ପରିଚାଳନା କମିଟି ରହିଥିଲେ ମଧ୍ୟ ୫ ବର୍ଷ ଭିତରେ ୫ ଥର ମଧ୍ୟ ବୈଠକ ବସି ନଥିବା ଅଭିଯୋଗ ତଦନ୍ତରୁ ମଧ୍ୟ ଜଣାପଡ଼ିଥିଲା। ଅଧ୍ୟକ୍ଷାଙ୍କ ମନମୁଖୀ କାର୍ଯ୍ୟ ଓ ସ୍କୁଲ ପରିଚାଳନା ବିଭିନ୍ନ କ୍ଷେତ୍ରରେ ଆର୍ଥିକ ଅନିୟମିତତା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଆସୁଥିଲା। ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଅଧ୍ୟକ୍ଷା ସ୍କୁଲର କମ୍ପ୍ୟୁଟର ଶିକ୍ଷକଙ୍କୁ ରଖିଛନ୍ତି। ସେହି ଶିକ୍ଷକ ମଧ୍ୟାହ୍ନଭୋଜନର ବିଭିନ୍ନ ସାମଗ୍ରୀ ବାବଦରେ ପ୍ରାୟ ଏକଲକ୍ଷ ଟଙ୍କା ବାକିରେ ଆଣିଥିଲେ ମଧ୍ୟ ଅଧ୍ୟକ୍ଷା ତାଙ୍କ ବାକି ପଇସାକୁ ପରିଶୋଧ କରୁନାହାନ୍ତି। ସଂସ୍କୃତ ଶିକ୍ଷକ ଓ ଅଧ୍ୟକ୍ଷାଙ୍କ ନାମରେ ସ୍କୁଲର ବ୍ୟାଙ୍କରେ ଯୁଗ୍ମ ଆକାଉଣ୍ଟ ଅଛି। ଅଧ୍ୟକ୍ଷା ବ୍ଲାଙ୍କ ଚେକ୍‌ରେ ସଂସ୍କୃତ ଶିକ୍ଷକଙ୍କ ଦସ୍ତଖତ କରାଇ ନେଇ ବ୍ୟାଙ୍କରୁ ଟଙ୍କା ଉଠାନ୍ତି ବୋଲି ସଂସ୍କୃତ ଶିକ୍ଷକ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଜଣାଇଛନ୍ତି ବୋଲି ସୂଚନା ମିଳିଛି। ଏପରିକି କ୍ୟାସବୁକରେ ୪ ଲକ୍ଷରୁ ଅଧିକ ଟଙ୍କା କେଉଁ ଆଡେ ଯାଇଛି ତାହା ମଧ୍ୟ ଜଣାପଡୁନାହିଁ ବୋଲି ସୂଚନା ମିଳିଛି। ଏପରି କ୍ରମାଗତ ଭାବେ କର୍ତ୍ତବ୍ୟରେ ଅବହେଳା ଓ ଆର୍ଥିକ ଅନିୟମିତତାକୁ ନେଇ ବ୍ଲକ ଶିକ୍ଷାଧିକାରୀ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ଜିଲ୍ଲାପାଳ ଅଧ୍ୟକ୍ଷାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି ବୋଲି ଜଣାପଡ଼ିଛି।

ସକାଳ
THE SAKALA

# ସମ୍ପାଦକୀୟ



ସୂର୍ଯ୍ୟ ଓ ସତ୍ୟକୁ ଅଧିକ ଦିନ ପର୍ଯ୍ୟନ୍ତ ଲୁଚାଇ ରଖିହେବ ନାହିଁ।
-ଗୌତମ ବୁଦ୍ଧ

## ମନି ବିଲ୍ ବିବାଦ

ଦେଶର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସଂଖ୍ୟା ୩୪ ରୁ ୩୮ ବୃଦ୍ଧି ପ୍ରସ୍ତାବକୁ ବୈଧାନିକ ସ୍ୱୀକୃତି ଦେବା ପାଇଁ କେନ୍ଦ୍ର ସରକାର 'ମନି ବିଲ୍' ବ୍ୟବସ୍ଥା ଉପଯୋଗ କରିଥିବାରୁ ବିତର୍କ ସୃଷ୍ଟି ହୋଇଛି। ୨୦୧୯ ରେ ମଧ୍ୟ ସମାନ ଢଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସଂଖ୍ୟା ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ସାଧାରଣତଃ କନ୍‌ସୋଲିଡେଟେଡ୍ ଫଣ୍ଡ, କଣ୍ଟିଜେନ୍ସି ଫଣ୍ଡ, ବଜେଟ୍ ପ୍ରସ୍ତାବ, ଟିକସ ପ୍ରସ୍ତାବ ଆଦି ଅର୍ଥସଂକ୍ରାନ୍ତ ବିଧେୟକଗୁଡ଼ିକୁ ସଂସଦରେ ପାରିତ କରିବା ପାଇଁ 'ମନି ବିଲ୍' ବ୍ୟବସ୍ଥା ସମ୍ବିଧାନର ୧୧୦ ଧାରାରେ ଉଲ୍ଲେଖ ରହିଛି। ସମ୍ପ୍ରତି ସର୍ବୋଚ୍ଚ ନ୍ୟାୟାଳୟର ଅତିରିକ୍ତ ଚାରି ବିଚାରପତି ପଦ ସୃଷ୍ଟି ପାଇଁ ଦରମା, ଭତ୍ତା, ଆବାସିକ ଖର୍ଚ୍ଚ, ସୁରକ୍ଷା ଖର୍ଚ୍ଚ, ଆନୁସଙ୍ଗିକ ଖର୍ଚ୍ଚ, କର୍ମଚାରୀଙ୍କ ଦରମା ଆଦିକୁ ମିଶାଇ ସାମଗ୍ରିକ ଭାବେ ୧୪ କୋଟି ୪ ଲକ୍ଷ ୧୭ ହଜାର ୬୪୮ ଟଙ୍କାର ଅତିରିକ୍ତ ଆର୍ଥିକ ଭାର ରାଜକୋଷ ଉପରେ ପଡ଼ିବ। ତେଣୁ ସୁପ୍ରିମକୋର୍ଟ(ବିଚାରପତି ସଂଖ୍ୟା) ସଂଶୋଧନ ବିଧେୟକ-୨୦୨୬କୁ 'ମନି ବିଲ୍' ଭାବରେ ଲୋକସଭାରେ ପାରିତ କରାଗଲା ବୋଲି କେନ୍ଦ୍ର ସରକାର ଯୁକ୍ତି ଦର୍ଶାଇଛନ୍ତି।

ଅପରପକ୍ଷରେ ଯେତେବେଳେ ରାଜ୍ୟ ସଭାରେ କ୍ଷମତାସୀନ ଶାସକ ଦଳର ବହୁମତ ନ ଥାଏ ସେତେବେଳେ କୌଣସି ବିଧେୟକ ପାରିତ କରି ଆଇନରେ ପରିଣତ କରିବା ପାଇଁ 'ମନି ବିଲ୍'ଉପଯୋଗ କରାଯାଇଥିବାର ଉଦାହରଣ ରହିଛି। ଏନ୍‌ଡିଏ ସରକାର ପୂର୍ବ ପାଳିରେ 'ପ୍ରିଭେନ୍‌ସନ୍ ଅଫ୍ ମନି ଲର୍ଡରିଂ ଆକ୍ଟ', 'ଆଧାର ଆଇନ୍' ଓ 'ଟ୍ରିବ୍ୟୁନାଲ୍ ନିଯୁକ୍ତି ସେବା ଆଇନ୍'କୁ 'ମନି ବିଲ୍' ଜରିଆରେ ପାରିତ କରାଯିବା ପରେ ଏହାର ସାମ୍ବିଧାନିକ ବୈଧତା ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ଦାୟର ହୋଇଥିଲା। ଏଥିମଧ୍ୟରୁ 'ଆଧାର ଆଇନ' ପାରିତ ପ୍ରକ୍ରିୟାକୁ ସର୍ବୋଚ୍ଚ ନ୍ୟାୟାଳୟ ସାମ୍ବିଧାନିକ ସଙ୍ଗତ ବୋଲି ରାୟ ଦେଇଥିବା ବେଳେ 'ଟ୍ରିବ୍ୟୁନାଲ୍ ଆଇନ୍' ପ୍ରକ୍ରିୟାକୁ ଅସାମ୍ବିଧାନିକ ଦର୍ଶାଇ ଖାରଜ କରିଦେଇଥିଲେ। ସେହିପରି 'ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ'ର ସାମ୍ବିଧାନିକ ବୈଧତା ସର୍ବୋଚ୍ଚ ନ୍ୟାୟାଳୟର ବୃହତ୍ତର ସମ୍ବିଧାନ ଖଣ୍ଡପୀଠରେ ବିଚାରାଧୀନ ରହିଛି। ୨୦୧୮ ରେ ତତ୍କାଳୀନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ 'ଆଧାର ଆଇନ' ସମ୍ପର୍କିତ ମାମଲା ଶୁଣାଣି ବେଳେ ପ୍ରତ୍ୟକ୍ଷ ଆର୍ଥିକ ସମ୍ପର୍କ ନଥିବା ବିଧେୟକଗୁଡ଼ିକୁ ମନି ବିଲ୍ ଜରିଆରେ ପାରିତ କରାଇ ନେବାର ଉଦ୍ୟମକୁ 'ଗଳା ବାଟ' ବା 'ଠକେଇ' ଭାବେ ଅଭିହିତ କରିଥିଲେ।

ତେଣୁ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ 'ମନି ବିଲ୍' ସାହାରା ନେବା ସମ୍ବିଧାନର ଦୁରୁପଯୋଗ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ଏବେ ସଂସଦରେ ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ ଜାରି ରହିଥିବାରୁ କେନ୍ଦ୍ର ସରକାର 'ମନି ବିଲ୍' ଜରିଆରେ ଅତ୍ୟାବଶ୍ୟକ ଅତିରିକ୍ତ ବିଚାରପତି ନିଯୁକ୍ତି ବିଧେୟକକୁ ପାରିତ କରାଇ ନେବାକୁ ଉଚିତ ମଣିଛନ୍ତି। ଏହାଦ୍ୱାରା ଲକ୍ଷ ଲକ୍ଷ ବିଚାରାଧୀନ ମାମଲାର ବିଚାର ପ୍ରକ୍ରିୟା ଓ ଫଇସଲା ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା ସଞ୍ଚାର ହୋଇଛି।

## ସ୍ୱାଗତଯୋଗ୍ୟ ରାୟ

ସଡ଼କ ପଥରେ ପରିବହନ, ଗମନାଗମନ, ଯାନବାହନ ସଂଖ୍ୟା ବୃଦ୍ଧି ସହିତ ଦୁର୍ଘଟଣା ପରିସଂଖ୍ୟାନ ମଧ୍ୟ ବଢ଼ି ଚାଲିଛି। ଦୁର୍ଘଟଣାରେ ମୃତ, ଆହତ ଓ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବା ପାଇଁ ଆଇନରେ ବ୍ୟବସ୍ଥା ରହିଛି। ମୋଟର ଯାନ ଆଇନ ୧୯୮୮ ଧାରା ୧୪୬ ଅନୁଯାୟୀ ଗାଡ଼ିଚାଳକ/ଗାଡ଼ି ମାଲିକଙ୍କ ପାଇଁ ତୃତୀୟପକ୍ଷ ବୀମା ବାଧ୍ୟତାମୂଳକ କରାଯାଇଛି। ଏହା ସତ୍ତ୍ୱେ ଅନେକ ଗାଡ଼ିଚାଳକ ବୀମାଧାରୀ ଭାବେ ପଞ୍ଜିକୃତ ହେଉ ନାହାନ୍ତି କିମ୍ବା ବୀମାର ନବୀକରଣ କରୁନାହାନ୍ତି। ଫଳରେ ଦୁର୍ଘଟଣାଗ୍ରସ୍ତ ପୀଡ଼ିତଙ୍କୁ କ୍ଷତିପୂରଣ ମିଳିପାରୁନାହିଁ। ଏଥିରେ ଉଦ୍‌ବେଗ ପ୍ରକାଶ କରି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନିକଟରେ ଏକ ସ୍ୱାଗତଯୋଗ୍ୟ ବାଟ ବାହାର କରିଛନ୍ତି। ଯେଉଁମାନଙ୍କର ବୀମା ନବୀକରଣ ହୋଇନାହିଁ ବା ଆଦୌ ବୀମା ନାହିଁ ସେମାନଙ୍କୁ ପେଟ୍ରୋଲ୍/ଡିଜେଲ୍ ନ ଦେବା ଏବଂ କୌଣସି ବାହନଚାଳକ ବୀମାଧାରୀ କି ନୁହନ୍ତି ତାହା ସାଧାରଣ ନାଗରିକ ଜାଣିପାରିବା ଭଳି ବ୍ୟବସ୍ଥା ବିକାଶ ଦିଗରେ ଦୃଷ୍ଟି ଦେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ୨୦୨୪ ଡିସେମ୍ବର ମାସରେ ସଂସଦର ଅର୍ଥ ମନ୍ତ୍ରଣାଳୟର ସ୍ଥାୟୀ କମିଟି ପ୍ରଦତ୍ତ ଏକ ରିପୋର୍ଟକୁ ଉଦ୍ଧାର କରିଛନ୍ତି। ସେଥିରେ ଦର୍ଶାଯାଇଛି ଯେ ଦେଶରେ ସେହି ସମୟରେ ମୋଟ ୧୬ କୋଟି ୫୪ ଲକ୍ଷ ଯାନ ପଞ୍ଜିକୃତ ହୋଇଥିବା ବେଳେ ମାତ୍ର ୪୪ ପ୍ରତିଶତ ଗାଡ଼ିମାଲିକଙ୍କ ନାମରେ ବୀମା ରହିଥିଲା। ଦେଶରେ ବର୍ଷକୁ ହାରାହାରି ୪ ଲକ୍ଷ ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ଦୁର୍ଘଟଣା ଘଟାଇଥିବା ଗାଡ଼ିମଧ୍ୟରୁ ମାତ୍ର ୨୨% ବୀମାଭୁକ୍ତ। ଗାଡ଼ି ଚାଳକମାନଙ୍କର ଏଭଳି ମାନସିକତାକୁ ପ୍ରତିହତ କରିବା ପାଇଁ 'ବାହନ ପୋର୍ଟାଲ୍' ସହିତ ବୀମା ସୂଚନା ବ୍ୟୁରୋକୁ ସଂଲଗ୍ନ କରିପାରିବା ଭଳି ବ୍ୟବସ୍ଥା ବିକଶିତ କରିବା ଉପରେ ଖଣ୍ଡପୀଠ ଗୁରୁତ୍ୱ ଆରୋପ କରିଛନ୍ତି। ଏଥିସହିତ ପ୍ରତି ଗାଡ଼ିର ବୀମା ଯାଞ୍ଚ କରିବା ଲାଗି ପୁଲିସ୍‌କୁ ଅଧିକୃତ କରିବା, ଜାତୀୟ ରାଜପଥମାନଙ୍କରେ 'ଅଟୋମେଟିକ୍ ନମ୍ବର ପ୍ଲେଟ୍ ଚିହ୍ନଟ' ଓ 'ଇଚାଲାଣ' ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମଧ୍ୟ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ତୃତୀୟ ପକ୍ଷ ବୀମା ଅବଧିକୁ ଦୁଇଚକିଆ ଯାନ ପାଇଁ ୬ ବର୍ଷ ଓ ଚାରିଚକିଆ ଯାନ ପାଇଁ ୪ ବର୍ଷକୁ ବୃଦ୍ଧି କରି ଏହାକୁ ତତ୍କାଳ ଲାଗୁ କରିବାକୁ ଖଣ୍ଡପୀଠ ବୀମା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ୨୦୧୮ ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟରେ ଏହି ଅବଧି ଦୁଇଚକିଆ ଓ ଚାରିଚକିଆ ଯାନ ପାଇଁ ଯଥାକ୍ରମେ ୫ ବର୍ଷ ଓ ୩ ବର୍ଷ ରହିଥିଲା। ଏଥିସହିତ ବୀମା କମ୍ପାନୀମାନେ ଉପଭୋକ୍ତା ଅନୁକୂଳ ହେବାକୁ ରାୟରେ ପରାମର୍ଶ ଦିଆଯାଇଛଇ। ୨୦୨୨ ମାର୍ଚ୍ଚ ମାସରୁ ଯେଉଁ ମାମଲାଗୁଡ଼ିକ ବିଚାରାଧୀନ ରହିଛି ତାହା ତ୍ୱରାନ୍ୱିତ କରିବାକୁ ଅଦାଳତ ନିର୍ଦ୍ଦେଶ ଦେଇଥିବାରୁ ପୀଡ଼ିତମାନେ ଉପକୃତ ହେବେ। ସର୍ବାଦୌ ଏଭଳି ରାୟ ସମୟୋପଯୋଗୀ ଓ ସ୍ୱାଗତଯୋଗ୍ୟ।

## ସ୍ୱଚ୍ଛ ଇନ୍ଧନ ବନାମ ଗ୍ରାହକଙ୍କ ସ୍ୱାର୍ଥ

ବରୁଣ କୁମାର ମହାପାତ୍ର

ଭାରତରେ 'ଇ୨୦' ଇନ୍ଧନର ପ୍ରଚଳନ ସମ୍ପ୍ରତି ଏକ ଜାତୀୟ ବିତର୍କ ପାଲଟିଛି। ସରକାର ଏହାକୁ ଦେଶର ଶକ୍ତି ସୁରକ୍ଷା ଓ ସ୍ୱଚ୍ଛ ପରିବେଶ ପାଇଁ ଏକ ବୈପ୍ଳବିକ ପଦକ୍ଷେପ ବୋଲି କହୁଛନ୍ତି। ଚଳିତ ବର୍ଷ ଏପ୍ରିଲ ପହିଲାରୁ ଦେଶବ୍ୟାପୀ ଏହାର ବ୍ୟବହାର ବାଧ୍ୟତାମୂଳକ କରାଯାଇଥିବା ବେଳେ ସାଧାରଣ ଗ୍ରାହକ ଏବଂ ଗାଡ଼ି ମାଲିକଙ୍କ ମନରେ କିନ୍ତୁ ଏହି ମିଶ୍ରଇନ୍ଧନକୁ ନେଇ ଅନେକ ପ୍ରଶ୍ନ ଓ ଆଶଙ୍କା ସୃଷ୍ଟି ହୋଇଛି।




'ଇ୨୦' ହେଉଛି ୨୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲ। ଇଥାନଲ ଏକପ୍ରକାର ଜୈବ ଇନ୍ଧନ, ଯାହା ମୁଖ୍ୟତଃ ଆଖୁ, ମକା, ବାର୍ଲି ଆଦି କୃଷିଜାତ ଦ୍ରବ୍ୟରୁ ପ୍ରସ୍ତୁତ କରାଯାଏ। 'ଇଥାନଲ ବ୍ଲେଣ୍ଡେଡ୍ ପେଟ୍ରୋଲ' (ଇବିପି) କାର୍ଯ୍ୟକ୍ରମ ଅଧୀନରେ ସରକାର ଏହି ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି। ୨୦୧୩-୧୪ରେ ଇଥାନଲ ମିଶ୍ରଣ ହାର ୧.୫ ପ୍ରତିଶତରୁ କମ୍ ଥିଲା ବେଳେ ସମ୍ପ୍ରତି ସରକାର ଏହାକୁ ୨୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି। 'ଇ୨୦' ଲକ୍ଷ୍ୟ ହାସଲ ପାଇଁ ୨୦୩୦ ଥିଲା ସମୟସୀମା। ଭାରତ କିନ୍ତୁ ଧାର୍ଯ୍ୟ ସମୟସୀମାର ପାଞ୍ଚ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିପାରିଛି।

ଭାରତ ନିଜ ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତ ଅଶୋଧିତ ତୈଳ ବିଦେଶରୁ ଆମଦାନୀ କରିଥାଏ। ଏଥିପାଇଁ ପ୍ରତିବର୍ଷ ପାଖାପାଖି ୧୫୦ ବିଲିଅନ ଡଲାର ଖର୍ଚ୍ଚ କରିଥାଏ। ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବଢ଼ିଲେ ଦେଶର ଅର୍ଥନୀତି ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼େ, ଯାହା ସମ୍ପ୍ରତି ମଧ୍ୟପ୍ରାଚ୍ୟ ସଂକଟରୁ ଅନୁମେୟ। ତେଣୁ ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ସବୁଜଗୃହ ବାଷ୍ପ ନିର୍ଗମନ କମାଇବା ଉଦ୍ଦେଶ୍ୟରେ ଭାରତ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦିଗରେ ପଦକ୍ଷେପ ନେଇଛି। ଏହାଦ୍ୱାରା ବିଦେଶୀ ମୁଦ୍ରାଭଣ୍ଡାର ଉପରେ ଚାପ କମିବ ଏବଂ କୃଷିଭିତ୍ତିକ ଶିଳ୍ପକୁ ବି ବଜାର ମିଳିବ ବୋଲି ଭାରତ ସରକାର ଯୁକ୍ତି ବାଢ଼ିଛନ୍ତି। ଇଥାନଲ ଏକ ନବୀକରଣଯୋଗ୍ୟ ଜୈବ ଇନ୍ଧନ ହୋଇଥିବାରୁ ଏହାର ବ୍ୟବହାର ପେଟ୍ରୋଲ, ଡିଜେଲ୍ ଭଳି ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବ। ଏହାଛଡ଼ା 'ଇ୨୦' ଦ୍ୱାରା ବାୟୁମଣ୍ଡଳକୁ କ୍ଷତିକାରକ ଗ୍ୟାସର ନିର୍ଗମନ କମିବ। ଯାହା ବାୟୁ ପ୍ରଦୂଷଣ ହ୍ରାସ କରିବାରେ ସହାୟକ ହେବ।

ଇଥାନଲ ମିଶ୍ରିତ ଇନ୍ଧନ ଆଧୁନିକ ଯାନବାହନ ପାଇଁ ଅନୁକୂଳ ବୋଲି ସରକାର ଦାବି କରୁଛନ୍ତି। କିନ୍ତୁ 'ଇ୨୦'କୁ ନେଇ ଗାଡ଼ିଚାଳକ ବିଶେଷକରି ୨୦୨୩ ପୂର୍ବରୁ ନିର୍ମିତ ଗାଡ଼ି ମାଲିକମାନଙ୍କ ସନ୍ଦେହ ଦୂରୀଭୂତ ହେଉନାହିଁ। ସେମାନଙ୍କ ଅଭିଯୋଗ ଯେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଯୋଗୁଁ ସେମାନଙ୍କ ଗାଡ଼ିର ମାଇଲେଜ୍ କମି ଯାଉଛି। ଇଞ୍ଜିନ ଖରାପ ହେଉଛି। ଏହି ଇନ୍ଧନର ବ୍ୟବହାର ଯୋଗୁଁ ଦୀର୍ଘକାଳୀନ ପ୍ରତିକୂଳ ପ୍ରଭାବ ନେଇ ଗାଡ଼ି ମାଲିକଙ୍କ ଆଶଙ୍କା ଅମୂଳକ ନୁହେଁ ବୋଲି ମଧ୍ୟ ବିଶେଷଜ୍ଞମାନେ କହିଛନ୍ତି। ସେମାନଙ୍କ ମତରେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦ୍ୱାରା ପୁରୁଣା ଗାଡ଼ିଗୁଡ଼ିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ବଢ଼ିପାରେ। ୨୦୨୩ ପରେ ନିର୍ମିତ କିଛି ଇଥାନଲ ଅନୁକୂଳ ଯାନ ଏହି ମିଶ୍ରପେଟ୍ରୋଲ ଦ୍ୱାରା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଏହାଛଡ଼ା ଏ ବାବଦରେ ସ୍ପଷ୍ଟ ମାର୍ଗଦର୍ଶିକାର ଅଭାବ ସହ ୱାରେଣ୍ଟି ସମ୍ବନ୍ଧୀୟ ପ୍ରଶ୍ନ ମଧ୍ୟ ଉଠିଛି। ଇଥାନଲ ମିଶ୍ରିତ ପେଟ୍ରୋଲ ପାଇଁ କୌଣସି ସମସ୍ୟା ଉପୁଜିଲେ ତାହାକୁ ଗାଡ଼ି ନିର୍ମାତାମାନେ ୱାରେଣ୍ଟି ଅନ୍ତର୍ଭୁକ୍ତ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ତେବେ କେନ୍ଦ୍ର ସରକାର ଉପରୋକ୍ତ ଅଭିଯୋଗଗୁଡ଼ିକୁ ଖଣ୍ଡନ କରିଥିଲେ ମଧ୍ୟ ଗ୍ରାହକଙ୍କ ସନ୍ଦେହ ଓ ଦ୍ୱନ୍ଦ୍ୱ ଦୂର କରିବା ପାଇଁ କୌଣସି ସ୍ପଷ୍ଟ ଉତ୍ତର ରଖି ନାହାନ୍ତି। ଅବଶ୍ୟ କିଛି ପୁରୁଣା ଯାନରେ ସମସ୍ୟା କଥାକୁ କିଛି ଗାଡ଼ି ନିର୍ମାତା ମାନିଛନ୍ତି। 'ଇ୨୦' ବ୍ୟବହାର ଦ୍ୱାରା କେତେକ ଗାଡ଼ିରେ ୩ରୁ ୫ ପ୍ରତିଶତ ପର୍ଯ୍ୟନ୍ତ ମାଇଲେଜ୍ କମିପାରେ ବୋଲି ତୈଳ ମନ୍ତ୍ରାଳୟ ସ୍ୱୀକାର କରିଛି। ସେପଟେ ବିରୋଧୀ ଦଳଙ୍କ ଅଭିଯୋଗ ହେଉଛି ଯେ ଇଥାନଲ ଉତ୍ପାଦନରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପରିବାରର ବ୍ୟବସାୟିକ ସ୍ୱାର୍ଥ ଜଡ଼ିତ ଥିବାରୁ ଏହି ମିଶ୍ରଇନ୍ଧନ ନୀତିକୁ କାର୍ଯ୍ୟକାରୀ କରାଯାଉଛି। ଏ ସବୁ ଆପତ୍ତି ଓ ଅଭିଯୋଗ ସତ୍ତ୍ୱେ 'ଇଥାନଲ ବ୍ଲେଣ୍ଡେଡ୍ ପେଟ୍ରୋଲ' (ଇବିପି) କାର୍ଯ୍ୟକ୍ରମକୁ ବନ୍ଦ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ସ୍ପଷ୍ଟ କରିସାରିଛନ୍ତି ସରକାର।

ଗାଡ଼ି ଗ୍ରାହକଙ୍କ ବ୍ୟତୀତ 'ଇ୨୦' ନେଇ ପରିବେଶବିତ୍‌ମାନଙ୍କର ମଧ୍ୟ କିଛି ଆପତ୍ତି ରହିଛି। ଇଥାନଲଯୁକ୍ତ ଇନ୍ଧନ ଯୋଗୁଁ ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପଡ଼ିପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଆଖୁ ଭଳି ଫସଲ ପାଇଁ ପ୍ରଚୁର ପରିମାଣରେ ଜଳ ଆବଶ୍ୟକ। ଯଦି ଇଥାନଲ ଉତ୍ପାଦନ ପାଇଁ ଆଖୁ ଅଧିକମାତ୍ରାରେ ବ୍ୟବହୃତ ହୁଏ, ତେବେ ଜଳସଙ୍କଟ ଆହୁରି ଉତ୍କଟ ହୋଇପାରେ। ଏହାଛଡ଼ା ଜମି କିସମର ପରିବର୍ତ୍ତନ ସହ ଖାଦ୍ୟ ସୁରକ୍ଷା ଉପରେ ଚାପ ବଢ଼ିବା ଆଶଙ୍କା ରହିଛି। ଖାଦ୍ୟଚକ୍ର ଆଧାରିତ ଅଙ୍ଗାରକ ନିର୍ଗମନ ଦିଗକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ପରିବେଶବିତ୍ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ଭାରତ ଇଥାନଲ ପ୍ରସଙ୍ଗରେ ବ୍ରାଜିଲ ମଡେଲକୁ ଅନୁସରଣ କରୁଛି। ଇଥାନଲ ମିଶ୍ରଣ କ୍ଷେତ୍ରରେ ବ୍ରାଜିଲ ହେଉଛି ବିଶ୍ୱର ଅଗ୍ରଣୀ ଦେଶ। ୧୯୭୦ ଦଶକର ତୈଳ ସଙ୍କଟ ପରଠୁ ଏହି ଦକ୍ଷିଣ ଆମେରିକୀୟ ଦେଶରେ ୨୦ ରୁ ୮୫ ପ୍ରତିଶତ ଯାଏଁ ଇଥାନଲ ମିଶ୍ରଇନ୍ଧନ ବ୍ୟବହାର ହେଉଛି। ଏଥିପାଇଁ ସେଠାରେ ଫ୍ଲେକ୍ସ-ଫ୍ୟୁଏଲ ଯାନ ବ୍ୟବସ୍ଥା ରହିଛି, ଯାହା ଶତ ପ୍ରତିଶତ ଇଥାନଲରେ ଚାଲେ। ଭାରତ ପାଇଁ ଆହ୍ୱାନ ହେଉଛି ବ୍ରାଜିଲ ଭଳି ପର୍ଯ୍ୟାୟକ୍ରମେ ବିକଶିତ ହୋଇଥିବା ଫ୍ଲେକ୍ସ-ଫ୍ୟୁଏଲ ଯାନ ବ୍ୟବସ୍ଥା ଏଠାରେ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ପାରିନାହିଁ। ଭବିଷ୍ୟତରେ ୮୫ ପ୍ରତିଶତ ଇଥାନଲ ମିଶ୍ରିତ(ଇ୮୫) ଇନ୍ଧନର ବ୍ୟବହାର ନେଇ ସରକାର ସଙ୍କେତ ଦେଇଥିବା ବେଳେ ଫ୍ଲେକ୍ସ-ଫ୍ୟୁଏଲ ଯାନର ଆବଶ୍ୟକତା ରହିଛି। ସରକାର ଏ ଦିଗ ପ୍ରତି ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ।

'ଇ୨୦' ନେଇ ବିବାଦର ମୂଳ କାରଣ ବିଶ୍ୱାସ ଓ ସ୍ପଷ୍ଟ ସୂଚନାର ଅଭାବ। ଶକ୍ତି ସୁରକ୍ଷା, କୃଷକଙ୍କ ଆୟ ବୃଦ୍ଧି ଓ ଅଙ୍ଗାରକ ନିର୍ଗମନ ହ୍ରାସ ପାଇଁ ଇଥାନଲ ମିଶ୍ରିତ ଇନ୍ଧନ ଏକ ଦୂରଦର୍ଶୀ ପଦକ୍ଷେପ ହୋଇପାରେ। କିନ୍ତୁ ଏହାକୁ ସଫଳ କରିବା ଲାଗି କେବଳ ନୀତି ଘୋଷଣା କରିଦେଲେ ହେବ ନାହିଁ। ସରକାରଙ୍କୁ ଉଭୟ ପୁରୁଣା ଓ ନୂଆ ଯାନବାହନ ପାଇଁ ସ୍ପଷ୍ଟ ପ୍ରାୟୋଗିକ ମାର୍ଗଦର୍ଶିକା ଜାରି କରିବାକୁ ହେବ। ଏଥିସହ ସ୍ୱାଧୀନ ତଥା ନିରପେକ୍ଷ ବୈଜ୍ଞାନିକ ଅଧ୍ୟୟନର ଫଳାଫଳ ସାର୍ବଜନୀନ କରି ଗ୍ରାହକଙ୍କ ସନ୍ଦେହ ଦୂର କରିବାକୁ ପଡ଼ିବ। ଫ୍ଲେକ୍ସ-ଫ୍ୟୁଏଲ ଯାନକୁ ପ୍ରୋତ୍ସାହନ ଓ ଇଥାନଲ ଉତ୍ପାଦନରେ ଜଳ ଓ ଖାଦ୍ୟ ସୁରକ୍ଷାର ସନ୍ତୁଳନ ରକ୍ଷା କରିବା ବି ଜରୁରୀ। ଅନୁରୂପ ଭାବେ ଗାଡ଼ି କମ୍ପାନିମାନଙ୍କୁ ମଧ୍ୟ ପୁରୁଣା ଓ ନୂଆ ଯାନମାଲିକଙ୍କ ପାଇଁ ସ୍ପଷ୍ଟ ସୂଚନା ଦେବା ଉଚିତ। ସବୁଜ ତଥା ସ୍ୱଚ୍ଛ ଇନ୍ଧନ ଆଡ଼କୁ ଭାରତର ଯାତ୍ରା ଅପରିହାର୍ଯ୍ୟ। ତେବେ ବିଜ୍ଞାନ ଓ ପାରଦର୍ଶିତା, ଗ୍ରାହକଙ୍କ ସ୍ୱାର୍ଥ ଓ ପରିବେଶ ମଧ୍ୟରେ ସଠିକ୍ ସନ୍ତୁଳନ ରକ୍ଷା ହୋଇପାରିଲେ ହିଁ ଏହି ଯାତ୍ରା ସଫଳ ହୋଇପାରିବ।

ବ୍ରହ୍ମପୁର, ମୋ: ୭୦୦୮୦୭୮୩୯୬

## ଯେଉଁଠି ଆତଙ୍କବାଦୀଙ୍କୁ ମହାପୁରୁଷ ଆଖ୍ୟା ଦିଆଯାଇଛି

ପଞ୍ଚାନନ ଅଗ୍ରୱାଲା

କମ୍ୟୁନିଷ୍ଟ ଶାସକ ଲେନିନ କହୁଥିଲେ, 'ମୋତେ ପିଲାମାନଙ୍କୁ ଶିଖାଇବାକୁ ଚାରିବର୍ଷ ଦିଆଯାଉ, ମୁଁ ଯେଉଁ ମଞ୍ଜି ପୋତିବି, ତା'କୁ କେହି ଉଖାଡ଼ି ପାରିବେ ନାହିଁ।' ଏବେ ଶିକ୍ଷା ମାଧ୍ୟମରେ ଏପରି କାହାଣୀମାନ ଗଢ଼ିବାକୁ ଉଦ୍ୟମ ହେଉଛି, ଯାହା ଦେଶ ସମାଜକୁ ବିଧ୍ୱଂସ ଆଡ଼କୁ ନେଇଯିବା ଥୟ। ଜାମ୍ମୁକାଶ୍ମୀରରେ କେନ୍ଦ୍ର ସରକାରଙ୍କ ପ୍ରୟୋଜିତ 'ସର୍ବଶିକ୍ଷା ଯୋଜନା' ସହିତ ଜଡ଼ିତ ବିଦ୍ୟାଳୟର ପାଠାଗାର ପାଇଁ ପୁସ୍ତକ ଚୟନରେ ପ୍ରତିଫଳିତ ମାନସିକତା ଆଧାରରେ ଏଭଳି ଆଶଙ୍କା ପ୍ରକାଶ ପାଉଛି। ସେହି ପୁସ୍ତକଗୁଡ଼ିକରେ ବିଚ୍ଛିନ୍ନତାବାଦ, ଆତଙ୍କବାଦ, ଭାରତ ବିରୋଧୀ ମାନସିକତା ପ୍ରତିଫଳିତ ହୋଇଛି। ବିବାଦର କେନ୍ଦ୍ରରେ ରହିଛି 'ପରସନାଲିଟିଜ୍ ଆଣ୍ଡ ଲିଜେଣ୍ଡସ ଅଫ୍ ଜାମ୍ମୁକାଶ୍ମୀର' ଏବଂ 'ଗ୍ରେଟ ପରସନାଲିଟିଜ୍ ଅଫ୍ ଜାମ୍ମୁ ଆଣ୍ଡ କାଶ୍ମୀର' ନାମକ ଦୁଇଟି ପୁସ୍ତକ।

ଉକ୍ତ ପୁସ୍ତକମାନଙ୍କରେ ଆତଙ୍କବାଦୀ ମକବୁଲ ଭଟ୍ଟ, ବିଚ୍ଛିନ୍ନତାବାଦୀ ସୟଦ ଅଲ୍ଲୀ ଶାହ ଗିଲାନୀ, ସବିର ଅହମ୍ମଦ ଶାହ, ମସରତ ଆଲମ, ମୀରଜାଇଜ ଉମର ଫାରୁକ, ମୌଲବୀ ଫାରୁକ ଭଳି ଦେଶବିରୋଧୀ ତତ୍ତ୍ୱମାନଙ୍କୁ ଜାମ୍ମୁକାଶ୍ମୀରର ମହାପୁରୁଷ ରୂପରେ ଏବଂ ଭାରତକୁ ନକାରାତ୍ମକ ରୂପେ ଚିତ୍ରିତ କରାଯାଇଛି। କୁଖ୍ୟାତ ଆତଙ୍କବାଦୀ ମକବୁଲ ଭଟ୍ଟକୁ ମହାନ କ୍ରାନ୍ତିକାରୀ କୁହାଯାଇଛି ଏବଂ ଜାମ୍ମୁକାଶ୍ମୀରକୁ ପାକିସ୍ତାନରେ ବିଲୟ ହୋଇଯିବାର ଯୁକ୍ତି ଦର୍ଶାଯାଇଛି। ଦୁର୍ଦ୍ଦାନ୍ତ ଅନ୍ତଃରାଷ୍ଟ୍ରୀୟ ଆତଙ୍କବାଦୀ ହାଫିଜ ସୟଦର ପ୍ରଶଂସାଗାନ କରାଯାଇଛି। ଭାରତକୁ ଜବରଦଖଲକାରୀ ଦମନକାରୀ ରାଜ୍ୟ ରୂପେ ବର୍ଣ୍ଣନା କରାଯାଇଛି।



ବିବାଦ ସାମ୍ନାକୁ ଆସିବା ପରେ ଜାମ୍ମୁକାଶ୍ମୀର ସରକାର ଦୁଇଟି ପୁସ୍ତକ ଉପରେ କଟକଣା ଜାରି କରି ଫେରାଇ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଠ ଜଣ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଦୁଇ ପୁସ୍ତକର ଲେଖକ ଆଉ ପ୍ରକାଶକମାନଙ୍କୁ କଳା ତାଲିକାଭୁକ୍ତ କରିଦିଆଯାଇଛି। ମାମଲାର ଯାଞ୍ଚ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ବିଶେଷଜ୍ଞ ସମିତିରେ କେଉଁ ସଦସ୍ୟ ଅଛନ୍ତି ଯେ ଏଭଳି ପୁସ୍ତକଗୁଡ଼ିକୁ କିଣିବା ପାଇଁ ସୁପାରିସ କରିଥିଲେ? ପୁସ୍ତକଗୁଡ଼ିକର ସ୍ୱୀକୃତି ପାଇଁ ବିଶେଷଜ୍ଞମାନଙ୍କ ସମିତି ଗଠନ କିଏ କରିଥିଲେ? ଆଉ କେଉଁ ଆଧାରରେ କରିଥିଲେ? ଏସବୁ ବିଷୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର।

ସୁନିୟୋଜିତ ଢଙ୍ଗରେ ଉପରିସ୍ଥ ଅଧିକାରୀମାନଙ୍କ ମାଧ୍ୟମରେ ପୁସ୍ତକ କିଣାଯାଇଥିବା ଅଭିଯୋଗ ହେଉଛି। ଏହା କିନ୍ତୁ ଚିନ୍ତା କରିବା କଥା ଭାରତ ସରକାରଙ୍କ ଶିକ୍ଷା ଯୋଜନାରେ ଜାମ୍ମୁକାଶ୍ମୀର ସରକାରଙ୍କ ନିର୍ଦ୍ଦେଶରେ ଏହି ପୁସ୍ତକକୁ ପଠନ ଉପଯୋଗୀ କରାଯାଉଛି। ଯାହା ଗୋଟିଏ ଦିଗରେ ଆତଙ୍କବାଦୀ ଆଉ ବିଚ୍ଛିନ୍ନତାବାଦୀମାନଙ୍କୁ ମହିମାମଣ୍ଡନ କରୁଛି। ଅନ୍ୟପକ୍ଷରେ ଭାରତର ଶାସନ କ୍ଷମତାକୁ ନକାରାତ୍ମକ ରୂପେ ଚିତ୍ରଣ କରି ଆମର ସର୍ବଭୌମତ୍ୱ ଆଉ ଅଖଣ୍ଡତାକୁ ବିପଦରେ ପକାଇବା କାମ କରାଯାଉଛି। ଏହି ମାମଲାରେ ପୁସ୍ତକର ଲେଖକ ଓ ପ୍ରକାଶକମାନଙ୍କୁ କେବଳ କଳା ତାଲିକାଭୁକ୍ତ କରିଦେବା ଯଥେଷ୍ଟ ନୁହେଁ। ସେମାନଙ୍କ ବିରୋଧରେ ରାଷ୍ଟ୍ର ବିରୋଧୀ ଲେଖା ପ୍ରଚାର କରିବା ମାମଲା ଅଭିଯୋଗ ଫର୍ଦ୍ଦ ଦାଖଲ କରିବାକୁ ହେବ। ଭାରତର ସର୍ବଭୌମତ୍ୱ, ଅଖଣ୍ଡତା, ଦେଶଦ୍ରୋହ, ଆତଙ୍କବାଦ ଆଦି ପାଇଁ ଆଇନ ଓ ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି। ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୧୫୨ ଏବଂ ୧୯୭ ସହିତ ବେଆଇନ ଗତିବିଧି ନିୟନ୍ତ୍ରଣ ଅଧିନିୟମ ୧୯୬୭ର ଧାରା ୨(୧) ଭଳି ନିୟମର ଉଲଙ୍ଘନ କରାଯାଇଛି। ଜାମ୍ମୁକାଶ୍ମୀର ପିପୁଲ୍ସ ଫୋରମ ଭଳି ସଂଗଠନମାନ ଏହାର ନିନ୍ଦା କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ସମୟ ଥିଲା ପୁସ୍ତକମାନଙ୍କରେ ଏଭଳି ଭ୍ରମାତ୍ମକ ତଥ୍ୟ ବିଷୟ ରହୁଥିଲା। ସେଥିରେ ଆଉରଙ୍ଗଜେବକୁ ମହିମା ମଣ୍ଡନ କରାଯାଉଥିଲା। ଭଗତସିଂହ, ଚନ୍ଦ୍ରଶେଖର ଆଜାଦଙ୍କ ଭଳି କ୍ରାନ୍ତିକାରୀମାନଙ୍କୁ ଆତଙ୍କବାଦୀ ରୂପେ ଦର୍ଶାଯାଉ ଥିଲା। ରକ୍ତର ନଦୀ ବୁହାଉଥିବା ସିକନ୍ଦରକୁ ମହାନ ଭାବେ ଉଲ୍ଲେଖ କରାଯାଉଥିଲା। ପ୍ରଶାସନ ସୁଧାର ଆଉ ଜନକଲ୍ୟାଣ ପାଇଁ ବିଖ୍ୟାତ ଛତ୍ରପତି ଶିବାଜୀଙ୍କୁ ଲୁଣ୍ଠନକାରୀ ଭାବେ ଚିତ୍ରଣ କରାଯାଉଥିଲା। ସ୍କୁଲ ହେଉ ବା ଶିକ୍ଷା, ରାଷ୍ଟ୍ର ଓ ସମାଜ ନିର୍ମାଣ ପାଇଁ ରହିଛି, ଆତଙ୍କବାଦ, ବିଚ୍ଛିନ୍ନତାବାଦ ଓ ଦେଶ ବିରୋଧୀ ପ୍ରଚାର ପାଇଁ ନୁହେଁ। ଏହି ପ୍ରସଙ୍ଗରେ ସମଗ୍ର ଶିକ୍ଷା ଯୋଜନାର ଅନୁମୋଦିତ ଅନ୍ୟପୁସ୍ତକଗୁଡ଼ିକର ମଧ୍ୟ ସମୀକ୍ଷା ହେବା ଜରୁରୀ।

ଆମ ଶିକ୍ଷା ସାମ୍ୟବାଦର ପୁରୋଧା ଲେନିନ ଓ ଷ୍ଟାଲିନ ଅନୁଗାମୀ ନ ହୋଇ ଭାରତୀୟ ସମ୍ବିଧାନ ଏବଂ ଭାରତୀୟ ଚିନ୍ତନ ପରମ୍ପରା ଅନୁରୂପ ଚାଲିବା ଉଚିତ ଏବଂ ନକାରାତ୍ମକ ଚିନ୍ତନ କରୁଥିବା ଲୋକ ସାବଧାନ ହେବା ଉଚିତ।

ଭୁବନେଶ୍ୱର, ମୋ: ୯୭୭୭୭୪୦୭୧

## ନ୍ୟାୟ ଦେବତା ଭାବେ ପୂଜା ପାଆନ୍ତି ବ୍ରହ୍ମରାକ୍ଷସ

ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ହିନ୍ଦୁଧର୍ମର ଶାସ୍ତ୍ରପୁରାଣରେ ୩୩କୋଟି ଦେବଦେବୀଙ୍କ ସହିତ ବ୍ରହ୍ମରାକ୍ଷସଙ୍କ ବର୍ଣ୍ଣନା ରହିଛି। ପୌରାଣିକ ମତବାଦ ଅନୁସାରେ ବ୍ରହ୍ମରାକ୍ଷସ ହେଉଛନ୍ତି ସେହି ବ୍ରାହ୍ମଣମାନେ, ଯେଉଁମାନେ ନିଜ ଜ୍ଞାନ, ବିବେକ, ଧର୍ମ ଓ ପଦମର୍ଯ୍ୟାଦାର ଦୁରୁପଯୋଗ କରି ଅନ୍ୟମାନଙ୍କ ପ୍ରତି ମାନସିକ ଓ କାୟିକ ଅତ୍ୟାଚାର କରିଥା'ନ୍ତି। ସେହିଭଳି ବ୍ରାହ୍ମଣମାନେ ଅଭିଶପ୍ତ ହୋଇ ପରବର୍ତ୍ତି ଜନ୍ମରେ ବ୍ରହ୍ମରାକ୍ଷସ ରୂପରେ ଜନ୍ମ ହୋଇଥା'ନ୍ତି। ସ୍କନ୍ଦପୁରାଣ ଓ ଗରୁଡ଼ ପୁରାଣରେ ବର୍ଣ୍ଣନା ସମେତ କାଶୀ ଓ ଗ୍ୱାଲିୟର୍‌ର ଲୋକକଥାଗୁଡ଼ିକରେ ମଧ୍ୟ ବ୍ରହ୍ମରାକ୍ଷସ ସମ୍ପର୍କିତ ବିଭିନ୍ନ କଥା ଶୁଣିବାକୁ ମିଳେ। କିନ୍ତୁ ବ୍ରହ୍ମରାକ୍ଷସ ଅସୀମ ବଳଶାଳୀ, ଅପାର ଜ୍ଞାନ ଓ ତନ୍ତ୍ରମନ୍ତ୍ରର ଜ୍ଞାତା ହୋଇଥା'ନ୍ତି। ତେଣୁ ଭାରତର ଅନେକ ମନ୍ଦିରରେ ବ୍ରହ୍ମରାକ୍ଷସଙ୍କୁ ପୂଜାର୍ଚ୍ଚନା କରାଯାଉଛି। କଥିତ ଅଛି ଯେ, ବ୍ରହ୍ମରାକ୍ଷସଙ୍କୁ ସନ୍ତୁଷ୍ଟ କରିବା ବହୁତ କଷ୍ଟସାଧ୍ୟ। ବ୍ରହ୍ମରାକ୍ଷସ ସନ୍ତୁଷ୍ଟ ହେଲେ ଲୋକଙ୍କର ମଙ୍ଗଳ ହୋଇଥାଏ ଏବଂ କ୍ରୋଧ କଲେ ପ୍ରାକୃତିକ ଧ୍ୱଂସଲୀଳା ହୋଇଥାଏ।

ଦକ୍ଷିଣ ଭାରତରେ ବ୍ରହ୍ମରାକ୍ଷସଙ୍କୁ ଅର୍ଦ୍ଧଦେବତା ଓ ନ୍ୟାୟଦାତା ଭାବେ ପୂଜା କରାଯାଉଛି ଏବଂ ଏହାଦ୍ୱାରା ସମସ୍ତ ନକାରାତ୍ମକ ଶକ୍ତି ଦୂର ହୁଏ ବୋଲି ବିଶ୍ୱାସ ରହିଛି। ଭାରତର ଆଉ କେତେକ ସ୍ଥାନରେ ବ୍ରହ୍ମରାକ୍ଷସଙ୍କୁ ଅତ୍ୟନ୍ତ ଶକ୍ତିଶାଳୀ ରକ୍ଷକଦେବତା ଭାବେ ପୂଜା କରାଯାଉଛି। ବିବାହ, ବ୍ରତ ଭଳି ସାମାଜିକ ଓ ବୈଦିକ ଅନୁଷ୍ଠାନ କିମ୍ବା କୌଣସି ନୂତନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବ୍ରହ୍ମରାକ୍ଷସଙ୍କୁ ପ୍ରସନ୍ନ କରିବା ପାଇଁ ପୂଜାନୁଷ୍ଠାନର ଆୟୋଜନ କରି ପ୍ରାର୍ଥନା କରାଯାଉଛି। ବିଶେଷକରି କେରଳ ଓ କର୍ଣ୍ଣାଟକରେ ବ୍ରହ୍ମରାକ୍ଷସଙ୍କ ଅନେକ ମନ୍ଦିର ରହିଛି।

କର୍ଣ୍ଣାଟକର ମଦିକେରି(କୁର୍ଗ) ସ୍ଥିତ ଓଁକାରେଶ୍ୱର ଶିବ ମନ୍ଦିରରେ ବ୍ରହ୍ମରାକ୍ଷସଙ୍କ ପୂଜା କରାଯାଉଛି। ସ୍ଥାନୀୟ ଲୋକକଥା ଅନୁସାରେ ଏକଦା ଏହି ଅଞ୍ଚଳରେ ଜଣେ ବ୍ରହ୍ମରାକ୍ଷସଙ୍କ କୁପ୍ରଭାବକୁ ଦୂର କରିବା ପାଇଁ ସେହି ସମୟର ରାଜାଙ୍କ ଦ୍ୱାରା ଓଁକାରେଶ୍ୱର ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ମନ୍ଦିର ପରିସରରେ ବ୍ରହ୍ମରାକ୍ଷସ ମନ୍ଦିର ମଧ୍ୟ ଅଛି। ମନ୍ଦିରର କାନ୍ଥଗୁଡ଼ିକରେ ବ୍ରହ୍ମରାକ୍ଷସ ମୂର୍ତ୍ତି ଖୋଦିତ ହୋଇଛି। ବ୍ରହ୍ମରାକ୍ଷସଙ୍କ ମୂର୍ତ୍ତି ସାମନାରେ ସର୍ବଦା ଗୋଟିଏ ତେଲ ଦୀପ ପ୍ରଜ୍ୱଳନ କରି ରଖାଯାଉଛି ଏବଂ ପ୍ରତିଦିନ ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଇ ପାୟସମ୍(ମିଠା ଖିରି) ନୈବେଦ୍ୟ ରୂପେ ଅର୍ପଣ କରାଯାଉଛି। ଭକ୍ତମାନେ ସେମାନଙ୍କ ପରିବାରକୁ ନକାରାତ୍ମକ ଶକ୍ତିଠାରୁ ସୁରକ୍ଷିତ ରଖିବା ପାଇଁ ବ୍ରହ୍ମରାକ୍ଷସଙ୍କୁ ପ୍ରାର୍ଥନା କରିବାକୁ ଆସି ପାୟସମ୍‌କୁ ପ୍ରସାଦ ବା ଭୋଗ ଭାବେ ଭକ୍ତି ଓ ଶ୍ରଦ୍ଧାର ସହ ଗ୍ରହଣ କରିଥା'ନ୍ତି।

କେରଳର ପଥାନାମାଥିଟ୍ଟା ଜିଲ୍ଲାସ୍ଥିତ ମଲୟାଲପୁଝାରେ ପ୍ରାୟ ୧୦୦୦ ବର୍ଷ ପୁରୁଣା ପ୍ରାଚୀନ ମନ୍ଦିରରେ ବ୍ରହ୍ମରାକ୍ଷସଙ୍କ ପୂଜା କରାଯାଉଛି। ଏହି ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା'ଭଦ୍ରକାଳୀ। ସ୍ଥାନର ନାମାନୁସାରେ ମା'ଙ୍କ ନାମ 'ମଲୟାଲପୁଝା ଆମ୍ମା' ରଖାଯାଇଛି। ଏଠାରେ ମା'ଙ୍କର ଉଗ୍ର ରୂପର ପୂଜା କରାଯାଏ। ଶତ୍ରୁଙ୍କଠାରୁ ସୁରକ୍ଷା, ଉତ୍ତମ ଚାକିରି, ବ୍ୟବସାୟରେ ଉନ୍ନତି ଓ ହଜି ଯାଇଥିବା ଦ୍ରବ୍ୟ ପାଇବା ପାଇଁ ଭକ୍ତମାନେ ମା'ଙ୍କ ପୂଜାର୍ଚ୍ଚନା କରିଥା'ନ୍ତି। ବିଶ୍ୱାସ ରହିଛି ଯେ, ମା'ଙ୍କ ଦୟାରୁ ଆଜିପର୍ଯ୍ୟନ୍ତ କୌଣସି ଭକ୍ତ ଏହି ମନ୍ଦିରରୁ ନିରାଶ ହୋଇ ଫେରିନାହାନ୍ତି। ଏହି ମନ୍ଦିରର ପୂର୍ବ ଭାଗରେ ଗୋଟିଏ ବ୍ରହ୍ମରାକ୍ଷସ ମନ୍ଦିର ଅଛି। ଏଠାରେ ଭକ୍ତମାନେ ବ୍ରହ୍ମରାକ୍ଷସଙ୍କୁ ନ୍ୟାୟର ଦେବତା ଭାବେ ପୂଜାର୍ଚ୍ଚନା କରିଥା'ନ୍ତି। ଏଥିସହିତ ମନସ୍କାମନା ପୂରଣ ସହିତ ଗୁଣିଗାରେଡ଼ି, ଭୂତପ୍ରେତ ବାଧା ଓ ଅନ୍ୟ ନକାରାତ୍ମକ ଶକ୍ତିର ପ୍ରଭାବକୁ ପ୍ରତିହତ କରିବା ପାଇଁ ମଧ୍ୟ ଭକ୍ତମାନେ ସେଠାରେ ବ୍ରହ୍ମରାକ୍ଷସଙ୍କୁ ପୂଜାର୍ଚ୍ଚନା କରନ୍ତି।

କେରଳର ଏର୍ନାକୁଲମ ଜିଲ୍ଲାସ୍ଥିତ ନଜାରକ୍କଲର ନାମକ ଗାଁରେ ମା' ଭଗବତୀଙ୍କୁ ସମର୍ପିତ ୮୦୦ ବର୍ଷ ପୁରୁଣା ମନ୍ଦିରରେ ବ୍ରହ୍ମରାକ୍ଷସଙ୍କ ଗୋଟିଏ ଉପମନ୍ଦିର ଅଛି, ଯେଉଁଠି ପ୍ରତିଦିନ ବିଧିବିଧାନର ସହ ପୂଜାର୍ଚ୍ଚନା କରାଯାଏ। କେରଳର ତିରୁଅନନ୍ତପୁରମ୍‌ସ୍ଥିତ ମୁକ୍କୋଲକ୍କଲ ଭଗବତୀ ମନ୍ଦିରରେ ମଧ୍ୟ ଏକ ବ୍ରହ୍ମରାକ୍ଷସଙ୍କ ମନ୍ଦିର ଅଛି। ଏହିସବୁ ମନ୍ଦିର ବ୍ୟତୀତ ଦକ୍ଷିଣ ଭାରତର ଅନ୍ୟକେତେକ ରାଜ୍ୟରେ ପୌରାଣିକ ମତବାଦ ଓ ଲୋକକଥା ଅନୁସରଣରେ ବ୍ରହ୍ମରାକ୍ଷସଙ୍କ ମନ୍ଦିର ନିର୍ମାଣ କରି ପୂଜାର୍ଚ୍ଚନା କରାଯାଉଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ରେଭେନ୍ସା ପ୍ରସଙ୍ଗରେ ବଢୁଛି କଟକ ସଦର ବିଧାୟକଙ୍କ ଅଡୁଆ

# ବିଶ୍ୱବିଦ୍ୟାଳୟରେ ରାଜନୈତିକ ହସ୍ତକ୍ଷେପକୁ ବନ୍ଦ କରାଯାଉ: ବିଜେଡି

ଭୁବନେଶ୍ୱର,୬।୮ (ସମିସ)

ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ ବିବାଦ ଜଟିଳ ରୂପ ଧାରଣ କରିଛି । ଏହି ବିବାଦ ଏବେ ଛାତ୍ରଙ୍କ ଆନ୍ଦୋଳନ ସମେତ ଶିକ୍ଷକମାନେ ଆନ୍ଦୋଳନ ଜାରି ରଖିଛନ୍ତି । ବିଶ୍ୱବିଦ୍ୟାଳୟ ଶିକ୍ଷକମାନେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଆନ୍ଦୋଳନ ଜାରି ରଖିଥିବା ବେଳେ ରାଜ୍ୟ ସରକାର ଚୁପ ହୋଇ ବସିଛନ୍ତି । ଯାହାକୁ କଡ଼ା ସମାଲୋଚନା କରିଛି ବିଜେଡି ।

ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ଼. ଲେନିନ୍ ମହାନ୍ତି କହିଛନ୍ତି ଯେ ଇଷ୍ଟ ହଷ୍ଟେଲରେ ବାରମ୍ବାର ବିଭିନ୍ନ ସମସ୍ୟା ହେଉଥିବା ବେଳେ ଏହାର ସମାଧାନ କରିବା ପ୍ରତିବଦଳରେ ଡେପୁଟି ୱାର୍ଡେନ ରବିଉଲ ଅନସାରୀଙ୍କ କାର୍ଯ୍ୟକଳାପ ନେଇ ଛାତ୍ର ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାର ସମାଧାନ କରିବା ନେଇ ଆଲୋଚନା ବେଳେ ବିଧାୟକ ଶ୍ରୀ ସେଠୀ ପ୍ରବେଶ କରିଥିଲେ । ଇଷ୍ଟ ହଷ୍ଟେଲ ବିବାଦର ସମାଧାନ ପାଇଁ ବସିଥିବା ବୈଠକରେ ବିଧାୟକ ଶ୍ରୀ ସେଠୀ ଚିଫ୍ ୱାର୍ଡେନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା । ତେବେ ବିବାଦ ମୁଣ୍ଡ ଟେକିବା ପରେ ଛାତ୍ର ଓ ଶିକ୍ଷକମାନଙ୍କ ସହ ଆଲୋଚନା କରି ସମାଧାନ କରିବା ବଦଳରେ ବିଶ୍ୱବିଦ୍ୟାଳୟ କୁଳପତି ଚୁପ୍ ହୋଇ ବସିଛନ୍ତି । ସେ ଦିନ ଆଲୋଚନା ବେଳେ କଣ ଘଟଣା ଘଟିଲା ତାହାକୁ କୁଳପତି ସର୍ବସମ୍ମୁଖରେ କହିବାର ସାହାସ ନାହିଁ । ବିଶ୍ୱବିଦ୍ୟାଳୟ କୁଳସଚିବ ମଧ୍ୟ ନିଜ ପଦବୀ ବଞ୍ଚାଇବା ପାଇଁ ଚୁପ୍ ହୋଇ ବସିଛନ୍ତି । ଛାତ୍ରଛାତ୍ରୀମାନେ ତାଙ୍କର ଯୁକ୍ତି ସଙ୍ଗତ ଦାବି ଉପସ୍ଥାପନ କରିଛନ୍ତି । ତେବେ ତାହାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀମାନେ ଆଲୋଚନା କରି ସମାଧାନ କରିବା ଆବଶ୍ୟକତା ଥିଲା । ମାତ୍ର କେଉଁ ପରିସ୍ଥିତିରେ ବିଧାୟକ ବିଶ୍ୱବିଦ୍ୟାଳୟକୁ ଯାଇ ବିବାଦ ସୃଷ୍ଟି କଲେ ତାହା ଏଯାଏ ରହସ୍ୟାବୃତ୍ତ । ଅଧ୍ୟାପକମାନଙ୍କୁ ବିଧାୟକ ଦୁର୍ବ୍ୟବହାର କରିଥିବାର ଅଭିଯୋଗ ହୋଇଥିବାବେଳେ ବିଧାୟକ ମଧ୍ୟ ଚିଫ୍ ୱାର୍ଡେନଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣି ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି । ରାଜ୍ୟ ସରକାର ମଧ୍ୟ ପଦକ୍ଷେପ ଗ୍ରହଣ କରିବା ବଦଳରେ ନିରବ ରହିବା ସମସ୍ତଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କୁଳପତି ମଧ୍ୟ ବିଧାୟକଙ୍କ ସମ୍ମୁଖରେ ଅସହାୟ ହୋଇଛନ୍ତି । ବିଜେପି

## ତେଜୁଛି ଆନ୍ଦୋଳନ; ସରକାରଙ୍କ ନିରବତାକୁ ନେଇ ଉଠିଲା ପ୍ରଶ୍ନ

ସରକାରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଉନ୍ନତି ଘଟିବା ବଦଳରେ ଅବନତି ଘଟିବାରେ ଲାଗିଛି । ଓଡ଼ିଶାରୁ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥିବା ସହ ରାଜ୍ୟର ଶିକ୍ଷାମନ୍ତ୍ରୀ ମଧ୍ୟ କେବଳ ବଡ ବଡ କଥା କହିଲେ । କିନ୍ତୁ ଉନ୍ନତି ନେଇ କୌଣସି ପଦକ୍ଷେପ ଗ୍ରହଣ କରିଲେ ନାହିଁ । ଯାହାଫଳରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହି ଆନ୍ଦୋଳନ ମୁଣ୍ଡ ଟେକୁଛି । ବିଧାୟକ ଓ ଶିକ୍ଷକମାନଙ୍କ ବିବାଦ ନେଇ ଅଭିଯୋଗ ସତ୍ତ୍ୱେ ରାଜ୍ୟ ସରକାର ଏକ କମିଟି କରି ଘଟଣାର ତଦନ୍ତ କାହିଁକି କରୁନାହାନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟ ପରି ଓଡ଼ିଶାର ଐତିହ୍ୟ ସମ୍ପନ୍ନ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ନିହାତି ଆବଶ୍ୟକ । ଏଥିରେ କୁଳପତିଙ୍କ ପ୍ରମୁଖ ଭୂମିକା ରହିଛି । ଯଦି କୁଳପତି ମୁହଁ ଖୋଲି ପାରୁନାହାନ୍ତି ତେବେ ତୁରନ୍ତ ପଦବୀରୁ ଅବ୍ୟାହତି ନେଇ ଯିବାର ଆବଶ୍ୟକ ରହିଛି । ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ରାଜନୈତିକ ହସ୍ତକ୍ଷେପକୁ ବନ୍ଦ କରାଯାଉ । ବିଶ୍ୱବିଦ୍ୟାଳୟର ସମ୍ମାନ ଅକ୍ଷୁର୍ଣ୍ଣ ରଖିବାକୁ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତେହେଲକା ସଂସ୍ଥାପକ...


୨୦୧୩ ନଭେମ୍ବର ୩୦ରେ ତେଜପାଲ ଗିରଫ ହୋଇଥିଲେ ଓ ପରେ ଜାମିନ ପାଇଥିଲେ । ୨୦୨୧ ମସିହାରେ ଗୋଆର ନିମ୍ନ ଅଦାଲତ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ, ଯାହାକୁ ଗୋଆ ସରକାର ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ, ପୀଡ଼ିତା ତେଜପାଲଙ୍କ ଝିଅ ବୟସର ଥିଲେ ଏବଂ ତେଜପାଲ ଜଣେ ପିତୃତୁଲ୍ୟ ବ୍ୟକ୍ତି ଥିଲେ । ସମାଜକୁ ଏକ ସ୍ପଷ୍ଟ ସନ୍ଦେଶ ଦେବା ପାଇଁ କଠୋର ଦଣ୍ଡାଦେଶ ଆବଶ୍ୟକ । ଅନ୍ୟପଟେ, ୬୨ ବର୍ଷୀୟ ତେଜପାଲ ଓ ତାଙ୍କ ଓକିଲ ବୟସ ଏବଂ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ କୋହଳ ମନୋଭାବ ପୋଷଣ କରିବାକୁ ନିବେଦନ କରିଥିଲେ । ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ପରେ ତେଜପାଲ ସର୍ବୋଚ୍ଚ ଅଦାଲତ (ସୁପ୍ରିମକୋର୍ଟ)ର ଦ୍ୱାରସ୍ଥ ହୋଇଛନ୍ତି । କୋର୍ଟ ତାଙ୍କୁ ଆତ୍ମସମର୍ପଣ ପାଇଁ ଦୁଇ ସପ୍ତାହ ସମୟ ଦେଇଥିବାରୁ, ଏହି ସମୟ ମଧ୍ୟରେ ସେ ସୁପ୍ରିମକୋର୍ଟରେ ନିଜର ଆବେଦନ ଦାଖଲ କରିବାକୁ ଯୋଜନା କରୁଛନ୍ତି ।


### ବିକ୍ରି ହେଲା...


ନ ଥିଲେ । ଶେଷରେ ଏହି ସେଲ୍‌କୁ ନିବେଶକମାନଙ୍କଠାରୁ ବେଶ ଭଲ ପ୍ରତିକ୍ରିୟା ମିଳିଛି । ଅଫର ଫର୍ ସେଲ୍ (ଓଏଫ୍ଏସ୍) ମାଧ୍ୟମରେ ଏଲ୍ଆଇସିର ସେୟାର କମ୍ ମୂଲ୍ୟରେ ଉପଲବ୍ଧ ହେବା ଜଣାପଡିବା ପରେ, ଖୋଲା ବଜାରରେ କ୍ରୟ ମନ୍ଥର ହୋଇଯାଇଥିଲା, ଯାହା ଫଳରେ ସେୟାର ମୂଲ୍ୟ ଓଏଫ୍ଏସ୍ ମୂଲ୍ୟର ନିକଟତର ହୋଇଥିଲା । ଏଲ୍ଆଇଇସିର ଏହି ଅଫର ଫର୍ ସେଲ୍‌ରେ ସରକାର 'ଗ୍ରୀନ୍ ସୁ ଅପ୍‌ସନ୍' ବ୍ୟବହାର କରିଛନ୍ତି ।


### ଅକଳରେ...


ସରକାର ପାଖରେ ରହିଛି । ଏହାକୁ ସରକାର ଚାହିଁଲେ ପାସ୍ କରାଇପାରିବେ । କିନ୍ତୁ ଏହି ବିଲ୍ ପାସ୍ ହେଲେ ସୀମା ନିର୍ଦ୍ଧାରଣ-ମହିଳା ଆରକ୍ଷଣ ବିଲ୍ ପାଇଁ ସମର୍ଥନ ହରାଇବେ । ଉଭୟ ବିଲ୍ ପାଇଁ ସରକାର ଜିଦ୍ ଧରିଥିବା ବେଳେ ବିରୋଧୀ ଓ ଅନେକ ସହଯୋଗୀ ଏହାକୁ ବିରୋଧ କରୁଛନ୍ତି । ସୀମା ନିର୍ଦ୍ଧାରଣ ବିଲ୍‌କୁ ସମର୍ଥନ କରିବାକୁ ଇଚ୍ଛୁକ ଥିବା କେତେକ ଦକ୍ଷିଣ ଭାରତୀୟ ଓ ଆଞ୍ଚଳିକ ଦଳ ଏଫ୍‌ସିଆର୍‌ଏ ବିଲ୍‌ର ବର୍ତ୍ତମାନର ସ୍ୱରୂପକୁ ପ୍ରବଳ ବିରୋଧ କରୁଛନ୍ତି । ଡିଏମ୍‌କେ, ଏନ୍‌ସିପି-ଏସ୍‌ପି ଏବଂ ୱାଇଏସ୍‌ଆର୍‌ସିପି ଭଳି ଦଳଗୁଡ଼ିକ ଏଫ୍‌ସିଆର୍‌ଏ ବିଲ୍‌କୁ ନେଇ ଗୁରୁତର ଆପତ୍ତି ଉଠାଇଛନ୍ତି । ଏହି ବିଲ୍ ଦ୍ୱାରା ଅଳ୍ପସଂଖ୍ୟକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ସଂସ୍ଥା ଏବଂ ସ୍ୱେଚ୍ଛାସେବୀ ସଂଗଠନ (ଏନ୍‌ଜିଓ) ଗୁଡ଼ିକ ଉପରେ କଟକଣା ବୃଦ୍ଧି ପାଇବା ସହ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେବାର ଆଶଙ୍କା ରହିଛି । ଏହା ସେମାନଙ୍କର ମୂଳ ଭୋଟ ବ୍ୟାଙ୍କ୍‌କୁ ପ୍ରଭାବିତ କରିବ ବୋଲି ଆଞ୍ଚଳିକ ଦଳଗୁଡ଼ିକ ଚିନ୍ତାପ୍ରକଟ କରିଛନ୍ତି । ଏହି ସଂଶୋଧନ ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇବା ପାଇଁ ବିରୋଧୀ ଦଳଗୁଡ଼ିକ ଦାବି କରୁଛନ୍ତି ।


### ରେଭେନ୍ସା ବିବାଦ...


କହିବାନୁଯାୟୀ, ଇଷ୍ଟ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ଦାବିକୁ ନେଇ ହୋଇଥିବା ଆଲୋଚନା ସଫଳ ହୋଇଥିଲା ଏବଂ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ସକାରାତ୍ମକ ପଦକ୍ଷେପ ନେଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ସଦର ବିଧାୟକ ବିଶ୍ୱବିଦ୍ୟାଳୟକୁ ଆସିଥିଲେ । ଏହାପରେ ଚିଫ୍ ୱାର୍ଡେନଙ୍କ ସହ କିଛି ଉଚ୍ଚ ସ୍ୱରରେ କଥାବାର୍ତ୍ତା ହୋଇଥିଲା, ଯାହାପରେ ପରିସ୍ଥିତି ଭିନ୍ନ ମୋଡ଼ ନେଇଥିଲା । ବିଧାୟକ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ହଷ୍ଟେଲ ୱାର୍ଡେନମାନେ ସାମୂହିକ ଭାବେ ଇସ୍ତଫାପତ୍ର ଦାଖଲ କରିଥିଲା ବେଳେ ସେହି ଇସ୍ତଫାପତ୍ର ଏପର୍ଯ୍ୟନ୍ତ ଗ୍ରହଣ କରାଯାଇ ନଥିବା କୁଳପତି ସ୍ପଷ୍ଟ କରିଛନ୍ତି । ସେ ଆହୁରି କହିଛନ୍ତି, ଶିକ୍ଷକ ଓ ଜନପ୍ରତିନିଧି ଉଭୟଙ୍କ ନିଜସ୍ୱ ମର୍ଯ୍ୟାଦା ଓ ସୀମାରେଖା ରହିଛି । କେହି ମଧ୍ୟ ସେହି ସୀମା ଅତିକ୍ରମ କରିବା ଉଚିତ୍ ନୁହେଁ । ଅନ୍ୟପଟରେ କଟକ ସଦର ବିଧାୟକ ଶ୍ରୀ ସେଠୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚିଫ ୱାର୍ଡେନ ଓ ସବୁ ୱାର୍ଡେନଙ୍କ ଇସ୍ତଫା ଗ୍ରହଣ ପାଇଁ ପରାମର୍ଶ ଦେବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି ।

ରେଭେନ୍ସାରେ ଅଧ୍ୟାପକ, ଅଧ୍ୟାପିକା ଅଚଳାବସ୍ଥା ସୃଷ୍ଟି କରି ସରକାରଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ସେଠୀ କହିଛନ୍ତି । ଚିଫ୍ ୱାର୍ଡେନଙ୍କ ବିରୋଧରେ ପ୍ରଥମେ ବାଚସ୍ପତିଙ୍କୁ ଚିଠି ଲେଖି ଏବେ ପୁଣି ଉପରୋକ୍ତ ସମସ୍ତ ପ୍ରସଂଗରେ କୁଳାଧିପତି ତଥା ରାଜ୍ୟପାଳଙ୍କୁ ଭେଟିବେ ବୋଲି କହିଛନ୍ତି । ରେଭେନ୍ସା ସିନେଟ ସଭ୍ୟ ଭାବେ ଶ୍ରୀ ସେଠୀ ଛାତ୍ରଙ୍କ ଅନଶନ ଖବର ପାଇ ସେଠାକୁ ଯାଇଥିଲେ ବୋଲି କହୁଥିଲେ ବି ସେ ଆନ୍ଦୋଳନ ସ୍ଥଳକୁ ଯିବା ଓ ଆଭ୍ୟନ୍ତରୀଣ ନିଷ୍ପତ୍ତିରେ ହସ୍ତକ୍ଷେପ କରିବା ତାଙ୍କ ପଦ ମର୍ଯ୍ୟାଦାର ଉଲ୍ଲଙ୍ଘନ ବୋଲି କହିଛନ୍ତି ରେଭେନ୍ସା ବିକାଶ ଅଭିଯାନର ସଭାପତି ଚିତ୍ତରଂଜନ ମହାନ୍ତି ।


### ଅଗ୍ନି-୪ର....


ବିଶ୍ୱସନୀୟ ରଣନୈତିକ କ୍ଷେପଣାସ୍ତ୍ରମାନଙ୍କ ମଧ୍ୟରେ ସ୍ଥାନ ଦେଇଛି । ଏଥିରେ ରିଙ୍ଗ୍ ଲେଜର ଜାଇରୋ ଆଧାରିତ ଇନର୍ସିଆଲ୍ ନାଭିଗେସନ୍ ସିଷ୍ଟମ୍ ଏବଂ ମାଇକ୍ରୋ ନାଭିଗେସନ୍ ସିଷ୍ଟମ୍ ବ୍ୟବହାର କରାଯାଇଛି । 'ଅଗ୍ନି-୪'ର ଆଉ ଏକ ବିଶେଷ ଦିଗ ହେଉଛି ଏହାର ରି-ଏଣ୍ଟ୍ରି ହିଟ୍ ସିଲ୍ଡ । ଲକ୍ଷ୍ୟ ଅଞ୍ଚଳକୁ ପୁନଃ ପ୍ରବେଶ ସମୟରେ କ୍ଷେପଣାସ୍ତ୍ରର ବାହ୍ୟ ଅଂଶର ତାପମାତ୍ରା ପ୍ରାୟ ୪,୦୦୦ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିଥିଲେ ମଧ୍ୟ ଏହି ହିଟ୍ ସିଲ୍ଡ ସଫଳତାର ସହ ତାହାକୁ ସହ୍ୟ କରିଥାଏ । ଏପରିକି କ୍ଷେପଣାସ୍ତ୍ର ଭିତରେ ଥିବା ସମ୍ବେଦନଶୀଳ ଯନ୍ତ୍ରପାତିର ତାପମାତ୍ରା ୫୦ ଡିଗ୍ରୀ ସେଲସିୟସ୍‌ରୁ କମ୍ ରହିଥାଏ । ଭାରତ ନିକଟରେ ପୂର୍ବରୁ ଅଗ୍ନି-୧, ଅଗ୍ନି-୨, ଅଗ୍ନି-୩, ଅଗ୍ନି-୫ ଏବଂ ପୃଥ୍ୱୀ ଶ୍ରେଣୀର କ୍ଷେପଣାସ୍ତ୍ର ରହିଛି ।'


### ପ୍ରଶ୍ନ ଘେରରେ


ପ୍ରତି ଦେଖାଉଥିବା ଆଗ୍ରହକୁ ସ୍ୱାଗତଯୋଗ୍ୟ ଅଥଚ ସେମାନଙ୍କର ସହଯୋଗ ଓ ସହଭାଗିତା ସବୁବେଳେ ଆଇନସମ୍ମତ ଓ ବିଶ୍ୱବିଦ୍ୟାଳୟର ନିୟମ ଅନୁଯାୟୀ ହେବା ଉଚିତ । ଏହି ଘଟଣା ପାଇଁ ଦୁଃଖ ପ୍ରକାଶ କରିବା ପରିବର୍ତ୍ତେ ବିଧାୟକ ଛାତ୍ରାବାସ ୱାର୍ଡେନମାନଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି । ଜନପ୍ରତିନିଧିମାନେ କିପରି ବିଶ୍ୱବିଦ୍ୟାଳୟ ସହ ଯୋଗାଯୋଗ ଓ ସହଭାଗିତା କରିବେ, ସେଥିପାଇଁ ଏକ ସ୍ପଷ୍ଟ ଆନୁଷ୍ଠାନିକ ବ୍ୟବସ୍ଥା କରିବା ପାଇଁ କୁଳାଧିପତିଙ୍କୁ ନିବେଦନ କରିଛି ରୁଟା ।


## ବେଆଇନ ହାଇୱା ଜବତ

କଟକ,୬।୮ (ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ସଡ଼କ ସୁରକ୍ଷା ନିୟମର କଡ଼ା ଅନୁପାଳନ ନିଶ୍ଚିତ କରିବା ଲକ୍ଷ୍ୟରେ ସାରା ରାଜ୍ୟରେ ଏନଫୋର୍ସମେଣ୍ଟ ଚାଲିଛି । ଏହିକ୍ରମରେ ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଅଞ୍ଚଳରେ ପରିବହନ ବିଭାଗ ଓ ପୁଲିସ ଦ୍ୱାରା ଯାଞ୍ଚ କରାଯାଉଛି । ସମସ୍ତ ଗାଡ଼ି ଚାଳକ ଓ ମାଲିକଙ୍କୁ ସଡ଼କ ସୁରକ୍ଷା ନିୟମକୁ ସମ୍ପୂର୍ଣ୍ଣ ରୂପେ ପାଳନ କରିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ଅଭିଯାନ ଅଧୀନରେ, ସୁନ୍ଦରଗଡ଼ର ସର୍ଗିପାଲି ଅଞ୍ଚଳରେ ଯାଞ୍ଚ ସମୟରେ ସଡ଼କ ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଙ୍ଘନ କରୁଥିବା ଏକ ହାଇୱାକୁ ଜବତ କରାଯାଇଛି । ଗାଡ଼ିଟି ଧାର୍ଯ୍ୟ ସୀମାଠାରୁ ଅଧିକ ସାମଗ୍ରୀ ବହନ କରିବା ସହ ବୈଧ ଫିଟନେସ୍ ପ୍ରମାଣପତ୍ର, ରୋଡ୍ ପରମିଟ୍, ଓଡ଼ିଶା ମୋଟର ଯାନ ଟିକସ ଏବଂ ପ୍ରଦୂଷଣ ପ୍ରମାଣପତ୍ର ନଥାଇ ଚାଲୁଥିଲା । ଏହି ଅନିୟମିତତା ପାଇଁ ମୋଟର ଯାନ ଆଇନ ଅନୁଯାୟୀ ଇ-ଚାଲାଣ ଜାରି ହୋଇଛି । ବର୍ତ୍ତମାନ ଜବତ ହାଇୱାକୁ ଅଟକ ରଖାଯାଇ ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ଜାରି ରହିଛି ।

### ଓଡ଼ିଶାରେ ଇପିଏଫ୍ଓ ଅଧୀନରେ ୧୩.୮୮ ଲକ୍ଷ କର୍ମଚାରୀ ପଞ୍ଜୀକୃତ

# ଖୋର୍ଦ୍ଧାରେ ସର୍ବାଧିକ କର୍ମଚାରୀ, ଦ୍ୱିତୀୟରେ ସୁନ୍ଦରଗଡ଼

ନୂଆଦିଲ୍ଲୀ/ଭୁବନେଶ୍ୱର: ଓଡ଼ିଶାରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ ଅଧୀନରେ ବର୍ତ୍ତମାନ ୨୨,୮୯୫ଟି ପ୍ରତିଷ୍ଠାନ ଏବଂ ୧୩,୮୮,୦୦୧ ଜଣ କର୍ମଚାରୀ ପଞ୍ଜୀକୃତ ହୋଇଛନ୍ତି । ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ଏହି ତଥ୍ୟ ପ୍ରଦାନ କରିଛନ୍ତି । ମନ୍ତ୍ରୀଙ୍କ ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲା ରାଜ୍ୟରେ ସର୍ବାଧିକ ୫,୧୪୪ଟି ପ୍ରତିଷ୍ଠାନ ପଞ୍ଜିକୃତ ହୋଇଛି ଏବଂ ଏଠାରେ ୪,୪୧,୨୬୬ ଜଣ କର୍ମଚାରୀ ଇପିଏଫ୍ଓ ସହ ଜଡ଼ିତ ଅଛନ୍ତି । ସୁନ୍ଦରଗଡ଼ରେ ୨,୦୦୫ଟି ପ୍ରତିଷ୍ଠାନ ଓ ୧,୪୪,୯୨୧ ଜଣ କର୍ମଚାରୀ, କଟକରେ ୧,୯୮୧ଟି ପ୍ରତିଷ୍ଠାନ ଓ ୧,୦୯,୯୭୨ ଜଣ କର୍ମଚାରୀ ରହିଛନ୍ତି । ଶିଳ୍ପାଞ୍ଚଳ ଭାବେ ପରିଚିତ କେନ୍ଦୁଝରରେ ୭୯,୭୮୪, ଯାଜପୁରରେ ୭୫,୨୭୪, ଅନୁଗୁଳରେ ୭୪,୯୯୪, ସମ୍ବଲପୁରରେ ୭୪,୦୮୦ ଏବଂ ଝାରସୁଗୁଡ଼ାରେ ୭୨,୨୫୩ ଜଣ କର୍ମଚାରୀ ଇପିଏଫ୍ଓରେ ସାମିଲ ହୋଇଛନ୍ତି । ସେହିପରି ଦେବଗଡ଼ (୧,୮୫୯), ଗଜପତି (୨,୦୨୩), ମାଲକାନଗିରି (୨,୦୪୭), ବୌଦ୍ଧ (୨,୩୨୫), ସୁବର୍ଣ୍ଣପୁର (୨,୮୮୬) ପରି ଜିଲ୍ଲାରେ ଇପିଏଫ୍ଓ କର୍ମଚାରୀ ପଞ୍ଜୀକୃତ ହୋଇଛନ୍ତି । ସେହିପରି ରାଜ୍ୟରେ ନୂଆ ଇପିଏଫ୍ଓ କାର୍ଯ୍ୟାଳୟ ଖୋଲିବା ପ୍ରସଙ୍ଗରେ ସରକାର କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶାରେ ଭୁବନେଶ୍ୱରରେ ଗୋଟିଏ ଜୋନାଲ୍ ଅଫିସ୍, ଭୁବନେଶ୍ୱର, କଟକ ଓ ରାଉରକେଲାରେ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ବାଲେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, ରାୟଗଡ଼ା, କେନ୍ଦୁଝର ଓ ବଡ଼ବିଲରେ ଜିଲ୍ଲା କାର୍ଯ୍ୟାଳୟ କାର୍ଯ୍ୟ କରୁଛି । ତେବେ ଏବେ ନୂଆ କାର୍ଯ୍ୟାଳୟ ଖୋଲିବା ନେଇ କୌଣସି ପ୍ରସ୍ତାବ ନଥିବା ସରକାର ସ୍ପଷ୍ଟ କରିଛନ୍ତି ।

# ପଟ୍ଟନାୟକ ବନ୍ଧ ଦୁର୍ନୀତିରେ ଗିରଫ ଦୁଇଯନ୍ତ୍ରୀ ଓ ଠିକାଦାରଙ୍କୁ କୋର୍ଟ ଚାଲାଣ

ପାରଳାଖେମୁଣ୍ଡି/ବ୍ରହ୍ମପୁର,୬।୮ (ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ପୌର ପରିଷଦ ଅନ୍ତର୍ଗତ ସହରର ବହୁ ଚର୍ଚ୍ଚିତ ପଟ୍ଟନାୟକ ବନ୍ଧ ଉନ୍ନୟନ କାମରେ ହୋଇଥିବା ଦୁର୍ନୀତି ଅଭିଯୋଗରେ ତତ୍କାଳୀନ କନିଷ୍ଠଯନ୍ତ୍ରୀ ତଥା ବର୍ତ୍ତମାନ ଗୁଣପୁର ପୌରପରିଷଦର ସହକାରୀ ଯନ୍ତ୍ରୀ ଡି.ଯୁଧିଷ୍ଠିର, ପାରଳାଖେମୁଣ୍ଡି ପୌରପରିଷଦର ସହକାରୀ ଯନ୍ତ୍ରୀ ସଞ୍ଜୀବ ଚମ୍ପତି ଏବଂ ଠିକାଦାର ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ଗିରଫ କରିଛି ବ୍ରହ୍ମପୁର ଭିଜିଲାନ୍ସ ବିଭାଗ । ୩ଜଣଙ୍କୁ ଗିରଫ କରି ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଆଜି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଛି । ସେମାନଙ୍କର ଜାମିନ ଆବେଦନ ଖାରଜ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି । ଅଭିଯୋଗ ପ୍ରକାରେ ପଟ୍ଟନାୟକ ବନ୍ଧର ପୁନରୁଦ୍ଧାର ନିମନ୍ତେ ୨୦୧୯ ମସିହାରୁ ୨୦୨୨ମଧ୍ୟରେ ଏହି ବନ୍ଧର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ଯୋଜନାରେ ୧କୋଟି ୨୨ଲକ୍ଷ ୪୦ହଜାର ଟଙ୍କା ରାଜକୋଷରୁ ଖର୍ଚ୍ଚ ହୋଇଥିବା ବେଳେ ଏଥିରେ ଦୁର୍ନୀତି ଅଭିଯୋଗ ହୋଇଥିଲା । ବାରମ୍ବାର ପିଟିସନ ପଡିବା ପରେ ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କରିଥିଲା । ତଦନ୍ତ ବେଳେ ପ୍ରକୃତରେ ଏହି କାମରେ ୫୫ଲକ୍ଷ ୬୯ହଜାର ଟଙ୍କାର ଜାଲିଆତି ବିଲ୍ କରି ହରିଲୁଟ ହୋଇଥିବା ଜଣାପଡିଥିଲା ।





ପ୍ରାଥମିକ ପର୍ଯ୍ୟାୟରେ ୩ଜଣଙ୍କୁ ଗିରଫ କରାଯାଇଥିଲେ ହେଁ ଅନେକଙ୍କର ସମ୍ପୃକ୍ତି ଥିବା ବିଭାଗ ସନ୍ଦେହ କରୁଥିବା ବ୍ରହ୍ମପୁର ଭିଜିଲାନ୍ସ ଏସପି ପ୍ରଦୀପ କୁମାର ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଅଭିଯୋଗ ପ୍ରକାରେ ପଟ୍ଟନାୟକ ବନ୍ଧର ପୁନଃରୁଦ୍ଧାର ନିମନ୍ତେ ରାଜ୍ୟ ସରକାର ୨୦୦୯ ମସିହାରୁ ଅଦ୍ୟାବଧି ବିଭିନ୍ନ ଯୋଜନାରେ ମୋଟ ୨କୋଟି ୧୧ଲକ୍ଷ ୫ହଜାର ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି । ଏହି ଟଙ୍କାରେ ବନ୍ଧର ପୁନରୁଦ୍ଧାର, ଗାଧୁଆ ତୁଠ, ପଙ୍କଉଦ୍ଧାର, ରିଟର୍ଣ୍ଣିଂ ୱାଲ୍ ଓ କଂକ୍ରିଟ୍ ବ୍ଲକ ପିଚିଂ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟୟବରାଦ ହୋଇଥିଲା । ପୁନଃରୁଦ୍ଧାର ନାମରେ କାର୍ଯ୍ୟ ଆରମ୍ଭ ଠାରୁ ଏଥିରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ପର୍ଯ୍ୟାୟ କ୍ରମେ ପ୍ରକଳ୍ପ ପାଇଁ ସରକାର ଅର୍ଥ ମଞ୍ଜୁର କରି ଚାଲିଥିଲେ ହେଁ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ ଆଜି ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିନାହିଁ ।

### ପୁଲିସକୁ ଚିତ୍ରକୋଣ୍ଡା ଜଙ୍ଗଲରେ ଆକ୍ରମଣ ମାମଲା

## ୫ ଅଭିଯୁକ୍ତଙ୍କ ଜାମିନ ମଞ୍ଜୁର

କଟକ,୬।୮ (ସମିସ): ଗଞ୍ଜେଇ ଜବତ ପାଇଁ ଚିତ୍ରକୋଣ୍ଡା ଜଙ୍ଗଲକୁ ଯାଇଥିବା ପୁଲିସ ଅଧିକାରୀଙ୍କୁ ମାରଣାସ୍ତ୍ର ଧରି ଆକ୍ରମଣ କରିବା ଘଟଣାରେ ୫ ଜଣ ଅଭିଯୁକ୍ତଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି । ୫୦ହଜାର ଟଙ୍କାର ଜଣେ ଜାମିନଦାରଙ୍କ ବଦଳରେ ଆବେଦନକାରୀଙ୍କୁ ଜାମିନରେ ଛାଡିବା ପାଇଁ ମାଲକାନଗିରି ସ୍ୱତନ୍ତ୍ର ଅଦାଲତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କେ ନାଗେଶ୍ୱର ରାଓ, ବିଶ୍ୱନାଥ ହନ୍ତାଳ, ଦାମୁ ମୁଦୁଲି, ଡମ୍ବରୁ ଖିଲ୍ଲ, ସୋନୁ ପାଙ୍ଗିଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ଜଙ୍ଗଲ ଭିତରେ ବିପୁଳ ପରିମାଣର ଗଞ୍ଜେଇ ଥିବା ଖବର ପାଇ ପୁଲିସ ଚଢଉ କରିବା ବେଳେ ପ୍ରାୟ ଶତାଧିକ ଲୋକ ହାତରେ ମାରଣାସ୍ତ୍ର ଧରି ପ୍ରତିରୋଧ କରିଥିଲେ । ଏହି ଘଟଣାକୁ ନେଇ ଚିତ୍ରକୋଣ୍ଡା ଥାନାରେ ଆଇପିସିର ଦଫା ୧୪୭, ୧୪୮, ୩୪୧, ୨୯୪, ୧୮୩, ୧୮୬, ୩୫୩, ୫୦୬, ୧୪୯, ଏନଡିପିଏସ ଆଇନର ଧାରା ୨୦ ଓ ୨୯ରେ ପୁଲିସ ମାମଲା ରୁଜୁ କରିଥିଲା । ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ପୁଲିସ । ଏତଲାରେ ଅନ୍ୟ କେତେକ ଅଭିଯୁକ୍ତଙ୍କ ନାମ ଉଲ୍ଲେଖ ଥିବା ବେଳେ ଆବେଦନକାରୀଙ୍କ ନାମ ନଥିଲା ଓ ସେମାନଙ୍କ ନିକଟରୁ କୌଣସି ଆପତ୍ତିଜନକ ସାମଗ୍ରୀ ଜବତ ହୋଇ ନ ଥିଲା ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. SDCM-KUR-UTS-PRS-2026

କାର୍ଯ୍ୟର ନାମ : ଦୁଇ (02) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ (PRS), ଅଣସଂରକ୍ଷିତ ଟିକେଟିଙ୍ଗ୍ ପ୍ରଣାଳୀ (UTS), ଜାତୀୟ ଟ୍ରେନ୍ ଅନୁସନ୍ଧାନ ପ୍ରଣାଳୀ (NTES), TTE ଲବି ଅଧିନସ୍ଥ କମ୍ପ୍ୟୁଟର ସମ୍ବନ୍ଧୀୟ ଉପକରଣ (System Peripheral)ର ବାର୍ଷିକ ରକ୍ଷଣାବେକ୍ଷଣ ସେବା ଚୁକ୍ତି ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : ₹ 21,44,461.32, EMD (ଟଙ୍କାରେ) : ₹ 42,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): ₹ 3,540/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : 07.08.2026, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.21.08.2026 ରିଖ 1100 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-343/R/26-27



**AFFIDAVIT**

I, CHAITANYA CHARAN JAENA, S/O DWARIKA NATH JENA resident of At - Hospital Road, Nua Bazar, PO / PS - Jaleswar, Dist - Balasore - 756032, Odisha declare by this Affidavit No. 3113, Dated - 17/07/2026, that now onwards I shall be known as **CHAITANYA KUMAR JENA** for all future purpose.

**Notice (for Minor)**

By virtue of an affidavit sworn before Notary Public, BHUBANESWAR, dated 06-08-2026 I, SANTOSH KUMAR SAHU Address Shanti Nagar, Chikiti, At- Chikitibit-2, Po- Chikitipento,Dist-Ganjam, Pin-761010, Odisha declare that I have changed the name of my son from SAHINATH SAHU to SAINATH SAHU. Henceforth, he shall be known as **SAINATH SAHU** for all purposes.

**(Santosh Kumar Sahu)**

**AFFIDAVIT**

By virtue of an affidavit No-10188 sworn before The Executive Magistrate, Jajpur on dtd- 20/07/2026. I **Pritish Kumar Sethy,** aged 19 years, permanent resident of Vill/PO: Biripata, PS: Mangalpur, Dist: Jajpur, Odisha declare that I have changed my name from **Priya Ranjan Sethy** (old name) to **Pritish Kumar Sethy** (new name). Henceforth I shall be known as **Pritish Kumar Sethy** for all future purposes.

**Pritish Kumar Sethy**

**AFFIDAVIT**

I, G SUCHITRA, W/O KILLAMSETTY AJAY SANKAR resident of At - Sarada Vihar, PO/PS -Jeypore, Dt - Koraput -764001, Odisha declare by this Affidavit No.3198, Dated - 06/08/2026, that now onwards I shall be known as **KILLAMSETTY SUCHITRA** for all future purposes.

**AFFIDAVIT**

By virtue of an affidavit SL No.3683, dtd- 12/06/2026 sworn before The Executive Magistrate, Vyasanagar, Jajpur. I, **Somanath Behera** (applicant name), S/o- Kangali Behera, permanent resident of Vill: Mirjapur, PO: Hatasahi, PS: Panikoili, Dist: Jajpur, PIN: 755043, State: Odisha declare that I have changed my minor daughter's name from **Riya Behera** (old name) to **Sriya Behera** (new name). Henceforth, she shall be known as **Sriya Behera** (new name) for all purposes.

**Somanath Behera**

**AFFIDAVIT**

By virtue of an affidavit SL No.3684, dtd- 12/06/2026 sworn before The Executive Magistrate, Vyasanagar, Jajpur. I, **Somanath Behera** (applicant name), S/o Kangali Behera, permanent resident of Vill: Mirjapur, PO: Hatasahi, PS: Panikoili, Dist: Jajpur, PIN: 755043, State: Odisha declare that I have changed my minor daughter's name from **Sriya Behera** (old name) to **Riya Behera** (new name). Henceforth, she shall be known as **Riya Behera** (new name) for all purposes.

**Somanath Behera**

**AFFIDAVIT**

By the virtue of an affidavit sworn before the Executive Magistrate Daringbadi, Dated 17.07.2026 . I Linky Pradhan , D/o : Nainga Pradhan , vill : Kueranga, Po: Siangabali, Ps: Daringbadi, Dist: Kandhamal, State: Odisha-762104 declare that I have changed my name from LINKI PRADHAN to LINKY PRADHAN. Henceforth, I shall be known as **LINKY PRADHAN** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Soro, Balasore, Odisha vide Sl. no. 2017 dt.07.07.2026 I, Mamata Malik, W/o. Sanjay Malik, At./P.O. Tentei, P.S. Anantapur, Dist. Balasore, Odisha, declare that my name wrongly mentioned as Parvati Malik in LIC policy Bond and Bank Account. That both Mamata Malik and Pravati Malik are one and the same person. Henceforth, I shall be known as **Mamata Malik** for all purposes.

**AFFIDAVIT**

I, **Y Asha Kumari**, wife of Mr. Nakkina Nanda Kumar, residing at 2/3, Block-6, Kalyan Plaza-II, Kantilo, Sunderpada, Bhubaneswar - 751002, Odisha, declare by this Affidavit No CF. 142, dated 05.06.2026 have changed my name to **Nakkina Asha Kumari** after my marriage. Henceforth, I shall be known as **Nakkina Asha Kumari** for all future purposes.

**AFFIDAVIT**

By virtue of an affidavit sworn before Notary Public, Soro, Balasore, Odisha vide Sl. no. 1958 dt.5.8.2026 I, Mamta Devi Mahawar, W/o. Dinesh Kumar Mahawar, At. Pathanmohalla, P.O./P.S. Soro, Dist. Balasore, Odisha–756045, declare that my previous name was Mamata Devi Mahawar. That I have changed my name to Mamta Devi Mahawar. That both the names refer to one and the same person. Henceforth, I shall be known as **Mamta Devi Mahawar** for all purposes.



**OFFICE OF THE SUPERINTENDING ENGINEER RURAL WATER SUPPLY AND SANITATION DIVISION, BHUBANESWAR.**

Plot no.-1214(Part), Tapovan, Khandagiri, Bhubaneswar-30.
E-Mail: eebbsrrwss@gmail.com

25001/892/2627

**QUOTATION CALL NOTICE No. 11 of 2026-27**

Superintending Engineer, RWS&S Division, Bhubaneswar on behalf of the Governor of Odisha invites sealed quotations from interested reputed Travel Agencies / Tour Operators / Individuals for providing One No. of Vehicle (Scorpio/Creta/Mahindra Marazzo Equivalent Mileage etc.) having seating capacity 7 Nos. including Driver which shall confirm to the Terms and Conditions (Appendix-A) for official use in office of the Additional Chief Engineer, RWS&S (C), Bhubaneswar on monthly rent basis as per the following details.

| Sl. No. | Nature of work | Hiring of vehicle official use in office of the Additional Chief Engineer, RWS&S (C), Bhubaneswar |
|---|---|---|
| 1. | No. of works: | 01 (One) |
| 2. | Time for Deployment | Three (3) Years |
| 3. | Class of Contractors eligible | Reputed Travel Agencies / Tour Operators / Private individuals |
| 4. | Availability of bids in the office Superintending Engineer, RWS&S Division, Bhubaneswar | From dt.10.08.2026 (11.00 AM) to dt.21.08.2026 (1.00 PM) |
| 5. | Last date and time for submission of Quotation papers in the Quotation box kept in the Office of the Superintending Engineer, RWS&S Division, Bhubaneswar | Dt.21.08.2026 (4.00 PM) |
| 6. | Date & Time of opening of bids | On dt.24.08.2026 (11.00 AM) in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.

Superintending Engineer,
RWS&S Division, Bhubaneswar

OIPR-25001/25003/1/26-27/0012



25001/882/2627 e-mail ID: rw_rayagada@yahoo.co.in

**GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION: RAYAGADA**

Letter No. **2730** Date: **01.08.2026**

**1st Corrigendum**

In continuation to this office Bid identification No. EERWRGD-Online-07/2026-27 this office letter No. 2423 dated 10.07.2026 partial modification of TCN has been made as follows.

| Sl No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | 22.07.2026 at 11.00 AM to 03.08.2026 upto 5.00 PM | Extended from 03.08.2026 at 5.00 PM to 19.08.2026 up to 5.00 PM |
| 2 | Date & time of seeking tender clarification if any | 01.08.2026 up to 5.00 PM | 18.08.2026 up to 5.00 PM |
| 3 | Date & Time of Opening Tender (Technical bid) | 04.08.2026 at 11.00 AM | 20.08.2026 at 11.00 AM |
| 4 | Date & Time of Opening Tender (Price bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions remain unchanged.

Executive Engineer
Rural Works Division
Rayagada

OIPR-25001/25072/1/26-27/0010



**OFFICE OF THE MUNICIPAL COUNCIL, BHAWANIPATNA**

No. **2944** /BPM Date **05/08/2026**

13001/1439/2627

**EXPRESSION OF INTEREST**

Sealed applications in the prescribed format are invited from interested persons residing within the jurisdiction of Kalahandi District who have attained the age of 21 years as on 01.01.2026, for participation in the allotment of shops No- 6, 7,8,9,12,14 & 15 in the **NEWLY CONSTRUCTED FOOD COURT LOCATED NEAR BAYANIKA.**

The application shall be accompanied by a non-refundable application fee of Rs. 1,000/- (Rupees One Thousand only) and an Earnest Money Deposit (EMD) of Rs. 5,000/- (Rupees Five Thousand only) to be submitted in the shape of Demand Draft issued by any Nationalized Bank, in favour of Executive Officer, Bhawanipatna Municipality, payable at Bhawanipatna The application must be submitted through Registered Post / Speed Post only and must reach the undersigned on or before **19/08/2026 upto 5.00 PM.** Applications submitted through any other mode shall not be considered. Applications received beyond the stipulated date shall be rejected summarily without any further correspondence. The EOI will be opened on **20.08.2026 at 11:00 AM** by the ULB Level Shop Allotment Committee in the presence of the applicants or their authorized representative who are present.

The detailed Terms & Conditions and other particulars of this notice are available on the official website of Kalahandi District Administration (https://kalahandi.odisha.gov.in) from **05/08/2026 to 19/08/2026.**

The sealed envelope containing the application and required documents must be superscribed at the top as:

**"APPLICATION FOR ALLOTMENT OF SHOPS (FOOD COURT) LOCATED NEAR BANAYANIKA."**

The complete application along with required documents in a closed and sealed envelope must be addressed to Executive Officer Bhawanipatna Municipality, 766001.

The authority reserves the right to cancel or reject the all tender at any stage without assigning any reason thereof.

Executive Officer,
Bhawanipatna municipality

OIPR-13001/13100/1/26-27/0011

# ସରକାରୀ କର୍ମଚାରୀଙ୍କୁ ମନ୍ତ୍ରୀଙ୍କ ଦୁର୍ବ୍ୟବହାର, ବିଜେଡିର ନିନ୍ଦା

ଢେଙ୍କାନାଳ,୬।୮ (ସମିସ)




ସରକାରୀ କର୍ମଚାରୀଙ୍କୁ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦୁର୍ବ୍ୟବହାର ଘଟଣାକୁ ନେଇ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟ ପରିସରରେ ପୂର୍ବତନ ବିଧାୟକ ସୁଧୀର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ତୀବ୍ର ନିନ୍ଦା କରାଯାଇଛି। ଏ ନେଇ ପୂର୍ବତନ ବିଧାୟକ ସାମଲ କହିଲେ ଯେ ମନ୍ତ୍ରୀ ପାତ୍ର ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ହୋଇଥିବା ଅନିୟମିତତାକୁ ବୁଝିବା ପାଇଁ ସଦର ବ୍ଲକ ଗହମଖୁଣ୍ଟି ଗ୍ରାମରେ ଦଳୀୟ କର୍ମକର୍ତ୍ତାମାନଙ୍କ ସହ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ପିଇଓ ଏବଂ ବିଡିଓଙ୍କୁ ସର୍ବସାଧାରଣରେ ଅପମାନ କରିବା ଘଟଣାକୁ ବିଜେଡି ତୀବ୍ର ନିନ୍ଦା କରୁଛି। ଅନ୍ୟପଟେ ଆବସ ଯୋଜନା ତାଲିକାରେ ନାମ ରଖିବା ଓ ବାଦ ଦେବା ସହ କେତେ ଟଙ୍କାର କାରବାର ହେବ ତାକୁ ବିଜେପି କର୍ମୀମାନେ ହିଁ ଚୂଡ଼ାନ୍ତ କରନ୍ତି। ସେହି ଅନୁସାରେ ଗହମଖୁଣ୍ଟି ଗ୍ରାମରେ ଆବାସ ଯୋଜନା ପାଇଁ ଯେଉଁ ତାଲିକା ଦଳ ତରଫରୁ ଦିଆଯାଇଥିଲା ସେଥିମଧ୍ୟରୁ ଅଧିକାଂଶ କୋଠାଘର ଥିବା ବେଳେ ସେମାନଙ୍କ ଘରେ ବିଜୁଳି ସଂଯୋଗ ହେବା ସହ ଚାରିଚକିଆ ଯାନ ଥିବାରୁ ସେମାନଙ୍କ ନାମକୁ ତାଲିକାରୁ ବାଦ ଦେବା ଯୋଗୁଁ କର୍ମୀମାନଙ୍କ କଥାରେ ପଡ଼ି ମନ୍ତ୍ରୀ ଉତକ୍ଷିପ୍ତ ହୋଇ ସର୍ବସାଧାରଣରେ ଜଣେ କାର୍ଯ୍ୟରତ ମହିଳା ଅଧିକାରୀ ଓ ବିଡିଓଙ୍କୁ ଗାଳିଗୁଲଜ କରିବା ସହ ଅସମ୍ମାନ କରିଥିଲେ। ଆଗାମୀ ଦିନରେ ସମ୍ପୃକ୍ତ ମହିଳା ଅଧିକାରୀ ଏବଂ ବିଡିଓଙ୍କୁ ଯଦି ଉଚିତ ନ୍ୟାୟ ପ୍ରଦାନ କରା ନ ଯାଏ ତେବେ ବିଜେଡି ସେମାନଙ୍କୁ ସମର୍ଥନ କରିବା ସହ ଦରକାର ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇବ ବୋଲି ପୂର୍ବତନ ବିଧାୟକ ସାମଲ ପ୍ରକାଶ କରିଛନ୍ତି।

ପୂର୍ବତନ ସାଂସଦ ମହେଶ ସାହୁ କହିଲେ ଯେ ଆବାସ ଯୋଜନା ପାଇଁ ଏ ପର୍ଯ୍ୟନ୍ତ ଆଲଟମେଣ୍ଟ ଆସିନାହିଁ କିମ୍ବା ଜିଲ୍ଲା ପାଇଁ ଟାର୍ଗେଟ ଆସି ନାହିଁ। ଏପରିସ୍ଥଳେ କାହିଁକି ଓ କେଉଁ ଆଧାରରେ ପ୍ରତ୍ୟେକ ପଞ୍ଚାୟତରେ ଲମ୍ବା ତାଲିକା ଲଗାଇ ଦିଆଯାଇଛି ବୋଲି ସେ ପ୍ରଶ୍ନ କରିଥିଲେ। ପ୍ରଶାସନ ଓ ପିଇଓ ସଂଘର ଆପୋସ ବୁଝାମଣା ପରେ ଦୁଇଦିନ ପରେ ଧାରଣା ପ୍ରତ୍ୟାହାର ହୋଇଛି। ଏକ ପତ୍ର ମାଧ୍ୟମରେ ପିଇଓ ସଂଘ ଲିଖିତ ଭାବେ କଲମଛାଡ଼ ଆନ୍ଦୋଳନ ସ୍ଥଗିତ ରଖାଗଲା ବୋଲି ସୂଚନା ଦିଆଯାଇଛି। ଏଥିରେ ସମସ୍ତ ପିଇଓ, ଏଡିଇଓଙ୍କ ଦସ୍ତଖତ ଥିବାବେଳେ ଦୁର୍ବ୍ୟବହାରର ଶିକାର ହୋଇଥିବା କାଇମାଟି ପଞ୍ଚାୟତ ପିଇଓ ସ୍ୱର୍ଣ୍ଣପ୍ରଭା ସାହୁଙ୍କ ଦସ୍ତଖତ ନ ଥିବାରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ସଂଘ କେବଳ ଚାପର ବଶବର୍ତ୍ତୀ ହୋଇ ଆନ୍ଦୋଳନକୁ ସ୍ଥଗିତ କରିଛି ବୋଲି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀ କହିଥିଲେ। ସାମ୍ବାଦିକ ସମ୍ମିଳନିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟକରୀ ସଭାପତି ନରୋତ୍ତମ ସାହୁ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲା ଉପସଭାପତି ଦେବାଶିଷ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା, ବିଜେଡି ନଗର ସଭାପତି ବିନୋଦ କୁମାର ମହାନ୍ତି, ଉପ-ନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଆଇନ ସେଲ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଯୁବ ବିଜେଡି ରାଜ୍ୟ ଉପ ସଭାପତି ସତ୍ୟଜିତ ପଟ୍ଟନାୟକ, ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ଜିଲ୍ଲା ଛାତ୍ର ବିଜେଡ ସଭାପତି ଆର୍ଯ୍ୟନ ଦାସ, ଜିଲ୍ଲାପରଷଦ ସଭ୍ୟ ଅଶୋକ କୁମାର ପରିଡ଼ା, ସରପଞ୍ଚ ଅଖିଳ ଲେଙ୍କା, ଗଙ୍ଗାଧର ରାଉତ, ପ୍ରଦୀପ ରାଉତ, ଯଶେଶ ସାହୁ, କାଉନସିଲର ଲିପିକା ଦାସ, ରୋଜାଲିନ ସାହୁ, ମହିଳା ଟାଉନ ସଭାପତି ଶ୍ରଦ୍ଧାଞ୍ଜଳି ସାହୁ, ଯୁବ ଟାଉନ ସଭାପତି ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତରେ ଜଣେ ମୃତ, ଜଣେ ଗୁରୁତର

କାମାକ୍ଷାନଗର,୬।୮ (ସମିସ): ଗୁରୁବାର ଅପରାହ୍ନରେ କଙ୍କଡ଼ାହାଡ଼ ଥାନା ଅଞ୍ଚଳରେ ବଜ୍ରପାତ ଘଟି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ଖଜୁରିଆ ଗାଁର ପ୍ରଶାନ୍ତ ମହାନ୍ତ (୪୨)। ପ୍ରଶାନ୍ତ ଗାଁ ଛକରେ ଥିବାବେଳେ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି କରଗୋଳା ପଞ୍ଚାୟତ ଦେବଗଣ ଗାଁର କାୟାର ଗପ (୨୮) ଗାଁ ନିକଟ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାରେ ସେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

## କ୍ଷେତରେ କାମ କରୁଥିବା ବେଳେ ଟଳିପଡ଼ିଲେ

ଗଁଦିଆ,୬।୮ (ସମିସ): ଗଁଦିଆ ଥାନା ମଠତେନ୍ତୁଳିଆ ଗ୍ରାମର ଅର୍ଜୁନ ବେହେରାଙ୍କର ପୁଅ ବେଣୁଧର ବେହେରା (୫୫) ଗୁରୁବାର ସକାଳେ ନିଜ ଧାନ କ୍ଷେତରେ କାମ କରୁଥିବା ସମୟରେ ଟଳି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ପରିବାର ଲୋକେ କହୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

■ ସରକାରୀ ଜମି ଚିହ୍ନଟ ବେଳେ ଉତ୍ତେଜନା ଘଟଣା

## ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ



କାମାକ୍ଷାନଗର,୬।୮ (ସମିସ): କାମାକ୍ଷାନଗର ତହସିଲ ଅନ୍ତର୍ଗତ ତାଳଗୋରଡ଼ ଗାଁରେ ସରକାରୀ ଜମି ଚିହ୍ନଟକୁ ନେଇ ବୁଧବାର ଉତ୍ତେଜନା ସୃଷ୍ଟି ହୋଇଥିଲା। ବାଇସିଙ୍ଗା ସେବା ସମବାୟ ସମିତିକୁ ଜମି ହସ୍ତାନ୍ତର ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଜମି ମାପଚୁପ ଓ ଚିହ୍ନଟ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ଗ୍ରାମବାସୀ ଏକଜୁଟ ହୋଇ ତୀବ୍ର ବିରୋଧ କରିଥିଲେ। ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ କିଛି ସମୟ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଶେଷରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ମାପଚୁପ କାର୍ଯ୍ୟ ସ୍ଥଗିତ ରଖି ଫେରିଯାଇଥିଲା। ସୂଚନାନୁସାରେ, ତାଳଗୋରଡ଼ ମୌଜାରେ ଥିବା ପ୍ରାୟ ୨ ଏକର ୨୮ ଡିସିମିଲ ସରକାରୀ ଜମିକୁ ବାଇସିଙ୍ଗା ସେବା ସମବାୟ ସମିତିକୁ ପ୍ରଦାନ କରିବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଉଥିଲା। ଏଥିପାଇଁ କାମାକ୍ଷାନଗର ତହସିଲଦାର କୁମରେଶ ସାହୁଙ୍କ ନେତୃତ୍ୱରେ ରାଜସ୍ୱ କର୍ମଚାରୀ, ଅମିନ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜମି ମାପଚୁପ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଏହାର ସୂଚନା ପାଇବା ପରେ ଗ୍ରାମବାସୀ ବହୁ ସଂଖ୍ୟାରେ ଏକତ୍ରିତ ହୋଇ ମାପଚୁପ କାର୍ଯ୍ୟକୁ ବିରୋଧ କରିଥିଲେ। ଏ ନେଇ ଗୁରୁବାର ଶତାଧିକ ଗ୍ରାମବାସୀ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଆନ୍ଦୋଳନ କରିଥିଲେ। ତାଙ୍କ ପୂର୍ବ ପୁରୁଷରୁ ଏହି ଭିଟାମାଟି ଅଛି। ନିଜର ଘର ଆଗର ଏହି ଜଗା ଉପରେ ସେମାନେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି। ଯାନିଯାତ୍ରାଠାରୁ ଆରମ୍ଭ କରି ବିବାହ ମେଳା ଯାତ୍ରା ସବୁ ଏହିଠାରେ ହିଁ କରନ୍ତି। ଏହି ଜାଗାକୁ ସେମାନେ ଛାଡ଼ିବେ ନାହିଁ ବୋଲି ଜିଦ୍‌ରେ ରହିଥିଲେ। କାମାକ୍ଷାନଗର ସହକାରୀ ଜିଲ୍ଲାପାଳ ଦୀପକ ମିଶ୍ର ଆସି ସେମାନଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

## ନାବାଳିକାକୁ ଯୌନ ନିର୍ଯାତନା ମାମଲା | ଦୋଷୀକୁ ୫ ବର୍ଷ କାରାଦଣ୍ଡାଦେଶ

ଢେଙ୍କାନାଳ,୬।୮ (ସମିସ): ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାର ଶୁଣାଣି କରି ଢେଙ୍କାନାଳ ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ପୋକ୍ସୋ କୋର୍ଟ ବିଚାରପତି ସୁଶୀଲ ଅଭିଯୁକ୍ତ ନିଶାନ୍ତ ନାଏକକୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧୀକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ଜୁନ ୨୮ ତାରିଖ ରାତି ୮ଟାରେ ସଦର ଥାନା ଅଞ୍ଚଳର ନାବାଳିକା ଜଣକ ନିଜ ଘର ଛାତ ଉପରେ ଏକୁଟିଆ ବସିଥିବା ବେଳେ ନିଶାନ୍ତ ସେଠାରେ ପହଞ୍ଚି ଜୋରଜବରଦସ୍ତ ଦୁଷ୍କର୍ମ ଉଦ୍ୟମ କରିଥିଲା। ନାବାଳିକା ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମଧ ମାରିଥିଲା। ନାବାଳିକା ଜଣକ ମୂକ ଓ ବଧିର ହୋଇଥିବାରୁ ତାହାର ସୁଯୋଗ ନେଇ ନିଶାନ୍ତ ଏପରି କାଣ୍ଡ ଭିଆଇଥିଲା। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ଅଧିକାରୀ ଅରୁଣ କୁମାର ଦେହୁରୀ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ପୀଡ଼ିତା ଓ ତାଙ୍କ ପରିବାର ସଦସ୍ୟଙ୍କ ବୟାନ ଓ ଅନ୍ୟାନ୍ୟ ଦସ୍ତାବିଜକୁ ଆଧାର କରି କୋରାଟ ନିଶାନ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୀଡ଼ିତାଙ୍କୁ ୨ ଲକ୍ଷ ଦେବା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ପିପି ସ୍ମିତା ପଟ୍ଟନାୟକ ଓ ସରକାରୀ ଓକିଲ ସୁଶାନ୍ତ କୁମାର ପାଣିଗ୍ରାହୀ ମାମଲା ପରିଚାଳନା କରୁଥିଲେ।

## ଭୂତକୋଠି ପାଲଟିଛି ନବନିର୍ମିତ ଅବକାରୀ କାର୍ଯ୍ୟାଳୟ

ଗଁଦିଆ,୬।୮ (ସମିସ): ଗଁଦିଆ ଅବକାରୀ ଥାନାର ନୂତନ ଗୃହ ନିର୍ମାଣ ଶେଷ ହେବାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ ଆଜି ବି କାର୍ଯ୍ୟାଳୟ ଏକ ଭଡ଼ା ଘରେ ଚାଲିଛି। ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଢେଙ୍କାନାଳ-ଭୁବନ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ଇଲେଇଜଙ୍ଗ ନିକଟରେ ନିର୍ମାଣ ହୋଇଥିବା ବିରାଟ କୋଠା ବ୍ୟବହାର ନ ହୋଇ ଭୂତକୋଠିରେ ପରିଣତ ହୋଇଛି। ନିଜସ୍ୱ କୋଠା ଥାଇ ଅବକାରୀ ବିଭାଗ ଭଡ଼ାଘରେ ଚାଲିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ନୂତନ ବିଲ୍ଡିଂକୁ କାର୍ଯ୍ୟାଳୟ ସ୍ଥାନାନ୍ତର ନ କରିବା ପଛରେ କେବଳ ବିଦ୍ୟୁତ ସଂଯୋଗ ନ ଥିବାର ବାହାନା ଦେଖାଯାଉଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ତିନି ତିନି ଥର ବିଦ୍ୟୁତ ବିଭାଗ ସହ ଏଷ୍ଟିମେଟ ବା ଆକଳନ କରାଯାଇଥିଲେ ସୁଦ୍ଧା ତାହା ଏଯାଏଁ କାର୍ଯ୍ୟକାରୀ ହୋଇପାରିନାହିଁ। ସାଧାରଣରେ ଆଲୋଚନା ହେଉଛି ଯେ କଙ୍କଡ଼ାକୁ ଗୋଳିପାଣି ସୁହାଇବା ନ୍ୟାୟରେ ଏହି ଅବ୍ୟବସ୍ଥା ଭିତରେ ଅଧିକାରୀମାନେ ତୁମର ଅଧେ, ଆମର ଅଧେ ନୀତି ଆପଣାଇ ଦୁଇ ପାର୍ଶ୍ୱରୁ ଲାଭ ଉଠାଉଛନ୍ତି। ଏହି ସମୟ ମଧ୍ୟରେ ଅନେକ ଅଧିକାରୀଙ୍କ ଅଦଳବଦଳ ହୋଇଥିଲେ ମଧ ସମସ୍ୟା ସମାଧାନ ଦିଗରେ କାହାରି ନିଘା ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଲକ୍ଷ ଲକ୍ଷ ଟଙ୍କାର ସରକାରୀ କୋଠା ପଡ଼ିରହିଥିବା ବେଳେ ପ୍ରତିମାସ ଘର ଭଡ଼ା ବାବଦ ସରକାରୀ ଅର୍ଥ କାହା ସ୍ୱାର୍ଥରେ ଖର୍ଚ୍ଚ କରାଯାଉଛି ବୋଲି ପ୍ରଶ୍ନ ଉଠିଛି। ସମସ୍ତ ବିଷୟରେ ଅବଗତ ଥାଇ ମଧ ଉଚ୍ଚ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ସରକାରୀ ଅର୍ଥର ଏଭଳି ଖୋଲାଖୋଲି ଅପଚୟ ପାଇଁ ଦାୟୀ କିଏ। ଏବେ ଏଭଳି ଅନେକ ପ୍ରଶ୍ନ ଘେରରେ ଗଁଦିଆ ଅବକାରୀ ଥାନା। ଗଁଦିଆକୁ ନିକଟରେ ଏକ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଭାବେ ଘୋଷଣା କରାଯାଇଛି। ତେବେ ଏହି ନୂତନ ଏନ୍‌ଏସିରେ ନୂଆ ପ୍ରଶାସନିକ ବ୍ୟବସ୍ଥା ଏହି ଭୂତକୋଠିକୁ ପୁର୍ନଜୀବନ ଦେଇ ଅବକାରୀ ବିଭାଗକୁ ନୂଆ ରୂପରେ କାର୍ଯ୍ୟକ୍ଷମ କରିବ ନା ପ୍ରଶାସନିକ ଦୁର୍ବଳତା ଯୋଗୁଁ ଏହା ଏମିତି ଖଣ୍ଡହରରେ ପରିଣତ ହେବ ତାହା ଦେଖିବାକୁ ବାକି ରହିଲା।


ଭଡ଼ା ଘରେ ଚାଲିଛି ଗଁଦିଆ ଅବକାରୀ ଥାନା

## କପିଳାସ ପୀଠରେ ୧୦ ଘଣ୍ଟିଆ ପାର୍କିଂ ଫି'

## ଶ୍ରଦ୍ଧାଳୁଙ୍କୁ ଶୋଷଣ

ଗଁଦିଆ,୬।୮ (ସମିସ): ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସରେ ଏବେ ଧର୍ମ ନାଁରେ ଚାଲିଛି ଖୁଲମଖୁଲା ଶୋଷଣ। ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ସୁବିଧା ଯୋଗାଇଦେବା ବଦଳରେ ସେମାନଙ୍କ ପକେଟ୍ କାଟିବା ପାଇଁ ଯେପରି ସରକାରୀ ଅନୁମତି ମିଳିଯାଇଛି। ରାଜ୍ୟର ଅନ୍ୟ କୌଣସି ଧାର୍ମିକ ପୀଠରେ ନ ଥିବା ଏକ ଅଦ୍ଭୁତ ଏବଂ ବେଆଇନ ନିୟମ ଏବେ କପିଳାସ ପୀଠରେ ଲାଗୁ କରିଛନ୍ତି ଦେବୋତ୍ତର ଅଧିକାରୀ। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ନିୟମ ଅନୁଯାୟୀ, କପିଳାସ ପୀଠରେ ପାର୍କିଂ ଷ୍ଟାଣ୍ଡ ଫି' ଆଦାୟ ପାଇଁ ଏକ ନୂଆ ୧୦ ଘଣ୍ଟିଆ ନିୟମ ଲାଗୁ କରାଯାଇଛି। ସାରା ରାଜ୍ୟରେ ଯେକୌଣସି ପାର୍କିଂ ଫି' ସାଧାରଣତଃ ଗୋଟିଏ ଦିନ ବା ୨୪ ଘଣ୍ଟା ପାଇଁ ବୈଧ ରହୁଥିବା ବେଳେ ଏଠାରେ କେବଳ ୧୦ ଘଣ୍ଟା ପାଇଁ ଟିକଟ୍ ଧାର୍ଯ୍ୟ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଯଦି ଜଣେ ଶ୍ରଦ୍ଧାଳୁ ସନ୍ଧ୍ୟା ସମୟରେ ପ୍ରଭୁଙ୍କ ଦର୍ଶନ ପାଇଁ ଆସି ରାତିରେ ବିଶ୍ରାମ ନେଇ ସକାଳେ ଫେରନ୍ତି ତେବେ ତାଙ୍କୁ ବାଧ୍ୟତାମୂଳକ ଭାବେ ଦୁଇ ଦିନର ଦେୟ ଦେବାକୁ ପଡୁଛି। ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ- ଏହା କାହା ସ୍ୱାର୍ଥରେ କରାଯାଉଛି। ଏହା ଶ୍ରଦ୍ଧାଳୁଙ୍କୁ ଶୋଷଣ କରିବାର ଏକ ନୂଆ ତରିକା ବୋଲି ଅଭିଯୋଗ ହୋଇଛି। ଗୋଟିଏ ପଟେ ଠାକୁରଙ୍କ କୋଟି କୋଟି ଟଙ୍କାର ମୂଲ୍ୟବାନ ସମ୍ପତ୍ତି ରକ୍ଷଣାବେକ୍ଷଣ ଅଭାବରୁ ଖତ ଖାଉଛି। ସେଥିରୁ ପ୍ରଶାସନ ତହବିଲକୁ ଟଙ୍କାଟିଏ ମଧ ଆସୁନାହିଁ। ଅନ୍ୟପଟେ ନିରୀହ ଶ୍ରଦ୍ଧାଳୁଙ୍କୁ ଶୋଷଣ କରି ସେମାନଙ୍କଠାରୁ ବେଆଇନ ଭାବେ ଅର୍ଥ ଆଦାୟ କରାଯାଉଛି। ଶ୍ରଦ୍ଧାଳୁ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ତରଫରୁ ଏବେ ଏକ ଦୃଢ଼ ଦାବି ଉଠିଛି। ଏହି ୧୦ ଘଣ୍ଟିଆ ଶୋଷଣ ନୀତିକୁ ତୁରନ୍ତ ବନ୍ଦ କରାଯାଉ। ପାର୍କିଂ ଅବଧିକୁ ଅତିକମ୍‌ରେ ଗୋଟିଏ ଦିନ ବା ୨୪ ଘଣ୍ଟା କରାଯାଉ। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ଘଟଣା ଉପରେ ହସ୍ତକ୍ଷେପ କରି ଏହି ବ୍ୟବସ୍ଥା ଉପରେ ଲଗାମ୍ ଲଗାଇବେ ବୋଲି ଆଶା କରାଯାଉଛି।



## ବନ୍ୟାରେ ଫସଲ ନଷ୍ଟ

ଭୁବନ,୬।୮ (ସମିସ): ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଭୁବନ ବ୍ଲକ ମହୁଲପାଳ ଗ୍ରାମ ଚାଷୀଙ୍କ ବ୍ୟାପକ ଫସଲ ନଷ୍ଟ ହୋଇଛି। ଫଳରେ ଚାଷୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ନଦୀକୂଳିଆ ମାଟିରେ ସ୍ଥାନୀୟ ଚାଷୀମାନେ ବିଭିନ୍ନ ପନିପରିବା ଚାଷ କରିଥିବା ବେଳେ ବନ୍ୟାପାଣିରେ ଫସଲ ନଷ୍ଟ ହୋଇଯାଇଛି। ବିଶେଷକରି ପୋଟଳ ଚାଷୀମାନେ ବହୁ କ୍ଷତିଗ୍ରସ୍ତ ହୋଇଛନ୍ତି। କୃଷି ଉପରେ ନିର୍ଭର କରି ପରିବାର ଚଳାଉଥିବା ଏହି ଚାଷୀମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଭିରାମ ସାହୁ, ପଦ୍ମନାଭ ସାମଲ ପ୍ରମୁଖ ଚାଷୀ ନିବେଦନ କରିଛନ୍ତି।




## ମହାପ୍ରଭୁଙ୍କୁ ବିକୃତ କରିବାକୁ ନେଇ ଅସନ୍ତୋଷ



ଢେଙ୍କାନାଳ,୬।୮ (ସମିସ): ସ୍ଥାନୀୟ ଦଧିବାମନଜୀଉ ମନ୍ଦିର ପରିସରରେ ଶ୍ରୀ ଜଗନ୍ନାଥ ଚେତନା ସେବା ସମିତି ଏବଂ ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାର ପକ୍ଷରୁ ଆୟୋଜିତ ବୈଠକରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ଜଗନ୍ନାଥ ସଂସ୍କୃତିକୁ କେହି ବିକୃତ କରିବାକୁ ଚେଷ୍ଟାକଲେ ଜଗନ୍ନାଥ ପ୍ରେମୀ ଏହାକୁ ବରଦାସ୍ତ କରିବେ ନାହିଁ ବୋଲି ମତ ପ୍ରକଶ ପାଇଛି। ମହାପ୍ରଭୁଙ୍କୁ ନେଇ ହୋଇଥିବା କାର୍ଟୁନ ଫିଲ୍ମରେ ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁଙ୍କୁ ଅପମାନ ହେବା ଭଳି ଦୃଶ୍ୟ ପ୍ରଦର୍ଶନ ନେଇ ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜ ଏହାକୁ ବିରୋଧ କରି ଚଳଚ୍ଚିତ୍ର ପ୍ରଦର୍ଶନ ନ କରିବାକୁ ବାରଣ କରିଛନ୍ତି। ଏହାକୁ ମଧ ଓଡ଼ିଶାର ଜନସାଧାରଣ ଓ ଜଗନ୍ନାଥ ପ୍ରେମୀ ବିରୋଧ କରିଛନ୍ତି। ମହାପ୍ରଭୁଙ୍କୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଏହି ଚଳଚ୍ଚିତ୍ର ପ୍ରଦର୍ଶନରୁ ବିରତ ରହିବାକୁ ଉପସ୍ଥିତ ସଦସ୍ୟ ମତବ୍ୟକ୍ତ କରିଥିଲେ। ଅନ୍ୟଥା ଓଡ଼ିଶାରେ ଶ୍ରୀ ଜଗନ୍ନାଥ ପ୍ରେମୀଙ୍କ ଅସନ୍ତୋଷ ବୃଦ୍ଧି ପାଇବ ବୋଲି ଚେତାଇ ଦେଇଥିଲେ। ବୈଠକରେ ଅନୁଷ୍ଠାନର ଉପଦେଷ୍ଟା ଅକ୍ଷୟ କୁମାର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅବନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରମୋଦ କୁମାର ମିଶ୍ର ଯୋଗଦେଇ ଏଭଳି କାର୍ଯ୍ୟକୁ ନାପସନ୍ଦ କରିବା ସହ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମା ସିଂହ, ନିର୍ମଳା ମହାପାତ୍ର, ପରେଶ ଚନ୍ଦ୍ର ପଟ୍ଟନାୟକ, ଶତ୍ରୁଘ୍ନ ମାଟି, ପୁରୁଷୋତ୍ତମ ନନ୍ଦ, ଆଇନଜୀବୀ ଭାବଗ୍ରାହୀ ପଣ୍ଡା, ମାନସ ରଞ୍ଜନ ମିଶ୍ର, ପ୍ରୀତିରଞ୍ଜନ ପତି ପ୍ରମୁଖ ଯୋଗଦେଇ ପ୍ରତିବାଦ କରିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ବିଷ୍ଣୁପ୍ରିୟା ଦାସ ଭକ୍ତିଭରା ଭଜନ ପରିବେଷଣ କରିଥିଲେ।

## ରାସ୍ତା କଡ଼ରେ ଶୁଖିଲା ଗଛ, ବିପଦରେ ପଥଚାରୀ



ଭୁବନ,୬।୮ (ସମିସ): ଭୁବନ ବ୍ଲକ ନୀଳକଣ୍ଠପୁର ଗ୍ରାମ ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର କଣପାଳ ଛକ ନିକଟରେ ବିଶାଳ ଶୁଖିଲା ଗଛ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ରାସ୍ତା ବ୍ଲକ, ତିନି ପଞ୍ଚାୟତକୁ ସଂଯୋଗ କରୁଥିବାରୁ ଦୈନିକ ହଜାର ହଜାର ଲୋକ ଯାତାୟାତ କରୁଛନ୍ତି। ଶୁଖିଲା ଗଛଟି ସମ୍ପୂର୍ଣ୍ଣ ରାସ୍ତା କଡ଼ରେ ଥିବାରୁ ତାହାର ଶାଖା ପ୍ରଶାଖା ରାସ୍ତା ଉପରେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଯେକୌଣସି ସମୟରେ ଗଛଟି ଭାଙ୍ଗିପଡ଼ିଲେ ଧନଜୀବନ ହାନି ହେବା ଆଶଙ୍କା ରହିଛି। ଲୋକଙ୍କ ଧନଜୀବନ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ବନ ବିଭାଗ ଏହି ଶୁଖିଲା ଗଛ କାଟିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିବି ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠିତ



ଢେଙ୍କାନାଳ,୬।୮ (ସମିସ): ସ୍ଥାନୀୟ ପିଏମଶ୍ରୀ ବ୍ରଜନାଥ ବଡ଼ଜେନା (ବିବି) ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଗଠନ କରାଯାଇଛି। କମିଟିରେ ଓସେପା ମାର୍ଗଦର୍ଶିକା ଅନୁସାରେ ପୁଲିସ୍‌ଲାଇନ୍ କ୍ଲଷ୍ଟର୍ ସିଆର୍‌ସିସି ଝସକେତନ ପ୍ରଧାନଙ୍କ ଉପସ୍ଥିତିରେ ବିଦ୍ୟାଳୟ ବିଲ୍ଡିଂ କମିଟି ଓ ବିଦ୍ୟାଳୟ ଏକାଡେମିକ କମିଟି ଗଠିତ ହୋଇଛି। ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସମୀର ପରିଡ଼ା ସଭାପତି, ସ୍ୱାଗତିକା ପାତ୍ର ଉପସଭାପତି, ପ୍ରାକ୍ତନ ଛାତ୍ର ଢେଙ୍କାନାଳ ପୌରପାଳିକାର ଉପନଗରପାଳ ପ୍ରକାଶ କୁଅଁର ସଦସ୍ୟ, ପ୍ରାକ୍ତନ ଛାତ୍ର ଓ ଅବସରପ୍ରାପ୍ତ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର ଆଲୁମ୍‌ନି ପ୍ରତିନିଧି ସଦସ୍ୟ, ପ୍ରାକ୍ତନ ଅଧକ୍ଷ ଡ. ସଚ୍ଚିଦାନନ୍ଦ ମିଶ୍ର, ପ୍ରାକ୍ତନ ଶିକ୍ଷକ ଇତୀଶ କୁମାର ବରାଳ, ଶିକ୍ଷୟିତ୍ରୀ ସୁନୀତାବାଳା ଷଡ଼ଙ୍ଗୀ ଓ ସମ୍ପାଦକ ଭାବେ ବିଦ୍ୟାଳୟ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ମନୋଜ ରଞ୍ଜନ ଦଳେଇ, ଇଞ୍ଜିନିୟର ବିଶିକେଶନ ପରିଡ଼ା, ପୁଲିସ୍ ଲାଇନ୍ କ୍ଲଷ୍ଟର୍ ସିଆର୍‌ସିସି ଝସକେତନ ପ୍ରଧାନଙ୍କ ସମେତ ମୋଟ୍ ୩୭ ଜଣ ବିଭିନ୍ନ କମିଟିରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନ୍ୟ ସଭ୍ୟା, ସଭ୍ୟମାନଙ୍କ ମଧ୍ୟରେ ସୁମତି ନାଏକ, ସଞ୍ଜୁ ବରୁଆ, କ୍ଷୀରାବ୍ଧି ତନୟା ମହାପାତ୍ର, ପୁଷ୍ପାଞ୍ଜଳି ମିଶ୍ର, ସ୍ନେହଲତା ମଲ୍ଲିକ, ମମତା ସାମଲ, ମୌସୁମୀ ଦାଶ, ସରସ୍ୱତୀ ସିଂ, ସୂର୍ଯ୍ୟକାନ୍ତି ବେହେରା, ସୁଶାନ୍ତ କୁମାର ସ୍ୱାଇଁ, ପ୍ରଦ୍ୟୁମ୍ନ ମହାନ୍ତି, ସଞ୍ଜୟ କୁମାର ଦାଶ, ହିମାଦ୍ରୀ ବିହାରୀ ନାଥ, ପ୍ରେମାନନ୍ଦ ସାହୁ, ପ୍ରମୋଦ ସେଠୀ, ସୁଶାନ୍ତ ଦଳବେହେରା, ପ୍ରଶାନ୍ତ କୁମାର ବେହେରା, ୫ ନମ୍ବର ୱାର୍ଡର ଅଙ୍ଗନାବାଡ଼ି କର୍ମୀ ଲକ୍ଷ୍ମୀପ୍ରିୟା ନାୟକ ଓ ଆଶାକର୍ମୀ ଚାମେଲି ମହାନ୍ତି ପ୍ରମୁଖ ମନୋନୀତ ହୋଇଛନ୍ତି। ହିନ୍ଦୀ ଶିକ୍ଷକ କିଶୋର ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜରାସ୍ତାରେ ଗୋରୁପଲଙ୍କ ଦୌରାତ୍ମ୍ୟ

ବିପଦରେ ପଥଚାରୀ



ହିନ୍ଦୋଳ,୬।୮ (ସମିସ)

ହିନ୍ଦୋଳ ଉପଖଣ୍ଡ ରାଜରାସ୍ତା ଦୀର୍ଘଦିନ ଧରି ୨୪ ଘଣ୍ଟିଆ ଗାଈଗୋରୁ, ଷଣ୍ଢଙ୍କ କବଜାରେ ଥିବାବେଳେ ପ୍ରତି ମୁହୂର୍ତ୍ତରେ ଲୋକଙ୍କ ଜୀବନ ବାଜିରେ ଲାଗୁଛି। ହିନ୍ଦୋଳ ଏନଏସି ମୁଖ୍ୟରାସ୍ତା ସାତମାଇଲ ଦେଇ ଖଜୁରିଆକଟାରୁ ଗୁଡ଼ିଆକାଟେଣୀ, ରସୋଳ-ତେଲିଭୂଇଁ ମୁଖ୍ୟ ସ୍ଥାନମାନଙ୍କରେ ହଜାର ହଜାର ସଂଖ୍ୟାରେ ଗୋରୁ ରାସ୍ତା ଅବରୋଧ କରୁଛନ୍ତି। ସେହିପରି ହିନ୍ଦୋଳ ଏନଏସି ଭେଟନାରୀ ଛକ, ବସଷ୍ଟାଣ୍ଡ ଛକ, ଲକ୍ଷ୍ମୀବଜାର, ମେଡିକାଲ ଛକରୁ ୮ନଂ ୱାର୍ଡ ପୂରା ବଡ଼ଦାଣ୍ଡ ହାଟ ଛକ, ସମ୍ପୂର୍ଣ୍ଣ ନୂତନପାଟଣା, ଧୂଳିଆମୁଣ୍ଡା ଛକରୁ କାନ୍ଦରାଶୁଣି ଆଦର୍ଶ ସ୍କୁଲ, ରାଜମୋହନପୁର ପର୍ଯ୍ୟନ୍ତ ହଜାରହଜାର ଗୋରୁ, ବୁଲାଷଣ୍ଢ ଦିନରାତି ରାସ୍ତା ଅବରୋଧ କରି ରହୁଥିବାବେଳେ ସେମାନଙ୍କ ମଧ୍ୟରେ ଲଢ଼େଇ ସହ ଦ୍ରୁତଗାମୀ ବସ, ଦୁଇ, ଚାରିଚକିଆ ଯାନ ସହିତ ଶତାଧିକ ବାଲି, ଚିପ୍ସ, ପଥର, ବେଆଇନ ତଥା ମାଟି ବୋଝେଇ ଦ୍ରୁତଗାମୀ ଟ୍ରକ, ଟିପ୍ପର, ହାଇୱା ଇତ୍ୟାଦି ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛି। ଏପରିକି ବେଶୀ ବିପଦ ସୃଷ୍ଟି କରୁଛି ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ପାଇଁ। ପ୍ରାୟ ସମୟରେ ଶତାଧିକ ଦୁର୍ଘଟଣାମାନ ଘଟି ବହୁ ଲୋକ ମୃତାହତ ହେବାସହ ଗୋରୁଙ୍କ ଜୀବନ ମଧ ଅକାଳରେ ଚାଲିଯାଉଛି। ଏହି ରାସ୍ତାଦେଇ ମନ୍ତ୍ରୀ, ସାଂସଦ, ବିଧାୟକଙ୍କ ସହ ସମସ୍ତ ଉଚ୍ଚ ଅଧିକାରୀ ଦୈନନ୍ଦିନ ଯାତାୟାତ କରିବାସହ ଏହିଦୃଶ୍ୟ ଦେଖୁଥିଲେ ହେଁ ଜନସାଧାରଣଙ୍କ ଜୀବନ ପାଇଁ କାହାରି ଦାୟିତ୍ୱ ନାହିଁ କିମ୍ବା କେହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ତତ୍ପର ନାହାନ୍ତି। ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲୋକଙ୍କ ଜୀବନ ସୁରକ୍ଷା ପାଇଁ ତୁରନ୍ତ ରାସ୍ତାକୁ ଗାଈଗୋରୁଙ୍କୁ ହଟାଇବାକୁ ଦାବି ହୋଇଛି। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

### ୪ ମାସ ପରେ ବି ମିଳୁନି ଧାନ ବିକ୍ରି ଟଙ୍କା

# ରାସ୍ତାକଡ଼ରେ ଶୋଇ ପ୍ରତିବାଦ କଲେ ଚାଷୀ

ଜଗତସିଂହପୁର,୬।୮ (ସମିସ):



ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୀତାମ୍ବରପୁର ଗ୍ରାମର ଜଣେ ଗରିବ ଚାଷୀ ଅନ୍ୟାନ୍ୟ ମହାନ୍ତି, ଆଜକୁ ୪ ମାସ ତଳେ ଅର୍ଥାତ ଗତ ୧୮ ମାର୍ଚ୍ଚ ୨୦୨୬ରେ, ଶିବଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (କମିଶନ ଏଜେଣ୍ଟ) ମାଧ୍ୟମରେ ଏବଂ ଜିଲ୍ଲା ଯୋଗାଣ ଅଧିକାରୀ ଜିତ୍ରାୟ ଟୁଡୁଙ୍କ ତତ୍ତ୍ୱାବଧାନରେ ୪୨ କୁଇଣ୍ଟାଲ ୫୩ କେଜି ଧାନ ବିକ୍ରି କରିଥିଲେ। ମାତ୍ର ଅନ୍ୟାନ୍ୟ ମହାନ୍ତି ଅଦ୍ୟାବଧି ଧାନ ବିକ୍ରି ଟଙ୍କା ଏକ ଲକ୍ଷ ଏକତିରିଶ ହଜାର ଆଠ ଶହ ଚଉତିରିଶ ଟଙ୍କା ପାଇପାରିଲେ ନାହିଁ। ଅବଶ୍ୟ ଏହି ପ୍ରସଙ୍ଗକୁ ନେଇ ଅନ୍ୟାନ୍ୟ ମହାନ୍ତି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ସମସ୍ୟାକୁ ସମାଧାନ କରିବା ପାଇଁ ଯୋଗାଣ ଅଧିକାରୀ ଜିତ୍ରାୟ ଟୁଡୁଙ୍କ କହିବା ଅନୁସାରେ ଅନ୍ୟାନ୍ୟ ମହାନ୍ତି ଏବଂ ଚାଷୀନେତା ରଶ୍ମୀରଞ୍ଜନ ସ୍ୱାଇଁ ଗତ ୧୯ ମଇ ୨୦୨୬ ଦିନ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ମାତ୍ର ଯୋଗାଣ ଅଧିକାରୀ ଜିତ୍ରାୟ ଟୁଡୁ, ଅନ୍ୟାନ୍ୟ ମହାନ୍ତିଙ୍କ ପ୍ରାପ୍ୟ ଅର୍ଥ ପ୍ରଦାନର ବ୍ୟବସ୍ଥା କରିବା ପରିବର୍ତ୍ତେ, ଆକ୍ରୋଶମୂଳକ ଭାବେ କିଛି ଅସାମାଜିକ ବ୍ୟକ୍ତିଙ୍କୁ ଲଗାଇ, ରଶ୍ମୀ ରଞ୍ଜନ ସ୍ୱାଇଁଙ୍କ ଉପରେ ଆକ୍ରମଣ କରିଥିଲେ। ଏହି ଦୁଇ ଜଣଙ୍କ ବିରୋଧରେ ଜଗତସିଂହପୁର ଥାନାରେ ମିଥ୍ୟା ମୋକଦ୍ଦମା ଦେଇ ଜେଲ୍ ପଠାଇବା ପାଇଁ ହୀନ ଷଡ଼ଯନ୍ତ୍ର କଲେ। ଅପରପକ୍ଷରେ ଅନ୍ୟାନ୍ୟ ମହାନ୍ତି ଏବଂ ରଶ୍ମୀରଞ୍ଜନ ସ୍ୱାଇଁ ମଧ୍ୟ ସତ୍ୟ ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ। ମାତ୍ର କ୍ଷମତାକୁ ଅପବ୍ୟବହାର କରି ଜିଲ୍ଲାପ୍ରଶାସନ ନିରୀହ ଚାଷୀ ଅନ୍ୟାନ୍ୟ ମହାନ୍ତି ଏବଂ ଗାନ୍ଧୀବାଦୀ ଚାଷୀ ନେତା ରଶ୍ମୀରଞ୍ଜନ ସ୍ୱାଇଁଙ୍କ ବିରୋଧରେ ମାମଲା ରୁଜୁ କରି ଦିଆଗଲା। ପ୍ରକାଶ ଥାଉକି ଜିଲ୍ଲା ଯୋଗାଣ ବିଭାଗର ଜାଣତରେ ଜିଲ୍ଲାର ହଜାର ହଜାର ଚାଷୀଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ହଡ଼ପ ହେଉଥିବା ବେଳେ ନବନିର୍ମାଣ କୃଷକ ସଂଗଠନ ଏହା ବିରୋଧରେ ବାରମ୍ବାର ସ୍ୱର ଉତ୍ତୋଳନ କରୁଥିବାରୁ, ଯୋଗାଣ ଅଧିକାରୀ ଜିଲ୍ଲାପ୍ରଶାସନ ମାଧ୍ୟମରେ କ୍ଷମତା ଏବଂ ଭାରତୀୟ ନ୍ୟାୟିକ ବ୍ୟବସ୍ଥାର ଦୁରୁପଯୋଗ କରି ଆନ୍ଦୋଳନକୁ ଚପାଇଦେବା ନିମନ୍ତେ ମିଥ୍ୟା ମୋକଦ୍ଦମା ଭଳି ଇତର କାର୍ଯ୍ୟ କରାଇବାକୁ କୁଣ୍ଠାବୋଧ କଲେନାହିଁ ବୋଲି କୃଷକ ସଙ୍ଗଠନ ଅଭିଯୋଗ କରିଛି। ଜଗତସିଂହପୁର ଜିଲ୍ଲା ଭଳି ଏକ ସ୍ୱାଭିମାନୀ ସଚେତନ ଜିଲ୍ଲାରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଏଭଳି ହୀନ କାର୍ଯ୍ୟ ବିରୋଧରେ ବିପ୍ଳବୀ ଆଡ୍ଭୋକେଟ୍ ବାସୁଦେବଙ୍କ ନେତୃତ୍ୱରେ ଆଜି ଜଗତସିଂହପୁର ସହର ସ୍ଥିତ ଗଣତନ୍ତ୍ର ଛକ ଠାରେ ରାସ୍ତା କଡ଼ରେ ଶୋଇରହି ପ୍ରତିବାଦ କରିଥିଲେ। ଏହି ପ୍ରତିବାଦରେ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ କମିଟି ସଦସ୍ୟ ଦେବୀ ପ୍ରସାଦ ମହାରଣା, ବୈଜ୍ଞାନିକ କିଶୋର ସାହୁ, ଓକିଲ ସଂଘ ସଭାପତି ରବୀନ୍ଦ୍ର ସ୍ୱାଇଁ, ଡାକ୍ତର ସରୋଜ ଷଡ଼ଙ୍ଗୀ, ଭୁବନାନନ୍ଦ ନାୟକ, ଶାରଦା ରାୟ, ଶରତ ମହାପାତ୍ର, ପ୍ରସନ୍ନ କୁଅଁର, ବିଜୟ ପତି, ପବିତ୍ର ନାଟକ, ଧୂର୍ଜଟି ମହାନ୍ତି, ସୁବାସ ନାୟକ, କିଶୋର ମଲ୍ଲିକ, ସନ୍ତୋଷ ପାତ୍ର, ସେକ୍ ନାସିରୁଦ୍ଦିନ ପ୍ରମୁଖ ସାମିଲ ହୋଇଥିଲେ। ଶେଷରେ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ ପ୍ରତିବାଦ ସ୍ଥଳକୁ ଆସି ସମସ୍ୟା ସମାଧାନ ଦିଗରେ ନିଶ୍ଚିତ ପଦକ୍ଷେପ ନେବା ପାଇଁ ଦୃଢ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।

## କଳିଙ୍ଗ ମହିଳା ଶକ୍ତି ପକ୍ଷରୁ କେନ୍ଦ୍ରାପଡ଼ା ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ



ପାରାଦୀପ,୬।୮ (ସମିସ): ପାରାଦୀପ ଅଞ୍ଚଳର ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ସଙ୍ଗଠନ କଳିଙ୍ଗ ମହିଳା ଶକ୍ତି ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ପଞ୍ଚାୟତର ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। କଳିଙ୍ଗ ମହିଳା ଶକ୍ତି ଦୀର୍ଘ ୭ବର୍ଷ ଧରି ନିରବଚ୍ଛିନ୍ନ ଭାବେ ପାରାଦୀପ ସମେତ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ସମାନ୍ତରାଳ ଭାବେ ଲୋକଙ୍କୁ ସେବା ଯୋଗାଇ ଆସୁଛି। ବିଶେଷକରି ପ୍ରାକୃତିକ ଦୁର୍ବିପାକ ସମୟରେ ଗରିବ ଲୋକଙ୍କୁ ହେଉ କିମ୍ବା ଅସହାୟ ମହିଳା ମାନଙ୍କୁ ହେଉ ସମସ୍ତଙ୍କୁ ସେବା ଯୋଗାଇ ଦେଇ ଆସୁଛି। ଗତ ସପ୍ତାହରେ ହୀରାକୁଦ ଗେଟ ଖୋଲିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ପଞ୍ଚାୟତର ନଦୀ ପଠା ବା ତଳିଆ ଅଞ୍ଚଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ଦୁର୍ବିପାକ ସମୟର ସଙ୍ଗଠନ ପକ୍ଷରୁ ନିକଟସ୍ଥ ପ୍ରାଇମେରୀ ସ୍କୁଲ ରେ ପ୍ରାୟ ୧୦୦ ଲୋକଙ୍କୁ ସରପଞ୍ଚ ଚାମେଲି ଓଝା ଏବଂ ୭ନମ୍ବର ୱାର୍ଡ ସଭ୍ୟ ସମୀର ବାବୁଙ୍କ ଦାୟିତ୍ୱରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସଙ୍ଗଠନ ଏହି ଜଳବନ୍ଦିରେ ଥିବା ଛୋଟ ଛୋଟ ପିଲା, ସେମାନଙ୍କ ମା ଏବଂ ଭାଇମାନଙ୍କୁ ଚୁଡ଼ା, ଚିନି, ବିସ୍କୁଟ, ମଶାଧୂପ ଓ ମହମବତି ଆଦି ବଣ୍ଟନ କରିଥିଲେ। ଏହି ବଣ୍ଟନ କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ମନୋରମା ଖଟୁଆଙ୍କ ନେତୃତ୍ୱରେ ବିଜୟଲକ୍ଷ୍ମୀ ଦାସ, ଉର୍ମିଳା ସାହୁ, କଲ୍ୟାଣି ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପାଲ, ରବିନ୍ଦ୍ର ମଲ୍ଲ, ସଞ୍ଜୟ ମହାପାତ୍ର ଓ ପ୍ରମୋଦିନି ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଘାସ ଚାଞ୍ଛି ନେଇଗଲେ ୭ ଲକ୍ଷ ଟଙ୍କା

### ● ଜିଲ୍ଲାପାଳଙ୍କୁ ଚାଷୀଙ୍କ ଅଭିଯୋଗ



ଗରଦପୁର,୬।୮ (ସମିସ): ସରକାରଙ୍କ କେନାଲ ବିଭାଗର ବିଚିତ୍ର ଓ ଅଜବ ନୀତି। ସରକାର ତ ଟଙ୍କା ଦେଉଛନ୍ତି। ଚାଷୀଙ୍କ ବିଲକୁ ପାଣି ନ ଯାଉ। ଆମର କ'ଣ ଅଛି। କେନାଲ ସଫେଇ ନାମରେ ଘାସ ଚାଞ୍ଛି ଦେଇ କିପରି ବିଲ୍ ନେବା ସେହି କାମରେ ଲାଗି ପଡିଛନ୍ତି ଠିକାଦାର, ଯନ୍ତ୍ରୀ ଓ ଅଧିକାରୀ ବୋଲି ଅଭିଯୋଗ ହେଉଛି। ତେବେ ହେଉଥିବା ଅଭିଯୋଗ ଅନୁଯାୟୀ ଅସୁରେଶ୍ୱର ଜଳସମ୍ପଦ ବିଭାଗ ତରୋତ ଉପଖଣ୍ଡ ପକ୍ଷରୁ ଖାନନଗର ମାଇନର ସହ ହୁରାସାହିଠାରୁ କରିଲୋପାଟଣା କେନାଲକୁ ସଫେଇ ନାମରେ ପାଣି ପଞ୍ଚାୟତ ମାଧ୍ୟମରେ ସରକାର ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରି ଟେଣ୍ଡର କରିଥିଲା। ଟେଣ୍ଡର ପରେ ଲଗାଣ ବର୍ଷା ସମୟରେ ଠିକାଦାର ଜେସିବି ଲଗାଇ ସଫେଇ କାର୍ଯ୍ୟ କଲେ। ହେଲେ ଏପରି ସଫେଇ କାମ ହୋଇଛି ଯେ କେବଳ ଉପରେ ଉପରେ ଘାସ ଚାଞ୍ଛି ଦେଇଛନ୍ତି। ମୁଖ୍ୟ କେନାଲ ସାରା ଏବେ ବି ଘାସ, ବେଣା ଓ ଦଳ ଜଳଜଳ କରି ଦେଖାଯାଉଛି। ସେହିପରି ସବ୍‌କେନାଲ ଘୋଡାଦଣ୍ଡା, ହୁରାସାହି, କରିଲୋପାଟଣା ସମେତ ଚଅଁପୁର ଲାଣ୍ଡିବଟ ସବ୍‌କେନାଲ କଥା ନ କହିଲେ ଭଲ। କାରଣ ନିଜ ଆଖିରେ ନ ଦେଖିଲେ ବିଶ୍ୱାସ ହେବନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା କି ଯଦି କେନାଲରେ ପାଣି ଆସେ ଚାଷ ଜମିକୁ ପାଣି ଯାଇପାରିବନାହିଁ। ଚାଷୀ ସରକାରଙ୍କୁ ଜଳକର ଦେଉଥିଲେ ବିଭାଗୀୟ ଅନିୟମିତତା ଯୋଗୁଁ ଓ ପାଣି ଅଭାବରୁ ଧାନଚାଷ ହୋଇ ପାରିବନାହିଁ। ଲଘୁଚାପଜନିତ ବର୍ଷା ଛାଡ଼ିଗଲା ପରେ ଏବେ ବିଲରେ ପାଣି ନାହିଁ। ପାଣି ଆସିଲେ କେନାଲ ର,ଠ ସଫେଇ ହୋଇଥିବା ହେତୁ ଜଳସେଚନ ବାଧାପ୍ରାପ୍ତ ହେବ। ଏହି ସମସ୍ୟା ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ବିଶ୍ୱଜିତ ପ୍ରଧାନଙ୍କୁ ପଚାରିବାରୁ ସଫେଇ କାର୍ଯ୍ୟ ଠିକ୍ ହୋଇଛି ବୋଲି ସଫେଇ ଦେଇଛନ୍ତି। ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପ୍ରଶ୍ନଜିତ ଦାସ ଏହି ଅଭିଯୋଗକୁ ତଦନ୍ତ ହେବ ବୋଲି କହିଛନ୍ତି। ଉକ୍ତ ଅଞ୍ଚଳର ଚାଷୀ ଧନେଶ୍ୱର ରାଉତ, ଭଜନାନନ ସାମଲ, ସୁକାନ୍ତ ରାଉତରାୟ, ମଧୁରାନନ୍ଦ ଦାସଙ୍କ ସମେତ ଅନେକ ଚାଷୀ ଅଭିଯୋଗ କରିବା ସହ ଜିଲ୍ଲାପାଳ ଏ ଅନିୟମିତତା ଦୃଷ୍ଟି ଦେଇ ତଦନ୍ତ କରିବାକୁ ଦାବି କରିଛନ୍ତି।

## ସାନଜରିଆ ଆୟୁଷ୍ମାନ କେନ୍ଦ୍ରରେ ବିଶ୍ୱ ଯକୃତ ଦିବସ

ପଟ୍ଟାମୁଣ୍ଡାଇ,୬।୮ (ସମିସ): ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍‌ପିଟାଲ ଅଧୀନରେ ଥିବା ସାନଜରିଆ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବିଶ୍ୱ ଯକୃତ ଦିବସ ପାଳିତ ହୋଇଯାଇଛି। ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ ଡ. ବାରୁଚ ସାମୁଏଲ ବ୍ଲୁମବର୍ଗଙ୍କ ୧୦୨ତମ ଜୟନ୍ତୀ ଅବସରରେ ସମଗ୍ର ବିଶ୍ୱରେ ବିଶ୍ୱ ଯକୃତ ଦିବସ ପାଳିତ ହେଉଛି। ଲିଭର ବା ଯକୃତ ସଂକ୍ରମଣ ସୃଷ୍ଟି କରୁଥିବା "ହେପାଟାଇଟିସ" ରୋଗ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ଏହାର ପ୍ରତିରୋଧ, ପରୀକ୍ଷା ଓ ଚିକିତ୍ସାକୁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ନୋବେଲ ପୁରସ୍କାର ବିଜେତା ବାରୁଚ ସାମୁଏଲ ବ୍ଲୁମବର୍ଗ ହେପାଟାଇଟିସ-ବି ଭୂତାଣୁ ଆବିଷ୍କାର କରିଥିଲେ। ଏହାର ପ୍ରଥମ ଟିକା ବିକଶିତ କରିଥିଲେ। ହେପାଟାଇଟିସ ବି ଓ ସି ଅନେକ ସମୟରେ କୌଣସି ପ୍ରାରମ୍ଭିକ ଲକ୍ଷଣ ଦେଖାନ୍ତିନାହିଁ, ଯାହା ପରବର୍ତ୍ତୀ ସମୟରେ ଲିଭର ସିରୋସିସ କିମ୍ବା କର୍କଟ ରୋଗର କାରଣ ହୋଇପାରେ। ଏଣୁ ସମୟସୀମା ମଧ୍ୟରେ ରକ୍ତ ପରୀକ୍ଷା ଓ ଟିକାକରଣ ନିହାତି ଜରୁରୀ ହୋଇପଡିଛି। ଅନେକ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ଏହି ରୋଗ ପ୍ରତି ପ୍ରତି ଅବହେଳା ପ୍ରଦର୍ଶନ କରି ମୃତ୍ୟୁମୁଖରେ ପଡିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଡାକ୍ତରଖାନାର ବରିଷ୍ଠ ଫାର୍ମାସୀ ଅଫିସର ପ୍ରଭାତ ଦାସ, ଲାବ୍ ଅଫିସର ରଜନୀକାନ୍ତ ସୂତାର, ନର୍ସିଂ ଅଫିସର ସାଗରିକା ବେହେରା, କାର୍ତ୍ତିକ ପରିଡ଼ା, ମହେଶ୍ୱର ଦାସ, ମନୋରଞ୍ଜନ ସୂତାର, ସୁଶାନ୍ତ ଦେବତା, ସରୋଜ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଥାଲାସେମିଆ ଶିଶୁଙ୍କୁ କଳିଙ୍ଗ ଆବାସିକ ପକ୍ଷରୁ ରକ୍ତଦାନ



ଡେରାବିଶ,୬।୮ (ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ଥାଲାସେମିଆରେ ପୀଡ଼ିତ ଦୁଇ ନାବାଳକ ଶିଶୁଙ୍କୁ କଟକସ୍ଥ ଏସ୍‌ସିବି ମେଡିକାଲ୍ କଲେଜରେ ରକ୍ତଦାନ କରାଯାଇଛି। ଡେରାବିଶ ବ୍ଲକ୍ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ଥକେଇନେଉଳି ଗ୍ରାମର ମାନସିକ ଭିନ୍ନକ୍ଷମ ଗଗୁନି ସେଠୀଙ୍କ ଶିଶୁପୁତ୍ର ସାଇରାମ (୧୦) ଓ ଝିଅ ରାଜନନ୍ଦିନୀ (୬) ଉଭୟ ଥାଲସେମିଆ ରୋଗରେ ପୀଡ଼ିତ ଥାଇ ନିୟମିତ ବ୍ୟବଧାନରେ ରକ୍ତ ନେଉଛନ୍ତି। ଏମାନଙ୍କୁ ଆବଶ୍ୟକ ସମୟରେ କଳିଙ୍ଗ ଆବାସିକ ବିଦ୍ୟାଳୟ ରକ୍ତ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ଆବାସିକ ବିଦ୍ୟାଳୟର ଶିକ୍ଷକ ଶୁଭଙ୍କର ସିହ୍ନା ଓ ଦୁର୍ଗାପ୍ରସାଦ ପଣ୍ଡା କଟକ ବଡ଼ ମେଡିକାଲରେ ପହଞ୍ଚି ନାବାଳକ ଦ୍ୱୟଙ୍କୁ ରକ୍ତଦାନ କରିଛନ୍ତି। ଏହି ଦୁଇ ପୀଡ଼ିତ ଶିଶୁଙ୍କୁ ଆବଶ୍ୟକ ସମୟରେ ରକ୍ତ ଯୋଗାଇ ଦେବାକୁ ସ୍ୱେଚ୍ଛାସେବୀଙ୍କୁ କଳିଙ୍ଗ ଆବାସିକ ବିଦ୍ୟାଳୟର କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ବଡ଼ଭାଇଙ୍କ ବିୟୋଗ



ଡେରାବିଶ, ୬।୮ (ସମିସ): ଡେରାବିଶ ବ୍ଲକ୍ ଏଣ୍ଡର ପଞ୍ଚାୟତର ପୂର୍ବତନ ସରପଞ୍ଚ ମନୋରଞ୍ଜନ ଉପାଧ୍ୟାୟଙ୍କ ବଡ଼ଭାଇ ତଥା ରେଳ ବିଭାଗର କାର୍ଯ୍ୟରତ ଅଧିକାରୀ ରଞ୍ଜନ ଉପାଧ୍ୟାୟ (୫୫)ଙ୍କ ବୟୋଗ ଘଟିଛି। ରଞ୍ଜନ ଦୀର୍ଘଦିନ ଅସୁସ୍ଥ ଥାଇ ଭୁବନେଶ୍ୱରସ୍ଥ ଏମ୍ସ୍‌ରେ ଚିକିତ୍ସିତ ହେଉଥିଲେ। ରଞ୍ଜନଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତୁରା ଅଂଶୁମାନ ମୁଖାଗ୍ନି ଦେଇଥିଲେ।

## ଗାଁ ଶ୍ମଶାନ ରାସ୍ତା ସଫେଇ ଓ ବୃକ୍ଷରୋପଣ



ପାରାଦୀପ,୬।୮ (ସମିସ) : ପାରାଦୀପ ଉପକଣ୍ଠ ବିଶ୍ୱାଳିରେ ଥିବା ଶ୍ମଶାନ ରାସ୍ତା ବା ସ୍ୱର୍ଗପଥରେ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପାରାଦୀପ ଲକ୍ ଥାନା ଅନ୍ତର୍ଗତ ବିଶ୍ୱାଳି ଗ୍ରାମର ଆଦର୍ଶ ସ୍ୱର୍ଗପଥରେ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଗତ ୪ ଅଗଷ୍ଟ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗପଥ ପରିସରକୁ ସଫା କରାଯିବା ସହ ଏକ ଅଶ୍ୱତ୍ଥ ବୃକ୍ଷ ରୋପଣ କରାଯାଇଥିଲା। ଏହି ସ୍ୱେଚ୍ଛାସେବୀ କାର୍ଯ୍ୟରେ ଧୀରେନ୍ଦ୍ର କୁମାର ମହାନ୍ତି, ରଣଜିତ ସାମଲ, ପବିତ୍ର କୁମାର ମଳିକ, ନିତ୍ୟାନନ୍ଦ ପରିଡ଼ା ଓ ନୃସିଂହ ଚରଣ ସାମଲ ସକ୍ରିୟ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଆଦର୍ଶ ସ୍ୱର୍ଗପଥର ସ୍ୱଚ୍ଛତାକୁ ବଜାୟ ରଖିବା ପାଇଁ ନିୟମିତ ଭାବେ ସଫେଇ ୬୯ କାର୍ଯ୍ୟ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ବିଶ୍ୱାଳି ଓ କୋଲଡ଼ିଆ ଗ୍ରାମର ଯୁବକ ଓ ସ୍ୱେଚ୍ଛାସେବୀମାନଙ୍କୁ ସ୍ୱର୍ଗପଥର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ସାମିଲ ହେବାକୁ ଆହ୍ୱାନ କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଏଭଳି ସାମାଜିକ ଓ ପରିବେଶ ସଚେତନତାମୂଳକ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଉଛି।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ନିଶାମୁକ୍ତି ପ୍ରତିଜ୍ଞା ମହା ଅଭିଯାନ



ପାରାଦୀପ,୬।୮ (ସମିସ): ପାରାଦୀପ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପାରାଦୀପ ମଧୁବନ ସେବାକେନ୍ଦ୍ର ପକ୍ଷରୁ ୧୦ଟି ନିଶାମୁକ୍ତି ଉପରେ ଏକ ପ୍ରତିଜ୍ଞା ମହା ଅଭିଯାନ ର ଆୟୋଜନ କରାଯାଇଥିଲା। ଆଜି ସକାଳ ୮ ଟା ରୁ ଏହି ନିଶାମୁକ୍ତ ପ୍ରତିଜ୍ଞା ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ହିଁ କରିଥିଲେ। କାର୍ଯ୍ୟକ୍ରମରେ ପାରାଦୀପ ସେବା କେନ୍ଦ୍ରର ସମସ୍ତ ଭାଇ ଓ ଭଉଣୀମାନେ ଉପସ୍ଥିତ ଥିଲେ। ଅପରାହ୍ଣ ୧ଟା ସମୟରେ ପାରାଦୀପ ପୋର୍ଟ ଡିଏଭି ପବ୍ଲିକ ସ୍କୁଲର ୬ ଶହ ଛାତ୍ରଛାତ୍ରୀଙ୍କ ସମେତ ସ୍କୁଲର ପ୍ରିନ୍ସିପାଲ ଏବଂ ପାରାଦୀପ ସେବା କେନ୍ଦ୍ରର ସଂଚାଳିକା ଭଉଣୀ ସୁମନ ଦିଦି ଏବଂ କ୍ୟାପଟେନ ଅମିତ ଭାଇ ଓ ଆରତୀ ଭଉଣୀ ସମସ୍ତଙ୍କୁ ପ୍ରତିଜ୍ଞା କରାଇ ଥିଲେ। ସସ୍ମିତା ଭଉଣୀ ଓ ଉଲ୍ଲାସ ଭାଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ବାୟୁସେନା ଅଧିକାରୀଙ୍କ ସ୍ମୃତି ସଭା



ବାଲିକୁଦା,୬।୮ (ସମିସ): ବାଲିକୁଦା ବ୍ଲକ ବାଲିକୁଦା ପଞ୍ଚାୟତ ନାଳିଓ ଗ୍ରାମର ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ପରମାନନ୍ଦ ମହାନ୍ତିଙ୍କର ଏକାଦଶାହ ଅବସରରେ ସ୍ମୃତିସଭା ନିଜ ବାସଭବନ ନାଳିଓ ଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଭାର ପ୍ରାରମ୍ଭରେ ପଣ୍ଡିତ ଅଜୟ କୁମାର ଶତପଥୀ ବେଦ ପାଠ କରିଥିଲେ। ପ୍ରାକ୍ତନ ଶିକ୍ଷାବିତ ଅରୁଣ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ବାଲିକୁଦାର ପ୍ରାକ୍ତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, କୃଷକ ନେତା ଦୁର୍ଗା ଚରଣ ସ୍ୱାଇଁ, ବାଲିକୁଦା ପଞ୍ଚାୟତ ସରପଞ୍ଚ ରାଜକିଶୋର ସାହୁ, ବ୍ଲକ୍ ଯୁବ ବିଜେଡି ସଭାପତି ଶୁଭେନ୍ଦୁ ଦାସ, ସୁରେଶ ଦାସ, ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ହୃଷିକେଶ ସାହୁ, ଚକ୍ରଧର ଷଡଙ୍ଗୀ, ଶ୍ୱେତ କୁମାର ସ୍ୱାଇଁ, କମଳାକାନ୍ତ ମହାପାତ୍ର, ଜ୍ୟୋତିର୍ମୟ ଦାସ, ଯୁଗୋଳ କିଶୋର ମହାନ୍ତି, ଠୁଲୁ ମହାନ୍ତି, ରାଜେନ୍ଦ୍ର ମହାନ୍ତି, ଶିବବ୍ରତ ଦାସଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା 'ପିତାଙ୍କ ସ୍ମୃତିରେ' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସାନ ଭାଇ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା




ପଟ୍ଟାମୁଣ୍ଡାଇ,୬।୮ (ସମିସ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପକ୍‌ସୋ ଆକ୍ଟ ସମ୍ପର୍କରେ ଆଇନଗତ ସଚେତନତା ଶିବିର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଛି। ଆଇନ ସେବା ସମିତି ଅଧ୍ୟକ୍ଷ ତଥା ପଟ୍ଟାମୁଣ୍ଡାଇ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ଶିବିରରେ ସିନିୟର୍ ସିଭିଲ୍ ଜଜ ଅପୂର୍ବା ଚୌଧୁରୀ, ପଟ୍ଟାମୁଣ୍ଡାଇ ଜେଏମଏଫସି ବିଦ୍ୟୁତଲତା ପ୍ରଧାନ ଓ ଡି.କେ. ବାଲକ୍ରିଷ୍ଣନ, ସରକାରୀ ଓକିଲ ଧୀରେନ୍ଦ୍ର ସାହୁ ପ୍ରମୁଖ ପକ୍‌ସୋ ଆକ୍ଟ ବିଷୟରେ ଆଲୋକପାତ କରିଥିଲେ। ଏ ଦିଗରେ ଅଭିଯୋଗ ଗ୍ରହଣ ଓ ସମାଧାନ ପାଇଁ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟରେ ଇଣ୍ଟରନାଲ କମ୍ପ୍ଲେନ୍ କମିଟି ମଧ୍ୟ ଗଠିତ ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ସରକାରୀ, ବେସରକାରୀ ସଂସ୍ଥା, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଇଓ ଅଫିସ, ଡିଇଓ ଅଫିସ, ତହସିଲ ଓ ବ୍ଲକ ଅଫିସ, ବ୍ୟାଙ୍କରେ ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠନ କରାଯାଇ ମହିଳାଙ୍କୁ ସୁରକ୍ଷା ଦିଆଯାଇପାରିବ। ଯେଉଁ ସଂସ୍ଥା ଇଣ୍ଟରନାଲ କଂପ୍ଲେନ କମିଟି ଗଠନ କରିବେ ନାହିଁ ସେମାନଙ୍କୁ ପ୍ରଥମେ ୫୦ ହଜାର ପରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାର ବ୍ୟବସ୍ଥା ରହିବା ସହ କମିଟି ଗଠନ ବାଧ୍ୟତାମୂଳକ କରାଯାଇଛି। ପଟ୍ଟାମୁଣ୍ଡାଇ ଓକିଲ ସଂଘ କୋଷାଧ୍ୟକ୍ଷ ତଥା ରିଟେନର ଗୀତାଞ୍ଜଳି ପୃଷ୍ଟି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ବରିଷ୍ଠ ଓକିଲ ହୃଦାନନ୍ଦ ମହାନ୍ତି, ପ୍ରଫୁଲ୍ଲ ଦାଶ, ଲିଗାଲ ଏଡ଼ର ଅପର୍ଣ୍ଣା ସାମଲ, ମୋହନ ଦାଶ, ଅରବିନ୍ଦ ପଣ୍ଡା, ସି.ଏସ.ଆଇ. କୋର୍ଟର ସମସ୍ତ କର୍ମକର୍ତ୍ତା, ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ମୁରଲୀଧର ସିଂହ, ନିତ୍ୟାନନ୍ଦ ସେଠୀ, ବିମଳ ପ୍ରଧାନ, ଚନ୍ଦ୍ରଶେଖର ଲେଙ୍କା, ବିକ୍ରମ ସାମଲ, ଅରବିନ୍ଦ ରାଉତରାୟ, ସୌମ୍ୟ ଶୁଭକାନ୍ତ ଷଡ଼ଙ୍ଗୀ, ରାଜେନ୍ଦ୍ର ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ପକ୍ଷରୁ ସରକାରୀ ଓକିଲ ଧୀରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ ସଭା

ଡେରାବିଶ, ୬।୮ (ସମିସ): ପଲେଇ ପଞ୍ଚାୟତ ଅନ୍ତର୍ଗତ କନ୍ଦରପୁର ଗ୍ରାମର ଆଦର୍ଶ ଶିକ୍ଷକ ଅଲେଖ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି।



ସ୍ୱର୍ଗତ ସ୍ୱାଇଁଙ୍କ ଛାତ୍ର ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ବିଧୂଭୂଷଣ ମହାନ୍ତି ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚିଦାନନ୍ଦ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ପ୍ରକାଶ କୁମାର ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ସ୍ୱାଇଁଙ୍କ ଫଟୋଚିତ୍ରରେ ଉପସ୍ଥିତ ସମସ୍ତେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ପରେ ସ୍ୱର୍ଗତ ସ୍ୱାଇଁଙ୍କ ଜ୍ୟେଷ୍ଠପୁତ୍ର ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଅନନ୍ତ ଚରଣ ସ୍ୱାଇଁଙ୍କ ସମ୍ପାଦନାରେ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସ୍ୱର୍ଗତ ସ୍ୱାଇଁ ଜଣେ ଗଣିତ ଶିକ୍ଷକ ଭାବେ ବେଶ୍ ସୁନା ଅର୍ଜନ କରିଥିବାବେଳେ ତାଙ୍କୁ ଅଞ୍ଚଳର ଆର୍ଯ୍ୟଭଟ୍ଟ ବୋଲି ସମ୍ବୋଧିତ କରି ଡକ୍ଟର ପରିଡ଼ା, ଜୀବନବୀମାର ବରିଷ୍ଠ ଅଧିକାରୀ ନିଗମାନନ୍ଦ ପଣ୍ଡା ତାଙ୍କର ଶିକ୍ଷାଦାନର କଳାକୌଶଳ ବର୍ଣ୍ଣନା କରି ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସ୍ୱାଇଁଙ୍କ ଛାତ୍ର ଓ ସହକର୍ମୀ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁଧର ପ୍ରଧାନ, ଦାମୋଦର ବେଦାନ୍ତ, ଶିକ୍ଷାବିତ୍ ମନୋଜ ପ୍ରଧାନ, ପ୍ରାଧ୍ୟାପକ ବିପିନ ନାଥ, ଅଧ୍ୟାପକ ମନମୋହନ ଖଟୁଆ, ଛାତ୍ର ବିମଳ ପ୍ରସାଦ ମହାନ୍ତି, ବିମଳାକାନ୍ତ ମହାନ୍ତି, ପ୍ରମୋଦ ପ୍ରତାପ, ସାଥିସମାଜ ସମ୍ପାଦକ ନିରଞ୍ଜନ ସାହୁ, ଆଇନଜୀବୀ ବିଧୁଭୂଷଣ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଡକ୍ଟର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ରେଳଧାରଣା କଡ଼ରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

ପାରାଦୀପ, ବାଲିକୁଦା,୬।୮ (ସମିସ):



ବାଲିକୁଦା ଥାନା ଅନନ୍ତପୁର ପଞ୍ଚାୟତର ପଦ୍ମନାଭପୁର ନୂଆଗାଁର ବାସିନ୍ଦା ତଥା ପାରାଦୀପରେ ବ୍ୟବସାୟ କରୁଥିବା ଦୀପକ କୁମାର ପରିଡ଼ାଙ୍କ ମୃତଦେହ ରଙ୍ଗିଆଗଡ଼ ଓଭରବ୍ରିଜ୍ ନିକଟ ରେଳ ଧାରଣା ପାଖରୁ ଉଦ୍ଧାର ହୋଇଛି। ଏହି ଘଟଣାକୁ ନେଇ ନାନା ଚର୍ଚ୍ଚା ହେଉଛି। ତେବେ ମୃତ୍ୟୁର ପ୍ରକୃତ କାରଣକୁ ନେଇ ସନ୍ଦେହ ରହିଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଦୀପକ କୁମାର ପରିଡ଼ା ଦୀର୍ଘ ପ୍ରାୟ ୨୦ ବର୍ଷ ଧରି ପାରାଦୀପରେ ରହି ପରିବହନ ବ୍ୟବସାୟ କରୁଥିଲେ। ତାଙ୍କ ନାମରେ ଦୁଇଟି ଟ୍ରକ୍ ଥିବା ଜଣାପଡ଼ିଛି। ତାଙ୍କ ପରିବାରରେ ପତ୍ନୀ, ୧୪ ବର୍ଷର ଜଣେ ଝିଅ ଓ ୧୨ ବର୍ଷର ଜଣେ ପୁଅ ଅଛନ୍ତି।

ଗତକାଲି ରାତିରେ ସେ ନିଖୋଜ ହୋଇଯାଇଥିବାରୁ ପରିବାର ପକ୍ଷରୁ ପାରାଦୀପ ଆଦର୍ଶ ଥାନାରେ ନିଖୋଜ ସମ୍ପର୍କିତ ଅଭିଯୋଗ କରାଯାଇଥିଲା। ଆଜି ସକାଳେ ଜଣେ ଦହିବରା-ଆଳୁଦମ ବ୍ୟବସାୟୀ ରଙ୍ଗିଆଗଡ଼ ଓଭରବ୍ରିଜ୍ ନିକଟ ରେଳ ଧାରଣା ପାଖରେ ଏକ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ। ପରେ ମୃତଦେହଟି ଦୀପକ କୁମାର ପରିଡ଼ାଙ୍କର ବୋଲି ଚିହ୍ନଟ ହୋଇଥିଲା। ଘଟଣାର ପ୍ରକୃତ କାରଣକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଥିବା ବେଳେ ଏହା ଆତ୍ମହତ୍ୟା କିମ୍ବା ଅନ୍ୟ କୌଣସି କାରଣଜନିତ ମୃତ୍ୟୁ, ସେ ନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପରିବାର ପକ୍ଷରୁ କୁହାଯାଇଛି ଯେ, ଘରେ କୌଣସି ପାରିବାରିକ ବିବାଦ ନଥିଲା। ଏପରିକି ସେ ଗତକାଲି ରାତିରେ ଡ୍ରାଇଭରକୁ ପେମେଣ୍ଟ କରି ସାରିବା ପରେ ନିଜର ବାଇକ୍ ନେଇ କେଉଁଆଡ଼େ ଯାଇଥିଲେ। ହେଲେ ଯାହା ରେଳ ଧାରଣା ନିକଟରେ ସୁରକ୍ଷିତ ଭାବେ ରହିଥିବା ଦେଖିବାକୁ ମିଳିଛି। ରାତିରେ ବିଳମ୍ବ ହେବାରୁ ପତ୍ନୀ ଫୋନ ଲଗାଇଥିଲେ, ହେଲେ ବାରମ୍ବାର ଫୋନ ରିଂ ପରେ କେହି ରିସିଭ କରି ନଥିବାରୁ ପୁଲିସର ଆଶ୍ରୟ ନେଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ପୁଲିସର ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ପାରାଦ୍ୱୀପ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ହସ୍ପିଟାଲକୁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ସନ୍ଧ୍ୟାରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିବା ବେଳେ ୧୨ ବର୍ଷର ପୁଅ ବାବୁ ପରିଡ଼ା ମୁଖାଗ୍ନି ଦେଇଥିଲେ। ଘଟଣାରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୧୩ ● ପାଉଣ୍ଡ ୧୨୮.୦୪
- ୟୁରୋ ୧୦୯.୮୬ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୭,୨୫୦ (ଭୁବନେଶ୍ୱର)
- ରୁପା : ୨,୫୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୯୫୪.୦୦
- ନିଫ୍ଟି ୨୪,୬୩୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ବର୍ଷା ବିପ୍ରାତକୁ ବଳୁଛି, ବଜାର ଦର ଚିନ୍ତା

ଭୁବନେଶ୍ୱର,୬।୮ (ଏଜେନ୍ସି)

ମଧ୍ୟପ୍ରାଚ୍ୟ ଯୁଦ୍ଧରେ ସାରା ବିଶ୍ୱ ପ୍ରଭାବିତ। ଏଥିରେ ଅଧିକ ପ୍ରଭାବିତ ଭାରତ। ହେଲେ ପରିବର୍ତ୍ତିତ ବିଶ୍ୱ ସ୍ଥିତିରେ ଦିନକୁ ଦିନ କଷ୍ଟସାଧ୍ୟ ହେଉଛି ସାଧାରଣ ଲୋକଙ୍କ ଜୀବନ ଓ ଦୈନନ୍ଦିନର ଚଳଣି। କାରଣ ମଧ୍ୟପ୍ରାଚ୍ୟ ଉତ୍ତେଜନାରେ ଭାରତରେ ତେଲଠାରୁ ଗ୍ୟାସ୍ ଓ ସାର ମହଙ୍ଗା। ଏଥିରେ ଦାଉ ସାଧୁଛି ବର୍ଷା। ଏହି ବର୍ଷା

- ବଢ଼ିଛି ୯୯% ରାସନ ସାମଗ୍ରୀର ମୂଲ୍ୟ
- ୫ ମାସରେ ଡାଲି ଓ ଖାଇବା ତେଲ ୮ ଟଙ୍କା ମହଙ୍ଗା
- ପାର୍ବଣରେ ଆହୁରି ମହଙ୍ଗା ହେବ ବଜାର



ବିପ୍ରାତ ମଧ୍ୟରେ ମହଙ୍ଗା ବଜାର ଦରରେ ଖାଉଟି ନୟନ୍ତ। ବର୍ଷା ସ୍ଥିତିକୁ ବଳିଗଲାଣି,ବଜାର ଦର ଚିନ୍ତା। ବର୍ତ୍ତମାନ ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଇତିମଧ୍ୟରେ ଖାଉଟିଙ୍କ ହୋସ୍ ଉଡାଇଦେଲାଣି। ଚଳିତବର୍ଷ ଫେବୃଆରୀ ୨୮ ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ଅର୍ଥାତ୍ ଗତ ୫ ମାସ ମଧ୍ୟରେ ସାଧାରଣ ଲୋକଙ୍କ ଖାଇବା ଖର୍ଚ୍ଚ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଫେବୃଆରୀ ୨୮ ହେଉଛି ଆମେରିକା-ଇରାନ-ଇସ୍ରାଏଲ ଯୁଦ୍ଧ ଆରମ୍ଭ ହେବାର ଦିନ। ଗ୍ରାହକ ବ୍ୟାପାର ବିଭାଗର ମୂଲ୍ୟ ଅନୁଧ୍ୟାନକାରୀ ବ୍ୟବସ୍ଥା ଅନୁଯାୟୀ, ଏହି ୫ ମାସରେ ୧୬ଟି ପ୍ରମୁଖ ଖାଦ୍ୟ ସାମଗ୍ରୀ ମଧ୍ୟରୁ ୧୫ଟିର ମୂଲ୍ୟ ବୃଦ୍ଧି ପାଇଛି। ଅର୍ଥାତ୍ ଖାଉଟି ବଜାରରେ ୯୯% ରାସନ ସାମଗ୍ରୀର ମୂଲ୍ୟ ବଢ଼ିଛି। ଏଥିମଧ୍ୟରୁ, ଡାଲି ଏବଂ ତେଲ ଦରରେ ସର୍ବାଧିକ ବୃଦ୍ଧି ଦେଖିବାକୁ ମିଳିଛି।

ଖୁଚୁରା ବଜାରରେ ଚଣା ଡାଲି ପ୍ରତି କିଲୋ ୬ ଟଙ୍କା,ହରଡ ଡାଲି ୮ ଟଙ୍କା, ଚିନି ୩ ଟଙ୍କା, ମୁଗ ଡାଲି ପ୍ରତି କିଲୋ ୫, କ୍ଷୀର ୩ ଏବଂ ସୋରିଷ ତେଲ ପ୍ରତି ଲିଟର ୮ ଟଙ୍କା ବୃଦ୍ଧି ପାଇଛି। ଚାଉଳ ମୂଲ୍ୟ ୨ ଟଙ୍କା ଏବଂ ଲୁଣ ୧ ଟଙ୍କା ପ୍ରତି କିଲୋଗ୍ରାମ ବୃଦ୍ଧି ପାଇଛି, ଯେତେବେଳେ ମଇଦା ମୂଲ୍ୟ ୫୦ ପଇସା ବଢ଼ିଛି। ଇଥାନଲ୍ ଉତ୍ପାଦନ ପାଇଁ ଆଖୁର ଚାହିଦା କ୍ରମାଗତ ବୃଦ୍ଧି ଏବଂ ଚିନି ଉତ୍ପାଦନରେ ଆପେକ୍ଷିକ ହ୍ରାସ ହେତୁ ଚିନି ମୂଲ୍ୟ ବୃଦ୍ଧି ପାଉଛି। ସେହି ସମୟରେ, ଗହମର ପ୍ରଚୁର ସରକାରୀ ମହଜୁଦ ପରିମାଣରେ ବୃଦ୍ଧି ଏବଂ ଉନ୍ନତ ବଜାର ଉପଲବ୍ଧତା ଏହାର ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ଫଳରେ ବଜାରରେ ମଇଦା ମୂଲ୍ୟ ସ୍ଥିର ରହିଛି। ହେଲେ ବଜାର ବିଶେଷଜ୍ଞମାନେ କହିଛନ୍ତି ଯେ ଡାଲି ମୂଲ୍ୟ ବୃଦ୍ଧିର ସବୁଠାରୁ ବଡ଼ କାରଣ ହେଉଛି ଚଳିତ ବର୍ଷ ଦୁର୍ବଳ ଏବଂ ଅସାମାନ୍ୟ ମୌସୁମୀ ପ୍ରବାହ। ଜୁଲାଇ ଶେଷ ସୁଦ୍ଧା ଖରିଫ ଡାଲି ଚାଷ ଗତ ବର୍ଷ ତୁଳନାରେ ପ୍ରାୟ ୭% କମ୍ ରହିଛି। ଯାହା ଫଳରେ ଡାଲି ଉତ୍ପାଦନରେ ହ୍ରାସ ଏବଂ ଆମଦାନୀ ବୃଦ୍ଧିର ଆଶଙ୍କା ବଢ଼ିବା ଯୋଗୁଁ ବଜାରରେ ମୂଲ୍ୟ ବୃଦ୍ଧି ଘଟିଛି। ଅଗଷ୍ଟରୁ ଆରମ୍ଭ ହେଉଥିବା ରକ୍ଷାବନ୍ଧନ, ଜନ୍ମାଷ୍ଟମୀ, ଗଣେଷ ଉତ୍ସବ, ନବରାତ୍ରି ଏବଂ ଦୀପାବଳି ଭଳି ପର୍ବପର୍ବାଣୀ ସମୟରେ ଡାଲି ଏବଂ ଖାଇବା ତେଲର ଚାହିଦା ବୃଦ୍ଧି ପାଇବାର ଆଶା କରାଯାଉଛି। ଯଦି ବିଶ୍ୱ ବଜାରରେ ଦର ଏବଂ ଆମଦାନୀ ଖର୍ଚ୍ଚ ହ୍ରାସ ନ ହୁଏ, ତେବେ ପାର୍ବଣରେ ଖାଉଟିଙ୍କ ଉପରେ ଆହୁରି ଜୋରଦାର ହେବ ମହଙ୍ଗା ମାଡ଼। ଅର୍ଥାତ୍ ଏହି ଅତ୍ୟାବଶ୍ୟକ ସମାଗ୍ରୀଗୁଡିକର ମୂଲ୍ୟରେ ଦ୍ରୁତ ବୃଦ୍ଧି ଘଟିବ।

ଏହା ଉପରେ ଇନଫୋମେରିକ୍ ରେଟିଂସର ମୁଖ୍ୟ ଅର୍ଥନୀତିଜ୍ଞ ଡକ୍ଟର ମନୋରଞ୍ଜନ ଶର୍ମାଙ୍କ କହିବାନୁଯାୟୀ, ଖାଉଟି ବଜାରରେ ଡାଲି ଏବଂ ଖାଇବା ତେଲର ମୂଲ୍ୟ ଢ଼େର ଉପରେ ରହିଛି। ଦୁର୍ବଳ ମୌସୁମୀ ଯୋଗୁଁ ଖରିଫ ବୁଣାବୁଣିରେ ହ୍ରାସ ଡାଲି ଉତ୍ପାଦନ ନେଇ ଚିନ୍ତା ବଢ଼ାଇଛି। ଏହି ସମୟରେ, ଖାଦ୍ୟ ତେଲ ଉପରେ ଦେଶର ଆମଦାନୀ ନିର୍ଭରଶୀଳତା, ଅନ୍ତର୍ଜାତୀୟ ବଜାରରେ ପାମୋଲିନ୍ ଏବଂ ସୋୟାବିନ୍ ତେଲ ମୂଲ୍ୟରେ ବୃଦ୍ଧି ଏବଂ ପଶ୍ଚିମ ଏସିଆରେ ଭୂ-ରାଜନୈତିକ ଉତ୍ତେଜନା ଆମଦାନୀ ଖର୍ଚ୍ଚ ବୃଦ୍ଧି କରିଛି। ଏହି କାରକଗୁଡିକ ବଜାରକୁ ମହଙ୍ଗା କରିବାରେ ବେଶ ସହାୟକ ହେଉଛି।

## ଆସିଲା ନୂଆ ଟିକସ ସଂଶୋଧନ ବିଲ୍

ନୂଆଦିଲ୍ଲୀ,୬।୮(ଏଜେନ୍ସି): ବିଦେଶୀ ନିବେଶକଙ୍କୁ ଆକର୍ଷିତ କରିବା, ଭାରତକୁ ବିଶ୍ୱସ୍ତରୀୟ ଉତ୍ପାଦନ ଓ ଫଣ୍ଡ ମ୍ୟାନେଜମେଣ୍ଟ କେନ୍ଦ୍ର ଭାବେ ଗଢ଼ି ତୋଳିବା ଏବଂ କର ବ୍ୟବସ୍ଥାରେ ସ୍ଥିରତା ଆଣିବା ଲକ୍ଷ୍ୟରେ କେନ୍ଦ୍ର ସରକାର ' କର ଏବଂ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଧେୟକ, ୨୦୨୬' ଲୋକସଭାରେ ଉପସ୍ଥାପନ କରିଛନ୍ତି।



ମଙ୍ଗଳବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ବିଧେୟକ ଆଗତ କରିଥିବା ବେଳେ, ଏହା ମାଧ୍ୟମରେ ଆୟକର (ସଂଶୋଧନ) ଅଧ୍ୟାଦେଶ, ୨୦୨୬ର ପରିଧିକୁ ଆହୁରି ବିସ୍ତାର କରାଯାଇଛି। ବିଧେୟକରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ, ଡାଟା ସେଣ୍ଟର, କଞ୍ଚା ହୀରା ବ୍ୟବସାୟ, ବିଦେଶୀ ନିବେଶ ପାଣ୍ଠି ଏବଂ ଭାରତଭିତ୍ତିକ ଫଣ୍ଡ ମ୍ୟାନେଜମେଣ୍ଟ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା ପାଇଁ ଏକାଧିକ କର ରିହାତି ଓ ସଂଶୋଧନ ପ୍ରସ୍ତାବ ରହିଛି। ସରକାରଙ୍କ ମତରେ, ଏହି ପଦକ୍ଷେପ ଦୀର୍ଘମିଆଦି ବିଦେଶୀ ପୁଞ୍ଜିକୁ ଭାରତକୁ ଆକର୍ଷିତ କରିବା ସହ ନିବେଶକଙ୍କୁ କର ସମ୍ପର୍କିତ ଏକ ସ୍ଥିରତା ପ୍ରଦାନ କରିବ। ବିଧେୟକ ଅନୁସାରେ, ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଓ ଏହାର ଉପକରଣ ଯୋଗାଣକାରୀ ବିଦେଶୀ କମ୍ପାନୀମାନଙ୍କ ପାଇଁ ଥିବା କର ଛାଡ଼କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବଢ଼ାଇବା ପ୍ରସ୍ତାବ ରହିଛି। ଏହା ମାଧ୍ୟମରେ ମୋବାଇଲ୍, ଲାପଟପ୍, ୱେୟାରେବଲ୍ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ବିଦେଶୀ କମ୍ପାନୀଙ୍କ ନିବେଶ ବଢ଼ିବ ବୋଲି ସରକାର ଆଶା କରୁଛନ୍ତି। ଏହା 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନକୁ ଆହୁରି ଶକ୍ତିଶାଳୀ କରିବ।

## ଚାକିରି ବଦଳାଇବାକୁ ଚାହୁଁଛନ୍ତି ୪୬% ଭାରତୀୟ

ନୂଆଦିଲ୍ଲୀ,୬।୮(ଏଜେନ୍ସି): ସମ୍ପ୍ରତି ଦେଶର ନିଯୁକ୍ତି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ନିଯୁକ୍ତି ଏବଂ ଚାକିରି ସୁଯୋଗ ଖୋଜୁଥିବା ପ୍ରାୟ ଅଧା କର୍ମଚାରୀ ସେମାନଙ୍କର ଚାକିରି ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଆଗାମୀ ଛଅ ମାସ ମଧ୍ୟରେ ଭାରତରେ କର୍ମଚାରୀଙ୍କ ମଧ୍ୟରେ ଚାକିରି ପରିବର୍ତ୍ତନ

**ଗୁଗୁଲ୍, ଟାଟା ଗ୍ରୁପ୍,ଆମାଜନ ଦେଶର ଶ୍ରେଷ୍ଠ ନିଯୁକ୍ତିଦାତା**

ହାର ପ୍ରାୟ ୪୬% ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ଏକ ରିପୋର୍ଟରେ କୁହାଯାଇଛି ଯେ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ୩୨% କର୍ମଚାରୀ ଚାକିରି ପରିବର୍ତ୍ତନ କରିଛନ୍ତି। ରିପୋର୍ଟରେ ସର୍ବୋତ୍ତମ ନିଯୁକ୍ତିଦାତା ଭାବରେ ଗୁଗୁଲ୍ ପ୍ରଥମ ସ୍ଥାନରେ ରହିଛି, ଯେତେବେଳେ କି ଟାଟା ଦ୍ୱିତୀୟ ସ୍ଥାନରେ ରହିଛି।

ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ ଆମେରିକୀୟ କମ୍ପାନୀ ଗୁଗୁଲ୍ ଦେଶରେ କାମ କରିବା




ପାଇଁ ସର୍ବୋତ୍ତମ ସ୍ଥାନ। ରାଣ୍ଡଷ୍ଟାଡ୍ ଏମ୍ପ୍ଲୟର ବ୍ରାଣ୍ଡ ରିସର୍ଚ୍ଚ (ଆର୍‌ଇବିଆର୍) ୨୦୨୬ ମସିହାରେ ଗୁଗୁଲ୍‌କୁ ଭାରତର ସବୁଠାରୁ ଆକର୍ଷଣୀୟ ନିଯୁକ୍ତିଦାତା ବ୍ରାଣ୍ଡ ଭାବରେ ସ୍ଥାନ ଦେଇଛି। ସର୍ଭେରେ ଟାଟା ଗ୍ରୁପ୍ ଦ୍ୱିତୀୟ ଏବଂ ଆମାଜନ ତୃତୀୟ ସ୍ଥାନରେ ରହିଛି। ଏହି ତାଲିକାରେ ସାମସଙ୍ଗ ଚତୁର୍ଥ ସ୍ଥାନରେ ଅଛି। ରାଣ୍ଡଷ୍ଟାଡ୍ ଏମ୍ପ୍ଲୟର ବ୍ରାଣ୍ଡ ରିସର୍ଚ୍ଚ (ଆର୍‌ଇବିଆର୍) ୨୦୨୬ ରିପୋର୍ଟ ୩୪ଟି ବଜାରର ୧,୭୫,୦୦୦ରୁ ଅଧିକ ଅଂଶଗ୍ରହଣକାରୀ ଏବଂ ଭାରତରେ ପ୍ରାୟ ୩,୫୦୦ ଉପଭୋକ୍ତାଙ୍କ ତଥ୍ୟ ଉପରେ ଆଧାରିତ। ରିପୋର୍ଟ ଅନୁଯାୟୀ, ଭାରତର ୪୬ ପ୍ରତିଶତ କର୍ମଚାରୀ ଆଗାମୀ ଛଅ ମାସ ମଧ୍ୟରେ ଚାକିରି ପରିବର୍ତ୍ତନ କରିବାକୁ ଯୋଜନା କରୁଛନ୍ତି, ଯେତେବେଳେ ଗତ ଛଅ ମାସ ମଧ୍ୟରେ ୩୨ ପ୍ରତିଶତ ଚାକିରି ପରିବର୍ତ୍ତନ କରିଛନ୍ତି। ଆର୍‌ଇବିଆର୍ ୨୦୨୬ ସର୍ବାଧିକ ପସନ୍ଦିତ ନିଯୁକ୍ତିଦାତାଙ୍କ ତାଲିକାରେ ସାମସଙ୍ଗ ଇଣ୍ଡିଆ ଚତୁର୍ଥ ସ୍ଥାନରେ ରହିଛି। ଏହା ପଛକୁ ଇନ୍‌ଫୋସିସ୍ ୫ମରେ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଷଷ୍ଠରେ, ଆଇଟିସି ଗ୍ରୁପ୍ ସପ୍ତମରେ ହିନ୍ଦୁସ୍ତାନ ୟୁନିଲିଭର ୮ମରେ, ମହିନ୍ଦ୍ରା ଏବଂ ମହିନ୍ଦ୍ରା ୯ମରେ ଏବଂ ଡେଲ୍ ଟେକ୍ନୋଲୋଜିଜ୍ ଲିମିଟେଡ୍ ୧୦ମରେ ରହିଛି। ସର୍ଭେ ଅନୁଯାୟୀ, କାର୍ଯ୍ୟ-ଜୀବନ ସନ୍ତୁଳନ, ସମାନ ସୁଯୋଗ, କ୍ୟାରିୟର ପ୍ରଗତି, ଦରମା ଏବଂ ସୁବିଧା ଏବଂ ଭଲ ପ୍ରତିଷ୍ଠା ଭାରତୀୟ କର୍ମଚାରୀଙ୍କ ନିଯୁକ୍ତିଦାତାଙ୍କ ପସନ୍ଦକୁ ପ୍ରଭାବିତ କରୁଥିବା ପ୍ରମୁଖ କାରଣ।

ରାଣ୍ଡଷ୍ଟାଡ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ନାରାୟଣ ଆୟର କହିଛନ୍ତି ଯେ ପ୍ରାୟ ଅଧା କର୍ମଚାରୀ ଆଗାମୀ ୬ ମାସ ମଧ୍ୟରେ ଚାକିରି ପରିବର୍ତ୍ତନ କରିବାକୁ ବିଚାର କରୁଛନ୍ତି।

## କମ୍ପ୍ରେସଡ ବାୟୋଗ୍ୟାସ୍ ପାଇଁ ଗୋବର୍ଦ୍ଧନ ଯୋଜନା

**୨୩,୭୩୧ କୋଟିର ବ୍ୟୟବରାଦକୁ କ୍ୟାବିନେଟ୍ ମଞ୍ଜୁରି**

ନୂଆଦିଲ୍ଲୀ,୬।୮(ଏଜେନ୍ସି): ଦେଶର ଜୈବିକ ସମ୍ପଦକୁ ସ୍ୱଚ୍ଛ ଶକ୍ତି, ଗ୍ରାମୀଣ ସମୃଦ୍ଧି ଏବଂ ଆର୍ଥିକ ବିକାଶରେ ପରିବର୍ତ୍ତିତ କରିବା ପାଇଁ କେନ୍ଦ୍ର ସରକାର ଜାତୀୟ ଚକ୍ରିୟ ଜୈବଶକ୍ତି ଯୋଜନା-'ଗୋବର୍ଦ୍ଧନ' ଆରମ୍ଭ କରିବାକୁ ଯାଉଛନ୍ତି। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୨୩,୭୩୧ କୋଟି ଟଙ୍କାର ମୋଟ ବ୍ୟୟବରାଦ ସହିତ ଏହି ଯୋଜନାକୁ ମଞ୍ଜୁରୀ ମିଳିଛି। ଗୋବର୍ଦ୍ଧନ ପ୍ରକଳ୍ପ ଦେଶର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଦେଶର ପ୍ରଚୁର କୃଷି ଅବଶେଷ, ଗୋବର, ପ୍ରେସ୍ ମଡ୍ (ଆଖୁ ବର୍ଜ୍ୟ), ପୌର ଜୈବ ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ଜୈବ ଦ୍ରବ୍ୟମାନ ସମ୍ପଦକୁ ସ୍ୱଚ୍ଛ ଇନ୍ଧନ, ଜୈବିକ ସାର, ଗ୍ରାମୀଣ ଆୟ ଏବଂ ଜାତୀୟ ଆର୍ଥିକ ମୂଲ୍ୟରେ ପରିଣତ କରିବ। ଏହି ଯୋଜନା ୨୦୨୬-୨୭ରୁ ୨୦୩୫-୩୬ ଆର୍ଥିକବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଏବଂ କମ୍ପ୍ରେସଡ୍ ବାୟୋଗ୍ୟାସକୁ ଦେଶର ଭବିଷ୍ୟତ ଶକ୍ତି ମିଶ୍ରଣର ଏକ ପ୍ରମୁଖ ସ୍ତମ୍ଭ ଭାବରେ ସ୍ଥାପନ କରିବ। ସୁନିଶ୍ଚିତ ଚାହିଦା, ଲାଭଦାୟକ ଏବଂ ସ୍ଥିର ମୂଲ୍ୟ ନିର୍ଦ୍ଧାରଣ, ପୁଞ୍ଜି ସହାୟତା,ପାଇପ୍‌ଲାଇନ୍ ଭିତ୍ତିଭୂମି, ଋଣ ସମର୍ଥନ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ ମାଧ୍ୟମରେ ଗୋବର୍ଦ୍ଧନ ଦେଶର ବାୟୋଗ୍ୟାସ (ସିବିଜି) କ୍ଷେତ୍ରକୁ ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଆବଶ୍ୟକ ଦୃଢ଼ ଏବଂ ପୂର୍ବାନୁମାନଯୋଗ୍ୟ ଢାଞ୍ଚା ପ୍ରଦାନ କରିବ। ଏହି ଯୋଜନା ଘରୋଇ କମ୍ପ୍ରେସ୍ଡ ବାୟୋଗ୍ୟାସ (ସିବିଜି) ଉତ୍ପାଦନକୁ ପ୍ରାୟ ୧୦ ଗୁଣ ବୃଦ୍ଧି କରିବା, ବଡ଼ ଧରଣର ଘରୋଇ ନିବେଶକୁ ଆକର୍ଷିତ କରିବା ଲକ୍ଷ୍ୟ ରଖାଯାଇଛି।

## ରପ୍ତାନୀ ପାଇଁ ଆଇଜି ଡିଫେନ୍ସ ଆଣିଲା ସାହେଦ-କ୍ଲାସ କାଲ୍ ଡ୍ରୋନ୍



ନୂଆଦିଲ୍ଲୀ,୬।୮ (ଏଜେନ୍ସି): ଉପସାଗରୀୟ ରାଷ୍ଟ୍ରଗୁଡିକରେ ଭୂ-ରାଜନୈତି ଅସ୍ଥିରତା ବିଶ୍ୱରେ ପ୍ରତିରକ୍ଷା ପ୍ରାଥମିକତାକୁ ନୂଆ ରୂପ ଦେଉଥିବାରୁ ଲଙ୍ଗ-ରେଞ୍ଜ ଅଟୋନୋମସ ଷ୍ଟ୍ରାଇକ୍ ସିଷ୍ଟମଗୁଡିକ ପାଇଁ ଚାହିଦା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଆଇଜି ଡିଫେନ୍ସ ଏହାର ଭାରତର ପ୍ରଥମ ସ୍ୱଦେଶୀ ସାହେଦ-କ୍ଲାସ ଲଙ୍ଗ-ରେଞ୍ଜ ୱାନ-ୱେ ଆଟାକ୍ ଡ୍ରୋନ 'କାଲ୍' (କେଏଏଲ)କୁ ଭାରତ ସରକାରଙ୍କ ପ୍ରଯୁଜ୍ୟ ଅନୁମୋଦନ ଅନୁଯାୟୀ ଆନ୍ତର୍ଜାତୀୟ ରପ୍ତାନୀ ସୁଯୋଗ ପାଇଁ ପ୍ରସ୍ତୁତ କରୁଛି। ଭାରତରେ ଡିଜାଇନ ଓ ନିର୍ମାଣ କରାଯାଇଥିବା କାଲ୍ ହେଉଛି ଦେଶର ପ୍ରଥମ ସ୍ୱଦେଶୀ ୧୦୦୦ କିମି-କ୍ଲାସ ଲଙ୍ଗ-ରେଞ୍ଜ ୱାନ-ୱେ ଆଟାକ୍ ଡ୍ରୋନ ଯାହାକୁ ଅଧିକ ରଣନୈତିକ ଲକ୍ଷ୍ୟ ବିରୁଦ୍ଧରେ ଗଭୀର ଅନୁପ୍ରବେଶ ମିଶନଗୁଡିକ ପାଇଁ ନିର୍ମାଣ କରାଯାଇଛି। ଏହି ପ୍ଲାଟଫର୍ମ ଦୀର୍ଘ ସହନଶୀଳତା, ସ୍ୱୟଂଚାଳିତ ନାଭିଗେଶନ ଓ ସଠିକ ଟାର୍ଗେଟିଂକୁ ଏକ ସୁଲଭ ସମାଧାନ ମଧ୍ୟରେ ଏକୀକୃତ କରିଛି ଯାହା ଆଧୁନିକ ଯୁଦ୍ଧକ୍ଷେତ୍ରର ବିକଶିତ ଆବଶ୍ୟକତାକୁ ପୂରଣ କରିଥାଏ। କାଲ୍ ସାହେଦ-୧୩୬-ଟାଇପ ଲଙ୍ଗ-ରେଞ୍ଜ ୱାନ-ୱେ ଆଟାକ୍ ଡ୍ରୋନର ଉଦୀୟମାନ ଶ୍ରେଣୀରୁ ଆସୁଛି, ଯାହା ନିଜର ବର୍ଦ୍ଧିତ ରେଞ୍ଜ, ସଠିକ ଷ୍ଟ୍ରାଇକ କ୍ଷମତା, ପରିଚାଳନାଗତ ସହଜତା ଓ ସୁଲଭତାର ମିଶ୍ରଣ ମାଧ୍ୟମରେ ଆଧୁନିକ ଯୁଦ୍ଧକ୍ଷେତ୍ରକୁ ପରିବର୍ତ୍ତନ କରିଛି।

## ଡିଆରଏମ୍‌ଙ୍କ ଗାନ୍ଧୀଧାମ ରେଳ ଷ୍ଟେସନ, କାଣ୍ଡଲା ବନ୍ଦର ଅଞ୍ଚଳ ନିରୀକ୍ଷଣ



ଅହମ୍ମଦାବାଦ,୬।୮: ପଶ୍ଚିମ ରେଳବାଇର ଅହମଦାବାଦ ଡିଭିଜନର ଡିଭିଜନାଲ ରେଳ ପ୍ରବନ୍ଧକ (ଡିଆରଏମ) ବେଦ ପ୍ରକାଶ ଆଜି ଗାନ୍ଧୀଧାମ ରେଳ ଷ୍ଟେସନ, ଗାନ୍ଧୀଧାମ ରେଳ କଲୋନୀ, ଗାନ୍ଧୀଧାମ ରେଳ କ୍ୱାର୍ଟର୍ସ ଏବଂ ପୁରୁଣା କାଣ୍ଡଲା ରେଳ କଲୋନୀର ଏକ ବିସ୍ତୃତ ନିରୀକ୍ଷଣ କରିଥିଲେ, ରେଳ କର୍ମଚାରୀଙ୍କ ପାଇଁ ଉପଲବ୍ଧ ଆବାସିକ ସୁବିଧା, ଷ୍ଟେସନରେ ଯାତ୍ରୀ ସୁବିଧା ଏବଂ ଅଞ୍ଚଳରେ ଚାଲିଥିବା ବିକାଶ କାର୍ଯ୍ୟର ସମୀକ୍ଷା କରିଥିଲେ। ନିରୀକ୍ଷଣ ସମୟରେ, ଡିଆରଏମ ରେଳ କଲୋନୀରେ ରହୁଥିବା କର୍ମଚାରୀ ଏବଂ ସେମାନଙ୍କ ପରିବାର ସହିତ ଆଲୋଚନା କରିଥିଲେ ଏବଂ ସେମାନଙ୍କର ସମସ୍ୟା, ପରାମର୍ଶ ଏବଂ ଆବଶ୍ୟକତା ବିଷୟରେ ପଚାରି ବୁଝିଥିଲେ। ସେ ସଂପୃକ୍ତ ଅଧିକାରୀମାନଙ୍କୁ ପ୍ରାଥମିକତା ଭିତ୍ତିରେ ସମସ୍ତ ସମସ୍ୟାର ତୁରନ୍ତ ସମାଧାନ ସୁନିଶ୍ଚିତ କରିବାକୁ ଏବଂ କର୍ମଚାରୀମାନଙ୍କ ପାଇଁ ଏକ ଉତ୍ତମ ଜୀବନଯାପନ ପରିବେଶ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡିଆରଏମ ରେଳବାଇ ଆବାସିକ କମ୍ପ୍ଲେକ୍ସରେ ଉପଲବ୍ଧ ଭିତ୍ତିଭୂମି, ପରିଷ୍କାର ପରିଚ୍ଛନ୍ନତା, ରକ୍ଷଣାବେକ୍ଷଣ, ପାନୀୟ ଜଳ, ବିଦ୍ୟୁତ୍, ସବୁଜ ସ୍ଥାନ ଏବଂ ସୁରକ୍ଷା ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରିଥିଲେ।

## ହିସାର-ହାଇଦ୍ରାବାଦ ଏକ୍ସପ୍ରେସ ଚଳାଚଳ ପ୍ରଭାବିତ

ହିସାର,୬।୮: ମଧ୍ୟ ରେଳବାଇ ଭୁସାଭଲ ଡିଭିଜନର ଭଦାଲି ଷ୍ଟେସନରେ ବ୍ଲକ ଯୋଗୁଁ, ରତଲାମ ଡିଭିଜନ ଦେଇ ଯାଉଥିବା ହିସାର-ହାଇଦ୍ରାବାଦ ଏକ୍ସପ୍ରେସ ଏକ ପରିବର୍ତ୍ତିତ ରୁଟ୍ ଦେଇଚାଲିବ। ପଶ୍ଚିମ ରେଳବାଇ ରତଲାମ ଡିଭିଜନର ଜନସମ୍ପର୍କ ଅଧିକାରୀ ମୁକେଶ କୁମାରଙ୍କ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ୧୧ ଅଗଷ୍ଟରେ ହିସାରରୁ ଛାଡିଥିବା ଟ୍ରେନ ନମ୍ବର ୧୭୦୧୯ ହିସାର-ହାଇଦ୍ରାବାଦ ଏକ୍ସପ୍ରେସ ଏକ ପରିବର୍ତ୍ତିତ ରୁଟ୍ ଦେଇ ଚଳାଚଳ କରିବ। ଯାତ୍ରୀମାନେ ୱେବ୍‌ସାଇଟ୍‌ରେ ଟ୍ରେନ୍ ସମୟସୂଚୀ, ରହଣି ସ୍ଥାନ ଏବଂ ଅନ୍ୟାନ୍ୟ ଅପଡେଟ୍ ପାଇପାରିବେ। ଏହା ସହିତ ସର୍ବଶେଷ ସୂଚନା ରେଲ୍‌ୱାନ୍ ଆପ୍ ମାଧ୍ୟମରେ ଉପଲବ୍ଧ ଥିବା ରେଳପଥ ପକ୍ଷରୁ କୁହାଯାଇଛି।

## ଆମାଜନର ଗ୍ରେଟ୍ ଫ୍ରିଡମ୍ ସେଲ୍ ଆଜିଠୁ ଆରମ୍ଭ

ମୁମ୍ବଇ,୬।୮: ଅଗଷ୍ଟ ୭ ମଧ୍ୟରାତ୍ରି ୧୨ଟାରୁ ଆମାଜନ ଇଣ୍ଡିଆର ଗ୍ରେଟ ଫ୍ରିଡମ ସେଲ୍ ୨୦୨୬ ଆରମ୍ଭ ହେବାକୁ ଯାଉଛି। ଏଥିରେ ସ୍ମାର୍ଟଫୋନ, ଫ୍ୟାଶନ, ବିୟୁଟି, ହୋମ୍, କିଚେନ, ବଡ ଆପ୍ଲାଏନ୍ସ, ଗ୍ରୋସରୀ ଓ ଦୈନନ୍ଦିନ ସାମଗ୍ରୀ ବର୍ଗରେ ଏଆଇ-କ୍ୟୁରେଟେଡ ଉତ୍ପାଦଗୁଡିକର




ଏକ ବିସ୍ତୃତ ଶୃଙ୍ଖଳାକୁ ଏକାଠି କରିଛି। ସେଲ ସମୟରେ ସାମସଙ୍ଗ, ସୋନି, ଏଲଜି, ସାଓମି, ଟିସିଏଲ, ପ୍ୟୁମା, ସେଟାଫିଲ, ଆମେରିକାନ ଟୁରିଷ୍ଟର, ନେଷ୍ଟୋରିଆ ଲିଭିଂ, ପିନ୍‌ଟୋଲା, ଡେଟଲ, ହିମାଳୟା ଭଳି ଟପ୍ ବ୍ରାଣ୍ଡଗୁଡିକ ଉପରେ ଉତ୍ସାହଜନକ ଡିଲ୍ ମିଳିବ। ସେଲ୍‌ରେ ଗ୍ରାହକମାନେ ଟପ୍ ଡିଲ୍‌ସ, ବ୍ଲକବଷ୍ଟର ଡିଲ, ଟ୍ରେଣ୍ଡିଂ ଡିଲ, ୮ ପିଏମ ଡିଲ ମାଧ୍ୟମରେ ଆକର୍ଷଣୀୟ ଅଫର୍‌ର ମଧ୍ୟ ଲାଭ ପାଇବେ। ଏହାବ୍ୟତୀତ ଏଚଡିଏଫସି ବ୍ୟାଙ୍କ କ୍ରେଡିଟ କାର୍ଡ ଓ ଇଜିଇଏମଆଇ କାରବାର ଉପରେ ୧୦%ର ତତ୍କାଳ ରିଆତି ଏବଂ ନିର୍ଦ୍ଦିଷ୍ଟ କ୍ରେଡିଟ ଓ ଡେବିଟ କାର୍ଡ ଉପରେ ନୋ-କଷ୍ଟ ଇଏମଆଇ ସହିତ ୨୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ରିୱାର୍ଡ ମଧ୍ୟ ଉପଲବ୍ଧ। ଆମାଜନ ଗ୍ରେଟ ଫ୍ରିଡମ ସେଲ୍‌ରେ ପ୍ରାଇମ ସଦସ୍ୟମାନେ ୨ ଲକ୍ଷରୁ ଅଧିକ ଉତ୍ପାଦ ଉପରେ ଅତିରିକ୍ତ ୫% ରିହାତିର ଏକ ପ୍ରାଇମ-ଓନ୍‌ଲି ଅଫର ସହିତ ଅଧିକ ମୂଲ୍ୟ ପାଇପାରିବେ।

## 'ଇ ୩ : ଏନର୍ଜାଇଜ୍ ଏମ୍‌ପାୱାର୍ ଇଷ୍ଟର ୫ମ' ସଂସ୍କରଣ

ଭୁବନେଶ୍ୱର,୬।୮ : ଇଣ୍ଡିଆନ୍ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ମାନୁଫାକଚର୍ସ ଆସୋସିଏସନ୍ (ଆଇଇଇଏମଏ) ପକ୍ଷରୁ




ପାୱାର ଏବଂ ବୈଦ୍ୟୁତିକ ସରଞ୍ଜାମ ଶିଳ୍ପ ପାଇଁ ପୂର୍ବାଞ୍ଚଳର ପ୍ରମୁଖ ପ୍ରଦର୍ଶନୀ 'ଇ୩:ଏନର୍ଜାଇଜ୍. ଏମପାୱା.ର୍ ଇଷ୍ଟ'ର ୫ମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ନୀତି ନିର୍ଦ୍ଧାରକ, ୟୁଟିଲିଟି, ଉତ୍ପାଦକ, ପ୍ରଯୁକ୍ତିବିଦ୍ୟା ଯୋଗାଣକାରୀ ଏବଂ ଆର୍ଥିକ ସଂସ୍ଥାଗୁଡ଼ିକୁ ଏକାଠି କରିଛି ଯାହାଦ୍ୱାରା ଓଡ଼ିଶା ଏବଂ ପୂର୍ବ ଭାରତର ପାୱାର ସେକ୍ଟର ଇକୋସିଷ୍ଟମରେ ପୁଞ୍ଜିନିବେଶ ସୁଯୋଗ, ଆଞ୍ଚଳିକ କ୍ୟାପେକ୍ସ ଆଉଟଲୁକ୍, ଚାହିଦା ଏବଂ ଏସଏମଇର ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇପାରିବ। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ଏଥିରେ ଆଇଇଇଏମଏର ସଭାପତି ବିକ୍ରମ ଗାଣ୍ଡୋତ୍ରା ଉପସ୍ଥିତ ଥିଲେ।

## ରେଞ୍ଜ ରୋଭର୍ ଏସଭି ଅଲ୍ଟ୍ରା ଉନ୍ମୋଚିତ

ମୁମ୍ବଇ, ୬।୮: ରେଞ୍ଜ ରୋଭର ତାହାର ସବୁଠାରୁ ବିଳାସପୂର୍ଣ୍ଣ ଏବଂ ବିଶିଷ୍ଟ ସଂସ୍କରଣ ରେଞ୍ଜ ରୋଭର ଏସଭି ଅଲ୍ଟ୍ରାକୁ ଭାରତୀୟ ବଜାରରେ ଉନ୍ମୋଚନ କରିଛି। ଅତ୍ୟାଧୁନିକ ଫିନିଶ୍, ବିଶ୍ୱର ପ୍ରଥମ ଅଡିଓ ପ୍ରଯୁକ୍ତି ଏବଂ ଉତ୍କୃଷ୍ଟ କାରିଗରୀର ସମନ୍ୱୟ ସହ ଏହା ରେଞ୍ଜ ରୋଭରର ସବୁଠାରୁ ବିଳାସପୂର୍ଣ୍ଣ ଓ ପ୍ରଯୁକ୍ତିଗତ ଭାବେ ସର୍ବାଧୁନିକ ମଡେଲ୍ ହୋଇଛି। ଏସଭି ଅଲ୍ଟ୍ରାରେ ଥିବା ଏସିଭି ଇଲେକଟ୍ରୋଷ୍ଟାଟିକ ସାଉଣ୍ଡ ବିଶ୍ୱର ପ୍ରଥମ ଯାନବାହନ- ଭିତିକ ଇଲେକ୍ଟ୍ରୋଷ୍ଟାଟିକ୍ ଅଡିଓ ପ୍ରଯୁକ୍ତି। ଭାରତରେ ରେଞ୍ଜ ରୋଭର ଏସଭି ଅଲ୍ଟ୍ରାର ପ୍ରାରମ୍ଭିକ ଏକ୍ସ-ଶୋରୁମ୍ (ନୂଆଦିଲ୍ଲୀ) ମୂଲ୍ୟ ୩.୮୦ କୋଟି ଟଙ୍କା ରହିଛି।

# ପରିବେଶଗତ ସମସ୍ୟାରେ ଫସିଛି ଗୁଗଲ୍ ଡାଟା ସେଣ୍ଟର ପ୍ରକଳ୍ପ

ବିଶାଖାପାଟଣା,୬।୮ (ଏଜେନ୍ସି)

ଗୁଗୁଲ ଭାରତରେ ୧୫ ବିଲିୟନ ଡଲାର ବା ୧୪୩ କୋଟି ନିବେଶ କରି ଏକ ବିଶାଳ ଡାଟା ସେଣ୍ଟର ନିର୍ମାଣ କରିବାକୁ ପ୍ରସ୍ତୁତ ହେଉଛି। ନିର୍ମାଣ ଆରମ୍ଭ କରିବା ପାଇଁ ଆନ୍ଧ୍ର ପ୍ରଦେଶର ପାହାଡ଼ଗୁଡ଼ିକୁ କାଟି

- ଆନ୍ଧ୍ର ପ୍ରଦେଶରେ ୧୪୩ କୋଟି ନିବେଶ ଯୋଜନା
- ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କୁ କ୍ଷତି ପହଞ୍ଚାଇବା ଆଶଙ୍କା
- ବହୁ ପରିମାଣର ଜଳ ବ୍ୟବହାର ଅଞ୍ଚଳରେ ଜଳ ସଙ୍କଟ ସୃଷ୍ଟି କରିବ

ସମତଳ କରାଯାଉଛି। ହେଲେ ଗୁଗଲ୍‌ର ଏହି ଡାଟା ସେଣ୍ଟର ପ୍ରକଳ୍ପ ଏବେ ପ୍ରମୁଖ ବିରୋଧର ସମ୍ମୁଖୀନ ହେଉଛି। ପରିବେଶବିତ୍‌ମାନେ କହିଛନ୍ତି ଯେ ଏହା ଆଖପାଖ ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କୁ କ୍ଷତି ପହଞ୍ଚାଇବ। ପ୍ରକଳ୍ପରେ ବହୁ ପରିମାଣର ଜଳ ବ୍ୟବହାର ଅଞ୍ଚଳରେ ଜଳ ସଙ୍କଟ ସୃଷ୍ଟି କରିପାରେ। ଏହିସବୁ ବିରୋଧ ଏବେ ଗୁଗୁଲ୍‌ର ପ୍ରମୁଖ ପ୍ରକଳ୍ପକୁ ଆଇନଗତ ସମସ୍ୟାରେ ପକାଇଛି।

ଅନ୍ୟପକ୍ଷରେ ଆନ୍ଧ୍ର ପ୍ରଦେଶ ସରକାର ଏହି ପ୍ରକଳ୍ପକୁ ଐତିହାସିକ ଏବଂ ପରିବର୍ତ୍ତନକାରୀ ବୋଲି ପ୍ରଶଂସା କରିଛନ୍ତି। ଜଳ ଯୋଗାଣ ଏବଂ ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ଆକଳନ ନ କରି ପ୍ରକଳ୍ପକୁ ଶୀଘ୍ର ଆଗେଇ ନିଆଯାଇଥିବା ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି।



ତଥାପି, ବଢୁଥିବା ବିରୋଧ ଭାରତରେ ଗୁଗୁଲର ଏ ପର୍ଯ୍ୟନ୍ତ ସବୁଠାରୁ ବଡ଼ ନିବେଶ ପାଇଁ ଏକ ପ୍ରାରମ୍ଭିକ ପରୀକ୍ଷା କୁହାଯାଇପାରେ। ଜଳ ଯୋଗାଣ ଏବଂ ବନ୍ୟପ୍ରାଣୀ ଅଭୟାରଣ୍ୟ ନିକଟରେ ପ୍ରକଳ୍ପ ହେଉଥିବା ଦୃଷ୍ଟିରୁ ଏହି ବୃହତ୍ ନିବେଶ ବର୍ତ୍ତମାନ ଅନେକ ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ସୋସିଆଲ ମିଡିଆ ପୋଷ୍ଟ ଦର୍ଶାଉଛି ଯେ କାର୍ଯ୍ୟକର୍ତ୍ତା ଏବଂ ସାମାଜିକ କର୍ମୀମାନେ ଗତ କିଛି ସପ୍ତାହ ହେବ ବିଶାଖାପାଟଣା ସହରରେ ଶୋଭାଯାତ୍ରା କରିଛନ୍ତି। ସେମାନେ ପ୍ରଦର୍ଶନ କରୁଥିବା ବ୍ୟାନରରେ "ଆମେ ଡାଟା ପିଇପାରିବୁ ନାହିଁ" ଲେଖାଥିଲା ଏବଂ ଗୁଗୁଲ୍ ଲୋଗୋ ଉପରେ ହାତକଡ଼ି ଲଗାଇ ଦର୍ଶାଯାଇଥିଲା। କର୍ମୀମାନେ ଆଗାମୀ ଦିନରେ ଘର ଘର ବୁଲି ସଚେତନତା ଅଭିଯାନ ଏବଂ ବେଳାଭୂମି ପ୍ରତିବାଦ ଯୋଜନା କରିଥିଲେ। ଲୋକଙ୍କ ଜୀବିକାର ମୂଲ୍ୟରେ ବିକାଶ ହେବା ଉଚିତ୍ ନୁହେଁ ବୋଲି ଗ୍ରୀନ୍ ବିଶାଖାର ପ୍ରତିଷ୍ଠାତା ରାଜା ରାମ ମୋହନ ରାୟ କହିଛନ୍ତି। ସରକାର କହିଛନ୍ତି ଯେ ସହର ଏହାର ଜଳଭଣ୍ଡାର ଏବଂ ନଦୀରୁ ପ୍ରତିଦିନ ୪୧୦ ନିୟୁତ ଲିଟର ପାଣି ପାଏ, ଯେତେବେଳେ କି ଆବଶ୍ୟକତା ୪୮୦ ନିୟୁତ ଲିଟର। ବିଶ୍ୱବ୍ୟାପୀ ଦ୍ରୁତ ଗତିରେ ଡାଟା ସେଣ୍ଟରଗୁଡିକ ପ୍ରବଳ ବିରୋଧର ସମ୍ମୁଖୀନ ହେଉଛନ୍ତି, କାରଣ ସେମାନେ ସର୍ଭରଗୁଡ଼ିକୁ ଥଣ୍ଡା କରିବା ପାଇଁ ପ୍ରଚୁର ପାଣି ଏବଂ ବିଦ୍ୟୁତ୍ ବ୍ୟବହାର କରିଥାନ୍ତି। ଭାରତ ଭଳି ବିକାଶଶୀଳ ଦେଶରେ ଏହାର ପ୍ରଭାବ ଆହୁରି ଅଧିକ ପଡ଼ିପାରେ। ଆମେରିକାରେ ୪୨ ଟି ରାଜ୍ୟରେ ପ୍ରତିବାଦକାରୀମାନେ ଜୁଲାଇରେ ୧୪୨ ଟି ପ୍ରତିବାଦ କରିଥିଲେ, ଯାହା ସମାନ ଚିନ୍ତା ସୃଷ୍ଟି କରିଥିଲା।

ସୂଚନାଯୋଗ୍ୟ ଯେ, ସୋମବାର ଦିନ ରାଜ୍ୟର ସର୍ବୋଚ୍ଚ ନ୍ୟାୟାଳୟ "ଜଳ ବିରାଦରୀ" (ଜଳ ସମ୍ପ୍ରଦାୟ) ନାମକ ଏକ କର୍ମୀ ଗୋଷ୍ଠୀର ଅଭିଯୋଗର ଉତ୍ତର ଦେବାକୁ ସରକାରଙ୍କୁ ଅନୁରୋଧ କରିଛି। ଏହି ଗୋଷ୍ଠୀ ଦାବି କରୁଛି ଯେ ଏହି ପ୍ରକଳ୍ପ ନିକଟବର୍ତ୍ତୀ ଜଳଭଣ୍ଡାର ଉପରେ ଚାପ ପକାଇବ ଏବଂ ଜଳ ଉପଲବ୍ଧତାକୁ ପ୍ରଭାବିତ କରିବ। ଆନ୍ଧ୍ର ପ୍ରଦେଶ ହାଇକୋର୍ଟ ଏବେ ଅଗଷ୍ଟ ୨୪ ରେ ଏ ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରିବେ। ସରକାର କହିଛନ୍ତି ଯେ ଏପରି ପ୍ରତିବାଦ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର। ଯଦି ଏହି ଦାବିଗୁଡ଼ିକ ମଧ୍ୟରୁ କୌଣସିଟି ସତ୍ୟ ବୋଲି ଜଣାପଡ଼େ, ତେବେ ସରକାର ଆଲୋଚନାରେ ସାମିଲ ହେବା, ତଥ୍ୟ-ଭିତ୍ତିକ ସ୍ପଷ୍ଟୀକରଣ ପ୍ରଦାନ କରିବା ଏବଂ ଏକ ନ୍ୟାୟପୂର୍ଣ୍ଣ ସମାଧାନ ଖୋଜିବାକୁ ପ୍ରସ୍ତୁତ। ଗୁଗୁଲ୍ ରଏଟର୍ସକୁ ଏକ ବିବୃତ୍ତିରେ କହିଛି ଯେ ଏହାର ପ୍ରକଳ୍ପ ପ୍ରଯୁଜ୍ୟ ଆଇନ ଅନୁଯାୟୀ ବିକଶିତ ହେବ ଏବଂ ସ୍ଥାନୀୟ ଜଳ ସମ୍ପଦକୁ ସୁରକ୍ଷା ଦେବା ପାଇଁ "ଉନ୍ନତ ବାୟୁ କୁଲିଂ" ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବ।

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିପାରେ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇପାରେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିପାରେ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। କୌଣସି କଥାକୁ ନେଇ ମନ ବିଚଳିତ ରହିପାରେ।

**କର୍କଟ:** ପୁରୁଣା ନିବେଶରୁ ଲାଭ ମିଳିପାରେ। ଯୋଜନା ମୁତାବକ କାମ କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିପାରେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିପାରନ୍ତି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କାର୍ଯ୍ୟରେ ବାଧା ଆସିପାରେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ମାନ ସମ୍ମାନ ବୃଦ୍ଧି ପାଇବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ଧୈର୍ଯ୍ୟ ରଖି କାମ କରନ୍ତୁ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର କରଜରୁ ଦୂରେଇ ରହିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ବ୍ୟବସାୟ ପାଇଁ ନୂଆ ଯୋଜନା କରିପାରନ୍ତି। ନିଜ ଲୋକ ଶତ୍ରୁ ସାଜିପାରନ୍ତି।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା ପୂରଣ ହେବ। ଧନଲାଭ ଯୋଗ ଅଛି। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ଯୋଜନା ମୁତାବକ କାମ କରିବେ।

## ଆଜିର ଇତିହାସ

- ୧୭୫୩- ବ୍ରିଟେନ୍ ମ୍ୟୁଜିୟମ୍‌ର ସ୍ଥାପନା।
- ୧୯୦୫- ଭାରତୀୟ ଜାତୀୟ କଂଗ୍ରେସ ବ୍ରିଟିଶ ପଦାର୍ଥକୁ ବର୍ଜନ କଲା।
- ୧୯୪୧- ବିଶ୍ୱଗୁରୁ ରବୀନ୍ଦ୍ର ନାଥ ଟାଗୋରଙ୍କ ନିଧନ।
- ୧୯୯୪- ଇସ୍ରାଏଲ ଓ ଜୋର୍ଡାନ ମଧ୍ୟରେ ଟେଲିଫୋନ୍ ସେବା ଆରମ୍ଭ ହେଲା।
- ୨୦୦୩- ବାଗଦାଦ୍‌ରେ ଜୋର୍ଡାନ ଦୂତାବାସ ଆଗରେ ହୋଇଥିବା ବୋମା ବିସ୍ଫୋରଣରେ ୧୩ ଲୋକଙ୍କ ପ୍ରାଣହାନି।

# ବୁଣାକାରଙ୍କ ସମ୍ମାନ ପାଇଁ ଦିନଟିଏ



ଦେଶର ବୁଣାକାରମାନଙ୍କୁ ସମ୍ମାନ ଦେବା ଏବଂ ହସ୍ତତନ୍ତ ଶିଳ୍ପକୁ ବଞ୍ଚାଇ ରଖିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ କରାଯାଇଥାଏ। ବୁଣାକାରମାନଙ୍କର ଅକ୍ଳାନ୍ତ ପରିଶ୍ରମ, ନିପୁଣ କଳାକାରିତା ଏବଂ ଭାରତୀୟ ସଂସ୍କୃତିକୁ ସେମାନଙ୍କର ଅବଦାନକୁ ସମ୍ମାନ ଜଣାଇବା ପାଇଁ ଏହି ଦିବସ ପାଳିତ ହୋଇଥାଏ। ଏହାବାଦ୍ ଦେଶର ଆର୍ଥିକ ଓ ସାମାଜିକ ବିକାଶରେ ବୁଣାକାରଙ୍କ ଅବଦାନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଜାତୀୟ ହସ୍ତତନ୍ତ ଦିବସ ଭାରତୀୟ ବସ୍ତ୍ରର ଉତ୍କର୍ଷତାକୁ ସୂଚିତ କରେ। ସମୟ ବଦଳିବା ସହ ହାତବୁଣା ପୋଷାକର ଚାହିଦା ଦିନକୁ ଦିନ ବେଶ୍ ବୃଦ୍ଧି ପାଇଛି। ଫ୍ୟାସନ୍ ବ୍ରାଣ୍ଡଗୁଡ଼ିକ ମଧ୍ୟ ହ୍ୟାଣ୍ଡଲୁମ୍‌କୁ ପ୍ରାଧାନ୍ୟ ଦେଉଥିବା ଦେଖିବାକୁ ମିଳୁଛି। ଯୁବପିଢ଼ିମାନେ ମଧ୍ୟ ହସ୍ତତନ୍ତ ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ୧୯୦୫ ମସିହା ଅଗଷ୍ଟ ୭ ତାରିଖରେ ସ୍ୱଦେଶୀ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଏହି ଆନ୍ଦୋଳନର ଉଦ୍ଦେଶ୍ୟ ଥିଲା ବିଦେଶୀ ଜିନିଷ ବର୍ଜନ କରିବା। ସ୍ୱଦେଶୀ ଆନ୍ଦୋଳନ ଯୋଗୁଁ ବ୍ରିଟିଶ ଶାସନର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ଏହାର ଏକ ଶତାବ୍ଦୀ ପରେ ଦେଶର ସାମାଜିକ ଅର୍ଥନୈତିକ ବିକାଶରେ ହସ୍ତତନ୍ତ ଶିଳ୍ପର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଜୁଲାଇ ୨୦୧୫ରେ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବରେ ଘୋଷଣା କରିଥିଲେ। ହସ୍ତତନ୍ତ ଶିଳ୍ପ ସହ ଜଡ଼ିତ ବୁଣାକାରମାନଙ୍କ ଆୟ ବୃଦ୍ଧି କରିବା, ଗ୍ରାମାଞ୍ଚଳରେ ମହିଳା ଓ ବୁଣାକାରମାନଙ୍କୁ ସ୍ୱାବଲମ୍ବୀ କରିବା, ପାରମ୍ପରିକ ବୁଣାକଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଓଡ଼ିଶାର ସଂସ୍କୃତି ଏବଂ ପରମ୍ପରାର ମୁଖ୍ୟ ଅଙ୍ଗ ହେଉଛି ହସ୍ତତନ୍ତ ଶିଳ୍ପ। ଆମ ରାଜ୍ୟର ବାନ୍ଧକଳା ବିଶ୍ୱ ପ୍ରସିଦ୍ଧ। ବ୍ରହ୍ମପୁର ପାଟ ଶାଢ଼ି ଓ ଯୋଡ଼, ବୋମକେଇ ଶାଢ଼ି, ଧଳାପଥର ଶାଢ଼ି, କୋଟପାଡ଼ ଶାଢ଼ି ସମେତ ସମ୍ବଲପୁରୀ ପାଟ ବସ୍ତ୍ର ଆଜି କେବଳ ଦେଶ ମଧ୍ୟରେ ନୁହେଁ ବିଦେଶରେ ମଧ୍ୟ ବେଶ୍ ଜନାଦୃତ। ଏହିଦିନ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବଂ ବୁଣାକାର ସମାବେଶ କରାଯାଏ। ରାଜ୍ୟର ବିଭିନ୍ନ ସହରରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଆୟୋଜନ କରାଯାଇ ଗ୍ରାହକମାନଙ୍କୁ ଆକର୍ଷଣୀୟ ଅଫର୍ ପ୍ରଦାନ କରାଯାଏ। ସମ୍ବଲପୁରୀ, ଖଣ୍ଡୁଆ, ବମକେଇ, ମାଣିଆବନ୍ଧ ଓ କୋଟପାଡ଼ ଭଳି ବିଶ୍ୱପ୍ରସିଦ୍ଧ ବୁଣାକଳାକୁ ବଞ୍ଚାଇ ରଖିଥିବା ଓଡ଼ିଶାର ବୁଣାକାରମାନଙ୍କୁ ରାଜ୍ୟ ସ୍ତରରେ ପୁରସ୍କୃତ ମଧ୍ୟ କରାଯାଏ।


# ସବୁଠୁ ବିଷାକ୍ତ ଗଛ



ପୃଥିବୀ ପୃଷ୍ଠରେ ଏମିତି ଏକ ଗଛ ରହିଛି ଯାହାର ଛାଇ ମଧ୍ୟ ମଣିଷ ପାଇଁ ମୃତ୍ୟୁର କାରଣ ହୋଇପାରେ। ମାଞ୍ଚିନିଲ ଗଛକୁ ବିଶ୍ୱର ସବୁଠାରୁ ବିଷାକ୍ତ ଗଛ ଭାବେ ଜଣାଯାଏ। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ଏହା ବିଶ୍ୱର ସବୁଠାରୁ ବିପଜ୍ଜନକ ଗଛ ଭାବେ ସ୍ଥାନ ପାଇଛି। ଏହାର ପ୍ରତ୍ୟେକ ଅଂଶ ବିଷାକ୍ତ ଅଟେ। ଏହା ମୁଖ୍ୟତଃ କାରିବିଆନ୍ କ୍ଷେତ୍ର, ଫ୍ଲୋରିଡା, ବାହାମାସ, ମେକ୍ସିକୋ ଏବଂ ଦକ୍ଷିଣ ଆମେରିକାର ମାଟିରେ ଦେଖିବାକୁ ମିଳେ। ଏହି ଗଛରୁ ବାହାରୁଥିବା ଧଳା ରଙ୍ଗର କ୍ଷୀର ବା ରସ ଚର୍ମରେ ଲାଗିଲେ ପ୍ରବଳ ପୋଡ଼ାଜଳା ହୁଏ ଏବଂ ଫୋଟକା ସୃଷ୍ଟି ହୁଏ। ଏହା ଆଖିରେ ବାଜିବା କ୍ଷଣି ଜଣକର ଦୃଷ୍ଟିଶକ୍ତି ଚାଲିଯିବା ଆଶଙ୍କା ଥାଏ। ଏହି ଗଛକୁ ପୋଡ଼ିଲେ ଯେଉଁ ଧୂଆଁ ବାହାରେ, ତାହା ଆଖି ଏବଂ ଶ୍ୱାସକ୍ରିୟା ପାଇଁ ଅତ୍ୟନ୍ତ କ୍ଷତିକାରକ। ଧୂଆଁ ସଂସ୍ପର୍ଶରେ ଆସିଲେ ଆଖି ନଷ୍ଟ ହୋଇଯିବାର ଭୟ ରହିଥାଏ। ବର୍ଷା ସମୟରେ ଏହି ଗଛ ତଳେ ଆଶ୍ରୟ ନେଲେ, ଗଛର ପତ୍ର ଓ କାଣ୍ଡରୁ ପଡୁଥିବା ଜଳ ବୁନ୍ଦା ଶରୀରର ଗଭୀର କ୍ଷତି ଘଟାଏ। ଏହା ସାଧାରଣତଃ ସମୁଦ୍ର କୂଳିଆ ଅଞ୍ଚଳ ଏବଂ ଲୁଣା ଜଙ୍ଗଲରେ ବଢ଼ିଥାଏ। ଏହି ଗଛଗୁଡ଼ିକ ଯେଉଁଠାରେ ଥାଏ, ସେଠାକାର ସରକାର ଲୋକମାନଙ୍କୁ ସଚେତନ କରିବା ପାଇଁ ଗଛ କାଣ୍ଡରେ ଲାଲ୍ ରଙ୍ଗର କ୍ରସ୍ ଚିହ୍ନ କିମ୍ବା ସାବଧାନତା ବୋର୍ଡ ଲଗାଇଥାନ୍ତି। ପର୍ଯ୍ୟଟକମାନଙ୍କୁ ଏହି ଗଛଠାରୁ ଦୂରରେ ରହିବାକୁ ଏବଂ ଏହାର ଫଳକୁ ନ ଛୁଇଁବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥାଏ। ବିଶେଷଜ୍ଞଙ୍କ କହିବାନୁସାରେ, ଏହି ଗଛର ଫଳ କିମ୍ବା ରସ ପରି ଏହାର କାଠ ମଧ୍ୟ ବିଷାକ୍ତ। ଏହାର କାଠକୁ ଜାଳିବା ଦ୍ୱାରା ଏଥିରୁ ବାହାରୁଥିବା ଧୂଆଁ ଆଖି ଏବଂ ଶ୍ୱସନତନ୍ତ୍ରରେ ଜଳାପୋଡ଼ା ସୃଷ୍ଟି କରିପାରେ। ସେଥିପାଇଁ ଏହାର କାଠକୁ କାଟିବା କିମ୍ବା ଜଳାଇବା କାମ ମଧ୍ୟ ଅତ୍ୟନ୍ତ ସତର୍କତାର ସହ କରାଯାଏ।

# 'SVC63' ରେ ଜବରଦସ୍ତ ଆକ୍ସନ୍

## ରାହୁଲଙ୍କୁ ଟକ୍କର ଦେବେ ସଲମାନ୍



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଖୁବ୍ ଶୀଘ୍ର 'SVC63' ଫିଲ୍ମର ସୁଟିଂ ମୁମ୍ବାଇରୁ ଆରମ୍ଭ କରିବେ। ଏଥିପାଇଁ ମୁମ୍ବାଇର ଗୋରେଗାଁଓରେ ଏକ ବିଶାଳକାୟ ସେଟ୍ ପ୍ରସ୍ତୁତ କରାଯାଇଛି। ଏହି ସେଡ୍ୟୁଲର ସୁଟିଂ ପାଖାପାଖି ଛଅ ସପ୍ତାହ ଧରି ଚାଲିବ। ନିର୍ଦ୍ଦେଶକ ବାମଶୀ ପେଡିପଲ୍ଲୀ ଏହି ସେଡ୍ୟୁଲ ପାଇଁ ବଡ଼ ବଡ଼ ଆକ୍ସନ୍ ସିନ୍‌ର ଯୋଜନା କରିଛନ୍ତି। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏଥିରେ ଶହ ଶହ ଜୁନିଅର ଆର୍ଟିଷ୍ଟ ସାମିଲ ହେବେ। ସଲମାନ୍ ଏହି ଫିଲ୍ମ ପାଇଁ ତାଙ୍କ ଓଜନ ହ୍ରାସ କରିବା ସହ ଲୁକ୍‌ରେ ମଧ୍ୟ ପରିବର୍ତ୍ତନ ଆଣିଛନ୍ତି। ଏହି ଫିଲ୍ମଟି ଏଥିପାଇଁ ମଧ୍ୟ ଖାସ୍ ହେବାକୁ ଯାଉଛି କାରଣ ଏଥିରେ ସଲମାନ୍ ପ୍ରଥମ ଥର ପାଇଁ ନୟନତାରାଙ୍କ ସହ କାମ କରୁଛନ୍ତି। ନୟନତାରା ଖୁବ୍ ଶୀଘ୍ର ସୁଟିଂ ସେଟ୍‌ରେ ସାମିଲ ହେବେ। ରାହୁଲ ଦେବ ଏଥିରେ ଖଳନାୟକ ଭାବେ ଦେଖାଯିବେ। ଏଥିରେ ରାହୁଲ ଓ ସଲମାନ୍‌ଙ୍କ ମଧ୍ୟରେ ଜବରଦସ୍ତ ଫାଇଟ୍ ସିନ୍ ରହିଛି। ସବୁଠୁ ବଡ଼ କଥା ହେଉଛି ସଲମାନ୍ ଏହି ଫିଲ୍ମ ପାଇଁ ତାଙ୍କ ପାରିଶ୍ରମିକ ହ୍ରାସ କରିଛନ୍ତି। ସଲମାନ୍ ପ୍ରତ୍ୟେକ ଫିଲ୍ମ ପାଇଁ ୧୨୦ କୋଟି ନେଉଥିବାବେଳେ ଏହି ଫିଲ୍ମ ପାଇଁ ସେ ୭୦ କୋଟି ନେଇଥିବା ଚର୍ଚ୍ଚା ହେଉଛି। ଏହା ୨୦୨୭ ଇଦ୍ ଅବସରରେ ସିନେମାହଲ୍‌କୁ ଆସିବ। ସଲମାନ୍ ଏବେ ତାଙ୍କ ଫିଲ୍ମ 'ମାତୃଭୂମି'କୁ ନେଇ ବ୍ୟସ୍ତ ଅଛନ୍ତି ଏବଂ ସେପ୍ଟେମ୍ବରରେ ସେ 'ବିଗ୍ ବସ୍ ୨୦'ର ସୁଟିଂ ମଧ୍ୟ ଆରମ୍ଭ କରିବେ।

## 'ସକାଳ'ର ସ୍ୱାସ୍ଥ୍ୟ

# ଚାନ୍ଦିପୁରା ଭାଇରାସ୍

**ଚାନ୍ଦିପୁରା ଭୂତାଣୁ ଏକ ବିପଜ୍ଜନକ ଭୂତାଣୁ। ଏହା ମୁଖ୍ୟତଃ ବାଲି ମାଛି, ମଶା ଏବଂ ଅନ୍ୟାନ୍ୟ କୀଟପତଙ୍ଗ କାମୁଡ଼ିବା ଦ୍ୱାରା ମଣିଷ ଶରୀରକୁ ବ୍ୟାପିଥାଏ। ନିକଟରେ ଗୁଜୁରାଟରେ ଏହି ଭୂତାଣୁର ଭୟାବହତା ଦେଖିବାକୁ ମିଳିଛି। ଏହି ଭୂତାଣୁ ଶିଶୁଙ୍କ ପାଇଁ ଅଧିକ ମାରାତ୍ମକ। ତେଣୁ ଜ୍ୱର ଓ ବାନ୍ତିକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶରେ ତୁରନ୍ତ ଚିକିତ୍ସା କରିବା ଆବଶ୍ୟକ।**



ଏହି ଭୂତାଣୁ ଶରୀରରେ ପ୍ରବେଶ କରିବାର ୨ରୁ ୭ ଦିନ ମଧ୍ୟରେ ଲକ୍ଷଣ ଦେଖାଯାଏ। ହଠାତ୍ ପ୍ରବଳ ଜ୍ୱର ହେବା, ଥକ୍କାପଣ, ମାଂସପେଶୀ ଯନ୍ତ୍ରଣା, ମୁଣ୍ଡବିନ୍ଧା ଏବଂ ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା ଚେତା ହରାଇବା ଆଦି ଲକ୍ଷଣ ଦେଖାଯାଏ। ସଂକ୍ରମଣ ବୃଦ୍ଧି ପାଇ ଗମ୍ଭୀର ମାମଲାରେ ନିମୋନିଆ, ତୀବ୍ର ଶ୍ୱାସକ୍ରିୟା ସଙ୍କଟ ସିଣ୍ଡ୍ରୋମ, ମସ୍ତିଷ୍କକୁ ଆକ୍ରାନ୍ତ କରି ମସ୍ତିଷ୍କ ପ୍ରଦାହ ସୃଷ୍ଟି କରିଥାଏ। ତେଣୁ ଜ୍ୱର ଓ ଶ୍ୱସନସମ୍ବନ୍ଧୀୟ ଲକ୍ଷଣ ଦେଖିଲେ ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଡାକ୍ତର ଲକ୍ଷଣ ଅନୁଯାୟୀ ସହାୟକ ଚିକିତ୍ସା ଯୋଗାଇଥାନ୍ତି।

**ଚିକିତ୍ସା ପଦ୍ଧତି:** ଏହି ଭୂତାଣୁ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ କିମ୍ବା ଟିକା ନାହିଁ। ତେଣୁ ଶିଶୁଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଇ ଆଇସିୟୁ କିମ୍ବା ଭେଣ୍ଟିଲେଟର ସହାୟତାରେ ଜରୁରି ଚିକିତ୍ସା ଯୋଗାଇବା ଆବଶ୍ୟକ। ଏଥିସହିତ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା, ନିୟମିତ ସାବୁନରେ ହାତ ଧୋଇବା, ଘର ଚତୁଃପାର୍ଶ୍ୱରେ ପାଣି ଜମିବାକୁ ନ ଦେବା, ଶରୀରକୁ ଢାଙ୍କିବା ପରି ପୋଷାକ ପିନ୍ଧିବା, ଶୋଇବା ସମୟରେ ମଶାରୀ ବ୍ୟବହାର, କୀଟନାଶକ ସ୍ପ୍ରେ ବ୍ୟବହାର କରିବା ଏକାନ୍ତ ଆବଶ୍ୟକ।

## ଘର ବଇଦ

# କୋଷ୍ଠବଦ୍ଧର ଉପଚାର

- ବିଡ଼ଙ୍ଗ ଓ ଜୁଆଣୀ ସମଭାଗ ଚୂର୍ଣ୍ଣ କରି ରଖିବେ। ପ୍ରତିଦିନ ସକାଳେ ସୁକି ଓଜନ ଚୂର୍ଣ୍ଣ ଖାଇ ଟିକିଏ ପାଣି ପିଇବେ। ଏହିପରି କିଛି ଦିନ ଖାଇଲେ ଯେଉଁମାନଙ୍କର କଷ୍ଟରେ ମଳତ୍ୟାଗ ହୁଏ, ସେମାନଙ୍କର ସୁଖରେ ମଳତ୍ୟାଗ ହେବ।
- ଗୁଆଘିଅରେ ସୈନ୍ଧବ ଲବଣ ମିଶାଇ ଖାଇଲେ ସୁଖରେ ମଳତ୍ୟାଗ ହୁଏ।
- କଞ୍ଚାବେଲକୁ ପୋଡ଼ି କିଛି ଦିନ ଅଭ୍ୟାସ କରି ଖାଇଲେ ଝାଡ଼ା ସଫା ହୁଏ ଓ ପରିପାକ ଶକ୍ତି ବୃଦ୍ଧି ହୁଏ।
- କାକୁଡ଼ିମଞ୍ଜି ଓ କବାବଚିନି ପ୍ରତ୍ୟେକରୁ ଏକ ତୋଳା, ସୋରା ଦୁଇ ତୋଳା ଏକତ୍ର ମୁଢ଼ି ପାଣିରେ ଅଭାବେ ଖାଲି ପାଣିରେ ବାଟି ତଳି ପେଟରେ ଲେପ ଦେଲେ ଯେତେ ଦିନର ବଦ୍ଧମଳ ସଫା ହୁଏ।
- ଅଧପା ଛଡ଼ା ଗୋମୂତ୍ର କନାରେ ଛାଣି ପିଇଲେ ଝାଡ଼ା ସଫା ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)



## ସଞ୍ଜୀବନୀ

# ବର୍ଷାଦିନେ ମୂତ୍ର ସଂକ୍ରମଣ

**ବର୍ଷାଦିନେ ଆର୍ଦ୍ରତା ବୃଦ୍ଧି ପାଏ। ପରିବେଶ ସନ୍ତସନ୍ତିଆ ଥିବା ଯୋଗୁଁ ଜୀବାଣୁ ଏବଂ କବକ ବଂଶବୃଦ୍ଧି ପାଇଁ ଏହା ଅନୁକୂଳ ପରିବେଶ। ଏହି ଦିନେ କମ୍ ପାଣି ପିଇବା, ଦୀର୍ଘ ସମୟ ଧରି ଓଦା ପୋଷାକ ପିନ୍ଧିବା ଓ ପରିସ୍ରାକୁ ଚାପି ରଖିବା ଆଦି ଦ୍ୱାରା ମୂତ୍ର ସଂକ୍ରମଣ ଆଶଙ୍କା ବଢ଼ିଯାଏ।**




ବର୍ଷାଦିନେ ଅଧିକାଂଶ ଲୋକ କମ୍ ପାଣି ପିଅନ୍ତି। ଏହାଦ୍ୱାରା କମ୍ ପରିସ୍ରା ହେବା ଯୋଗୁଁ ସଂକ୍ରମଣ ବୃଦ୍ଧି ହୋଇଥାଏ। ଦୀର୍ଘ ସମୟ ପରିସ୍ରା ଚାପି ରଖିବା ତଥା ବର୍ଷାଦିନେ ସର୍ବସାଧାରଣ ଶୌଚାଳୟ ବ୍ୟବହାର କରିବା ଦ୍ୱାରା ମୂତ୍ର ସଂକ୍ରମଣ ଆଶଙ୍କା ଅଧିକ ବୃଦ୍ଧି ପାଏ। ମୂତ୍ର ସଂକ୍ରମଣର ମୁଖ୍ୟ କାରଣ ହେଉଛି ଇ-କୋଲାଇ। ବିଶେଷକରି ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି, ମଧୁମେହ ରୋଗୀ, ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତି, ମହିଳାଙ୍କଠାରେ ୟୁଟିଆଇ ବା ମୂତ୍ର ସଂକ୍ରମଣ ଆଶଙ୍କା ଅଧିକ ଥାଏ। ମୂତ୍ରମାର୍ଗ ସଂକ୍ରମଣ ହେଲେ ପରିସ୍ରା କରିବା ସମୟରେ ଜଳାପୋଡ଼ା, ଦୁର୍ଗନ୍ଧଯୁକ୍ତ ପରିସ୍ରା, ତଳିପେଟରେ ଯନ୍ତ୍ରଣା, କିଛି ମାମଲାରେ ଜ୍ୱର ଆଦି ହୋଇଥାଏ। ତେଣୁ ଆରମ୍ଭରୁ ଏହି ଲକ୍ଷଣକୁ ଚିହ୍ନଟ କରି ଚିକିତ୍ସା କରିବା ସହ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ଜରୁରି। ଦିନକୁ ଅତି କମ୍‌ରେ ୩ଲିଟର ପାଣି ପିଇବା ଆବଶ୍ୟକ। ଦୀର୍ଘ ସମୟ ପରିସ୍ରା ଚାପି ରଖିବା ଅନୁଚିତ। ବର୍ଷାରେ ଭିଜିବା ପରେ ତୁରନ୍ତ ଓଦା ପୋଷାକକୁ ବଦଳାଇ ଶୁଖିଲା ପୋଷାକ ବ୍ୟବହାର କରିବା ଆବଶ୍ୟକ।

# ରୁଟ୍ କେନାଲ ପରେ ଦାନ୍ତର ଯତ୍ନ

**ଅଧିକାଂଶ ଲୋକଙ୍କର ଦାନ୍ତ ପୋକ ଖାଇବା ସହ ଦାନ୍ତ ସେନ୍‌ସିଟିଭ ବଢ଼ିବା, ଖାଇବାରେ କଷ୍ଟ, ମାଢ଼ି ଫୁଲା ଓ ଦରଜ ହୋଇଥାଏ। ପୋକ ଦାନ୍ତକୁ ପୂରଣ ସହ ଦାନ୍ତ ବିନ୍ଧା ଦୂର କରିବାକୁ ରୁଟ୍ କେନାଲ କିମ୍ବା ଫିଲିଙ୍ଗ କରାଯାଏ। ତେବେ ରୁଟ୍ କେନାଲ ପରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦାନ୍ତର ଯତ୍ନ ନେବା ଆବଶ୍ୟକ।**

ଦାନ୍ତ ପୋକ ଲାଗି ମାଢ଼ି ସଂକ୍ରମଣ ହୋଇଥିଲେ ରୁଟ୍‌କେନାଲ ଏହାର ପ୍ରଭାବୀ ଚିକିତ୍ସା। ଏଥିପାଇଁ ରୋଗୀଙ୍କୁ ବଧିରା ଇଞ୍ଜେକସନ୍ ଦିଆଯାଇ ଦାନ୍ତ ଭିତର କ୍ଷତିଗ୍ରସ୍ତ ଟିସୁକୁ ସଫା କରାଯାଏ। ପୋକଖିଆ ଦାନ୍ତ ଭିତରେ ଆଣ୍ଟିବାୟୋଟିକ୍ ଭର୍ତ୍ତି କରି ଫିଲିଙ୍ଗ କରାଯାଉଥିବାରୁ ସଂକ୍ରମଣ ଭୟ କମ୍ ରୁହେ। ରୁଟ୍ କେନାଲ ପରେ ଦାନ୍ତକୁ ସୁରକ୍ଷା ଦେବାକୁ କ୍ରାଉନ ଲଗାଯାଏ। ସେହିପରି ରୁଟ୍ କେନାଲ ପରେ ସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ଖାଇବା ଜରୁରି। ରୁଟ୍ କେନାଲ ଚିକିତ୍ସିତ ଦାନ୍ତ ଉପରେ ସବୁପ୍ରକାର ଖାଦ୍ୟ ଖାଇହୁଏ। ସେହିପରି ରୁଟ୍ କେନାଲ୍ ପରେ ଦାନ୍ତର ସ୍ୱଚ୍ଛତାକୁ ଅଧିକ ଧ୍ୟାନ ଦେବା ଜରୁରି। ଜିଭ କିମ୍ବା ହାତରେ ବାରମ୍ବାର ରୁଟ୍ କେନାଲ ସ୍ଥାନକୁ ଛୁଇଁବା ଅନୁଚିତ। ଦିନକୁ ଦୁଇଥର ଫ୍ଲୋରାଇଡରିଚ୍ ଟୁଥପେଷ୍ଟରେ ବ୍ରଶ୍ କରିପାରିବେ। ଖାଇବା ପରେ କୁଳି କରିବା, ମାଉଥୱାଶ ଉପଯୋଗ କରିବା, ପାଟିକୁ ସର୍ବଦା ସଫା ରଖିବା ଦ୍ୱାରା ସଂକ୍ରମଣର ଆଶଙ୍କା କମ୍ ରୁହେ। ସେହିପରି ସପ୍ତାହକୁ ଥରେ ଫ୍ଲସ୍ ବ୍ୟବହାର କରି ପାରିବେ।



# ଭାଇରାଲ ଜ୍ୱର ପାଇଁ ଡାଏଟ୍

**ବର୍ଷାଦିନେ ଭାଇରାଲ ଜ୍ୱର ଏକ ପ୍ରମୁଖ ସମସ୍ୟା। ଜ୍ୱର ହେଲେ ଶରୀର ଦୁର୍ବଳ ହେବା ସହ ପ୍ଲେଟ୍‌ଲେଟ୍ କମିଯାଏ। ଏଥିପାଇଁ ଡାକ୍ତର ଭିଟାମିନ୍, ଜିଙ୍କ୍, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଅନ୍ତି। ତେଣୁ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାକୁ ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରିବା ଜରୁରି।**

- ହାଲୁକା ଖାଦ୍ୟ ଯଥା- ଖିଚିଡ଼ି, ଓଟ୍‌ସ, ଦଲିଆ, ସିଝା ଅଣ୍ଡା ଖାଇବା ଆବଶ୍ୟକ। ଶରୀରର ଜଳୀୟଅଂଶ ବଜାୟ ରଖିବାକୁ ପଇଡ଼ ପାଣି, ଲେମ୍ବୁ ପାଣି ପିଇପାରିବେ। ଡାଏଟ୍‌ରେ ବାଦାମ, କଳାରଙ୍ଗର କିସ୍‌ମିସ୍, କାଜୁ, ଅଖରୋଟ୍, ବୁଟ ସତୁ ସାମିଲ କରିବା ଉଚିତ।
- ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ପାଳଙ୍ଗ, କୋବି, ମଟର, ବଥୁଆ ଶାଗ, ମେଥିଶାଗ, ଗାଜର ଜୁସ୍ ଆଦି ସାମିଲ କରିବା ଜରୁରି। ଭାଇରାଲ ଜ୍ୱରକୁ ପ୍ରତିହତ କରିବାକୁ ନିୟମିତ ସକାଳୁ ତୁଳସୀ, ଗିଲୋୟ ଏବଂ ଅଦାର କାଢ଼ା ସେବନ ଜରୁରି। ମଧ୍ୟାହ୍ନରେ ଚିକେନ୍ ସିଝା କିମ୍ବା ସୁପ୍ ପିଇପାରିବେ। ନିୟମିତ ସେଓ, ଡାଳିମ୍ବ, ଅମୃତଭଣ୍ଡା, କମଳା ସେବନ କରିପାରିବେ।

# ସୁସ୍ୱାସ୍ଥ୍ୟ ପାଇଁ କେଶର

**ଭାରତୀୟ ମସଲାରେ କେଶର ସବୁଠାରୁ ଦାମୀ ମସଲା ଭାବେ ପରିଚିତ। ସ୍ୱାଦ ସହିତ ସ୍ୱାସ୍ଥ୍ୟ ପାଇଁ ଏହା ହିତକର। ତେଣୁ ଆୟୁର୍ବେଦରେ କେଶର ଔଷଧୀୟ ଗୁଣଯୁକ୍ତ ଦ୍ରବ୍ୟ ଭାବେ ବିବେଚନା କରାଯାଏ।**

- କେଶର ରକ୍ତକୁ ଶୁଦ୍ଧ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଏହା ଭଲ।
- ଶିଶୁଙ୍କୁ ଶର୍ଦ୍ଦି ଓ ଜ୍ୱର ହେଲେ କେଶର ଏକ ପାଖୁଡ଼ା ପାଣିରେ ଗୋଳାଇ, ତାର ଲେପକୁ ଛାତି, ପିଠି ଓ ଗଳାରେ ହାଲୁକା ମାଲିସ୍ କଲେ ଆରାମ ମିଳିଥାଏ। ସେହିପରି କେଶର ଖାଇବା ଦ୍ୱାରା ଚିନ୍ତା ଓ ଅବସାଦ ଦୂର କରିଥାଏ। ଆୟୁର୍ବେଦ ଅନୁଯାୟୀ,କେଶର ହଜମଶକ୍ତି ବୃଦ୍ଧି କରି ପେଟ ସମ୍ବନ୍ଧୀୟ ସମସ୍ୟା ଦୂର କରେ।
- ଚନ୍ଦନକୁ କେଶର ସହିତ ମିଶାଇ ମଥା ବା କପାଳରେ ଲଗାଇବା ଦ୍ୱାରା ଗରମଜନିତ ମୁଣ୍ଡବିନ୍ଧା ଦୂର ହୁଏ। ନାକରୁ ରକ୍ତ ପଡ଼ିବା ବନ୍ଦ ହୁଏ। ତେବେ କେଶର ବ୍ୟବହାର କରିବା ପୂର୍ବରୁ ସର୍ବଦା ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ।

# ଭାରତ-ଶ୍ରୀଲଙ୍କା ଏକାଦଶ ଅଭ୍ୟାସ ମ୍ୟାଚ୍ ଆଜିଠାରୁ

କଲମ୍ବୋ,୬।୮ (ଏଜେନ୍ସି)

ଶ୍ରୀଲଙ୍କା ସହ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ଭାରତୀୟ କ୍ରିକେଟ ଦଳ କଲମ୍ବୋରେ ଆସି ପହଞ୍ଚିଛି। ଦୁଇ ଦେଶ ମଧ୍ୟରେ ସିରିଜ୍‌ର ପ୍ରଥମ ଟେଷ୍ଟ ଗଲ୍‌ରେ ଅଗଷ୍ଟ ୧୫ରୁ ଓ ଦ୍ୱିତୀୟ ଟେଷ୍ଟ କଲମ୍ବୋର ସିଂହଲୀଜ୍ ସ୍ପୋର୍ଟ୍ସ କ୍ଲବ୍ ଗ୍ରାଉଣ୍ଡରେ ଅଗଷ୍ଟ ୨୩ରୁ ଆରମ୍ଭ ହେବ। ଏହି ସିରିଜ୍ ପୂର୍ବରୁ ଶ୍ରୀଲଙ୍କାର ପିଚ୍ ଓ ପରିବେଶ ସହ ଖାପ୍ ଖୁଆଇବା ଲାଗି ଭାରତୀୟ କ୍ରିକେଟ ଦଳ ଶୁକ୍ରବାରଠାରୁ ସୋନାଲ ଦିନୁଶାଙ୍କ ନେତୃତ୍ୱରେ ଗଠିତ ଏକ ମିଳିତ ଏକାଦଶ ସହ ଖେଳିବ। ଏହି ମ୍ୟାଚ୍‌ଟି କଲମ୍ବୋରେ ଏନ୍‌ସିସି ଗ୍ରାଉଣ୍ଡରେ ୩ ଦିନ ଧରି ଖେଳାଯିବ। ମ୍ୟାଚ୍ ପରେ ଭାରତୀୟ ଦଳ ପ୍ରଥମ ଟେଷ୍ଟ ଖେଳିବାକୁ ଗଲ୍ ଅଭିମୁଖେ ଯାତ୍ରା କରିବ।

ଅଭ୍ୟାସ ମ୍ୟାଚ୍‌ରେ ଶ୍ରୀଲଙ୍କାର ସ୍ପିନ୍ ବୋଲରଙ୍କୁ କିପରି ମୁକାବିଲା କରିବ ତାହା ଉପରେ ଗୁରୁତ୍ୱ ଦେବ। ଗୌତମ ଗମ୍ଭୀର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ନେବାପରଠାରୁ ଭାରତ ୧୮ଟି ଟେଷ୍ଟ ଖେଳି ୧୦ଟିରେ ପରାଜିତ ହୋଇଛି। ଏଥିରେ ସର୍ବାଧିକ ଥର ପ୍ରତିପକ୍ଷ ସ୍ପିନରଙ୍କୁ ମୁକାବିଲା କରି ନ ପାରି ଭାରତୀୟ ବ୍ୟାଟରମାନେ ମ୍ୟାଚ୍ ହାରିଛନ୍ତି। ଗୁଣାତ୍ମକ ସ୍ପିନରଙ୍କୁ ମୁକାବିଲା କରିବା ଏବେ ଭାରତୀୟ ଟିମ୍ ଲାଗି ଚିନ୍ତାର କାରଣ ପଲଟିଛି। ଭାରତ ଛାଡିବା ପୂର୍ବରୁ ଖେଳାଳିମାନଙ୍କ ଉଦ୍ଦେଶ୍ୟରେ କୋଚ୍ ଗମ୍ଭୀର ଏକ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ଆମେ ଏଠାରେ କାହିଁକି ଏକାଠି ହୋଇଛେ, ଆମର ଭୂମିକା କ'ଣ ତାହା ସମସ୍ତେ ଜାଣିଛନ୍ତି। କିନ୍ତୁ ତାହାକୁ ସୂଚାରୁରୂପେ କିପରି ପାଳନ କରିବା ତାହା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏଭଳି ସମୟରେ କାହାକୁ କ୍ରିକେଟ ଶିକ୍ଷା ଦେବା ସମ୍ଭବ ନୁହେଁ। କେବଳ ତ୍ରୁଟି ସୁଧାରିବା, ପ୍ରତିପକ୍ଷ ଦଳର ଖେଳାଳିଙ୍କୁ କିପରି ମୁକାବିଲା କରିବା ସେ ସମ୍ପର୍କରେ ରଣନୀତି କରିବା ଆମର ଲକ୍ଷ୍ୟ ହେବା ଉଚିତ ବୋଲି ଗମ୍ଭୀର କହିଥିଲେ। ଏହି ସିରିଜ୍‌ରେ ଗମ୍ଭୀରଙ୍କ ଦକ୍ଷତା ଉପରେ ବା କିପରି ସେ ଖେଳାଳିମାନଙ୍କୁ ଏକତ୍ର କରାଇ ଖେଳାଉଛନ୍ତି ତାହା ଉପରେ ନଜର ରହିବ। ନଚେତ ଗମ୍ଭୀରଙ୍କ ସମୟରେ ଭାରତ ଯେପରି ଟେଷ୍ଟରେ ପ୍ରଦର୍ଶନ କରିଛି, ସେଥିରେ ଶ୍ରୀଲଙ୍କା ନିକଟରୁ ଟେଷ୍ଟ ସିରିଜ୍ ହାରିଗଲେ ତାଙ୍କ ପଦ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ସେ ଏହି ସିରିଜ୍‌କୁ ସବୁଠାରୁ ବେଶି ଗୁରୁତ୍ୱ ଦେବେ ନିଶ୍ଚୟ।


ସାରାଂଶ ଜୈନ


ଆକ୍ୱିବ ନବି

ଆସନ୍ତାକାଲିର ମୁକାବିଲାରେ କିଏ ଖେଳିବେ ବା ନଖେଳିବେ ତାହାକୁ ନେଇ ଚିନ୍ତା ନାହିଁ। କାରଣ ଏହି ମୁକାବିଲାରେ ମନୋନୀତ ସମସ୍ତ ୧୫ ଜଣ ଖେଳାଳି ବ୍ୟାଟିଂ କିମ୍ବା ବୋଲିଂ କରିପାରିବେ। କିନ୍ତୁ ୧୧ ଜଣ ବ୍ୟାଟିଂ ଓ ୧୧ ଜଣ ବୋଲିଂ କରିବାରେ ସୀମିତ ରହିବେ। ସାଇ ସୁଦର୍ଶନଙ୍କୁ ଏହି ମ୍ୟାଚ୍‌ରେ ସାମିଲ କରିବାକୁ ଗମ୍ଭୀର ଇଚ୍ଛା ପ୍ରକାଶ କରିଛନ୍ତି। ତେବେ ଫିଟ୍‌ନେସ ଉପରେ ସବୁକିଛି ନିର୍ଭର କରିବ। ଯେ ଯାହା ହେଉ ପଛେ ଦଳର ସମସ୍ତ ଟପ୍ ଅର୍ଡର ଖେଳାଳି ବ୍ୟାଟର ହୁଅନ୍ତୁ କିମ୍ବା ବୋଲର ଏହି ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇବେ। ଏହି ମ୍ୟାଚ୍‌ଟି ଭାରତୀୟ ସମୟ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ। ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ପ୍ରସାରିତ ହେବ ବୋଲି ଜଣାଯାଇଛି। ଅଗଷ୍ଟ ୧୫ରେ ଟେଷ୍ଟ ସିରିଜ୍ ଆରମ୍ଭ ପୂର୍ବରୁ ଦଳଗତଭାବେ ଖେଳିବାର ସୁଯୋଗକୁ ଭାରତ ନିଶ୍ଚିତଭାବେ କାର୍ଯ୍ୟକାରୀ କରିବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ**

ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ ଓ ଧ୍ରୁବ ଜୁରେଲ (ଉଭୟ ୱିକେଟ ରକ୍ଷକ), ଦେବଦତ ପାଡିକଲ, ରବୀନ୍ଦ୍ର ଜାଡେଜା, ସାରାଂଶ ଜୈନ, ମାନବ ସୂତାର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର ଓ ଆକ୍ୱିବ ନବି।

**ଶ୍ରୀଲଙ୍କା ମିଳିତ ଏକାଦଶ**

ନିଶାନ ମଦୁସ୍କା, ରବିନ୍ଦୁ ରାଶନ୍ତା, ପାସିନ୍ଦୁ ସୂର୍ଯ୍ୟବନ୍ଦରା, ପଓନ ରତନାୟକେ, ଆହାନ ବିକ୍ରମସିଂଘେ, ସୋନାଲ ଦିନୁଶା (ଅଧିନାୟକ), ଅଞ୍ଜଳା ବାନ୍ଦରା (ୱିକେଟରକ୍ଷକ), ନିପୁନ ଧନଞ୍ଜୟ, ଲାହିରୁ କୁମାରା, ବିଶ୍ୱ ଫର୍ଣ୍ଣାଣ୍ଡୋ, ଅଶାଙ୍କ ମନୋଜ, ଇଶିଥା ୱିଜେସୁନ୍ଦରା, ରମେଶ ମେଣ୍ଡିସ୍, କେଶରା ନୁୱାନ୍ଥା ଓ ଦୀଲୁମ ସୁଦୀରା।

# ଭାଙ୍ଗିଗଲା ଓସିଏର ଦମ୍ଭ

ଏଥର ଓଡ଼ିଶାରୁ ଖେଳିବେ ପେସାଦାର

ଭୁବନେଶ୍ୱର,୬।୮ (ସମିସ): ଆମର କ୍ରିକେଟ ପ୍ରତିଭା ଜୋର ଅଛନ୍ତି। ଆମେ ଆମ ରାଜ୍ୟକୁ ଏକ ଶ୍ରେଷ୍ଠ କ୍ରିକେଟ ରାଜ୍ୟରେ ପରିଣତ କରିବୁ। ଏଥିଲାଗି ଯୋଜନା ପରେ ଯୋଜନା ହେଲା। କିନ୍ତୁ କିଛି ଫଳ ମିଳିଲାନି। ଗତ ୧୦ ବର୍ଷରେ ଓଡ଼ିଶା ଥରେ ହେଲେ ସେମିଫାଇନାଲ ଖେଳିପାରିଲା ନାହିଁ। ରାଜ୍ୟର ଜଣେ ହେଲେ ଖେଳାଳି ଆଇପିଏଲ୍ କିମ୍ବା ଯେ କୌଣସି ଭାରତୀୟ ଦଳ ଲାଗି ଖେଳିବା ତ ଦୂରର କଥା, ମନୋନୀତ୍ ମଧ୍ୟ ହେଲେ ନାହିଁ। ଏଭଳି ସମୟରେ ଓଡ଼ିଶାରୁ ଏଥର ଦୁଇଜଣ ପେସାଦାର ଖେଳାଳି ଖେଳିବେ ବୋଲି ଆଜି ବିସିସିଆଇ ପକ୍ଷରୁ ନୋ ଅବଜେକ୍ସନ ସାର୍ଟିଫିକେଟ ପାଇବା ପରେ ଏହା ସ୍ପଷ୍ଟ ହୋଇଛି। ନିଜ ରାଜ୍ୟରୁ ଖେଳିବେ ନାହିଁ ବୋଲି ବିଦର୍ଭ ପକ୍ଷରୁ ଖେଳୁଥିବା ଦିଲ୍ଲୀର ଲଳିତ ଯାଦବ ଓ ବରୋଦାରୁ ପ୍ରତିନିଧିତ୍ୱ କରୁଥିବା ନିନାଦ ରାଥୱା ଚଳିତ ସିଜନରେ ଓଡ଼ିଶା ପକ୍ଷରୁ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି। ସେହିପରି ବରୋଦାର ଧର୍ମେନ୍ଦ୍ର ସିଂ ଜାଡେଜା ଛତିଶଗଡ ପକ୍ଷରୁ, ରଜନୀଶ ଗୁରବାନି ବିଦର୍ଭ ପକ୍ଷରୁ ଓ ଶଶାଙ୍କ ସିଂ ପୁଡୁଚେରୀରୁ ଖେଳିବେ ବୋଲି ଆଜିର ଖେଳାଳି ବଦଳ ଲାଗି ଅନୁମତି ମିଳିବା ପରେ ଏହା ସ୍ପଷ୍ଟ ହୋଇଛି। ଓଡ଼ିଶା ଲାଗି ଖେଳିବାକୁ ଯାଉଥିବା ଲଳିତ ଯାଦବ ଜଣେ ବ୍ୟାଟିଂ ଅଲରାଉଣ୍ଡର ଓ ନିନାଦ ରାଥୱା ସ୍ପିନ ଅଲରାଉଣ୍ଡର।

# କୋରିଆ ମାଷ୍ଟର୍ସ କ୍ୱାର୍ଟରରେ ତନ୍ୱି



ଅସନ, ୬।୮ (ଏଜେନ୍ସି): ଭାରତର ଉଦୀୟମାନ ଖେଳାଳି ତନ୍ୱି ଶର୍ମା ୨୧-୧୬, ୧୭-୨୧, ୨୧-୧୩ ଗେମରେ ନିଜ ଦେଶର ଶ୍ରୀୟାଂଶୀ ଭାଲିସେଟିଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା କୋରିଆ ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ନିଜ ଦେଶର ରକ୍ଷିତା ଶ୍ରୀ ରାମରାଜଙ୍କୁ ଭେଟିବେ। ରକ୍ଷିତା ଦ୍ୱିତୀୟ ରାଉଣ୍ଡରେ ଜାପାନର ମାନାମି ସୁଇଜୁଙ୍କୁ ୨-୦ ସେଟ୍‌ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ ରଖିଥିଲେ। ନିକଟରେ ତାଇପେଇ ଓପନ ସୁପର-୩୦୦ ଜିତି ରେକର୍ଡ ସୃଷ୍ଟି କରିଥିବା ୧୭ ବର୍ଷୀୟା ତନ୍ୱି କିନ୍ତୁ ଶ୍ରୀୟାଂଶୀଙ୍କୁ ହରାଇବାକୁ କଷ୍ଟ ସ୍ୱୀକାର କରିଥିଲେ।

# ସେପ୍ଟେମ୍ବର ୫ରେ ଭାରତ-ପାକ୍ ମୁକାବିଲା

ଏସିଆ କପ୍ ମହିଳା କ୍ରିକେଟ

ଦୁବାଇ,୬।୮ (ଏଜେନ୍ସି): ଏସିଆ କପ୍ ମହିଳା କ୍ରିକେଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇ ଭୋଲ୍ଟେଜ୍ ମୁକାବିଲା ସେପ୍ଟେମ୍ବର ୫ରେ ଖେଳାଯିବ। ୮ଟି ଦଳକୁ ନେଇ ଅଗଷ୍ଟ ୨୮ ରୁ ସେପ୍ଟେମ୍ବର ୧୩ ଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଦୁବାଇରେ ଅନୁଷ୍ଠିତ ହେବ। ୮ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଥିଲାବେଳେ ଭାରତ, ପାକିସ୍ତାନ, ଥାଇଲାଣ୍ଡ ଓ ହଂକଂ ଗ୍ରୁପ୍-ଏ'ରେ, ଶ୍ରୀଲଙ୍କା, ବାଂଲାଦେଶ, ୟୁଏଇ ଓ ଇଣ୍ଡୋନେସିଆ ଗ୍ରୁପ୍-ବି'ରେ ସ୍ଥାନ ପାଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ଗୋଟିଏ ଦଳ ଅନ୍ୟ ସହ ଥରେ ଲେଖାଏଁ ଖେଳିବେ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ସେପ୍ଟେମ୍ବର ୧୩ରେ ଫାଇନାଲ ଖେଳାଯିବ।

# ଦକ୍ଷିଣ ଆଫ୍ରିକାରେ ଅଧିକ ଟି-୨୦ ଖେଳିବ ଭାରତ

କଲମ୍ବୋ,୬।୮ (ଏଜେନ୍ସି): ଦକ୍ଷିଣ ଆଫ୍ରିକାକୁ ଏକ ପୂର୍ଣ୍ଣାଙ୍ଗ ସିରିଜ୍ ଖେଳିବାକୁ ଭାରତୀୟ ମହିଳା କ୍ରିକେଟ୍ ଦଳ ଗସ୍ତ କରିବ। ଏହି ସିରିଜ୍ ପୂର୍ବରୁ ସ୍ଥିର ହୋଇଥିଲାବେଳେ ଏଥିରେ ଏକମାତ୍ର ଐତିହାସିକ ଟେଷ୍ଟ, ୩ଟି ଦିନିକିଆ ସାମିଲ ଥିଲା। ଏବେ ଏଥିରେ ଆଉ ୩ଟି ଟି-୨୦ ମ୍ୟାଚ୍ ଖେଳିବାକୁ ଉଭୟ ଦଳ ରାଜି ହୋଇଛନ୍ତି। ଖେଳସୂଚୀ ଅନୁଯାୟୀ ଡିସେମ୍ବର ୯ରୁ ୧୨ ତାରିଖ ଯାଏ ସେଣ୍ଟ ଜର୍ଜ ପାର୍କରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ଓ ଭାରତ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହାପରେ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ପାର୍ଲରେ ଡିସେମ୍ବର ୧୬, ଦ୍ୱିତୀୟ ମ୍ୟାଚ୍ କେପଟାଉନ୍‌ରେ ଡିସେମ୍ବର ୧୯ ଓ ତୃତୀୟ ମ୍ୟାଚ୍ ଡିସେମ୍ବର ୨୨ରେ ଖେଳାଯିବ। ନୂଆକରି ସାମିଲ ହୋଇଥିବା ୩ଟି ଟି-୨୦ ମ୍ୟାଚ୍‌ଗୁଡିକ ଯଥାକ୍ରମେ ବେନୋନିରେ ଡିସେମ୍ବର ୨୬, ପୋଚେଫଷ୍ଟ୍ରୁମ୍‌ରେ ଡିସେମ୍ବର ୨୯ ଓ ୩୦ରେ ଖେଳାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

ଜାତୀୟ ଜୁନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍

# ଓଡ଼ିଶାର ସୌରଭ ପୁଟେଲଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୬।୮ (ସିମସ): ଓଡ଼ିଶାର ସୌରଭ ପୁଟେଲ ୨୦୨୬ ଜାତୀୟ ଜୁନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ରାଜସ୍ଥାନର ଜୟପୁରଠାରେ ଗୁରୁବାର ଅନୁଷ୍ଠିତ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ସୌରଭ ୧ ମିନିଟ୍ ୮.୬୦ ସେକେଣ୍ଡରେ ଏହାକୁ ଅତିକ୍ରମ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ଓଡ଼ିଶାରୁ ଅଂଶଗ୍ରହଣ କରିଥିବା ଆଉଜଣେ ସନ୍ତରଣକାରୀ ସହିତା ଘୋଷ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ମହିଳା ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ସେ ୫ମ ସ୍ଥାନ ଅଧିକାର କରିଥିଲେ।

# ପର୍ବତାରୋହଣରେ ଓଡ଼ିଶାର ପ୍ରଥମ ମହିଳା ଅଭିଯାତ୍ରୀ ଦଳ



ଭୁବନେଶ୍ୱର,୬।୮ (ସିମସ)

ଆମ ଲାଗି ମାଉଣ୍ଟ ୟୁନମ ଏକ ପର୍ବତ ଶିଖର ନୁହେଁ ବରଂ ଓଡ଼ିଶାର ଆତ୍ମବିଶ୍ୱାସକୁ ହିମାଳୟ ଉଚ୍ଚତାରେ ପହଞ୍ଚାଇବା ଲାଗି ସୃଷ୍ଟି ହୋଇଛି ଏକ ସୁଯୋଗ। ଏହାକୁ ଆମେ ସଫଳତାର ସହ ସମ୍ପାଦନ କରିବୁ ବୋଲି ପ୍ରଥମଥର ମହିଳାମାନଙ୍କୁ ନେଇ ଏଭ ପର୍ବତାରୋହୀ ଦଳର ନେତୃତ୍ୱ ନେଉଥିବା ଅନିତା ସ୍ୱାଇଁ ଏହା କହିଛନ୍ତି। ଏହି ଦଳରେ ୧୧ ଜଣ ପର୍ବତାରୋହୀ ରହିଛନ୍ତି। ଏମାନେ ହିମାଚଳ ପ୍ରଦେଶ ପ୍ରଦେଶରୁ ୨୧,୦୦୦ ଫୁଟ ଉଚ୍ଚତା ବିଶିଷ୍ଟ ୟୁନମ ପର୍ବତାରୋହଣ କରିବେ। ଶୁକ୍ରବାରଠାରୁ ଏହି ଯାତ୍ରା ଆରମ୍ଭ ହେବ। ଆସାର ସଭାପତି ତଥା ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନା ଓ ଉପସଭାପତି ହରେଶ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଙ୍କେତ କମ୍ୟୁନିକେସନର ଏମ୍‌ଡି ଶୁଭାଶିଷ ତ୍ରିପାଠୀର ସମସ୍ତ ପ୍ରକାର ସହଯୋଗରେ ଏହି ଯାତ୍ରା ସ୍ଥିର ହୋଇଛି। ଅଗଷ୍ଟ ୧୫ରେ ଦେଶ ୮୦ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ଏହି ଦିନ ମାଉଣ୍ଟ ୟୁନମରେ ଏହି ଅଭିଯାତ୍ରୀ ଦଳ ୮୦ ଫୁଟର ଜାତୀୟ ପତାକା ଉତ୍ତୋଳନ କରିବାର ଲକ୍ଷ୍ୟ ରଖିଛନ୍ତି। ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏହି ଅଭିଯାତ୍ରୀ ଦଳକୁ ଗୁରୁବାର ତାଙ୍କ ବାସଭବନରେ ଜାତୀୟ ପତାକା ହସ୍ତାନ୍ତର କରି ଶୁଭେଚ୍ଛା ଜଣାଇଛନ୍ତି। ଏଥିଲାଗି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସାର ସଭାପତି ଗଣେଶ ଜେନାଙ୍କ ସହ ଶୁଭାଶିଷ ତ୍ରିପାଠୀ, ଆସାର ଉପସାଭପତି ହରେଶ ମିଶ୍ର, ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ସୁଧାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଅଂଶଗ୍ରହଣକାରୀମାନେ ହେଲେ ଭୁବନେଶ୍ୱରର ଅନିତା ସ୍ୱାଇଁ ଓ ଶ୍ରୀୟାଶ୍ରୁତି ପାତ୍ର, ଢେଙ୍କାନାଳର ପ୍ରଭାସିନୀ ବେହେରା, ସମ୍ବଲପୁରର ପ୍ରୀତି ପୋଢ଼, ଗଜପତିର ଆରାଧ୍ୟା ଜେନା, ଯାଜପୁରର ସଙ୍ଘମିତ୍ରା ଦଳାଇ, କଳାହାଣ୍ଡିର ଲିଲି ସାହୁ ଓ ଶ୍ରାବଣୀ ପ୍ରିୟଦର୍ଶିନୀ ଦାଶ, ଦେବଗଡର ପ୍ରଜ୍ଞାପାରମିତା ନାୟକ, ମୟୁରଭଞ୍ଜର ପିନାକିନୀ ସାହୁ ଓ ସୁବର୍ଣ୍ଣପୁରର ସୋନାଲି ଭୋଇ।

# ଇଂଲଣ୍ଡ ଟେଷ୍ଟ ଦଳକୁ ଫେରିଲେ କୁକ୍, ପୋପ୍

ଲଣ୍ଡନ,୬।୮ (ଏଜେନ୍ସି): ପାକିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ଇଂଲଣ୍ଡ ଦଳ ଘୋଷଣା କରାଯାଇଛି। ଏହି ଦଳକୁ ସାମ୍ କୁକ୍, ଓଲି ପୋପ୍, ଡାନ ଲରେନ୍ସ ଓ ଜୋର୍ଡାନ କକ୍ସଙ୍କୁ ଫେରାଇ ଅଣାଯାଇଛି। ଜୋ ରୁଟ୍ ଦଳର ନେତୃତ୍ୱ ନେବେ ଓ ମାର୍କସ ଟ୍ରେସ୍କୋଥିକ୍ କାମଚଳା କୋଚ୍ ରହିବେ। ବ୍ରେଣ୍ଡାନ ମ୍ୟାକକୁଲାମ ଓ ବେନ୍ ଷ୍ଟୋକ୍ସଙ୍କ ଯୋଡି ପରେ ପ୍ରଥମଥର ଇଂଲଣ୍ଡ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି। ହେଡିଂଲେରେ ସିରିଜ୍‌ର ପ୍ରଥମ ମ୍ୟାଚ୍ ଅଗଷ୍ଟ ୧୯ରୁ ଖେଳାଯିବ।

**ଇଂଲଣ୍ଡ ଦଳ:** ଜୋ ରୁଟ୍ (ଅଧିନାୟକ), ଜୋଫ୍ରା ଆର୍ଚର, ଗସ୍ ଆଟକିନସନ, ଶୋଏବ ବସିର, ହ୍ୟାରୀ ବ୍ରୁକ୍, ବ୍ରାଇଡନ କାର୍ସ, ସାମ କୁକ୍, ଜୋର୍ଡାନ କକ୍ସ, ବେନ୍ ଡକେଟ, ମାଥ୍ୟୁ ଫିଶର, ଏମିଲିଓ ଗେ', ଡାନ୍ ଲରେନ୍ସ, ଓଲି ପୋପ୍, ଜାମି ସ୍ମିଥ, ଜୋଶ ଟଙ୍ଗ୍।

# ପଦକ ବିଜୟିନୀ ଆନିକାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୬।୮ (ସମିସ): ଜର୍ଜିଆରେ ଆୟୋଜିତ ବତୁମି ଓପନ ଅନ୍ତର୍ଜାତୀୟ ଉଷୁ ପ୍ରତିଯୋଗିତାରେ ଓଡ଼ିଆ ଝିଅ ଆନିକା ପଟ୍ଟନାୟକ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଆନିକା ଉପ କନିଷ୍ଠ ବାଳିକା ୱିପୋନରେ ରୌପ୍ୟ ଓ ୱିଙ୍ଗ ଚୁନ୍ ବର୍ଗରେ କାଂସ୍ୟ ପଦକ ଜିତିଥିଲେ। ଆନିକା ଏକମାତ୍ର ଓଡ଼ିଆ ଭାବେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରି ଏହି କୃତିତ୍ୱ ହାସଲ କରିଥିଲେ। ଅନ୍ତର୍ଜାତୀୟସ୍ତରରେ ଏହି ସଫଳତା ଲାଗି ଆନିକାଙ୍କୁ ଗୁରୁବାର ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କଳିଙ୍ଗ ଷ୍ଟାଡ଼ିୟମରେ କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସଫଳତା ଲାଗି ଆନିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ ସ୍ୱାଇଁ , ଓଡ଼ିଶା ଉଷୁ ସଂଘ ସଭାପତି ଡ. ବିଷ୍ଣୁ ମୋହନ ମହାନ୍ତି,ସାଧାରଣ ସମ୍ପାଦକ ଇଂ ଯୁବରାଜ ହରିଚନ୍ଦନ, ଉପ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ , ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




● ୮ରୁ ଜୟନ୍ତ ମେମୋରିଆଲ୍ ଆନ୍ତଃସ୍କୁଲ ଫୁଟ୍‌ବଲ

# ଚାମ୍ପିଅନ ଦଳକୁ ମିଳିବ ଏକ ଲକ୍ଷ ଟଙ୍କା

ଭୁବନେଶ୍ୱର, ୬।୮ (ସମିସ): ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ୟୁନିଟ-୬ ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜୟନ୍ତ ମେମୋରିଆଲ ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତାର ୩୫ତମ ସଂସ୍କରଣ ଚଳିତ ମାସ ୮ରୁ ଆରମ୍ଭ ହେବ। ୟୁନିଟ-୧ ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଏଥର ମୋଟ୍ ୧୬ଟି ଦଳ ଅଂଶଗ୍ରହଣ କରିବେ। ମଦର୍ସ ପବ୍ଲିକ ସ୍କୁଲ ଓ ବିକାଶ ରେସିଡେନ୍ସିଆଲ ସ୍କୁଲ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଅନ୍ୟ ଅଂଶଗ୍ରହଣକାରୀ ଦଳଗୁଡ଼ିକ ହେଲା ୟୁନିଟ-୩ ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସାଇ ଇଣ୍ଟରନାସନାଲ, କିଟ, କିସ୍, ଓଡିଏମ ପବ୍ଲିକ ସ୍କୁଲ, ଓଡିଏମ ଗ୍ଲୋବାଲ, ବିଜେଇଏମ, ବିକାଶ ଗ୍ଲୋବାଲ ସ୍କୁଲ, ତପୋବନ ହାଇସ୍କୁଲ, ଲୟଲା ଓଡିଆ ମାଧ୍ୟମ ବିଦ୍ୟାଳୟ, ଡିଏଭି ପୋଖରୀପୁଟ, ପଳାଶୁଣି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ। ନାରାୟଣ ଆବାସିକ ବିଦ୍ୟାଳୟ ଚଳିତ ବର୍ଷ ନୂତନ ଦଳ ଭାବେ ଅଂଶଗ୍ରହଣ କରିବ। ସେହିଭଳି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ଏବଂ ରନର୍ସଅପ୍ ଦଳକୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସମ୍ପାଦକ ଦିଲୀପ କୁମାର ଦାସ ସୂଚନା ଦେଇଛନ୍ତି।

# ସ୍ୱାବଲମ୍ବନର ଉଦାହରଣ ସାଜିଛନ୍ତି ପାରା କ୍ରୀଡ଼ାବିତ୍ ଗୌତମ

ଭୁବନେଶ୍ୱର, ୬।୮ (ସମିସ)



୧୫ ବର୍ଷ ବୟସରେ ସ୍କୁଲ କ୍ରିକେଟ୍ ମ୍ୟାଚ୍ ଖେଳୁଥିବାବେଳେ ୨୦୧୪ରେ ଅପ୍ରତ୍ୟାଶିତ ଭାବରେ ଜୀବନ ବଦଳି ଯାଇଥିଲା। ମେରୁଦଣ୍ଡରେ ଆଘାତ ଲାଗିବାରୁ ଆଂଶିକ ଭାବେ ପାରାଲାଇଜ ହୋଇଯାଇଥିଲେ। କିନ୍ତୁ ଏହି ଆଘାତରେ ଭାଙ୍ଗି ଯାଇ ନ ଥିଲେ। ଦୃଢ଼ ଇଚ୍ଛାଶକ୍ତି ବଳରେ ତାଙ୍କର କ୍ରୀଡ଼ା ଯାତ୍ରାକୁ ଆଗକୁ ବଢ଼ାଇ ଆଜି ଗୋଟିଏ ପରେ ଗୋଟିଏ ଏକାଧିକ ସଫଳତାର ପାହାଚ ଚଢ଼ି ଆଗକୁ ବଢ଼ିଛନ୍ତି। ସେ ହେଉଛନ୍ତି ପାରା କ୍ରୀଡ଼ାବିତ୍ ଗୌତମ ସିଂ। ୨୦୨୪ରେ ପାରା ହ୍ୱିଲ ଚେୟାର ରଗବୀରେ ସ୍ୱର୍ଣ୍ଣ ବିଜୟୀ ଓଡ଼ିଶା ଦଳରେ ଗୌତମ ପ୍ରମୁଖ ସଦସ୍ୟ ରହିଥିଲେ। ଫଳରେ ତାଙ୍କୁ ଜାତୀୟ କ୍ୟାମ୍ପରେ ସୁଯୋଗ ମିଳିଥିଲା। ସେହିଭଳି ଗତବର୍ଷ ଖେଲୋ ଇଣ୍ଡିଆ ପାରା କ୍ରୀଡ଼ାରେ ଗୌତମ ଟେବୁଲ ଟେନିସରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହି ସଫଳତା ପାଇବାରେ ସେ ରାଜ୍ୟର ପ୍ରଥମ ପାରା କ୍ରୀଡ଼ାବିତ୍ ହୋଇଥିଲେ। ଏକାଧିକ ସଫଳତା ସତ୍ତ୍ୱେ ଗୌତମ ନିଜେ ସ୍ୱାଧୀନ ଭାବରେ ରୋଜଗାର କରି ଆଜି ସ୍ୱାବଲମ୍ବନର ଉଦାହରଣ ସାଜିଛନ୍ତି। ଗତ କିଛି ବର୍ଷ ଧରି ସେ ଜୋମାଟୋ ଡେଲିଭରୀ ପାର୍ଟନର ଭାବେ କାମ କରି ରୋଜଗାର କରୁଛନ୍ତି। ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଗୌତମ ଡେଲିଭରୀ କାମ କରୁଛନ୍ତି। ଏଥିରୁ ରୋଜଗାର ହେଉଥିବା ଅର୍ଥରେ ପରିବାରର ଦୈନନ୍ଦିନ ଖର୍ଚ୍ଚ ଉଠାଇବା ସହିତ ତାଲିମ ଲାଗି ମଧ୍ୟ ବିନିଯୋଗ କରୁଛନ୍ତି। ଜୀବନ ଯାତ୍ରାରେ କ୍ରୀଡ଼ା ସହ ସ୍ୱାବଲମ୍ବନ ଲାଗି ଗୌତମଙ୍କ ଏହି ଅନନ୍ୟ ସଂଘର୍ଷ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

# ମେସିଙ୍କ ଡବଲ୍ ଗୋଲ୍‌ରେ ଜିତିଲା ଇଣ୍ଟର ମିଆମି

ମିଆମି,୬।୮ (ଏଜେନ୍ସି): ଏଠାରେ ଚାଲିଥିବା ଲିଗ୍ କପ୍‌ରେ ସୁପରଷ୍ଟାର ଲିଓନେଲ ମେସିଙ୍କ ଟିମ୍ ଇଣ୍ଟର ମିଆମି ୪-୨ ଗୋଲରେ ଆଟଲେଟିକୋ ସାନ ଲୁଇସକୁ ପରାସ୍ତ କରିଛି। ବିଶ୍ୱକପ୍ ପରେ ମେସି ଫୁଟବଲ ଖେଳିଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ପ୍ରଥମଥର ଗୋଲ ସ୍କୋର କରିଥିଲେ। ସେ ଖେଳର ୧୪ତମ ଓ ୪୪ତମ ମିନିଟ୍‌ରେ ୨ଟି ଗୋଲ ଦେବାରେ ସଫଳ ହୋଇଥିଲେ। ଫଳରେ ୧୨ଟି ଲିଗ୍ କପ୍ ମ୍ୟାଚରେ ଏହା ତାଙ୍କର ୧୪ତମ ଗୋଲ୍ ଥିଲା। ଗତ ୪ ବର୍ଷରେ ଏହା ସର୍ବାଧିକ। ତାଙ୍କ ପଛକୁ ଲସ୍ ଏଞ୍ଜେଲ୍ସ ଏଫ୍‌ସିର ଡେନିସ ବୌଙ୍ଗା ୧୩ଟି ଗୋଲ ସ୍କୋର କରିଥିଲେ। ଉଲ୍ଲେଖଯୋଗ୍ୟ, ନିକଟରେ ଶେଷ ହୋଇଥିବା ଫିଫା ବିଶ୍ୱକପ୍ ଫାଇନାଲରେ ସ୍ପେନ ନିକଟରୁ ହାରି ମେସିଙ୍କ ଦଳ ଆର୍ଜେଣ୍ଟିନା ରନର୍ସଅପ୍ ହୋଇଥିଲା।



ଜାତୀୟ ଜୁନିଅର ପୁରୁଷ ହକି

# ପଞ୍ଜାବକୁ ହରାଇ ଫାଇନାଲରେ ଓଡ଼ିଶା



ଭୁବନେଶ୍ୱର, ୬।୮ (ସମିସ)

ତାମିଲନାଡୁର କୋଏମ୍ବାଟୁରରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକି ଚାମ୍ପିଅନସିପ୍‌ର ୧୬ତମ ସଂସ୍କରଣରେ ଓଡ଼ିଶା ଦଳ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ହାଇସ୍କୋରିଂ ସେମିଫାଇନାଲ ମୁକାବିଲାରେ ଓଡ଼ିଶା ୬-୪ ଗୋଲ୍‌ରେ ଟାଇଟଲ୍ ଦାବିଦାର ପଞ୍ଜାବକୁ ହରାଇଦେଇଛି। ବିଜୟୀ ଓଡ଼ିଶା ପକ୍ଷରୁ ବିଲ୍‌କାନ ଓରାମ ଚମତ୍କାର ପ୍ରଦର୍ଶନ କରି ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ସେ ମ୍ୟାଚର ୨୮ତମ, ୪୧ତମ ଓ ୫୨ତମ ମିନିଟରେ ଏହି ୩ଟି ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୋକ କୁଜୁର (୧୧ତମ ମିନିଟ), ଦୀପକ ପ୍ରଧାନ (୩୭ତମ) ଓ ଅମିତ କିରୋ (୫୯ତମ)ଙ୍କ ଷ୍ଟିକ୍‌ରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଅପରପକ୍ଷରେ ପ୍ରଥମ ୮ ମିନିଟରେ ଦୁଇଟି ଗୋଲ୍ ଦେଇ ଅଗ୍ରଣୀ ରହିଥିବା ପଞ୍ଜାବକୁ ଶେଷରେ ପରାଜୟବରଣ କରିବାକୁ ପଡ଼ିଥିଲା। ଶୁକ୍ରବାର ଟାଇଟଲ୍ ମୁକାବିଲାରେ ମଧ୍ୟପ୍ରଦେଶକୁ ଭେଟିବ ଓଡ଼ିଶା। ଅନ୍ୟ ସେମିଫାଇନାଲରେ ମଧ୍ୟପ୍ରଦେଶ ଦଳ ୨-୦ ଗୋଲ୍‌ରେ ଝାଡ଼ଖଣ୍ଡକୁ ହରାଇ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ଏହି ମ୍ୟାଚର ଶେଷ ୪ ମିନିଟରେ ଦୁଇଟି ଗୋଲ୍ ଦେଇ ମଧ୍ୟପ୍ରଦେଶ ମ୍ୟାଚକୁ ହାତେଇ ନେଇଥିଲା। ଅପରପକ୍ଷରେ ସେମିଫାଇନାଲରେ ଦୁଇ ପରାଜିତ ଦଳ ପଞ୍ଜାବ ଓ ଝାଡ଼ଖଣ୍ଡ ମଧ୍ୟରେ ମଧ୍ୟ ଶୁକ୍ରବାର କାଂସ୍ୟ ପଦକ ଲାଗି ଲଢ଼େଇ ହେବ।

■ ଏସିଆ କପ୍ କନିଷ୍ଠ ମହିଳା ହକି

# ଭାରତୀୟ ଦଳରେ ୪ ଓଡ଼ିଆ

ନୂଆଦିଲ୍ଲୀ,୬।୮ (ଏଜେନ୍ସି): ଚୀନ୍‌ର ମୋକିଠାରେ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୩ ତାରିଖଯାଏ ଏସିଆ କପ୍ କନିଷ୍ଠ ମହିଳା ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି କାଇଦେମ ଏସ୍ ଚାନୁଙ୍କ ନେତୃତ୍ୱରେ ଗୁରୁବାର ୧୮ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ୪ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲରକ୍ଷକ ଆଞ୍ଜେଲ ହର୍ଷାରାଣୀ ମିଞ୍ଜ୍, ଡିଫେଣ୍ଡର ପୂଜା ସାହୁ, ସୁପ୍ରିୟା ଓ ମିଡ୍‌ଫିଲ୍ଡର ତନୁଜା ଟପ୍ପୋ। ଟିମ୍ ହ୍ୱାଇଟ୍‌ଙ୍କ ପ୍ରଶିକ୍ଷଣରେ ଦଳ ଉନ୍ନତ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଦଳ ୟୁରୋପ ଗସ୍ତରେ ଯାଇ ଇଂଲଣ୍ଡ, ସ୍କଟଲାଣ୍ଡ, ବେଲଜିୟମ୍ ଓ ଆମେରିକା ସହ ୭ଟି ଅଭ୍ୟାସ ମ୍ୟାଚ୍ ଖେଳି ବେଶ ଅଭିଜ୍ଞତା ହାସଲ କରିଛି।

ଚେସ୍ ଅଲିମ୍ପିଆଡ୍ ସେପ୍ଟେମ୍ବର ୧୫ରୁ

# ଭାରତ ମହିଳା ଟପ୍, ପୁରୁଷ ଦ୍ୱିତୀୟ ସିଡ୍

ନୂଆଦିଲ୍ଲୀ,୬।୮ (ଏଜେନ୍ସି): ଚେସ୍ ଖେଳର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ଚେସ୍ ଅଲିମ୍ପିଆଡ ଚଳିତବର୍ଷ ସମରକନ୍ଦରେ ସେପ୍ଟେମ୍ବର ୧୫ରୁ ୨୮ଯାଏ ଖେଳାଯିବ। ଏହି ପ୍ରତିଯୋଗିତାର ଉଭୟ ବିଭାଗରେ ଭାରତ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ଏଥର ଅଂଶଗ୍ରହଣ କରିଥିବା ଖେଳାଳିଙ୍କୁ ନେଇ ପୁରୁଷ ବିଭାଗରେ ଆମେରିକା ଟପ୍ ଓ ଭାରତ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଛି। କିନ୍ତୁ ମହିଳା ଦଳକୁ ଟପ୍ ସିଡ୍ ମିଳିଛି। ମହିଳା ଦଳରେ କୋନେରୁ ହମ୍ପି, ଦିବ୍ୟା ଦେଶମୁଖ, ଆର୍ ବୈଶାଳୀ, ଭାଂଟିକା ଅଗରୱାଲଓ ବି. ସବିତା ଶ୍ରୀ ଖେଳିବେ। ମହିଳାମାନେ ଖେଳିପାରୁଥିବା ଓପନ (ପୁରୁଷ) ବିଭାଗରେ ଡି ଗୁକେଶ, ଆର୍. ପ୍ରଜ୍ଞାନନ୍ଦ, ଅର୍ଜୁନ ଏରିଗାଏସି, ନିହାଲ ସରିନ୍ ଓ ବିଦିଥ ଗୁଜରାଟୀ ଟାଇଟଲ ବଜାୟ ରଖିବାକୁ ଚେଷ୍ଟା କରିବେ। ଗତଥର ଖେଳିଥିବା ଡି ହାରିକା, ତାନିଆ ସଚଦେବା ଓ ପୁରୁଷ ବିଭାଗରେ ପି ହରିକ୍ରିଷ୍ଣାଙ୍କୁ ଏଥର ସ୍ଥାନ ମିଳିନାହିଁ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS